ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଗ୍ରାମାଞ୍ଚଳ ବିକାଶ

ପାଠ୍ୟକ୍ରମ -୧
## ଗ୍ରାମ୍ୟ ସମାଜ

ବ୍ଲକ୍

## ୫ ଗ୍ରାମାଞ୍ଚଳରେ ସାମାଜିକ ଗବେଷଣା

ପ୍ରଥମ ଏକକ
### ବିଭିନ୍ନ ପ୍ରକାର ତଥ୍ୟ ଓ ତଥ୍ୟ ସଂଗ୍ରହର କୌଶଳ

ଦ୍ୱିତୀୟ ଏକକ
### ବିଭିନ୍ନ ପ୍ରକାର ନମୁନାକରଣ

ତୃତୀୟ ଏକକ
### ତଥ୍ୟ ସଂଗ୍ରହର ସାଧନ - ପର୍ଯ୍ୟବେକ୍ଷଣ, ପ୍ରଶ୍ନପତ୍ର, ଖସଡା, ସାକ୍ଷାତ୍କାର, ପ୍ରସଙ୍ଗ ବିଶ୍ଲେଷଣ

## ବିଶେଷଜ୍ଞ କମିଟି


୧. ଶ୍ରୀ ଜଗଦାନନ୍ଦ — ଅଧ୍ୟକ୍ଷ
ପୂର୍ବତନ ରାଜ୍ୟ ସୂଚନା ଆୟୁକ୍ତ ଏବଂ ସହ ଉଦ୍ୟୋଗୀ,
ସି.ୱାଇ ଏସ୍.ଡ଼ି., ଭୁବନେଶ୍ୱର, ଓଡ଼ିଶା

୨. ଡ଼କ୍ଟର ଶ୍ରୁତି ମହାପାତ୍ର — ସଭ୍ୟା
ମୁଖ୍ୟ ନିର୍ବାହୀ,
ସ୍ୱାଭିମାନ, ଭୁବନେଶ୍ୱର

୩. ଡ଼କ୍ଟର ଧର୍ମବ୍ରତ ମହାପାତ୍ର, — ସଭ୍ୟ
ବିଭାଗୀୟ ମୁଖ୍ୟ, ଗ୍ରାମ୍ୟ ବିକାଶ,
ସ୍ନାତକୋତ୍ତର ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

୪. ଡ଼କ୍ଟର ଏମ୍. ଜି. ବାଗେ — ସଭ୍ୟ
ପ୍ରାଧ୍ୟାପକ, ଗ୍ରାମ୍ୟ ବିକାଶ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

୫. ଶ୍ରୀମତୀ ଦୀପ୍ତି ରାୟ, — ସଭ୍ୟା
ସହ-ପ୍ରାଧ୍ୟାପିକା, ଗ୍ରାମ୍ୟ ପରିଚାଳନା ବିଭାଗ,
ନିଶ୍ୱାସ, ଭୁବନେଶ୍ୱର

୬. ଡ଼କ୍ଟର ରବିନ୍ଦ୍ର ଗାରାଡ଼େ — ସଭ୍ୟ
ପ୍ରାଧ୍ୟାପକ, ଗ୍ରାମ୍ୟ ବିକାଶ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

୭. ଶ୍ରୀ ଏସ୍.ଟି. ରେହମାନ — ସଂଯୋଜକ
ଶିକ୍ଷଣ ପରାମର୍ଶଦାତା,
ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର


## ପ୍ରସ୍ତୁତି


**ଲେଖକ**

**ଶ୍ରୀମତୀ ସଂଗୀତା ପଣ୍ଡା,**
ଅଧ୍ୟାପିକା, ରେଭେନ୍ସା ବିଶ୍ୱବିଦ୍ୟାଳୟ,
କଟକ, ଓଡିଶା

**ଅନୁବାଦକ**

**ଶ୍ରୀ ବିଷ୍ଣୁ ଚରଣ ପ୍ରଧାନ**
ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ,
ପବିତ୍ର ମୋହନସ୍ମାରକୀ ମହାବିଦ୍ୟାଳୟ,
ରେଙ୍ଗାଲି ଅନୁଗୁଳ, ଓଡ଼ିଶା



**Material Production**

**Dr. Jayanta Kar Sharma**
Registrar
**Odisha State Open University, Sambalpur**



*© OSOU, 2017. ଗ୍ରାମାଞ୍ଚଳରେ ସାମାଜିକ ଗବେଷଣା is made available under a Creative Commons Attribution-ShareAlike4.0http://creativecommons.org/licences/by-sa/4.0*



*Printed by : Sri Mandir Publication, Sahid Nagar, Bhubaneswar*

# ପ୍ରଥମ ଏକକ
# ବିଭିନ୍ନ ପ୍ରକାର ତଥ୍ୟ ଓ ତଥ୍ୟ ସଂଗ୍ରହର କୌଶଳ

**ବିଷୟ ପଠନ :**


୧.୦ ପଠନର ଉଦ୍ଦେଶ୍ୟ
୧.୧ ଗ୍ରାମାଞ୍ଚଳ କ୍ଷେତ୍ରରେ ସାମାଜିକ ଗବେଷଣା : ପରିଚିତି
୧.୨ ଗବେଷଣାର ଅର୍ଥ
୧.୩ ଗବେଷଣାର ଲକ୍ଷ୍ୟ
୧.୪ ବିଭିନ୍ନ ପ୍ରକାର ତଥ୍ୟ
୧.୪.୧. ପ୍ରାଥମିକ ତଥ୍ୟ
୧.୪.୨. ମାଧ୍ୟମିକ ତଥ୍ୟ
୧.୫ ତଥ୍ୟ ସଂଗ୍ରହର କୌଶଳ
୧.୫.୧. ଗଣନା ପଦ୍ଧତି
୧.୫.୨. ନମୁନାକରଣ ପଦ୍ଧତି
୧.୬ ନମୁନା କରଣର ଲକ୍ଷ୍ୟ
୧.୭ ସାମାଜିକ ଗବେଷଣା କ୍ଷେତ୍ରରେ ନମୁନାକରଣର ଗୁରୁତ୍ୱ
୧.୮ ନମୁନା କରଣର ଉପାଦେୟତା
୧.୯ ନମୁନା କରଣର ଅପକାରିତା
୧.୧୦ ଏକତ୍ରୀକରଣ
୧.୧୧ ପ୍ରମୁଖ ଶବ୍ଦାବଳୀ
୧.୧୨ ସହାୟକ ଗ୍ରନ୍ଥସୂଚୀ


## ୧.୦ ପଠନର ଉଦ୍ଦେଶ୍ୟ

- ବିଭିନ୍ନ ପ୍ରକାର ତଥ୍ୟ ସଂପର୍କରେ ଜାଣିବା।
- ଗଣନା ପଦ୍ଧତି ଓ ନମୁନାକରଣ ମଧ୍ୟରେ ପାର୍ଥକ୍ୟ ନିର୍ଦ୍ଧାରଣ ।
- ଗବେଷଣା କାର୍ଯ୍ୟରେ ନମୁନାକରଣର ଗୁରୁତ୍ୱ ବର୍ଣ୍ଣନା କରିବା ।

## ୧.୧ ଗ୍ରାମାଞ୍ଚଳ କ୍ଷେତ୍ରରେ ସାମାଜିକ ଗବେଷଣା : ପରିଚିତି

ସମାଜ ଶାସ୍ତ୍ରର ଏକ ଅଂଶ ବିଶେଷ ହେଉଛି ଗ୍ରାମ୍ୟ ସମାଜ ଶାସ୍ତ୍ର । ତେଣୁ ଗ୍ରାମ୍ୟ ସମାଜ ଅନୁଶୀଳନ ସାମାଜିକ ଗବେଷଣାର ସମସ୍ତ କୌଶଳକୁ ନିଃସଙ୍କୋଚରେ ବ୍ୟବହାର କରିଥାଏ । ଗ୍ରାମ୍ୟ ସମାଜରେ ମୂଲ୍ୟବୋଧ ଓ ତଥ୍ୟ ଗୁଡିକ ମିଶ୍ରିତଭାବରେ ଦେଖିବାକୁ ମିଳେ । ତେଣୁ ଯେକୌଣସି ସମୟ ବା ପରିସ୍ଥିତିରେ ବୈଜ୍ଞାନିକ ପଦ୍ଧତିର ଉପଯୋଗ କରି କାରଣ ଓ ପ୍ରଭାବ ସଂପର୍କକୁ ଉନ୍ମୋଚନ କରିବା ସହଜ ହୋଇଥାଏ । ଗ୍ରାମ୍ୟ ସମାଜର ବୈଜ୍ଞାନିକ ଅନୁଶୀଳନ କ୍ଷେତ୍ରରେ ସମସ୍ୟା ବା ଅସୁବିଧା ରହିଥିଲେ ମଧ୍ୟ ଗ୍ରାମ୍ୟ ସମାଜ ଶାସ୍ତ୍ର ଏହାକୁ ଅନୁଶୀଳନ କରିଥାଏ । ଏହାକୁ ଏକ ବିଜ୍ଞାନ ବୋଲି ବିଶ୍ୱାସ କରାଯାଏ । ଏହା ପରିସଂଖ୍ୟାନ ଓ ସାମାଜିକ ସର୍ବେକ୍ଷଣ ପଦ୍ଧତି ସହିତ ଅନ୍ୟାନ୍ୟ ବୈଜ୍ଞାନିକ ପଦ୍ଧତିକୁ ଉପଯୋଗ କରିଥାଏ । ଗ୍ରାମ୍ୟ ସମାଜ ଅନୁଶୀଳନ କ୍ଷେତ୍ରରେ ବୈଜ୍ଞାନିକ ପଦ୍ଧତିକୁ ଉପଯୋଗ କରାଯାଇ ପାରିବନାହିଁ । କାରଣ ଭୌତିକ ବିଜ୍ଞାନ କ୍ଷେତ୍ରରେ ଏହାକୁ ପ୍ରୟୋଗ କରାଯାଇପାରିବ ନାହିଁ । ଏହି କଥାଟି ସତ୍ୟ ହୋଇଥିଲେ ମଧ୍ୟ ବିଜ୍ଞାନ ସ୍ୱୀକୃତ ଏକ ପଦ୍ଧତି ଯାହା ମନୋବିଜ୍ଞାନ, ସମାଜ ବିଜ୍ଞାନ, ଅର୍ଥନୀତି ଓ ରାଜନୀତି ବିଜ୍ଞାନ ଭଳି ସାମାଜିକ ବିଜ୍ଞାନକୁ ଅନୁଶୀଳନ କରିଥାଏ, ସେହି ପଦ୍ଧତି ଅନୁସାରେ ଗ୍ରାମ୍ୟ ସମାଜର କାହିଁକି ଅନୁଶୀଳନ କରାଯାଇ ପାରିବ ନାହିଁ ତାର କୌଣସି କାରଣ ନାହିଁ ।

ଆମେ ଏବେ ବିଭିନ୍ନ ପ୍ରକାର ତଥ୍ୟ ସହିତ ସଂଗ୍ରହର ସାଧନ ଓ କୌଶଳ ବିଷୟରେ ମଧ୍ୟ ଜାଣିବା । ଏହା ବାଦ୍ ଏଥିରେ ଥିବା ଦକ୍ଷତା ଓ ଦୁର୍ବଳତା ବିଷୟରେ ମଧ୍ୟ ଜାଣିବା; କିନ୍ତୁ ଏହା ପୂର୍ବରୁ ଗବେଷଣାର ପ୍ରକୃତ ଅର୍ଥ ବିଷୟରେ ସମ୍ୟକ୍ ଆଲୋଚନା ହେବା ଅତ୍ୟନ୍ତ ଜରୁରୀ ।

## ୧.୨ ଗବେଷଣାର ଅର୍ଥ

ଇଂରାଜୀ ଶବ୍ଦ "ରିସର୍ଚ୍ଚ" (Research) ହେଉଛି ପ୍ରକୃତରେ ଦୁଇଟି ଶବ୍ଦର ସମାହାର । ଗୋଟିଏ ହେଉଛି 'ରି ' (Re) ଓ ଅନ୍ୟଟି ହଉଛି 'ସର୍ଚ୍ଚ' (Search) । 'ରି ' (Re)ର ଅର୍ଥ ହେଉଛି ପୁନର୍ବାର ଓ ସର୍ଚ୍ଚ (Search)ର ଅର୍ଥ ହେଉଛି ଅନ୍ୱେଷଣ କରିବା । ତେଣୁ ରିସର୍ଚ୍ଚ (Research) ର ଆକ୍ଷରିକ ଅର୍ଥ ହେଉଛି ପୁନର୍ବାର ବା ବାରମ୍ବାର ଅନ୍ୱେଷଣ କରିବା ବା ନୂତନ ତଥ୍ୟର ଅନୁସନ୍ଧାନ କରିବା । ପରିଶେଷରେ ଏତିକି କୁହାଯାଇ ପାରିବ ଯେ ରିସର୍ଚ୍ଚ ହେଉଛି ଜ୍ଞାନର ଅନୁସନ୍ଧାନ କରିବା ବା ଗବେଷଣା କରିବା । ତେଣୁ କୌଣସି ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ସଂପର୍କରେ ସଂପୂର୍ଣ୍ଣ ତଥ୍ୟ ହାସଲ କରିବା ନିମନ୍ତେ କରାଯାଇଥିବା ବୈଜ୍ଞାନିକ ଓ ବିଧିବଦ୍ଧ ଅନୁସନ୍ଧାନ ହିଁ ହେଉଛି ଗବେଷଣା । ଇଂରାଜୀ ଅଭିଧାନ "The advanced Learner's Dictionary of Current English, ଅନୁସାରେ ଜ୍ଞାନର

ପରିଧି ମଧ୍ୟରେ ଥିବା ଯେକୌଣସି ପ୍ରସଙ୍ଗରେ ତଦନ୍ତ ନିମନ୍ତେ କରାଯାଇଥିବା ସତର୍କତା ମୂଳକ ଅନୁସନ୍ଧାନକୁ ଗବେଷଣା କୁହାଯାଏ । ତେଣୁ ଗବେଷଣା ହେଉଛି ଏକ ସତର୍କ, ସଚେତନ ଓ ଜଟିଳ ସନୁସନ୍ଧାନ ବା ତଥ୍ୟ ହାସଲ କରିବା ନିମନ୍ତେ ଏକ ପରୀକ୍ଷା ନିରୀକ୍ଷା ।

କେତେକ ବ୍ୟକ୍ତି ଗବେଷଣାକୁ ଏକ ଚଳନ ବୋଲି ବିଚାର କରିଥାଆନ୍ତି। ସେମାନେ ଏହାକୁ ଅଜଣାରୁ ଜଣା ବା ଜ୍ଞାନ ଆଡକୁ ଗତି କରିବା ବୋଲି ଭାବନ୍ତି । ବାସ୍ତବରେ ଏହା ଜ୍ଞାନ ଉଦ୍‌ଭାବନା ର ଏକ ଦୀର୍ଘ ଯାତ୍ରା । ଲକ୍ଷ୍ୟ ମାଧ୍ୟମରେ ଜ୍ଞାନ ଅନ୍ୱେଷଣ କରିବା ଓ କୌଣସି ଏକ ସମସ୍ୟା ସମାଧାନ ନିମନ୍ତେ ସୁବ୍ୟବସ୍ଥିତ ପଦ୍ଧତି ନିର୍ଦ୍ଧାରଣ କରିବାକୁ ଗବେଷଣା କୁହାଯାଏ। ସାଧାରଣ କାରଣ ସଂପର୍କିତ ସୁବ୍ୟବସ୍ଥିତ ମତବାଦ ଓ ତତ୍ତ୍ୱ ନିର୍ଦ୍ଧାରଣ ହିଁ ହେଉଛି ଗବେଷଣା । ଗବେଷଣା ହେଉଛି ଏକ ଶୈକ୍ଷିକ କାର୍ଯ୍ୟ ଓ ସେହି ଦୃଷ୍ଟିରୁ ଏହି ଶବ୍ଦଟି କଳା କୌଶଳ ଅର୍ଥରେ ବ୍ୟବହୃତ ହେବା ଆବଶ୍ୟକ। ଏତଏବ ଗବେଷଣାର ଅର୍ଥ ଖୁବ୍ ବ୍ୟାପକ। ଏହା ଏକ ସୁବ୍ୟବସ୍ଥିତ ପଦ୍ଧତି । ସମସ୍ୟା ନିର୍ଦ୍ଧାରଣ, ସମସ୍ୟାକୁ ମୌଳିକ ପ୍ରସଙ୍ଗ ହିସାବରେ ଗ୍ରହଣ, ତଥ୍ୟ ସଂଗ୍ରହ, ତଥ୍ୟ ର ବିଶ୍ଲେଷଣ ଓ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ଉପନୀତ ହେବାକୁ ଗବେଷଣା ବୋଲି କୁହାଯାଇଥାଏ। ଏହି ସିଦ୍ଧାନ୍ତ ଏକ ପକ୍ଷରେ ଉକ୍ତ ସମସ୍ୟା ସମାଧାନର ସୂତ୍ର ହୋଇପାରେ ଅଥବା କେତେକ ତତ୍ତ୍ୱକୁ ସାଧାରଣୀକରଣ କରିବାରେ ସହାୟକ ହୋଇପାରେ ।

## ୧.୩ ଗବେଷଣାର ଲକ୍ଷ୍ୟ

ଲୁକ୍‌କାୟିତ ଅବସ୍ଥାରେ ଥିବା କିମ୍ବା ଆଜି ପର୍ଯ୍ୟନ୍ତ ଆବିଷ୍କୃତ ହୋଇ ପାରିନଥିବା ସତ୍ୟକୁ ଉନ୍ମୋଚନ କରିବା ହେଉଛି ଗବେଷଣାର ଲକ୍ଷ୍ୟ ।

(୧) କୌଣସି ଏକ ପ୍ରସଙ୍ଗ ସହିତ ଓତଃପ୍ରୋତ ଭାବେ ଜଡ଼ିତ ହେବା କିମ୍ବା ଏହା ମଧ୍ୟରେ ଥିବା ନୂତନ ସୂକ୍ଷ୍ମ ପରିଜ୍ଞାନ ହାସଲ କରିବାକୁ ଅନୁସନ୍ଧାନାତ୍ମକ ବା ପରୀକ୍ଷାତ୍ମକ ଗବେଷଣା ମୂଳକ ଅନୁଶୀଳନ କୁହାଯାଏ।

(୨) କୌଣସି ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷ, ପରିସ୍ଥିତି ବା ଗୋଷ୍ଠୀର ସ୍ୱଭାବ ବିଷୟରେ ସଠିକ୍ ଆକଳନ ବା ଅବତାରଣା କରିବା । ଏହି ପ୍ରକାର ଅନୁଶୀଳନକୁ ବର୍ଣ୍ଣନାତ୍ମକ ଗବେଷଣା କୁହାଯାଏ ।

(୩) ଯେଉଁ ବେଗ ଓ ଗତିରେ କୌଣସି ଘଟଣା ଘଟେ ଅଥବା ଅନ୍ୟ କୌଣସି ଘଟଣା ସହିତ ସଂଶ୍ଳିଷ୍ଟ ହୁଏ, ସେହି ବେଗ ବା ଗତିକୁ ଅନୁଶୀଳନ କରିବାକୁ ରୋଗ ନିର୍ଣ୍ଣାୟକ ଗବେଷଣା କୁହାଯାଏ ।

(୪) ଭିନ୍ନ ଭିନ୍ନ ବସ୍ତୁମାନଙ୍କ ମଧ୍ୟରେ ଥିବା ସାମୟିକ ବା ଅନିୟମିତ ସଂପର୍କର ମୌଳିକ ବିଷୟ ପରୀକ୍ଷା କରିବା। ଏହି ମୌଳିକ ବିଷୟରେ ଅନୁଶୀଳନକୁ କାଳ୍ପନିକ ପରୀକ୍ଷାମୂଳକ ଗବେଷଣା କୁହାଯାଏ।

(୫) ଯେକୌଣସି ପ୍ରକାର ଅନୁସନ୍ଧାନରେ ବ୍ୟବହୃତ ଶବ୍ଦ ଗୁଡିକ ସଂପର୍କରେ ଧାରଣା ଦେବା, ସେଗୁଡ଼ିକର

ସଂଜ୍ଞା ନିରୂପଣ କରିବା ଓ ବର୍ଣ୍ଣନା କରିବା ହେଉଛି ଗବେଷଣାର କାର୍ଯ୍ୟ ।

(୬) ଶିଳ୍ପ ଓ ବ୍ୟବସାୟ କ୍ଷେତ୍ରରେ ସୃଷ୍ଟି ହେଉଥିବା ବିଭିନ୍ନ ପ୍ରକାର ପରିଚାଳନାଗତ ଓ ଯୋଜନା ସଂପର୍କିତ ସମସ୍ୟା ଗୁଡ଼ିକ ସାମାଧାନ କରିବାରେ ଗବେଷଣାର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି ।

(୭) ପ୍ରଚଳିତ ଜ୍ଞାନକୁ ପୃଥିବୀସାରା ସଂପ୍ରସାରିତ କରିବାରେ ଗବେଷଣା ସହାୟକ ହୋଇଥାଏ ।

(୮) ଗବେଷଣା ବୈଜ୍ଞାନିକ ଓ ଆରୋହକ୍ରମ ଭାବନା ସୃଷ୍ଟି କରିଥାଏ । ଏହା ଆସ୍ତିସୂଚକ ଭାବନା ଅଭ୍ୟାସ ସୃଷ୍ଟି ସହ ସଂଗଠନର ବିକାଶ ସାଧନ କରିଥାଏ ।

(୯) ଜାତୀୟ ନିୟମାବଳୀ ପ୍ରସ୍ତୁତିରେ ଗବେଷଣା ଲବ୍ଧଜ୍ଞାନ ସହାୟକ ହୋଇଥାଏ ।

(୧୦) ସାମ୍ପ୍ରତିକ ଉପଲବ୍ଧ ଜ୍ଞାନକୁ ପ୍ରସାରିତ କରିବାରେ ଗବେଷଣା ସହାୟକ ହୋଇଥାଏ । ସରଳ ଭାବରେ ନୂତନ ତତ୍ତ୍ୱର ସାଧାରଣୀକରଣ ।

(୧୧) ଗବେଷଣା ନୀତିନିର୍ଦ୍ଧାରକମାନଙ୍କର ନିଷ୍ପତ୍ତିକୁ ସହଜ ଓ ସୁଗମ କରିଥାଏ । ଅଧିକରୁ ଅଧିକ ପରିମାଣର ଗବେଷଣା ପ୍ରଗତିକୁ ସମ୍ଭବ କରିଥାଏ । ହୁଡ୍‌ସନ୍‌ଙ୍କ ମତରେ,"ସମସ୍ତ ପ୍ରକାର ବିକାଶ ଅନୁସନ୍ଧାନରୁ ହିଁ ସୃଷ୍ଟି । ଅତ୍ୟଧିକ ଆତ୍ମ ବିଶ୍ୱାସ ଅପେକ୍ଷା ସନ୍ଦେହ ବା ସଂଶୟ ଅଧିକ ଭଲ । କାରଣ ଏହା ଅନୁସନ୍ଧାନକୁ ପ୍ରୋତ୍ସାହିତ କରିଥାଏ ଓ ଏହି ଅନୁସନ୍ଧାନ ହିଁ ଉଦ୍‌ଭାବନାରେ ପରିଣତ ହୋଇଥାଏ ।"

(୧୨) ଗବେଷଣା ବୈଜ୍ଞାନିକ ଓ ଆରୋହକ୍ରମ ଭାବନା ସୃଷ୍ଟି କରିଥାଏ । ତେଣୁ ଏହା ମାଧ୍ୟମରେ ନୂତନ ଚିନ୍ତା ଧାରା ବା ଧାରଣା ଓ ଅନ୍ତଃଦୃଷ୍ଟି ବିକଶିତ ହୋଇଥାଏ ।

(୧୩) ଗବେଷଣା ଉଭୟ ସରକାରୀ ଓ ବ୍ୟବସାୟିକ କ୍ଷେତ୍ରରେ ଅଧିକରୁ ଅଧିକ ଗୁରୁତ୍ୱ ହାସଲ କରିଛି । ବ୍ୟବସାୟ ଓ ଶିଳ୍ପ କ୍ଷେତ୍ରରେ ସୃଷ୍ଟି ହେଉଥିବା ପରିଚାଳନାଗତ ଓ ଯୋଜନା ସଂପର୍କିତ ସମସ୍ୟା ଗୁଡିକର ସମାଧାନ ନିମନ୍ତେ ଗବେଷଣାକୁ ବ୍ୟବହାର କରିବା ପାଇଁ ଉଭୟ ସରକାର ଓ ବ୍ୟବସାୟିକ ସଂସ୍ଥାଗୁଡିକ ଗୁରୁତ୍ୱ ଆରୋପ କରୁଛନ୍ତି । କାରଣ ଉଭୟ ସରକାର ଓ ବ୍ୟବସାୟିକ ସଂସ୍ଥା ଗୁଡିକର କ୍ରମବର୍ଦ୍ଧିଷ୍ଣୁ ଜଟିଳ ପ୍ରକୃତି ଓ ଅବସ୍ଥା ଏହା କରିବାକୁ ବାଧ କରୁଛି । ଏହା ନୂତନ ଶୈଳୀ ଓ ସୃଜନଶୀଳ କାର୍ଯ୍ୟର ବିକାଶ ସାଧନ କରିଥାଏ ।

(୧୪) ଗବେଷଣା ହେଉଛି ଜୀବିକା ନିର୍ବାହର ଏକ ଉତ୍ସ । ଜୀବନ ଜୀବିକାର ଏକ ପନ୍ଥା ବା ସାମାଜିକ ସଂରଚନାରେ ଏକ ଉଚ୍ଚପଦବୀ ହାସଲ କରିବାର ଏକ ମାଧ୍ୟମ ।

(୧୫) ପ୍ରଦତ୍ତ ବା ନିର୍ଦ୍ଧାରିତ କାର୍ଯ୍ୟ କ୍ଷେତ୍ରରେ ରହିଥିବା ବିଭିନ୍ନ ପ୍ରକାର ସମ୍ଭାବନାକୁ ଏହା ପ୍ରୋତ୍ସାହିତ କରିଥାଏ । ସାମାଜିକ ଗବେଷଣା ସମସ୍ୟା ମନୋନୟନ ଓ ନିର୍ଦ୍ଧାରଣରେ ଆରମ୍ଭ ହୋଇଥାଏ ଓ ଗବେଷଣା ଲବ୍ଧଜ୍ଞାନକୁ ଆଧାର କରି କେତେକ ନିର୍ଯ୍ୟାସ ନିର୍ଣ୍ଣୟରେ ଶେଷ ହୋଇଥାଏ । ଏହି ଦୁଇଟି ମଧ୍ୟରେ ଗବେଷଣା ସଂପର୍କିତ କେତେକ ସ୍ତର ରହିଥାଏ ।

ସେଗୁଡ଼ିକ ହେଲା- ଗବେଷଣାର ରୂପରେଖ ପ୍ରସ୍ତୁତି, ତଥ୍ୟ ସଂଗ୍ରହ, ତଥ୍ୟ ପ୍ରକ୍ରିୟାକରଣ ଓ ତଥ୍ୟ ଗୁଡ଼ିକର ବିଶ୍ଳେଷଣ ।

## ୧.୪ ବିଭିନ୍ନ ପ୍ରକାର ତଥ୍ୟ

ବାସ୍ତବ ଜୀବନରେ ଯେକୌଣସି ପ୍ରକାର ସମସ୍ୟା ସମାଧାନ କରିବା ବେଳେ ଉପଲବ୍ଧ ହେଉଥିବା ତଥ୍ୟଗୁଡିକ ବେଳେ ବେଳେ ସ୍ୱଳ୍ପ ହୋଇଥାଏ ବା ଆବଶ୍ୟକତା ଠାରୁ ଢେର କମ୍ ହୋଇଥାଏ । ତେଣୁ ସଠିକ୍ ତଥ୍ୟ ସଂଗ୍ରହ କରିବାର ଆବଶ୍ୟକ ପଡିଥାଏ । ସାମାଜିକ ଗବେଷଣା ନିମନ୍ତେ ଆବଶ୍ୟକ ହେଉଥିବା ତଥ୍ୟ ଗୁଡ଼ିକ ଉଭୟ ପ୍ରାଥମିକ ଓ ଦ୍ୱିତୀୟକ ଉତ୍ସ ବା ସୂତ୍ରରୁ ଉପଲବ୍ଧ ହୋଇଥାଏ ।

### ୧.୪.୧ ପ୍ରାଥମିକ ତଥ୍ୟ

ପ୍ରାଥମିକ ତଥ୍ୟକୁ ମଧ୍ୟ ମୌଳିକ ତଥ୍ୟ ବା ପ୍ରାରମ୍ଭିକ ସ୍ତରର ତଥ୍ୟ କୁହାଯାଏ । କୌଣସି ନିର୍ଦ୍ଦିଷ୍ଟ ସମସ୍ୟା ଜଟିଳ ପ୍ରଶ୍ନର ସମାଧାନ ନିମନ୍ତେ ସଂଗ୍ରହ କରାଯାଉଥିବା ତଥ୍ୟ ଗୁଡିକୁ ମୌଳିକ ବା ପ୍ରାଥମିକ ସ୍ତରର ତଥ୍ୟ କୁହାଯାଏ । ଏଗୁଡିକ ନୂତନ ଭାବରେ ଓ ପ୍ରଥମଥର ପାଇଁ ସଂଗୃହୀତ ହୋଇଥାଏ । ପ୍ରତ୍ୟେକ କ୍ଷେତ୍ରରେ ଏହି ପ୍ରାଥମିକ ତଥ୍ୟ ଗୁଡିକ ସଂଗ୍ରହ କରାଯାଇଥାଏ । ପୂର୍ବରୁ ପ୍ରଚଳିତ ହୋଇ ଆସୁଥିବା ସାମାଜିକ ଜ୍ଞାନ ବା ଧାରଣାର ଗନ୍ତାଘର ସହିତ ନୂତନ ତଥ୍ୟକୁ ଯୋଡ଼ି ଦିଆଯାଏ । ପ୍ରାଥମିକ ତଥ୍ୟ ସଂଗ୍ରହର ଅନେକ ଗୁଡ଼ିଏ ପଦ୍ଧତି ଅଛି । ସେଗୁଡ଼ିକ ହେଉଛି- ସାକ୍ଷାତ୍କାର, ପର୍ଯ୍ୟବେକ୍ଷଣ, ତଥ୍ୟ ଭିତ୍ତିକ ତର୍ଜମା ବା ବିଶ୍ଳେଷଣ, ଖସଡ଼ା ଓ ପ୍ରଶ୍ନପତ୍ର ।

### ୧.୪.୨ ମାଧ୍ୟମିକ ତଥ୍ୟ

ଯେଉଁ ତଥ୍ୟଗୁଡ଼ିକ ପୂର୍ବରୁ ସଂଗୃହୀତ ହୋଇ ପରିସଂଖ୍ୟାନ ପ୍ରକ୍ରିୟା ଦ୍ୱାରା ସ୍ୱୀକୃତି ଲାଭ କରିସାରିଛି, ସେଗୁଡ଼ିକ ମାଧ୍ୟମିକ ତଥ୍ୟ କୁହାଯାଏ । ଯେକୌଣସି ପ୍ରକାର ପ୍ରାଥମିକ ତଥ୍ୟ ମାଧ୍ୟମିକ ତଥ୍ୟରେ ପରିଣତ ହୋଇ ପାରିବ । ଜଣେ ଗବେଷକ ଯେତେବେଳେ ମାଧ୍ୟମିକ ତଥ୍ୟର ଉପଯୋଗ କରନ୍ତି ସେତେବେଳେ ସେ ଏହି ତଥ୍ୟଗୁଡ଼ିକ ଉପଲବ୍ଧ ହେଉଥିବା ବିଭିନ୍ନ ସୂତ୍ର ବା ଉତ୍ସ ଗୁଡିକର ଅନୁସନ୍ଧାନ କରିଥାନ୍ତି । ଏହି ପ୍ରାଥମିକ ତଥ୍ୟ ଗୁଡ଼ିକ ପ୍ରକାଶିତ ଅଥବା ଅପ୍ରକାଶିତ ତଥ୍ୟ ହୋଇପାରେ । ଏଗୁଡ଼ିକ ମଧ୍ୟରେ ରହିଛି ସରକାରୀ ଦସ୍ତାବିଜ୍ ବିବରଣୀ, ପୁସ୍ତକ, ଖବର କାଗଜରେ ପ୍ରକାଶିତ ନିବନ୍ଧ ଓ ବିଭିନ୍ନ ପ୍ରକାର ପତ୍ର ପତ୍ରିକା ।

## ୧.୫ ତଥ୍ୟ ସଂଗ୍ରହର କୌଶଳ ବା ଉପାୟ

### ୧.୫.୧ ଗଣନା ପଦ୍ଧତି

ଏହି ପଦ୍ଧତିଟି ଖୁବ୍ କ୍ୱଚିତ୍ ବ୍ୟବହୃତ ହୋଇଥାଏ। ଏହା ମୁଖ୍ୟତଃ ସାମାଜକ ଗବେଷଣା କ୍ଷେତ୍ରରେ ବ୍ୟବହୃତ ହୁଏ। ବୋଧହୁଏ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ବୃହତ୍ ଆକାରର ଗଣନା ହେଉଛି ଜନ ଗଣନା। ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ରରେ ଏକ ନିୟମିତ ବ୍ୟବଧାନରେ ଏହି ଗଣନା କରାଯାଇଥାଏ। ଭାରତରେ ମଧ ପ୍ରତ୍ୟେକ ଦଶବର୍ଷ ବ୍ୟବଧାନରେ ଏହି ଜନଗଣନା କରାଯାଇଥାଏ। ଏହା ହେଉଛି ସରକାରଙ୍କର ସର୍ବବୃହତ୍ ଓ ବ୍ୟାପକ ଅନୁଶୀଳନ। ଉଦାହରଣ ସ୍ୱରୂପ, ୧୯୫୧ ମସିହାରେ ଅନୁଷ୍ଠିତ ଜନଗଣନାରେ ଛଅ ଲକ୍ଷ ଗଣନାକାରୀ ଓ ଏକ ଲକ୍ଷ ତଦାରଖକାରୀଙ୍କୁ ମିଶାଇ ମୋଟ ସାତଲକ୍ଷ ଲୋକ ୬୪୪ ଲକ୍ଷ ଗୃହକୁ ବ୍ୟକ୍ତିଗତ ଭାବେ ପରିଦର୍ଶନ କରି ଦେଶର ପ୍ରାୟ ୩୬ କୋଟି ନାଗରିକଙ୍କର ତଥ୍ୟ ସଂଗ୍ରହ କରିଥିଲେ। ଏହି ବିଶାଳ ଅଭିଯାନରେ ପ୍ରାୟ ୧୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଏହି ସବୁ ସଂଖ୍ୟା ୨୦୦୧ ମସିହା ଜନଗଣନା ବେଳକୁ ଯଥେଷ୍ଟ ବୃଦ୍ଧି ପାଇଥିଲା।

### ୧.୫.୧.୧ ଗଣନା ପଦ୍ଧତିର ଉପାଦେୟତା

ଏହି ପଦ୍ଧତିଟି ନମୁନାକରଣ ଜନିତ ତ୍ରୁଟିରୁ ମୁକ୍ତ। ଏଥିରେ ବ୍ୟକ୍ତିଗତ ପକ୍ଷପାତିତାର କୌଣସି ସମ୍ଭାବନା ନାହିଁ। ଏହି ପଦ୍ଧତିରେ ସର୍ବାଧିକ ସଠିକତା ହାସଲ କରାଯାଇଥାଏ। ଲୋକମାନଙ୍କର ସମସ୍ତ ମୌଳିକ ଲକ୍ଷଣ ଓ ବୈଶିଷ୍ଟ୍ୟ ଗୁଡିକ ନିଖୁଣ ଭାବରେ ବଜାୟ ରହେ।

### ୧.୫.୧.୨ ଗଣନା ପଦ୍ଧତିର ଦୁର୍ଗୁଣ

ଏହି ପଦ୍ଧତିରେ ଅନେକ ପରିମାଣର ସମୟ, ଅର୍ଥ ଓ ଶକ୍ତି ଅପଚୟ ହୋଇଥାଏ। ଯଦି ଫଳାଫଳ ତତ୍କାଳ ନିହାତି ଆବଶ୍ୟକ ପଡ଼େ, ତେବେ ଏହି ପଦ୍ଧତି ସଂପୂର୍ଣ୍ଣ ଭାବେ ଅଦରକାରୀ ହୋଇପଡ଼େ। ଏହି ପଦ୍ଧତିରେ ଅଜ୍ଞାତରେ ଅନେକ ପରିସଂଖ୍ୟାନଗତ ତ୍ରୁଟି ସୃଷ୍ଟି ହେବାର ସମ୍ଭାବନା ଥାଏ। ସମୁଦାୟ ଜନସଂଖ୍ୟାର ସମସ୍ତପ୍ରକାର ତଥ୍ୟର ସଂପୂର୍ଣ୍ଣ ଗଣନା ବା ଅଟକଳ ଆବଶ୍ୟକ ହୋଇନପାରେ। ଅର୍ଥାତ୍ ଗଣନା ବା ଅଟକଳ କରାଯାଉଥିବା ତଥ୍ୟଗୁଡ଼ିକ ମଧ୍ୟରୁ କେତେକ ବି ଅଦରକାରୀ ହୋଇପାରେ।

### ୧.୫.୧.୩ ଗଣନା ପଦ୍ଧତିରେ ଥିବା ଅସୁବିଧା

ଗଣନା ପଦ୍ଧତିର ବିଶାଳତା ହିଁ ଏହି ପ୍ରକାର ଅନୁଶୀଳନ ପାଇଁ ପ୍ରତିବନ୍ଧକ ସାଜିଥାଏ। ତେଣୁ କେତେକ ଅନୁଶୀଳନ ବେଳେ ଏହି ପଦ୍ଧତିକୁ ବାରଣ କରାଯାଇଥାଏ। ଗଣନା ପଦ୍ଧତିରେ ପ୍ରଚୁର

ପରିମାଣର ସମୟ, ଅର୍ଥ ଓ ଲୋକଶକ୍ତି ବ୍ୟୟ ହୋଇଥାଏ । ତେଣୁ ଯଦି ନିହାତି ଆବଶ୍ୟକ ନହୁଏ, ତେବେ ଏହି ପଦ୍ଧତିକୁ ଗ୍ରହଣ କରିବାର କୌଣସି ବାସ୍ତବତା ଥିବା ଭଳି ମନେହୁଏ ନାହିଁ । ଗଣନା ପଦ୍ଧତିରେ ସମୟ, ଅର୍ଥ ଓ ଲୋକଶକ୍ତି ଭଳି ଅସୁବିଧା ବାଦ୍ ଏହା ମଧ୍ୟ ଅନ୍ୟ କେତେକ ସମସ୍ୟା ସୃଷ୍ଟି କରିଥାଏ । ଏହି ପ୍ରକ୍ରିୟା ସହିତ ଜଡିତ ଲୋକମାନଙ୍କୁ ବେଳେବେଳେ ଜାଣିବା ସମ୍ଭବ ହୋଇନପାରେ । ଯେମିତିକି ଗୋଟିଏ ନିର୍ଦ୍ଦିଷ୍ଟ ଖବର କାଗଜର ପାଠକ ବା ଏଥିରେ ପ୍ରକାଶ ପାଉଥିବା ନିବନ୍ଧରୁ ଉପକାର ପାଉଥିବା ବ୍ୟକ୍ତିମାନଙ୍କ ନାମ ଜାଣିବା ଅସମ୍ଭବ । ଏପରିକି ଏଥିରେ ଜଡିତ କେତେକ ଜଣାଶୁଣା ଲୋକ ମଧ୍ୟ ଆବଶ୍ୟକ ସମୟରେ ଉପଲବ୍ଧ ହୋଇନପାରନ୍ତି । ସେମାନେ ସାକ୍ଷାତ୍କାର ଦେବାକୁ ବା ସେମାନଙ୍କ ଠିକଣା ଦେବାକୁ ମନା କରିପାରନ୍ତି । ସଂଖ୍ୟାର ବହୁଳତା ଯୋଗୁଁ ବ୍ୟାପକ ଓ ପ୍ରଗାଢତା ସୂଚକ ଅନୁଶୀଳନ ଅସମ୍ଭବ ହୋଇଥାଏ । ଅତଏବ, ନମୁନାକରଣ ମାଧ୍ୟମରେ ହେଉଥିବା ଅନୁସନ୍ଧାନ ସମୟ, ଅର୍ଥ ଓ ବିଭିନ୍ନ ସରଞ୍ଜାମର ସ୍ୱଳ୍ପ ବ୍ୟବହାର କରି ଉଲ୍ଲେଖନୀୟ ଭାବରେ ସଠିକ୍ ଫଳାଫଳ ହୋଇଥାଏ । ଏହି ସବୁ କାରଣ ପାଇଁ ସର୍ବେକ୍ଷଣ ଓ ତଦନ୍ତ କ୍ଷେତ୍ରରେ ନମୁନାକରଣ ପଦ୍ଧତି ଅଧିକ ଲୋକପ୍ରିୟତା ହାସଲ କରିଛି ।

## ୧.୫.୨ ନମୁନାକରଣ ପଦ୍ଧତି

ଯେତେବେଳେ ଗୋଟିଏ କ୍ଷୁଦ୍ର ଗୋଷ୍ଠୀକୁ ମୋଟ ଜନସଂଖ୍ୟାର ଏକ ପ୍ରତିନିଧି ବୋଲି ଧରାଯାଏ, ଏହାକୁ ନମୁନାକରଣ ଅନୁଶୀଳନ କୁହାଯାଏ । ଯେଉଁ ଗୋଷ୍ଠୀ ସମୁଦାୟରୁ ନମୁନା ସଂଗ୍ରହ କରାଯାଇଥାଏ, ଏହାକୁ ଆନୁଷ୍ଠାନିକ ଭାବେ ଜନତା (Universe) ବା ଲୋକସଂଖ୍ୟା (Population) କୁହାଯାଏ ଏବଂ ଯେଉଁ ଗୋଷ୍ଠୀକୁ ଅନୁଶୀଳନ ନିମନ୍ତେ ମନୋନୀତ କରାଯାଇଥାଏ, ତାକୁ ନମୁନା କୁହାଯାଏ । ସରଳଭାବରେ କହିବାକୁ ଗଲେ ନମୁନା ଭାବରେ ଗ୍ରହଣ କରାଯାଇଥିବା ବ୍ୟକ୍ତିମାନଙ୍କୁ ଆଧାର କରି ଲୋକମାନଙ୍କ ବିଷୟରେ ଜାଣିବାର ପ୍ରକ୍ରିୟା ହେଉଛି ନମୁନାକରଣ । ତେଣୁ ସଂପୂର୍ଣ୍ଣ ଭାବେ ଭିନ୍ନ ଭିନ୍ନ ପ୍ରସଙ୍ଗରେ ଅନୁଶୀଳନ କରିବା ନିମନ୍ତେ ଏହି ଜନତା ବା ଲୋକ ସଂଖ୍ୟା ମଧ୍ୟରୁ ନମୁନା ସଂଗ୍ରହ କରାଯାଇଥାଏ । ପ୍ରଫେସର କାଲଭିନ୍ ଏଫ୍ ସ୍ମିଡ (Prof Calvin F Schmid) ଙ୍କ ମତରେ "ଲୋକମାନଙ୍କର ଗୁଣାବଳୀ, ବ୍ୟବହାର ବା ଲକ୍ଷଣ, ପଶାକାଠି ବା ସହର ବା ସହରର ବିଭିନ୍ନ ଅଂଚଳ ଭଳି ନିର୍ଜୀବ ବସ୍ତୁମାନଙ୍କର ବ୍ୟବହାର ବା ଆଚରଣ, ଗୃହ ଓ ଗୃହର ନିର୍ମାଣ ଶୈଳୀ, ଗୋଟିଏ କାରଖାନାର ଦୈନିକ ଉତ୍ପାଦନ କିମ୍ବା ଗୋଟିଏ ସମଗ୍ର ଦେଶର ଭୋଟଦାତା ମାନଙ୍କର ମତାମତ ଇତ୍ୟାଦିକୁ ନେଇ ଗୋଟିଏ ପରିସଂଖ୍ୟାନ ବିଶ୍ୱ ବା ଲୋକସଂଖ୍ୟା (population) ଗଠିତ ହୋଇଥାଏ ।" ଠିକ୍ ସେହିଭଳି ପି.ଭି ୟଙ୍ଗ (P.V Young) ଙ୍କ ମତରେ, "ଯେଉଁ ବୃହତ୍ ଗୋଷ୍ଠୀ ବା ସମୁଦାୟରୁ ନମୁନା ସଂଗ୍ରହ କରାଯାଇଥାଏ, ସେହି ଗୋଷ୍ଠୀ ବା ସମୁଦାୟର ଏକ କ୍ଷୁଦ୍ରାକୃତି ରୂପ ହେଉଛି ପରିସଂଖ୍ୟାନ ନମୁନା ।

## ୧.୬ ନମୁନା କରଣର ଲକ୍ଷ୍ୟ

ସର୍ବନିମ୍ନ ଅର୍ଥ, ସମୟ ଓ ଶକ୍ତି ଉପଯୋଗ କରି ସଠିକ୍ ଓ ନିର୍ଭରଯୋଗ୍ୟ ତଥ୍ୟ ହାସଲ କରିବା ନମୁନା ସର୍ବେକ୍ଷଣର ମୁଖ୍ୟ ଲକ୍ଷ୍ୟ । ସମୁଦାୟ ଗୋଷ୍ଠୀର ପ୍ରତିନିଧି ହିସାବରେ ନମୁନା ଚୟନ କେତେକ ଆଧାର ଉପରେ ପର୍ଯ୍ୟବେସିତ ।

- ଜଟିଳତା ଓ ବିବିଧତା ମଧ୍ୟରେ ନିହିତ ଥିବା ସମାନତା : ସାମାଜିକ କ୍ଷେତ୍ରରେ ଥିବା ପ୍ରସଙ୍ଗ ଖୁବ୍ ଜଟିଳ ଓ ବିବିଧ ପ୍ରକୃତିର ଜଣାପଡେ । ଏପରିକି କୌଣସି ବି ଦୁଇଟି ଜିନିଷ ବା ପ୍ରସଙ୍ଗ ସମାନ ଦେଖାଯାଆନ୍ତି ନାହିଁ । କିନ୍ତୁ ଏକ ଗଭୀର ଗବେଷଣାରୁ ଜଣାପଡ଼ିଛି ଯେ, ଏ ସମସ୍ତ ବିବିଧତା ସତ୍ତ୍ୱେ କେତେ ମୌଳିକ ସମାନତା ଲୁକ୍କାୟିତ ଅବସ୍ଥାରେ ରହିଥାଏ । ଆମେ ନିର୍ବିଘ୍ନରେ କହିପାରିବା ଯେ ଛାତ୍ରମାନେ ଭିନ୍ନ ଭିନ୍ନ ଦେଖାଯାଆନ୍ତି । ସ୍ୱାସ୍ଥ୍ୟ, ଶାରୀରିକ ଅଭ୍ୟାସ ଓ ବ୍ୟକ୍ତିତ୍ୱ ଇତ୍ୟାଦି କ୍ଷେତ୍ରରେ ସେମାନଙ୍କ ମଧ୍ୟରେ ବିବିଧତା ଦେଖାଯାଏ । କିନ୍ତୁ କେତେକ ଦୃଷ୍ଟିକୋଣରୁ ସେମାନେ ମୌଳିକ ଭାବରେ ସମାନ । ତଦ୍ୱାରା ଆମେ ଯଦି ସେମାନଙ୍କ ମଧ୍ୟରୁ କେତେକଙ୍କ ଉପରେ ଅନୁଶୀଳନ କରିବା, ତେବେ ଆମକୁ ପୂରା ଗୋଷ୍ଠୀ ଉପରେ ନଜର ପକାଇବାକୁ ପଡ଼ିବ । ସମୁଦାୟ ଜନସଂଖ୍ୟା ମଧ୍ୟରୁ ଏହି ପ୍ରତିନିଧି ଗୋଷ୍ଠୀ ଦ୍ୱାରା ନମୁନାକରଣ ସମ୍ଭବ ହୋଇପାରେ । କୌଣସି ନା କୌଣସି ଦୃଷ୍ଟିରୁ ଯଦି ଛାତ୍ରମାନଙ୍କ ମଧ୍ୟରେ ସମାନତା ନଥାଆନ୍ତା, ତେବେ ନମୁନାକରଣ ଅସମ୍ଭବ ହୋଇଥାଆନ୍ତା ।

- ପ୍ରତିନିଧି ଚୟନର ସମ୍ଭାବନା : ପ୍ରତିନିଧି ମୂଳକ ନମୁନା ସଂଗ୍ରହ କରିବା ସମ୍ଭବ । ଏହା ହେଉଛି ଦ୍ୱିତୀୟ ଆଧାର । ଏହା ପ୍ରମାଣିତ ହୋଇଛି ଯେ ଯଦି ମନଇଚ୍ଛା ଭାବେ ଗୋଟିଏ ଗୋଷ୍ଠୀ ସମୁଦାୟର ଏକ ନିର୍ଦ୍ଦିଷ୍ଟ ସଂଖ୍ୟକ ଏକକକୁ ଚୟନ କରାଯାଏ, ତେବେ ପ୍ରତ୍ୟେକଟି ଏକକ ନମୁନାର ଅନ୍ତର୍ଭୁକ୍ତ ହାଇପାରିବ ଓ ଏହି ଏକକ ଗୁଡିକ ଗୋଷ୍ଠୀ ସମୁଦାୟକୁ ଉପଯୁକ୍ତ ପ୍ରତିନିଧିତ୍ୱ କରିପାରିବେ । ଏହି ତତ୍ତ୍ୱ ପରିସଂଖ୍ୟାନ ନିୟମିତତା ନିୟମ (Law of Statistical Regularity) ନାମରେ ଖୁବ୍ ଲୋକପ୍ରିୟ ଏବଂ ଏହା ନମୁନାକରଣ ମାଧ୍ୟମରେ କରାଯାଉଥିବା ଅନୁସନ୍ଧାନର ସର୍ବଶ୍ରେଷ୍ଠ ଆଧାର ।

**ସଂପୂର୍ଣ୍ଣ ସଠିକତା ଅନାବଶ୍ୟକ :** ସାମୁହିକ ଅନୁଶୀଳନ କ୍ଷେତ୍ରରେ ସଂପୂର୍ଣ୍ଣ ସଠିକତା ନିତାନ୍ତ ଆବଶ୍ୟକ ନୁହେଁ । ଏହା ହିଁ ନମୁନାକରଣ ପଦ୍ଧତିର ତୃତୀୟ ଆଧାର । ବୃହତ ଆକାରର ଅନୁଶୀଳନରେ ଆମକୁ ହାରାହାରି ଫଳାଫଳ ଉପରେ ନିର୍ଭର କରିବାକୁ ପଡେ । ଯେକୌଣସି ପ୍ରକାର ଅନୁସନ୍ଧାନରେ ଏହାକୁ ଶ୍ରେଷ୍ଠ ଉପାୟ ବୋଲି ଧରାଯାଇଥାଏ । ଉଦାହରଣ ସ୍ୱରୂପ, ଯଦି ଗୋଟିଏ ଗୋଷ୍ଠୀର ଲୋକମାନଙ୍କର ମାସିକ ରୋଜଗାର ହାରାହାରି ୨୫୭ ଟଙ୍କା ହୁଏ, ନମୁନାକରଣ ପଦ୍ଧତି ଏହାକୁ ୨୫୬ କିମ୍ବା ୨୫୩

ଟଙ୍କା ଧରିଥାଏ । ଏହାଦ୍ୱାରା ସାଧାରଣୀକରଣ ବିଶେଷ ପରିମାଣରେ ପ୍ରଭାବିତ ହୋଇନଥାଏ । ଯଦି ଏହି ମାସିକ ରୋଜଗାର ୨୫୬ ବା ୨୫୭ ଟଙ୍କା ହୁଏ, ତେବେ ସେଥିରେ ବିଶେଷ କିଛି ପାର୍ଥକ୍ୟ ନାହିଁ। ତେଣୁ ସଂପୂର୍ଣ୍ଣ ସଠିକତା ଏତେ ଜରୁରୀ ନୁହେଁ । କିନ୍ତୁ ବୃହତ୍ ଆକାରର ପର୍ଯ୍ୟବେକ୍ଷଣରେ ସଂପୂର୍ଣ୍ଣ ସଠିକତା ନିତାନ୍ତ ଆବଶ୍ୟକ । ଯଦିଓ ନମୁନାକରଣ ପଦ୍ଧତିରେ ଫଳାଫଳ ଶତ ପ୍ରତିଶତ ସଠିକ୍ ହୁଏନାହିଁ, ତଥାପି ସାଧାରଣ ନିୟମକରଣ ନିମନ୍ତେ ସର୍ବାଧିକ ସଠିକତା ଆବଶ୍ୟକ ।

## ୧.୭ ସାମାଜିକ ଗବେଷଣା କ୍ଷେତ୍ରରେ ନମୁନାକରଣର ଗୁରୁତ୍ୱ

ସମସ୍ତ ପ୍ରକାର ବୃହତ୍ ଆକାରର ଅନୁଶୀଳନରେ ନମୁନାକରଣ ପଦ୍ଧତି ଅଧିକରୁ ଅଧିକ ଲୋକପ୍ରିୟ ହେବାରେ ଲାଗିଛି । କିନ୍ତୁ ଏହି ପଦ୍ଧତି ମୁଖ୍ୟତଃ ସାମାଜିକ ସର୍ବେକ୍ଷଣ କ୍ଷେତ୍ରରେ ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଜନସଂଖ୍ୟାର ବିଶାଳତା, ଲୋକମାନଙ୍କ ସହିତ ଯୋଗାଯୋଗ କରିବାର ସମସ୍ୟା, ଅଧିକ ପ୍ରତ୍ୟାଖ୍ୟାନ ହାର, ସମଗ୍ର ପୃଥିବୀକୁ ଆକଳନ କରିବା ଇତ୍ୟାଦି ସୃଷ୍ଟି ହୋଇଥିବା ସମସ୍ୟା ଗୁଡିକ ଯୋଗୁଁ ସାମାଜିକ ଅନୁଶୀଳନ କ୍ଷେତ୍ରରେ ନମୁନାକରଣ ପଦ୍ଧତି ସବୁଠାରୁ ଅଧିକ ଗ୍ରହଣଯୋଗ୍ୟ ହୋଇପାରିଛି । ସାମାଜିକ ଗବେଷଣା କ୍ଷେତ୍ରରେ ଆଜି ପର୍ଯ୍ୟନ୍ତ ଗଣନା ପଦ୍ଧତିର ଉପଯୋଗ ଖୁବ୍ କ୍ୱଚିତ୍ ଦେଖିବାକୁ ମିଳେ । ନମୁନାକରଣ ପଦ୍ଧତିର କୌଶଳରେ ଆଜିକାଲି ଯେଉଁ ଉନ୍ନତି ଅଣାଯାଇଛି, ଏହା ତାକୁ ଅଧିକ ନିର୍ଭର ଯୋଗ୍ୟ ଓ ଯଥାର୍ଥ କରିଛି । ନମୁନାକରଣ ପଦ୍ଧତି ଅଧିକ ପରିମାଣର ସଠିକ୍ ଫଳାଫଳ ଆଣିବାରେ ସକ୍ଷମ ହୋଇଛି । ସାମାଜିକ ଗବେଷଣା କ୍ଷେତ୍ରରେ ଯଦି ଲୋକମାନଙ୍କ ବିଷୟରେ ତନ୍ନତନ୍ନ କରି ଅନୁଶୀଳନ କରିବାକୁ ପଡ଼େ, ତେବେ ପ୍ରତ୍ୟେକ ଏକକକୁ ଅନୁଶୀଳନ କରିବା ପାଇଁ ଯଥେଷ୍ଟ ସମୟ ବ୍ୟୟ କରିବାକୁ ପଡିଥାଏ । ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ପରିସ୍ଥିତିକୁ ସମାଧାନ କରିବା ନିମନ୍ତେ ନମୁନାକରଣ ପଦ୍ଧତି ହିଁ ସର୍ବଶ୍ରେଷ୍ଠ ପଦ୍ଧତି ।

## ୧.୮ ନମୁନାକରଣର ଉପାଦେୟତା

ଯଦି ତୁଳନାତ୍ମକ ଭାବରେ ଦେଖିବା ତେବେ କେତେକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଗଣନା ପଦ୍ଧତି ଅପେକ୍ଷା ନମୁନାକରଣ ପଦ୍ଧତିର ଅଧିକ ଉପକାରିତା ମିଳିଥାଏ ।

- ନମୁନାକରଣ ପଦ୍ଧତି ଅନେକ ସମୟ ସଂଚୟ କରିଥାଏ । ନମୁନାକରଣ ପଦ୍ଧତିରେ ତୁଳନାତ୍ମକ ଭାବେ ଖୁବ୍ କମ୍ ଏକକକୁ ଅନୁଶୀଳନ କରାଯାଇଥାଏ । ତଦ୍ୱାରା ଗଣନା ପଦ୍ଧତିଠାରୁ ଏହା ଖୁବ୍ କମ୍ ସମୟ ଆବଶ୍ୟକ ହୋଇଥାଏ । ଏହି ପ୍ରକାର ସାମାଜିକ ସର୍ବେକ୍ଷଣରେ ସମୟ ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ବେଳେବେଳେ ସର୍ବେକ୍ଷଣର ଫଳାଫଳକୁ ଉପଯୋଗ କରିବା ନିମନ୍ତେ,

ଏହାକୁ ଖୁବ୍ ଶୀଘ୍ର ଘୋଷଣାର ଆବଶ୍ୟକତା ପଡ଼ିଥାଏ । ଏହି ପ୍ରକାର ସର୍ବେକ୍ଷଣରେ ନମୁନାକରଣ ପଦ୍ଧତିକୁ ହିଁ ଏକମାତ୍ର ପଦ୍ଧତି ହିସାବରେ ବ୍ୟବହାର କରାଯାଇପରିବ ।

- **ଅର୍ଥ ସଂଚୟ :** ଅଳ୍ପ ସଂଖ୍ୟକ ନମୁନାକୁ ନେଇ ପରୀକ୍ଷଣ ବା ସର୍ବେକ୍ଷଣରେ କେବଳ ଅଳ୍ପ ସମୟ ବ୍ୟୟ ହୋଇନଥାଏ, ଆହୁରି ମଧ୍ଯ ଅଳ୍ପ ଅର୍ଥ ବ୍ୟୟହୋଇଥାଏ । ଅଳ୍ପ ପରିମାଣର ଆର୍ଥିକ ସମ୍ବଳରେ ଏହି ଅନୁଶୀଳନ କରାଯାଇପାରିବ ।

- **ବିସ୍ତୃତ ଅନୁଶୀଳନ :** ଯଦି ଏକକ ଗୁଡିକର ସଂଖ୍ୟା ଅଧିକ ହୁଏ, ତେବେ ପୁଙ୍ଖାନୁପୁଙ୍ଖ ଅନୁଶୀଳନ ଅସମ୍ଭବ। ନମୁନା ଗୁଡ଼ିକୁ ନେଇ ଯଦି ଅଳ୍ପ କେତେକ ପ୍ରସଙ୍ଗରେ ଅନୁଶୀଳନ କରାଯାଏ, ତେବେ ଅଧିକରୁ ଅଧିକ ପର୍ଯ୍ୟବେକ୍ଷଣ ଓ ବିଶ୍ଳେଷଣ କରାଯାଇପାରିବ । ସାମାଜିକ ଗବେଷଣାରେ ବେଳେବେଳେ ବିସ୍ତୃତ ଓ ଦୀର୍ଘମିଆଦି ଅନୁଶୀଳନର ଆବଶ୍ୟକତା ପଡ଼ିଥାଏ । ଅନୁଶୀଳନ କରାଯାଉଥିବା ବିଷୟ ବା ପ୍ରସଙ୍ଗ ଗୁଡ଼ିକ ଯଦି ଖୁବ୍ କମ୍ ହୋଇଥାଏ, ତେବେ ଏହା ସମ୍ଭବ ହୋଇପାରିବ ।

- **ଫଳାଫଳର ସଠିକତା :** ନମୁନାକରଣ ପଦ୍ଧତିର ଉପର ବର୍ଣ୍ଣିତ ଉପାଦେୟତା ତାଲିକାରୁ ଫଳାଫଳର ସଠିକତାକୁ ବାଦ୍ ଦିଆଯାଇ ପାରିବ ନାହିଁ । ବେଳେବେଳେ ଗଣନା ପଦ୍ଧତିର ଫଳାଫଳ ଅପେକ୍ଷା ନମୁନାକରଣ ପଦ୍ଧତିର ଫଳାଫଳ ଅଧିକ ସଠିକ୍ ଓ ନିର୍ଭରଯୋଗ୍ୟ ସାବ୍ୟସ୍ତ ହୋଇଛି । ଯଦି ନମୁନା ଗୁଡିକ ସଠିକ୍ ଭାବରେ ଚୟନ ହୋଇଛି, ତେବେ ଫଳାଫଳ ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ସଠିକ୍ ରହିବ । ଯୁକ୍ତରାଷ୍ଟ୍ର ଆମେରିକାର Fortune ପତ୍ରିକା ଏକଦା ସେଠାକାର ରାଷ୍ଟ୍ରପତି ନିର୍ବାଚନର ଫଳାଫଳର ସମ୍ଭାବନା ସଂପର୍କରେ ୪,୫୦୦ ଲୋକଙ୍କର ନମୁନା ନେଇ ଏକ ଅନୁଶୀଳନ କରିଥିଲା। ଉଭୟ ପ୍ରାର୍ଥୀଙ୍କ ଭୋଟକୁ ନେଇ ଯେଉଁ ଆକଳନ କରାଯାଇଥିଲା, ସେଥିରେ ମାତ୍ର ୧% ଭାଗ ତ୍ରୁଟି ରହିଥିଲା। ତେଣୁ ଏଥିରୁ ଜଣାପଡୁଛି ଯେ, ଯଦି ଉପଯୁକ୍ତ ନମୁନା ଚୟନ କରାଯାଏ, ତେବେ ହାସଲ କରାଯାଉଥିବା ସଠିକତାର ମାନ ସେତେ ଅଧିକ ହେବ । ପରିସଂଖ୍ୟାନ ପଦ୍ଧତି ମାଧ୍ୟମରେ ନମୁନାକରଣର ତ୍ରୁଟିକୁ ସଂଶୋଧନ କରିବା ପାଇଁ ଅନେକ କୌଶଳକୁ ସଫଳତାର ସହକାରେ ବିକାଶ କରାଯାଇଛି ।

- **ପ୍ରଶାସନିକ ସୁବିଧା:** ନମୁନାର ଆକାର ଯେତେ କମ୍ ହେବ, ପ୍ରଶାସନିକ ଦୃଷ୍ଟିରୁ ଏହା ସେତିକି ଭଲ। ସାମାଜିକ ଗବେଷଣାରେ ଆମେ ଲୋକମାନଙ୍କୁ ନେଇ କାମକରିଥାଆନ୍ତି । କିନ୍ତୁ ସେମାନେ ଆମ ଇଚ୍ଛା ଅନୁସାରେ କାମ କରନ୍ତି ନାହିଁ । ତେଣୁ ବିଶେଷଭାବରେ ସାମାଜିକ ଗବେଷଣାରେ କ୍ଷୁଦ୍ର ଆକାରର ନମୁନା ଅଧିକ ଗ୍ରହଣ ଯୋଗ୍ୟ ।

- **ଗଣନା ପଦ୍ଧତିର ବ୍ୟବହାରର ଅସମ୍ଭବତା:** ସାମାଜିକ ଗବେଷଣାରେ ଗଣନା ପଦ୍ଧତି ବେଳେବେଳେ ଅସମ୍ଭବ ହୋଇପଡେ । ଏହା ପଛରେ ଦୁଇଟି କାରଣ ଅଛି । ପ୍ରଥମତଃ, ଏପୃଥିବୀର ଆକାର ଖୁବ୍ ବିଶାଳ ଓ ଏହାର ଭୌଗୋଳିକ ଅଂଚଳ ବିକ୍ଷିପ୍ତ। ତେଣୁ ପ୍ରତ୍ୟେକ ଏକକ ସହିତ ଯୋଗସୂତ୍ର ରଖାଯାଇ ପାରିବ ନାହିଁ । କୌଣସି ଏକ ନିର୍ଦ୍ଦିଷ୍ଟ ଉତ୍ପାଦ ଉପରେ ମତାମତ ସର୍ବେକ୍ଷଣ ଭଳି ପରିସ୍ଥିତିରେ ପୃଥିବୀର ସଠିକ୍ ସଂଖ୍ୟା ନିରୂପଣ କରାଯାଇନଥାଏ।ଏହିଭଳି କ୍ଷେତ୍ରରେ ସେହି ଉତ୍ପାଦର ବ୍ୟବହାରକାରୀମାନଙ୍କୁ ଜାଣିବା ଅସମ୍ଭବ। ତେଣୁ ସେହିଭଳି କ୍ଷେତ୍ରରେ ଗଣନା ପଦ୍ଧତି ହିଁ ଏକମାତ୍ର ପଦ୍ଧତି।

## ୧.୯ ନମୁନାକରଣ ପଦ୍ଧତିର ଅପକାରିତା

ନମୁନାକରଣ ପଦ୍ଧତି ମଧ୍ୟ ତ୍ରୁଟି ବିଚ୍ୟୁତିରୁ ମୁକ୍ତ ନୁହଁ। ଏହାର ଅପକାରିତା ଗୁଡ଼ିକୁ ନିମ୍ନପ୍ରକାର ବର୍ଣ୍ଣନା କରାଯାଇପାରେ।

- **ପକ୍ଷପାତିତାର ସମ୍ଭାବନା:** ନମୁନାକରଣ ପଦ୍ଧତି ବିରୁଦ୍ଧରେ ଯେଉଁ ସାଧାରଣ ସନ୍ଦେହ ସୃଷ୍ଟି ହୁଏ, ତାହା ହେଉଛି ନମୁନା ଚୟନରେ ପକ୍ଷପାତିତା। ଏହାଦ୍ୱାରା ଏକ ମିଥ୍ୟା ସାର୍ବଜନୀନ ମତରେ ପହଞ୍ଚିବାକୁ ପଡିଥାଏ। ନମୁନା ସଂଗ୍ରହରେ ତ୍ରୁଟି, ବା ନମୁନା ସଂଗ୍ରହ ପ୍ରକ୍ରିୟାରେ ତ୍ରୁଟି ଯୋଗୁଁ ପକ୍ଷପାତିତା ହୋଇଥାଏ।

- **ପ୍ରତିନିଧିମୂଳକ ନମୁନା କ୍ଷେତ୍ରରେ ସମସ୍ୟା ବା ପ୍ରତିବନ୍ଧକ:** ନମୁନାକରଣ ପଦ୍ଧତିରେ ନମୁନାଟି ଯେତେବେଳେ ସମଗ୍ର ଗୋଷ୍ଠୀକୁ ପ୍ରତିନିଧିତ୍ୱ କରେ, ସେତେବେଳେ ନମୁନାକରଣର ଫଳାଫଳ ସଠିକ୍ ଓ ବ୍ୟବହାର ଉପଯୋଗୀ ହୋଇଥାଏ। କିନ୍ତୁ ସାମାଜିକ ଗବେଷଣାରେ ଯେତେବେଳେ ଅନୁଶୀଳନ ଖୁବ୍ ଜଟିଳ ହୋଇଥାଏ, ସେତେବେଳେ ସଂପୂର୍ଣ୍ଣ ପ୍ରତିନିଧିମୂଳକ ନମୁନା ସଂଗ୍ରହ ବା ଚୟନ ଏକ ଜଟିଳ ବ୍ୟାପାର ହୋଇଥାଏ।

- **ସ୍ୱତନ୍ତ୍ର ଜ୍ଞାନର ଆବଶ୍ୟକତା:** ପ୍ରତ୍ୟେକ ବ୍ୟକ୍ତି ବା ଯେକୌଣସି ବ୍ୟକ୍ତି ଦ୍ୱାରା ନମୁନାକରଣ ପଦ୍ଧତିକୁ ବ୍ୟବହାର କରାଯାଇପାରିବ ନାହିଁ। ନମୁନା କରଣର କୌଶଳ, ପରିସଂଖ୍ୟାନଗତ ବିଶ୍ଳେଷଣ ଓ ସମ୍ଭାବ୍ୟ ତ୍ରୁଟିର ଆକଳନ ନିମନ୍ତେ ଏହା ସ୍ୱତନ୍ତ୍ର ଜ୍ଞାନ ଓ କୌଶଳ ଆବଶ୍ୟକ କରିଥାଏ। ଏହି ଜ୍ଞାନର ଅଭାବ ହେଲେ, ଗବେଷକ ଏକ ଅଜଣା ଓ ଗୁରୁତର ଭୁଲ କରିବସିବେ। ଏହାଦ୍ୱାରା ଏଥିରୁ ମିଳୁଥିବା ସମସ୍ତ ଫଳାଫଳ ଅଦରକାରୀ ହୋଇପଡିବ।

- **ନମୁନା ଉପରେ ଅତ୍ୟଧିକ ନିର୍ଭରଶୀଳତା କ୍ଷେତ୍ରରେ ପ୍ରତିବନ୍ଧକ:** ନମୁନା ହିସାବରେ ଗ୍ରହଣ କରାଯାଇଥିବା ଏକକ ଗୁଡ଼ିକର ସଂଖ୍ୟା ଖୁବ୍ କମ୍ ହେଲେ ମଧ୍ୟ ବିଶେଷକରି ସାମାଜିକ ଗବେଷଣା

କ୍ଷେତ୍ରରେ ଏହା ଉପରେ ଅତ୍ୟଧିକ ନିର୍ଭରଶୀଳତା ସବୁବେଳେ ସହଜ ନୁହେଁ। ଗ୍ରହଣ କରାଯାଇଥିବା ନମୁନା ଗୁଡିକ ବିଭିନ୍ନ ଆଡ଼େ ବିକ୍ଷିପ୍ତ ହୋଇରହିଥାଇପାରେ। ସେମାନଙ୍କ ମଧ୍ୟରୁ କେତେକ ଗବେଷକଙ୍କୁ ସହଯୋଗ କରିବାକୁ ମନାକରିପାରନ୍ତି। ଆଉ କେତେକ ବି ପରବର୍ତ୍ତୀ ସମୟରେ ଉପଲବ୍ଧ ହୋଇ ନପାରନ୍ତି, ଯେମିତିକି ବିଦେଶୀ ମହିଳା ପର୍ଯ୍ୟଟକ। ଏହି ସବୁ ଅସୁବିଧା ଯୋଗୁଁ ସଂପୂର୍ଣ୍ଣ ପଦକ୍ଷେପ ନିଆଯାଇପାରିବ ନାହିଁ। ବେଳେବେଳେ ସେଗୁଡିକୁ ପରିବର୍ତ୍ତନକରି ନୂଆ ନମୁନାକୁ ଗ୍ରହଣ କରାଯାଇପାରେ। ଅନୁଶୀଳନ ଓ ଗବେଷଣା କ୍ଷେତ୍ରରେ ଏହି ସବୁ ସମସ୍ୟାଗୁଡିକ ପକ୍ଷପାତିତାର ସମ୍ଭାବନା ସୃଷ୍ଟି କରିପାରେ।

- **ନମୁନାକରଣର ଅସମ୍ଭବତା:** ବେଳେବେଳେ ଲୋକସଂଖ୍ୟାର ଆକାର ଖୁବ୍ କ୍ଷୁଦ୍ର ଓ ଖୁବ୍ ବହୁଧା ହୋଇଯାଏ। ଏହାଦ୍ୱାରା ପ୍ରତିନିଧି ମୂଳକ ନମୁନା ସଂଗ୍ରହ କରିବା ଅସମ୍ଭବ ହୋଇପଡେ। ଏହି ପରିସ୍ଥିତିରେ ଗଣନା ପଦ୍ଧତି ହିଁ ସର୍ବଶ୍ରେଷ୍ଠ ପସନ୍ଦ। ଯେତେବେଳେ ଅତି ଉଚ୍ଚଧରଣର ସଠିକତା ହାସଲ କରିବାର ଅଛି, ସେତେବେଳେ ନମୁନାକରଣ ପଦ୍ଧତି ଅନୁପଯୁକ୍ତ ଅଟେ। କାରଣ ଅଧିକାଂଶ ନିଖୁଣ ନମୁନାକରଣ ପଦ୍ଧତିରେ ବି ସବୁବେଳେ ତ୍ରୁଟି ରହିବାର ସମ୍ଭାବନା ରହିଥାଏ।

## ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ :- (କ)

ଟିପ୍ପଣୀ:- (କ) ଦିଆଯାଇଥିବା ଶୂନ୍ୟ ସ୍ଥାନରେ ଉତ୍ତର ଲେଖନ୍ତୁ।

(ଖ) ଏକକର ଶେଷରେ ଦିଆଯାଇଥିବା ଉତ୍ତର ସହିତ ନିଜ ଉତ୍ତରକୁ ମିଳାଇ ନିଅନ୍ତୁ।

ପ୍ରଶ୍ନ : (୧) କେତେ ପ୍ରକାରର ତଥ୍ୟ ଅଛି ? ସେଗୁଡିକ ବର୍ଣ୍ଣନା କର।

ଉତ୍ତର:________________________________________

________________________________________

________________________________________

________________________________________

________________________________________

ପ୍ରଶ୍ନ : (୨) ନମୁନାକରଣର ଲକ୍ଷ୍ୟ କ'ଣ ? ଏହା ବର୍ଣ୍ଣନା କର।

ଉତ୍ତର: ________________________________________

________________________________________

## ୧.୧୦ ଏକତ୍ରୀକରଣ

ଏହି ଏକକରେ ସାମାଜିକ ଗବେଷଣା ବିଷୟରେ ବର୍ଣ୍ଣନା କରାଯାଇଛି । ସାମାଜିକ ସମସ୍ୟାର ଅନୁଶୀଳନ କରିବା ଓ ଏହାକୁ ବୁଝିବାପାଇଁ ଏହି ସାମାଜିକ ଗବେଷଣା ହେଉଛି ଏକ ବୈଜ୍ଞାନିକ ପଦ୍ଧତି । ସଂପୂର୍ଣ୍ଣ ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହା ସମାଜକୁ ଅନୁଶୀଳନ କରିଥାଏ ଓ ସାମାଜିକ ସମସ୍ୟାଗୁଡିକ ନିରପେକ୍ଷ ଭାବରେ ବିଶ୍ଳେଷଣ କରିବା ପାଇଁ ଉଦ୍ୟମ କରିଥାଏ । ସାମାଜିକ ଗବେଷଣା ପ୍ରକ୍ରିୟା ମାଧ୍ୟମରେ ସଂଗୃହୀତ ତଥ୍ୟକୁ ଆଧାର କରି ଏହା ଅନେକ କିଛି ଆକଳନ କରିବାରେ ସକ୍ଷମ ହୋଇଥାଏ । ତଥ୍ୟଗୁଡିକ ଗବେଷଣାର ରୂପରେଖକୁ ଭିତ୍ତିକରି ପ୍ରାଥମିକ ବା ମାଧ୍ୟମିକ ଉତ୍ସ ବା ସୂତ୍ରରୁ ସଂଗୃହୀତ ହୋଇଥାଏ ।

ଅଧିକାଂଶ ସମାଜ ବିଜ୍ଞାନ ଗବେଷଣା କେତେକ ଏକକକୁ ଅନୁଶୀଳନ କରି ସମାହିତ ହୋଇଥାଏ । ଏହାକୁ ନମୁନା ଅନୁଶୀଳନ କୁହାଯାଏ, ଯେତେବେଳେ ସମୁଦାୟ ଜନସଂଖ୍ୟାର ପ୍ରତ୍ୟେକ ଏକକକୁ ଅନୁଶୀଳନ କରାଯାଏ । ଏହାକୁ ଗଣନା ପଦ୍ଧତି କୁହାଯାଏ । ଏହି ଏକକରେ ନମୁନାକରଣ, ଏହାରଲକ୍ଷ୍ୟ, ଗୁରୁତ୍ୱ, ଉପକାରିତା ଓ ଅପକାରିତା ବିଷୟରେ ଏକ ସାଧାରଣ ଧାରଣା ଦିଆଗଲା ।

## ୧.୧୧ ପ୍ରମୁଖ ଶବ୍ଦାବଳୀ

- **ନମୁନା :** ସମୁଦାୟ ଏକକ ଗୁଡିକର ସଂଖ୍ୟାର ଏକ ଅଂଶକୁ ନମୁନା କୁହାଯାଏ ।
- **ଗଣନା :** ସମୁଦାୟ ଜନସଂଖ୍ୟାର ପ୍ରତ୍ୟେକ ଏକକକୁ ନେଇ ଅନୁଶୀଳନ କରିବାକୁ ଗଣନା କୁହାଯାଏ ।
- **ଭିନ୍ନତା :** ବିଶ୍ଳେଷଣରେ ବ୍ୟବହୃତ ଏକକ ଗୁଡ଼ିକର ଲକ୍ଷଣରେ ଭିନ୍ନତା ପରିଲକ୍ଷିତ ହୋଇଥାଏ । ବିଭିନ୍ନ ପ୍ରକାର ପର୍ଯ୍ୟବେକ୍ଷଣରେ ସେମାନଙ୍କ ଲକ୍ଷଣରେ ଭିନ୍ନତା ପରିଲକ୍ଷିତ ହୋଇଥାଏ ।

**ମୌଳିକ ବା ପ୍ରାଥମିକ ତଥ୍ୟ :** ଗୋଟିଏ ପ୍ରକାଶିତ ଉତ୍ସରୁ ତଥ୍ୟ ସଂଗ୍ରହ ନକରି ଏକ ସ୍ୱତନ୍ତ୍ର ଅନୁସନ୍ଧାନ ମାଧ୍ୟମରେ ମୂଳ ଉତ୍ସରୁ ସିଧାସଳଖ ସଂଗୃହୀତ ତଥ୍ୟ ବା ମୌଳିକ ବା ପ୍ରାଥମିକ ତଥ୍ୟ କୁହାଯାଏ । ପର୍ଯ୍ୟବେକ୍ଷଣ, ଖସଡା, ସାକ୍ଷାତ୍କାର ଇତ୍ୟାଦି ମାଧ୍ୟମରେ ସଂଗୃହୀତ ମୌଳିକ ବା ପ୍ରାରମ୍ଭିକ ତଥ୍ୟ ଉପରେ ସମାଜ ବିଜ୍ଞାନ ଗବେଷଣା ବହୁଳ ଭାବରେ ନିର୍ଭର କରେ ।

**ମାଧ୍ୟମିକ ତଥ୍ୟ :** ଯେଉଁ ତଥ୍ୟ ଗୁଡ଼ିକ ମୌଳିକ ବା ପ୍ରାରମ୍ଭିକ ତଥ୍ୟଠାରୁ ଗୋଟିଏ ପାହାଚ ଦୂରରେ ଥାଏ, ସେଗୁଡ଼ିକ ମାଧ୍ୟମିକ ତଥ୍ୟ କୁହାଯାଏ । ସେଗୁଡ଼ିକ ସାଧାରଣତଃ କେତେକ ବ୍ୟବସ୍ଥିତ ଢଙ୍ଗରେ ଉପଲବ୍ଧ ହୋଇଥାଏ । ସରକାରୀ ପରିସଂଖ୍ୟାନ, ଜନଗଣନା ତଥ୍ୟ, ପରିସଂଖ୍ୟାନ ତଥ୍ୟ ଇତ୍ୟାଦିକୁ ମାଧ୍ୟମିକ ତଥ୍ୟର ଉଦାହରଣ ରୂପେ ଗ୍ରହଣ କରାଯାଇପାରେ ।

## ୧.୧୨ ସହାୟକ ଗ୍ରନ୍ଥସୂଚୀ :

(୧) ଗୁଡ, ଡବ୍ଲୁ.ଜେ. ଓ ହଟ, ପି.କେ (୧୯୫୨) Methods in Social Research MCGraw Hill, London

(୨) ଜାହୋଡୋ, ଏମ୍, ମେଟ୍ରୋନ ଡି ଓ ଷ୍ଟୁଆର୍ଟ, ଡବ୍ଲୁ.ସି (୧୯୫୧) Research Methods in Social Relations, Dryden, New York.

# ଦ୍ୱିତୀୟ ଏକକ

# ବିଭିନ୍ନ ପ୍ରକାର ନମୁନାକରଣ

## ବିଷୟ ପଠନ

୨.୦ ପଠନର ଉଦ୍ଦେଶ୍ୟ
୨.୧ ବିଭିନ୍ନ ପ୍ରକାର ନମୁନାକରଣ;ପରିଚିତି
୨.୨ ନମୁନାକରଣର ପ୍ରକାରଭେଦ
୨.୩ ସମ୍ଭାବ୍ୟ ନମୁନାକରଣ
୨.୪ ଅଣସମ୍ଭାବ୍ୟ ନମୁନାକରଣ ବା ମତାମତ ଭିତ୍ତିକ ନମୁନାକରଣ
୨.୫ ମନଇଚ୍ଛା ନମୁନାକରଣ
୨.୬ ଉଦ୍ଦେଶ୍ୟ ମୂଳକ ବା ନିରବଚ୍ଛିନ୍ନ ବା ନିଷ୍ପତ୍ତି ଭିତ୍ତିକ ନମୁନାକରଣ
୨.୭ ବିଭାଜିତ ନମୁନାକରଣ
୨.୮ ଆନୁପାତିକ ନମୁନାକରଣ
୨.୯ ବହୁସ୍ତରୀୟ ନମୁନାକରଣ
୨.୧୦ ସୁବିଧାଜନକ ନମୁନାକରଣ
୨.୧୧ ଆତ୍ମ – ମନୋନୀତ ନମୁନା
୨.୧୨ ପୁଞ୍ଜ ନମୁନାକରଣ
୨.୧୩ ବ୍ୟବସ୍ଥିତ ନମୁନାକରଣ
୨.୧୪ ଅନ୍ୟାନ୍ୟ ନମୁନାକରଣ ପଦ୍ଧତି
    ୨.୧୪.୧. ତୁଷାର ଗୋଳା ନମୁନାକରଣ
    ୨.୧୪.୨. ସ୍ଥିତି ଭିତ୍ତିକ ନମୁନାକରଣ
    ୨.୧୪.୩. ସଂପୃକ୍ତିକରଣ ବା ସିକ୍ତ ନମୁନାକରଣ
୨.୧୫ ନମୁନା ଚୟନ ପଦ୍ଧତି
୨.୧୬ ଉତ୍ସ ତାଲିକା
୨.୧୭ ନମୁନାର ଆକାର
୨.୧୮ ସାମାଜିକ ଗବେଷଣା କ୍ଷେତ୍ରରେ ନମୁନାକରଣର ପ୍ରୟୋଗ
୨.୧୯ ଏକତ୍ରୀକରଣ
୨.୨୦ ପ୍ରମୁଖଶବ୍ଦାବଳୀ
୨.୨୧ ସହାୟକ ଗ୍ରନ୍ଥସୂଚୀ

## ୨.୦ ପଠନର ଉଦ୍ଦେଶ୍ୟ

- ବିଭିନ୍ନ ପ୍ରକାରର ନମୁନାକରଣ ବିଷୟରେ ଅବଗତ ହେବା ।
- ସମ୍ଭାବ୍ୟ ଓ ଅଣସମ୍ଭାବ୍ୟ ନମୁନାକରଣ ମଧ୍ୟରେ ପାର୍ଥକ୍ୟ ନିର୍ଦ୍ଧାରଣ କରିବା ।
- ସାମାଜିକ ଗବେଷଣା କ୍ଷେତ୍ରରେ ନମୁନାକରଣର ପ୍ରୟୋଗ ବିଷୟରେ ବୁଝିବା ।

## ୨.୧ ନମୁନାକରଣ : ପରିଚିତି

ଜନସ୍ୱାର୍ଥ ହିତରେ ଗୋଟିଏ ଜନ ସମୁଦାୟ ମଧ୍ୟରୁ ଏକକ (ବ୍ୟକ୍ତି ବିଶେଷ ବା ସଂଗଠନ) ଚୟନ କରିବାର ପ୍ରକ୍ରିୟାକୁ ନମୁନାକରଣ କୁହାଯାଏ । ଏହି ପ୍ରକ୍ରିୟାରେ ଚୟନ ହୋଇଥିବା ନମୁନାକୁ ଅନୁଶୀଳନ କରି ଆମେ ଏହାର ଫଳାଫଳକୁ ସାଧାରଣ ନିୟମାଧିନ କରି ନମୁନା ସଂଗ୍ରହ ହୋଇଥିବା ଜନସମୁଦାୟ ପାଖକୁ ଫେରାଇ ପାରିବା । ଏବେ ଆମକୁ ବୁଝିବାକୁ ହେବ ଯେ, କେତେକ ପ୍ରକାରର ନମୁନାକରଣ ପରିମାଣଗତ ମାନଦଣ୍ଡ ଉପରେ ନିର୍ଭର କରେ । ତେଣୁ ଆମକୁ ସମ୍ଭାବ୍ୟ ନମୁନାକରଣ ଓ ଅଣସମ୍ଭାବ୍ୟ ନମୁନାକରଣ ମଧ୍ୟରେ ପାର୍ଥକ୍ୟ ନିର୍ଣ୍ଣୟ କରିବାକୁ ହେବ ।

## ୨.୨ ନମୁନାକରଣର ପ୍ରକାରଭେଦ

ନମୁନାକରଣ ମୁଖ୍ୟତଃ ଦୁଇ ପ୍ରକାର । ଯଥା:- ସମ୍ଭାବ୍ୟ ନମୁନାକରଣ ଓ ଅଣ ସମ୍ଭାବ୍ୟ ନମୁନା କରଣ । ସମ୍ଭାବ୍ୟ ନମୁନାକରଣରେ ଆମେ ମନ ଇଚ୍ଛା ନମୁନା, ସ୍ତରୀଭୁତ ନମୁନା, ପୁଞ୍ଜ ଓ ବ୍ୟବସ୍ଥିତ ନମୁନାକରଣ ଇତ୍ୟାଦି ପାଇଥାଉ । ଆମେ ବିଭିନ୍ନ ସ୍ତରରୁ ଓ ପୁଞ୍ଜରୁ ଏବଂ ବ୍ୟବସ୍ଥିତ ଉପାୟରେ ନମୁନା ସଂଗ୍ରହ କରିଥାଉ । କିନ୍ତୁ ଅଣସମ୍ଭାବ୍ୟ ନମୁନାକରଣରେ ଆମେ ଆମ ସୁବିଧା ଅନୁସାରେ ଆନୁପାତିକ ହିସାବରେ ଓ ଉଦ୍ଦେଶ୍ୟପୂର୍ଣ୍ଣ ଭାବରେ ନମୁନା ସଂଗ୍ରହ କରିଥାଉ ।

ସମ୍ଭାବ୍ୟ ନମୁନାକରଣ ହିଁ ହେଉଛି ସର୍ବଶ୍ରେଷ୍ଠ ନମୁନାକରଣ ପଦ୍ଧତି । କାରଣ ଜନସମୁଦାୟର ପ୍ରତିନିଧି ହିସାବରେ ନମୁନା ସଂଗ୍ରହରେ ଅଧିକ ସମାନତା ବୃଦ୍ଧିର ସମ୍ଭାବନା ସୃଷ୍ଟି କରିଥାଏ ।

## ୨.୩ ସମ୍ଭାବ୍ୟ ନମୁନାକରଣ

ଜନ ସମୁଦାୟ ବା ଲୋକମାନଙ୍କ ମଧ୍ୟରୁ ନମୁନା ସଂଗ୍ରହ ନିମନ୍ତେ ଏହା ଏକ ବୈଜ୍ଞାନିକ କୌଶଳ ବୋଲି କୁହାଯାଇପାରିବ । କେତେକ ନିୟମ ଅନୁସାରେ ନମୁନା ଭାବରେ ଗ୍ରହଣ କରାଯାଇଥିବା ପ୍ରତ୍ୟେକ ଏକକରେ କେତେକ ନିର୍ଦ୍ଦିଷ୍ଟ ପୂର୍ବ ପ୍ରଦତ୍ତ ସମ୍ଭାବନା ରହିଥାଏ । ମନ ଇଚ୍ଛା ନମୁନାକରଣ, ବ୍ୟବସ୍ଥିତ

ନମୁନାକରଣ ସ୍ତରୀଭୁତ ନମୁନା କରଣ, ପୁଞ୍ଜ ବା ଗୋଷ୍ଠୀଗତ ନମୁନାକରଣ, ବହୁସ୍ତରୀୟ ନମୁନାକରଣ ଓ ଅଞ୍ଚଳଭିତ୍ତିକ ନମୁନାକରଣ ଇତ୍ୟାଦିକୁ ସମ୍ଭାବ୍ୟ ବା ସମ୍ଭାବନା ସୂଚକ ନମୁନାକରଣର ଅନ୍ତର୍ଭୁକ୍ତ କରାଯାଇପାରେ ।

## ୨.୪ ଅଣସମ୍ଭାବ୍ୟ ନମୁନାକରଣ ବା ମତାମତ ଭିତ୍ତିକ ନମୁନାକରଣ

ଏହି ନମୁନାକରଣ ପ୍ରକ୍ରିୟା ବ୍ୟକ୍ତିଗତ ନିଷ୍ପତ୍ତି ବା ବିଚାର ଉପରେ ଆଧାରିତ । ଏଥିରେ ନିରବଚ୍ଛିନ୍ନ ଭାବରେ ଓ ଉଦ୍ଦେଶ୍ୟ ପ୍ରଣୋଡିତ ଭାବେ ନିଜର ଇଚ୍ଛାନୁଯାୟୀ ଆବଶ୍ୟକ ସଂଖ୍ୟକ ନମୁନା ସଂଗ୍ରହ କରାଯାଇଥାଏ । ଏହା ସଂପୂର୍ଣ୍ଣ ଭାବେ ଅନୁସନ୍ଧାନର ଲକ୍ଷ୍ୟ ଉପରେ ନିର୍ଭର କରେ । ଏହାଦ୍ୱାରା ଜନସମୁଦାୟର ପ୍ରକୃତ ଲକ୍ଷଣକୁ ପ୍ରତିନିଧିତ୍ୱ କରୁଥିବା ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ଗୁଡ଼ିକ ନମୁନାର ଅନ୍ତର୍ଭୁକ୍ତ କରାଯାଇଥାଏ । ଉଦ୍ଦେଶ୍ୟ ପ୍ରଣୋଦିତ ନମୁନାକରଣ, ଆନୁପାତିକ ନମୁନା ଓ ସୁବିଧାଜନକ ନମୁନାକରଣ ଇତ୍ୟାଦି ଅଣ ସମ୍ଭାବ୍ୟ ନମୁନାକରଣର ଅନ୍ତର୍ଭୁକ୍ତ ।

ନମୁନା ସଂଗ୍ରହ ନିମନ୍ତେ ଅନେକ ସଂଖ୍ୟକ କୌଶଳ ବ୍ୟବହାର କରାଯାଇଥାଏ । ସେଗୁଡ଼ିକୁ ନିମ୍ନମତେ ବିଭକ୍ତ କରାଯାଇପାରେ ।

୧. ମନଇଚ୍ଛା ନମୁନାକରଣ

୨. ଉଦ୍ଦେଶ୍ୟ ପ୍ରଣୋଦିତ ନମୁନାକରଣ

୩. ସ୍ତରୀଭୂତ ନମୁନାକରଣ

୪. ଆନୁପାତିକ ନମୁନାକରଣ

୫. ବହୁସ୍ତରୀୟ ନମୁନାକରଣ

୬. ସୁବିଧାଜନକ ନମୁନାକରଣ

୭. ଆତ୍ମଚୟନ ନମୁନାକରଣ

୮. ବ୍ୟବସ୍ଥିତ ନମୁନାକରଣ

## ୨.୫ ମନଇଚ୍ଛା ନମୁନାକରଣ

ନମୁନାକରଣ କରାଯାଉଥିବା ସବୁ ପଦ୍ଧତି ଗୁଡିକ ମଧ୍ୟରେ ସବୁଠାରୁ ସହଜ ପଦ୍ଧତି ହେଉଛି ମନଇଚ୍ଛା ନମୁନାକରଣ ପଦ୍ଧତି । ଏହା ଅନ୍ୟ ସମସ୍ତ ପଦ୍ଧତିର କେନ୍ଦ୍ରବିନ୍ଦୁ କାରଣ ଏହି ପଦ୍ଧତିରେ ମନଇଚ୍ଛା

ବା ଆଖିବୁଜା ନମୁନା ସଂଗ୍ରହ କରାଯାଇଥାଏ। ଏଥିରେ ସମୁଦାୟ ଜନସଂଖ୍ୟାର ପ୍ରତ୍ୟେକଟି ଏକକକୁ ଚୟନ କରାଯିବାର ସମ୍ଭାବନା ରହିଥାଏ। ପାଟର୍ଣ୍ଣଙ୍କ ମତରେ, "ମନଇଚ୍ଛା ନମୁନାକରଣ ଏଭଳି ଏକ ପଦ୍ଧତି ଯେଉଁଥିରେ ଜନ ସମୁଦାୟର ପ୍ରତ୍ୟେକ ବ୍ୟକ୍ତି ବା ସମଗ୍ର ବ୍ରହ୍ମାଣ୍ଡର ପ୍ରତ୍ୟେକଟି ଉପାଦାନ ଚୟନ ହେବାରେ ସମାନ ସୁଯୋଗ ରହିଥାଏ।" ଡବ୍ଲୁ. ଏମ୍ ହାର୍ପରଙ୍କ ମତରେ, "ଏଭଳି ଭାବରେ ମନଇଚ୍ଛା ନମୁନା ଚୟନ କରାଯାଇଥାଏ ଯେ, ସମୁଦାୟ ଜନସଂଖ୍ୟାର ପ୍ରତ୍ୟେକଟି ଏକକକୁ ଚୟନ କରାଯିବାର ସମାନ ସୁଯୋଗ ରହିଥାଏ।" କିନ୍ତୁ ମନଇଚ୍ଛା ନମୁନାକରଣ ଦୈବାତ ଚୟନ ସହିତ ସମାନ ନୁହେଁ। କେତେକ ଲୋକ ଭାବନ୍ତି, ବିନା ବାଛବିଚାରରେ ଉପରଠାଉରିଆ ଭାବରେ ଯଦି ଏକ ନମୁନା ଚୟନ କରାଯାଏ ; ତାହା ହେଉଛି ମନଇଚ୍ଛା ନମୁନାକରଣ। କିନ୍ତୁ ପ୍ରକୃତରେ ତାହା ଠିକ୍ ନୁହଁ। ଅଧିକାଂଶ କ୍ଷେତ୍ରରେ ଅବଶ୍ୟ ଏହା ପ୍ରଯୁଜ୍ୟ ହୋଇପାରେ। କିନ୍ତୁ ସବୁକ୍ଷେତ୍ରରେ ଏହା ପ୍ରଯୁଜ୍ୟ ନୁହଁ। ଉଦାହରଣ ସ୍ୱରୂପ- ଉପର ଠାଉରିଆ ବା ମନଇଚ୍ଛା ଗୋଟିଏ ପୁସ୍ତକର ଗୋଟିଏ ପୃଷ୍ଠାକୁ ଚୟନ କରିବା ନିମନ୍ତେ ହଠାତ୍ ବହିଟିକୁ ଖୋଲାଗଲା ଯଦି ପୁସ୍ତକଟି ପୁରୁଣା ହୋଇଥାଏ, ତେବେ ପୂର୍ବରୁ ବାରମ୍ବାର ପଢାଯାଉଥିବା ପୃଷ୍ଠାଟି ହଠାତ୍ ଖୋଲିଯିବାର ସମ୍ଭାବନା ଅଧିକ।

ମନଇଚ୍ଛା ନମୁନାକରଣକୁ ମଧ୍ୟ ଆନୁପାତିକ ନମୁନାକରଣ ନାମରେ ନାମିତ କରାଯାଇଥାଏ। କାରଣ ଏହି ବିଶ୍ୱ ବ୍ରହ୍ମାଣ୍ଡରେ ପ୍ରତ୍ୟେକ ଶ୍ରେଣୀର ଉପାଦାନ ସମାନ ସମାନ ଅନୁପାତରେ ରହିଥାଏ। ମନଇଚ୍ଛା ଭାବରେ ଚୟନ କରାଯାଉଥିବା ନମୁନା ତୁଳନାତ୍ମକ ଭାବରେ ବୃହତ୍ ଆକାରର ଗୋଷ୍ଠୀପାଇଁ ଅଧିକ ଉପଯୁକ୍ତ ଓ ଅଧିକ ସମଜାତୀୟ। ଏହି ବିଶ୍ୱବ୍ରହ୍ମାଣ୍ଡ ଯେତେବେଳେ ବିଭିନ୍ନ ଆକାର ଓ ଆକୃତିର ଗୋଷ୍ଠୀଙ୍କୁ ନେଇ ଗଠିତ, ଏହି ପଦ୍ଧତିକୁ ସଫଳତାର ସହିତ ବ୍ୟବହାର କରାଯାଇପାରିବ ନାହିଁ। ପ୍ରକୃତ ମନଇଚ୍ଛା ନମୁନାକରଣ ହାସଲ ନିମନ୍ତେ ସାଧାରଣତଃ ଦୁଇଟି ପଦ୍ଧତିକୁ ବ୍ୟବହାର କରାଯାଇଥାଏ। ସେଗୁଡ଼ିକ ହେଲା - (୧) ଲଟେରୀ ପଦ୍ଧତି ଯାହା ଆତ୍ମ ସମୀକ୍ଷା ମୂଳକ ଓ (୨) ଅନ୍ୟଟି ମନଇଚ୍ଛା ସଂଖ୍ୟା ସାରଣୀର ବ୍ୟବହାର। ଏହି ସାରଣୀ ପରିପ୍ରେକ୍ଷୀରେ ଏଲ୍.ଏଚ୍.ଜି.ଟିପେଟ୍ (୧୯୨୭), ଫିସର ଓ ୟେଟସ୍ (୧୯୩୮), କେଣ୍ଡାଲ୍ ଓ ବାବିଙ୍ଗଟନ୍ ସ୍ମିଥ୍ (୧୯୩୯) ଇତ୍ୟାଦିଙ୍କ ନାମକୁ ଯୋଡ଼ାଯାଇପାରିବ।

## ୨.୫.୧ ମନଇଚ୍ଛା ନମୁନା ସଂଗ୍ରହର ପଦ୍ଧତି

ସାଧାରଣତଃ ମନ ଇଚ୍ଛା ନମୁନା ସଂଗ୍ରହ ନିମନ୍ତେ ନିମ୍ନଲିଖିତ ଚାରୋଟି ପଦ୍ଧତି ଅନୁସରଣ କରାଯାଇଥାଏ।

୧) **ଲଟେରୀ ପଦ୍ଧତି ବା ଭାଗ୍ୟ ପରୀକ୍ଷା ପଦ୍ଧତି :** ଏହି ପଦ୍ଧତିରେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ବିଭିନ୍ନ ଏକକ ଗୁଡ଼ିକର ସଂଖ୍ୟା ବା ନାମକୁ ଛୋଟ ଛୋଟ କାଗଜ ଖଣ୍ଡରେ ଲେଖି ସେହି କାଗଜଗୁଡ଼ିକୁ

ଭାଙ୍ଗିଦିଆଯାଏ । ଏହାପରେ ଭଙ୍ଗାଯାଇଥିବା କାଗଜଗୁଡ଼ିକୁ ଗୋଟିଏ ପାତ୍ରରେ ରଖି ଭଲଭାବରେ ଫେଣ୍ଟି ଦିଆଯାଏ । ତାପରେ ଆଖିବୁଜି ଏହି ପାତ୍ର ମଧ୍ୟରୁ ଗୋଟିଏ ପରେ ଗୋଟିଏ କରି ଆବଶ୍ୟକ ସଂଖ୍ୟକ କାଗଜ ଖଣ୍ଡ ବାହାର କରାଯାଇଥାଏ ।

୨) **ଟିପେଟ୍‌ଙ୍କ ସଂଖ୍ୟା :-** ମନଇଚ୍ଛା ଭାବରେ ନମୁନା ସଂଗ୍ରହ ନିମନ୍ତେ ଏହି ପଦ୍ଧତି ହେଉଛି ସବୁଠାରୁ ବାସ୍ତବ ଓ ମିତବ୍ୟୟୀ ପଦ୍ଧତି । ଏହି ପଦ୍ଧତିରେ ୦,୧,୨,୩....୯ ପର୍ଯ୍ୟନ୍ତ ଅଙ୍କଗୁଡ଼ିକୁ ବ୍ୟବହାର କରି ସଂଖ୍ୟାଗଠନ କରାଯାଇଥାଏ । ଏହି ଅଙ୍କ ଗୁଡ଼ିକୁ ନେଇ ଏଲ୍.ଏଚ୍.ଜି.ଟି ପେଟ୍ ୧୦, ୪୦୦ଟି ଚାରିଅଙ୍କ ବିଶିଷ୍ଟ ସଂଖ୍ୟା ଗଠନ କରି ଗୋଟିଏ ପୃଷ୍ଠାରେ ଲେଖିଥିଲେ । ୪୧, ୬୦୦ ଟି ଅଙ୍କକୁ ନେଇ ସେ ଏହି ୧୦, ୪୦୦ ଟି ଚାରିଅଙ୍କ ବିଶିଷ୍ଟ ସଂଖ୍ୟା ଗଠନ କରିଥିଲେ । ସେ ଗଠନ କରିଥିବା ୪ ଅଙ୍କ ବିଶିଷ୍ଟ ସଂଖ୍ୟା ଗୁଡ଼ିକ ମଧ୍ୟରୁ ପ୍ରଥମ ୪୦ଟି ସଂଖ୍ୟାକୁ ନିମ୍ନରେ ଦିଆଗଲା ।

ସାରଣୀ ୬.୧ ଟି ପେଟ୍‌ଙ୍କ ସଂଖ୍ୟା

| | | | | | | | |
|---|---|---|---|---|---|---|---|
| ୨୯୫୨ | ୬୬୪୧ | ୩୯୯୨ | ୯୭୯୨ | ୭୯୭୯ | ୫୯୧୧ | ୩୧୭୦ | ୫୬୨୪ |
| ୪୧୬୭ | ୯୫୨୪ | ୫୪୫୭ | ୧୩୯୬ | ୭୨୦୩ | ୫୩୫୬ | ୧୩୦୦ | ୨୬୯୩ |
| ୨୩୭୦ | ୭୪୮୩ | ୩୪୦୮ | ୨୭୬୨ | ୩୫୬୩ | ୧୦୮୯ | ୬୯୧୩ | ୭୬୯୧ |
| ୦୫୬୦ | ୫୨୪୬ | ୧୧୧୨ | ୬୧୦୭ | ୬୦୦୮ | ୮୧୨୬ | ୪୪୩୩ | ୮୭୭୬ |
| ୨୭୫୪ | ୯୧୪୩ | ୧୪୦୫ | ୯୦୨୫ | ୭୦୦୨ | ୬୧୧୧ | ୮୮୧୬ | ୬୪୪୬ |

ଟିପେଟଙ୍କ ସଂଖ୍ୟାରୁ ନମୁନା ସଂଗ୍ରହ କରିବାର ପଦ୍ଧତି ଭାରି ସହଜ । ଧରିନିଅ ୬୦୦୦ ଲୋକଙ୍କ ମଧ୍ୟରୁ ଆମକୁ ୨୦ ଜଣ ଲୋକଙ୍କୁ ନମୁନା ହିସାବରେ ଚୟନ କରିବାକୁ ପଡିବ । ଏଥିପାଇଁ ଆମକୁ ପ୍ରଥମେ ଶୂନଠାରୁ ୬୦୦୦ ପର୍ଯ୍ୟନ୍ତ ସଂଖ୍ୟା ନିର୍ଦ୍ଧାରଣ କରିବାକୁ ପଡିବ । ତାପରେ ଟିପେଟ୍‌ଙ୍କ ନମ୍ବର ଥିବା ଯେକୌଣସି ପୃଷ୍ଠା ଖୋଲି ୬୦୦୦ ତଳେ ଥିବା ବା କମ୍ ପ୍ରଥମ ୨୦ ଟି ସଂଖ୍ୟାକୁ ବାଛିବା । ସମସ୍ତ ପ୍ରକାର ନମୁନାକରଣ ପଦ୍ଧତିରେ ଟିପେଟ୍‌ଙ୍କ ସଂଖ୍ୟାକୁ ବହୁଳଭାବରେ ବ୍ୟବହାର କରାଯାଇଛି । ସଠିକତା ଓ ପ୍ରତିନିଧିତ୍ୱ ଦୃଷ୍ଟି କୋଣରୁ ଏହି ଟିପେଟ୍ ସଂଖ୍ୟା ହେଉଛି ଅତ୍ୟନ୍ତ ନିର୍ଭର ଯୋଗ୍ୟ ଓ ନିରପେକ୍ଷ ଅଟେ ।

**୩) ଅନୁକ୍ରମିକ ତାଲିକାରୁ ଚୟନ (Selecting from sequential list) :** ଏହି ପଦ୍ଧତିରେ କେତେକ ନିର୍ଦ୍ଦିଷ୍ଟ କ୍ରମାନୁସାରେ ପ୍ରଥମେ ନାମ ଗୁଡ଼ିକୁ ସଜାଇ ଲେଖାଯାଏ । ଏହା ବର୍ଣ୍ଣମାଳାନୁସାରେ ବା ଭୌଗୋଳିକ ବା ସାଧାରଣକ୍ରମ ହୋଇପାରେ । ତାପରେ ତାଲିକା ମଧ୍ୟରୁ ପ୍ରତ୍ୟେକ ୧୦ମ ବା

ଯେକୌଣସି କ୍ରମିକ ସଂଖ୍ୟାକୁ ନିଆଯାଏ । ପ୍ରଥମେ ମଝିରୁ ହିଁ ଆରମ୍ଭ କରାଯାଇଥାଏ । ଉଦାହରଣ ସ୍ୱରୂପ, ପ୍ରତ୍ୟେକ ୧୦ ଅର୍ଥାତ୍ ୭ମ, ୧୭ମ, ୨୭ମ ଇତ୍ୟାଦିକୁ ଚୟନ କରାଯାଇଥାଏ ।

**୪) ଲୁହାଜାଲି ବ୍ୟବସ୍ଥା (Grid System) :** କୌଣସି ଏକ ଅଂଚଳକୁ ନମୁନା ହିସାବରେ ଚୟନ କରିବାପାଇଁ ଏହି ପଦ୍ଧତି ଅନୁସରଣ କରାଯାଇଥାଏ । ଏହି ପଦ୍ଧତି ଅନୁସାରେ ସମଗ୍ର ଅଂଚଳର ଏକ ମାନଚିତ୍ର ପ୍ରସ୍ତୁତ କରାଯାଏ । ତାପରେ ବର୍ଗାକାର ଆକୃତି ଥିବା ତାର ବା ଲୁହାର ଏକ ଜାଲିକୁ ଏହି ମାନଚିତ୍ର ଉପରେ ରଖିଦିଆଯାଏ । ଯେଉଁ ସ୍ଥାନ ଗୁଡିକ ବର୍ଗାକାର କ୍ଷେତ୍ର ମଧ୍ୟରେ ରହିଯାଏ, ସେହି ସ୍ଥାନଗୁଡିକୁ ନମୁନା ହିସାବରେ ଗ୍ରହଣ କରାଯାଏ ।

## ୨.୫.୨ ମନଇଚ୍ଛା ନମୁନାକରଣରେ ସତର୍କତା

ମନଇଚ୍ଛା ବା ଉପର ଠାଉରିଆ ଭାବରେ ନମୁନା ସଂଗ୍ରହ ସମୟରେ ନିମ୍ନ ଲିଖିତ ସତର୍କତା ଅବଲମ୍ୱନ କରାଯିବାର ଆବଶ୍ୟକତା ରହିଛି ।

୧) ଯେଉଁ ଜନସଂଖ୍ୟା ବା ଜନସମୁଦାୟକୁ ନମୁନାକରଣ କରାଯିବ, ତାହା ସ୍ପଷ୍ଟଭାବରେ ନିର୍ଦ୍ଧାରିତ ହେବା ସହ ଚୟନ ନିମନ୍ତେ ଏହାର ସମସ୍ତ ଏକକ ଗୁଡିକର ଗୋଟିଏ ତାଲିକା ପ୍ରସ୍ତୁତ କରି ରଖିବା ଆବଶ୍ୟକ । ବିଭିନ୍ନ ଏକକ ଗୁଡିକ ଆପାତତଃ ସମାନ ଆକାରର ହେବା ଆବଶ୍ୟକ । ଏହି ଏକକ ଗୁଡ଼ିକ ମଧ୍ୟ ପରସ୍ପରଠାରୁ ନିରପେକ୍ଷ ଓ ପୃଥକ ରହିବା ଆବଶ୍ୟକ । ଗୋଟିକୁ ଚୟନ କରାଯିବା ବେଳେ ଏହା ଅନ୍ୟ ଗୋଟିଏକୁ ଚୟନ କରିବା ନିମନ୍ତେ ବାଧ କରିପାରିବ ନାହିଁ । ଉଦାହରଣ ସ୍ୱରୂପ, ବାପାମାନଙ୍କୁ ଚୟନ କରିଲେ । ପୁଅମାନଙ୍କୁ ଚୟନ କରିବା ପାଇଁ ବାଧ କରାଯାଇ ପାରିବ ନାହିଁ ।

୨) ପ୍ରତ୍ୟେକଟି ଏକକ ପ୍ରବେଶ ଯୋଗ୍ୟ ବା ସହଜ ପ୍ରାପ୍ୟ ଏକକ ହେବା ଆବଶ୍ୟକ । ଥରେ ଗୋଟିଏ ଏକକକୁ ଚୟନ କଲେ, ଏହାକୁ ବାଦ୍ ଦେଇ ହେବ ନାହିଁ ବା ଏହା ବଦଳରେ ଅନ୍ୟ ଗୋଟିଏ ଏକକକୁ ଗ୍ରହଣ କରାଯାଇ ପାରିବ ନାହିଁ ।

## ୨.୫.୩ ମନଇଚ୍ଛା ନମୁନାକରଣର ଉପକାରିତା

ମନଇଚ୍ଛା ବା ଉପର ଠାଉରିଆ ନମୁନାକରଣରେ ନିମ୍ନଲିଖିତ ଉପକାରିତା ଦେଖିବାକୁ ମିଳେ ।

୧) ଏହି ପଦ୍ଧତି ପକ୍ଷପାତିତାରୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ । ତେଣୁ ଏହା ଗବେଷକଙ୍କର ପସନ୍ଦ ଦ୍ୱାରା ପ୍ରଭାବିତ ହୁଏ ନାହିଁ ।

୨) ଏହା ସାଧାରଣତଃ ଅଧିକ ପ୍ରତିନିଧିମୂଳକ। କାରଣ ଏହି ପଦ୍ଧତିରେ ମନୋନୀତ ହେବା ନିମନ୍ତେ ପ୍ରତ୍ୟେକଟି ଏକକ ନିମନ୍ତେ ସମାନ ସୁଯୋଗ ରହିଥାଏ।

୩) ନମୁନାକରଣର ଏହି ପଦ୍ଧତିଟି ଭାରି ସରଳ ଓ ସହଜ। ଗୋଟିଏ ନିର୍ଦ୍ଦିଷ୍ଟ ଏକକ ପ୍ରତିନିଧିମୂଳକ ହୋଇପାରିବ କି ନାହିଁ, ଏହା ସ୍ଥିର କରିବା ନିମନ୍ତେ ଜଣେ ଗବେଷକଙ୍କୁ ଅଧିକ ଚିନ୍ତା କରିବାର ଆବଶ୍ୟକତା ପଡିନଥାଏ।

୪) ଏହି ପଦ୍ଧତିରେ ରହିଥିବା ତୃଟିକୁ ଖୁବ୍ ସହଜରେ ମୂଲ୍ୟାୟନ କରାଯାଇପାରେ। ଏହାଦ୍ୱାରା ନମୁନାକରଣରେ ଥିବା ତ୍ରୁଟିର ପରିସୀମାକୁ ମଧ୍ୟ ନିର୍ଦ୍ଧାରଣ କରାଯାଇପାରିବ।

### ୨.୫.୪ ମନଇଚ୍ଛା ନମୁନାକରଣର ଅପକାରିତା

ମନଇଚ୍ଛା ନମୁନା କରଣ ନିମ୍ନଲିଖିତ ଅପକାରିତା ଦେଖିବାକୁ ମିଳେ।

୧) ପ୍ରଥମତଃ, ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡରେ ଥିବା ସମସ୍ତ ଏକକ ଗୁଡ଼ିକୁ ସଂପୂର୍ଣ୍ଣ ଭାବରେ ତାଲିକାଭୁକ୍ତ କରିବା ଏକ ଜଟିଳ ବ୍ୟାପାର। ତେଣୁ ମନଇଚ୍ଛା ଭାବେ ନମୁନା ଚୟନ କରିବା ସଂପୂର୍ଣ୍ଣ ଭାବେ ଅସମ୍ଭବ। ଏହା ବଦଳରେ ଆମେ ସାଧାରଣତଃ ଦୈବାତ୍ ବା ଆକସ୍ମିକ ଚୟନ ପ୍ରକ୍ରିୟାକୁ ଉପଯୋଗ ବା ବ୍ୟବହାର କରିଥାଉ।

୨) ଚୟନ କରିବାକୁ ଥିବା ନମୁନା ଗୁଡିକ ବ୍ୟାପକ ଭାବେ ବିକ୍ଷିପ୍ତ ହୋଇ ରହିଥାଏ। ଏପରି ହୋଇଥାଏ ଯେ, ଏ ସମସ୍ତଙ୍କ ସହିତ ସଂପର୍କ ସ୍ଥାପନ କରିବା ସଂପୂର୍ଣ୍ଣ ଭାବେ ଅସମ୍ଭବ ହୋଇପଡେ।

୩) ଯଦି ଏକକ ଗୁଡିକ ଭିନ୍ନ ଭିନ୍ନ ଆକାରର ନହୁଏ, ଏବଂ ବିଶ୍ୱ ବ୍ରହ୍ମାଣ୍ଡ ଭିନ୍ନ ଭିନ୍ନ ଆକାରର ଅସମାନ ଗୋଷ୍ଠୀକୁ ନେଇ ଗଠିତ ହୋଇ ନଥାଏ, ତେବେ ମନଇଚ୍ଛା ନମୁନାକରଣ ପଦ୍ଧତି ପ୍ରଯୁଜ୍ୟ ହୋଇନଥାଏ।

## ୨.୬ ଉଦ୍ଦେଶ୍ୟମୂଳକ ବା ନିରବଚ୍ଛିନ୍ନ ବା ନିଷ୍ପତ୍ତିଭିତ୍ତିକ ନମୁନାକରଣ

ଜଣେ ଗବେଷକ ଯେତେବେଳେ ଉଦ୍ଦେଶ୍ୟପ୍ରଣୋଦୀତ ଭାବରେ ବା ନିରବଚ୍ଛିନ୍ନ ଭାବରେ ଏହି ବିଶ୍ୱବ୍ରହ୍ମାଣ୍ଡରୁ କେତେକ ଏକକକୁ ଅନୁଶୀଳନ ନିମନ୍ତେ ଚୟନ କରିଥାନ୍ତି, ଏହାକୁ ଉଦ୍ଦେଶ୍ୟ ପ୍ରଣୋଦୀତ ବା ଇଚ୍ଛାକୃତ ଚୟନ ବା ମନୋନୟନ କୁହାଯାଏ। ଏହି ପ୍ରକାର ନମୁନା ଚୟନରେ ସବୁଠାରୁ ବଡ କଥା ହେଉଛି ଚୟନ ସମୟରେ ନିଜର ପସନ୍ଦ। ଏଥିରେ ସୁଯୋଗ ବା ଆକସ୍ମିକତାର କୌଣସି ଅବକାଶ

ନଥାଏ । ଆଡ଼ଲଫ୍ ଜେନ୍‌ସନ୍‌ଙ୍କ ମତରେ, "ଉଦ୍ଦେଶ୍ୟ ପ୍ରଣୋଦୀତ ନମୁନା ଚୟନ କହିଲେ ନମୁନାଗୁଡିକ ମଧ୍ୟରୁ ଅନେକ ସଂଖ୍ୟକ ଗୋଷ୍ଠୀ ଚୟନ କରିବାର ପଦ୍ଧତିକୁ ବୁଝାଏ । ଏହି ଗୋଷ୍ଠୀଗୁଡିକୁ ଏଭଳି ଭାବରେ ଚୟନ କରାଯାଇଥାଏ ଯେ, ଏହି ଗୋଷ୍ଠୀ ଗୁଡ଼ିକ ଏକତ୍ରିତ ଭାବରେ ସମୁଦାୟର ସାଧାରଣ ମାନ ଓ ଗୁଣକୁ ଯଥାସମ୍ଭବ ପ୍ରଦର୍ଶନ କରିଥାଆନ୍ତି; ଯାହା ଆଗରୁ ପରିସଂଖ୍ୟାନଗତ ଜ୍ଞାନର ପରିସରଭୁକ୍ତ ।"

ଉପରୋକ୍ତ ସଂଜ୍ଞାନୁସାରେ ଉଦ୍ଦେଶ୍ୟମୂଳକ ଚୟନର ନିମ୍ନଲିଖିତ ମୌଳିକ ଲକ୍ଷଣଗୁଡ଼ିକ ଦେଖିବାକୁ ମିଳେ ।

୧) କୌଣସି ନମୁନା ଯଥା ସମ୍ଭବ ପ୍ରତିନିଧିମୂଳକ ହେବା ଉଦ୍ଦେଶ୍ୟମୂଳକ ଚୟନର ଲକ୍ଷ୍ୟ । ଗୋଟିଏ ପ୍ରତିନିଧିମୂଳକ ନମୁନା ହେଉଛି ଏଭଳି ଏକ ନମୁନା ଯାହା ବିଶ୍ୱ ବ୍ରହ୍ମାଣ୍ଡ ଯେଉଁ ସବୁ ଗୁଣବତ୍ତା ଯେଉଁ ଅନୁପାତରେ ଧାରଣ କରିଥାଏ, ଏହା ସେହି ସବୁ ଗୁଣବତ୍ତାକୁ, ସେହି ଅନୁପାତରେ ଧାରଣ କରିଥାଏ । ପ୍ରତିନିଧି ମୂଳକ ନମୁନା ଗୁଡ଼ିକର ନିମ୍ନଲିଖିତ ମାନଦଣ୍ଡ ଦେଖିବାକୁ ମିଳେ ।

(କ) ଉଭୟ ବିଶ୍ୱବ୍ରହ୍ମାଣ୍ଡ ବା ସମୁଦାୟ ଓ ନମୁନା ଗୁଡିକରେ ବିଭିନ୍ନ ଉପାଦାନଗୁଡିକ ସମାନ ଅନୁପାତରେ ଦେଖିବାକୁ ମିଳେ । ଉଦାହରଣ ସ୍ୱରୂପ, ଶିକ୍ଷିତ ଓ ଅଶିକ୍ଷିତ ପୁରୁଷ ତଥା ମହିଳାମାନଙ୍କର ଅନୁପାତ ।

(ଖ) ଦୁଇଟିଯାକର ପୌନଃପୁନିକ ବଣ୍ଟନ ସମାନ ହୋଇପାରେ ।

(ଗ) ନମୁନା ଏକକ ଗୁଡ଼ିକର ମିଳନ ହାରାହାରି ବିଶ୍ୱବ୍ରହ୍ମାଣ୍ଡ ବା ସମୁଦାୟର ହାରାହାରି ଫଳ ସହିତ ସମାନ ।

(ଘ) ନମୁନା ଓ ବିଶ୍ୱବ୍ରହ୍ମାଣ୍ଡ ବା ସମୁଦାୟ ଦୁଇଟିଯାକର ପରିବର୍ତ୍ତନଶୀଳତା ହେଉଛି ସମାନ । ପ୍ରଥମଟିକୁ ବାଦ୍ ଦେଲେ ଅନ୍ୟ ସମସ୍ତ ମାପଦଣ୍ଡ ଗୁଡିକ ପରିସଂଖ୍ୟାନ ଭିତ୍ତିକ ବିଶ୍ଳେଷଣ ଆବଶ୍ୟକ କରନ୍ତି ।

୨) ପ୍ରତିନିଧିମୂଳକ ନମୁନା ଚୟନ କରିବାକୁ ହେଲେ, ବିଶ୍ୱବ୍ରହ୍ମାଣ୍ଡ ବା ଜନସମୁଦାୟର ପ୍ରକୃତି ବିଷୟରେ ଚୟନକାରୀଙ୍କର ସଂପୂର୍ଣ୍ଣ ଧାରଣାଥିବା ଆବଶ୍ୟକ । ଏହା ବାଦ୍ ବିଶ୍ୱବ୍ରହ୍ମାଣ୍ଡ ବା ଜନସମୁଦାୟ ସଂପର୍କରେ ଥିବା ବିଭିନ୍ନପ୍ରକାର ପରିସଂଖ୍ୟାନ ମାପଦଣ୍ଡ ବିଷୟରେ ମଧ୍ୟ ଧାରଣା ଥିବା ଆବଶ୍ୟକ ।

୩) ଚୟନକାରୀ ପକ୍ଷପାତିତାରୁ ନିଜକୁ ସଂପୂର୍ଣ୍ଣ ମୁକ୍ତ ରଖିବାପାଇଁ ଉଦ୍ୟମ କରିବା ଆବଶ୍ୟକ । ଯଦି ଏକାଧିକ ବ୍ୟକ୍ତି ନମୁନା ଗୁଡ଼ିକୁ ଚୟନ କରନ୍ତି ଓ ସାଧାରଣ ଏକକ ଗୁଡ଼ିକୁ ଚୟନରେ ଗ୍ରହଣ କରାଯାଏ,

ତେବେ ଏହା ଆହୁରି ଭଲ କଥାହେବ। ସମାଲୋଚନା- ପାଟେନଙ୍କ ମତରେ, "ପରିସଂଖ୍ୟାନବିତ୍ ମାନେ ଗୋଟିଏ ଶ୍ରେଣୀର ହୋଇଥିବାରୁ ସେମାନଙ୍କର ଉଦ୍ଦେଶ୍ୟମୂଳକ ଚୟନ ସପକ୍ଷରେ କିଛି କହିବାର ନାହିଁ।" ନିମ୍ୟାନ ଏହି ପଦ୍ଧତିକୁ ନୈରାଶ୍ୟଜନକ ବୋଲି ଅଭିହିତ କରନ୍ତି। ସ୍ନେଡକର (Snedecor) ଙ୍କ ମତରେ ଏହି ବ୍ୟବସ୍ଥାରେ ତିନୋଟି ଦୁର୍ଗୁଣ ଦେଖିବାକୁ ମିଳେ।

କ) ଜନ ସମୁଦାୟ ବା ଜନସଂଖ୍ୟାର ଅନୁପସ୍ଥିତିରେ ଏହା ସଂପର୍କରେ ସୂଚନା ବା ଧାରଣା ଉପଲବ୍ଧ ହେବା ଆବଶ୍ୟକ। କିନ୍ତୁ ଏହା ସଂପୂର୍ଣ୍ଣ ଅସମ୍ଭବ।

ଖ) ବେଳେବେଳେ କର୍ତ୍ତୃତ୍ୱ ପ୍ରଭାବଶାଳୀ ହୋଇପାରେ ନାହିଁ। ତଦ୍ୱାରା ନମୁନା ଚୟନରେ ପକ୍ଷପାତିତା ଦେଖିବାକୁ ମିଳେ।

ଗ) ନମୁନାକରଣ ତ୍ରୁଟିର ଅଟକଳ ବା ଆକଳନ ଅନୁମାନ ଉପରେ ପର୍ଯ୍ୟବେସିତ ହୋଇଥାଏ। ତେଣୁ ଏହାକୁ କେବେହେଲେ ବାସ୍ତବ ଦୃଷ୍ଟିକୋଣରୁ ଉପଯୋଗ କରାଯାଇପାରିବ ନାହିଁ।

ଉପରୋକ୍ତ ସମାଲୋଚନା ସତ୍ତ୍ୱେ ଏହାର ମଧ୍ୟ କେତେକ ଭଲଗୁଣ ଦେଖିବାକୁ ମିଳେ। ଯଦି ନମୁନା ଚୟନ ବେଳେ ଉପଯୁକ୍ତ ଦାୟିତ୍ୱ ନିର୍ବାହ କରାଯାଏ ଓ କୌଣସି ପ୍ରକାର ପକ୍ଷପାତିତାରୁ ନିଜକୁ ଦୂରେଇ ରଖାଯାଏ, ତେବେ ଗୋଟିଏ କ୍ଷୁଦ୍ର ନମୁନା ସମୁଦାୟର ପ୍ରତିନିଧି ସାବ୍ୟସ୍ତ ହୋଇପାରିବ। ସେଥିପାଇଁ ଉଦ୍ଦେଶ୍ୟମୂଳକ ଚୟନ ବେଳେବେଳେ ଖୁବ୍ ସୁଲଭ ହୋଇଥାଏ। ମୁଖ୍ୟତଃ ଯେତେବେଳେ କେତେକ ଏକକ ଅତିଜରୁରୀ ହୋଇପଡ଼େ, ସେତେବେଳେ ଏହା ଖୁବ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏଣୁ ଅନୁଭବ କରିବା ଭଳି ଚଳନ ସୂଚ୍ୟାଙ୍କ ଗଠନ ନିମନ୍ତେ ଯଦି କେତେକ ଅଂଶକୁ ଚୟନ କରିବାକୁ ପଡ଼େ ତେବେ ମନଇଚ୍ଛା ନମୁନାକରଣକୁ ଗ୍ରହଣ କରାଯାଇପାରେ। କାରଣ ଯଦି ଏଗୁଡ଼ିକ ପ୍ରତିନିଧିମୂଳକ ହୁଅନ୍ତି, ତେବେ କେତେକ ଅଂଶକୁ ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ ପଡ଼ିବ।

## ୨.୭ ବିଭକ୍ତିକରଣ ବା ବର୍ଗୀକୃତ ନମୁନାକରଣ

ଭୌଗୋଳିକ, ସାମାଜିକ ଓ ଆର୍ଥିକ ଦିଗକୁ ଭିତ୍ତିକରି ସମଗ୍ର ଜନସଂଖ୍ୟାକୁ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ବା ଭାଗ କରିବାକୁ ବିଭକ୍ତିକରଣ ବା ସ୍ତରୀକରଣ କୁହାଯାଏ। ଏହା ହେଉଛି ଉଭୟ ମନଇଚ୍ଛା ଓ ଉଦ୍ଦେଶ୍ୟମୂଳକ ନମୁନାକରଣର ମିଶ୍ରଣ। ଏହି ବ୍ୟବସ୍ଥାରେ ପ୍ରଥମେ ଜନ ସମୁଦାୟକୁ ଅନେକଗୁଡ଼ିଏ ଗୋଷ୍ଠୀ ବା ଦଳରେ ବିଭକ୍ତ କରାଯାଏ। ତାପରେ ପ୍ରତ୍ୟେକ ଗୋଷ୍ଠୀ ବା ଦଳରୁ ମନଇଚ୍ଛା ବା ଉପର ଠାଉରିଆ ଭାବରେ କେତେକ ଉପାଦାନକୁ କାଢ଼ି ନିଆଯାଏ। ତାପରେ ଆମେ ନମୁନା ଚୟନ ବେଳେ

ଉଦ୍ଦେଶ୍ୟମୂଳକ ଚୟନ ପଦ୍ଧତିକୁ ଉପଯୋଗ କରିଥାଉ । କିନ୍ତୁ ପ୍ରତ୍ୟେକ ଗୋଷ୍ଠୀରୁ ପ୍ରକୃତ ଏକକ ଚୟନ ବେଳେ ଆମେ ମନଇଚ୍ଛା ବା ବେପରୁଆ ପଦ୍ଧତି (random method) କୁ ଉପଯୋଗ କରିଥାଉ ।

## ୨.୭.୧ ବିଭକ୍ତିକରଣ ବା ବର୍ଗୀକରଣର ଉପାୟ

ସ୍ତରୀକୃତ ବା ବିଭକ୍ତିକରଣ ନମୁନାର ଉତ୍ସ ଗୋଷ୍ଠୀ ଗଠନ ଉପରେ ନିର୍ଭର କରେ । ଯଦି ସଠିକ୍ ଭାବରେ ଗୋଷ୍ଠୀ ଗଠନ କରାଯାଇଛି, ତେବେ ଖୁବ୍ ଅଳ୍ପ ସଂଖ୍ୟକ ଏକକ ମଧ୍ୟ ପ୍ରତିନିଧିମୂଳକ ନମୁନା ଗଠନ କରି ପାରିବେ । ତେଣୁ ଗୋଷ୍ଠୀ ଗଠନ କରିବା ବେଳେ ନିମ୍ନଲିଖିତ ଦିଗ ଗୁଡିକ ପ୍ରତି ଧ୍ୟାନ ଦେବାକୁ ହେବ ।

୧) ସର୍ବପ୍ରଥମେ, ଆମକୁ ଅନୁଶୀଳନ କରାଯାଉଥିବା ପ୍ରସଙ୍ଗ ସହିତ ଜଡିତ ଓ ବ୍ୟବହୃତ ଉପାଦାନ ଗୁଡିକୁ ଟିପି ରଖିବାକୁ ପଡ଼ିବ । ବିଭକ୍ତିକରଣରେ ବ୍ୟବହୃତ ହେଉଥିବା ସାଧାରଣ ଉପାଦାନ ଗୁଡିକ ହେଉଛି ଅଞ୍ଚଳ, ଆୟ ଓ ଲିଙ୍ଗ ଇତ୍ୟାଦି । ପ୍ରଥମେ ବିଶ୍ୱ ବ୍ରହ୍ମାଣ୍ଡ ବା ଜନସମୁଦାୟକୁ ବିଭିନ୍ନ ଗୋଷ୍ଠୀ ବା ଦଳ ବା ପୁଞ୍ଜରେ ଭାଗ କରିଦିଆଯାଏ । ତାପରେ ମନଇଚ୍ଛା ବେପରୁଆ ଭାବରେ ପ୍ରତ୍ୟେକ ଗୋଷ୍ଠୀରୁ ଆବଶ୍ୟକ ସଂଖ୍ୟକ ଏକକକୁ ଚୟନ କରାଯାଏ । ଏକକ ଚୟନ କରିବା ବେଳେ ସେଗୁଡିକ ପ୍ରସଙ୍ଗ ଅନୁଶୀଳନ ସଂପର୍କିତ କି ନୁହଁ ତାକୁ ଧ୍ୟାନ ଦେବାକୁ ହେବ ।

୨) ଜନ ସମୁଦାୟ ବା ଜନସଂଖ୍ୟାର ପ୍ରତ୍ୟେକଟି ଗୋଷ୍ଠୀ ବା ପୁଞ୍ଜ ବୃହଦାକାର ହେବା ଆବଶ୍ୟକ । ଏହାଦ୍ୱାରା ବେପରୁଆ ଭାବରେ ବା ମନଇଚ୍ଛା ଉପାଦାନ ଗୁଡିକ ସହଜରେ ଚୟନ କରାଯାଇପାରିବ । ଏହି ଗୋଷ୍ଠୀ ବା ପୁଞ୍ଜ ଗୁଡ଼ିକର ଆକାର ଯଦି କ୍ଷୁଦ୍ର ହୁଏ, ତେବେ ମନଇଚ୍ଛା ଚୟନ ପଦ୍ଧତିରେ ଉପାଦାନ ଚୟନ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ ।

୩) ବିଭକ୍ତିକରଣ ବା ବର୍ଗୀକରଣ ଏପରି କରାଯିବା ଦରକାର ଯେମିତି ଗୋଷ୍ଠୀ ବା ବର୍ଗ ଗୁଡିକର ଏକକ ଗୁଡିକ ମଧ୍ୟରେ ସଠିକ୍ ସମାନତା ବଜାୟ କରାଯାଇପାରିବ । ଗୋଟିଏ ଗୋଷ୍ଠୀ ବା ପୁଞ୍ଜରେ ଥିବା ଉପାଦାନ ଗୁଡ଼ିକ ପରସ୍ପର ସମାନ ରହିବା ଆବଶ୍ୟକ । କିନ୍ତୁ ଏହି ଉପାଦାନ ଗୁଡ଼ିକ ଅନ୍ୟ ଗୋଷ୍ଠୀ ବା ପୁଞ୍ଜର ଏକକ ଗୁଡିକ ଠାରୁ ସଂପୂର୍ଣ୍ଣ ଅଲଗା ହୋଇଥିବ ।

୪) ପ୍ରତ୍ୟେକ ଗୋଷ୍ଠୀ ବା ପୁଞ୍ଜରୁ ଯେତିକି ସଂଖ୍ୟକ ଉପାଦାନ ଚୟନ କରାଯିବ, ଠିକ୍ ସେହି ସମାନ ଅନୁପାତରେ ସମୁଦାୟ ସଂଖ୍ୟକ ଏକକରୁ ଏକକ ଚୟନ କରାଯିବା ଆବଶ୍ୟକ । କୌଣସି ଏକ ସାମାଜିକ ଗୋଷ୍ଠୀରେ ଯଦି ଏହି ସଂଖ୍ୟା ୭୫% ହୁଏ, ତେବେ ସେହି ସମାନ ପ୍ରତିଶତ ଏକକ ଅର୍ଥାତ୍ ଶିକ୍ଷକ ମାନଙ୍କ ମଧ୍ୟରୁ ୭୫% ପ୍ରତିଶତକୁ ଚୟନ କରାଯିବ ।

୫) ଗୋଷ୍ଠୀ ବା ପୁଞ୍ଜଟି ଅତ୍ୟନ୍ତ ସ୍ପଷ୍ଟ ହେବା ଆବଶ୍ୟକ ଏବଂ ଏହା କୌଣସି ପ୍ରକାର ବାହ୍ୟ ପ୍ରଭାବରୁ ମୁକ୍ତ ହେବା ଆବଶ୍ୟକ। ତଦ୍ୱାରା ଏଥିରେ ଥିବା ପ୍ରତ୍ୟେକଟି ଏକକ ଏକ ନିର୍ଦ୍ଦିଷ୍ଟ ସ୍ଥାନ ପାଇ ପାରିପାରିବ। କୌଣସି ଗୋଟିଏ ବି ଏକକ ଏକାଧିକ ଗୋଷ୍ଠୀ ବା ପୁଞ୍ଜରେ ସ୍ଥାନିତ ହୋଇପାରିବ ନାହିଁ। ବିଭିନ୍ନ ଗୋଷ୍ଠୀ ବା ପୁଞ୍ଜଗୁଡିକରେ ଥିବା ଏକକ ମାନଙ୍କର ସମୁଦାୟ ସଂଖ୍ୟା ପୃଥିବୀର ବା ସମୁଦାୟ ଏକକ ମାନଙ୍କର ମୋଟ ସଂଖ୍ୟା ସହ ସମାନ ହେବା ଆବଶ୍ୟକ।

## ୨.୭.୨ ବିଭକ୍ତି କରଣ ବା ବର୍ଗୀକୃତ ନମୁନାକରଣର ପ୍ରକାରଭେଦ

ବିଭକ୍ତିକରଣ ବା ବର୍ଗୀକୃତ ନମୁନାକରଣ ତିନିପ୍ରକାରର :

୧) **ଆନୁପାତିକ ବର୍ଗୀକୃତ ନମୁନାକରଣ :** ଏହି ପଦ୍ଧତିରେ ସମଗ୍ର ପୃଥିବୀ ବା ଜନ ସମୁଦାୟରେ ରହିଥିବା ଏକକର ସଂଖ୍ୟାକୁ ହିସାବ କରାଯାଇ ପ୍ରତ୍ୟେକ ଗୋଷ୍ଠୀ ବା ପୁଞ୍ଜରୁ ସେହି ଅନୁପାତରେ ଆବଶ୍ୟକ ସଂଖ୍ୟକ ଏକକ ଚୟନ କରାଯାଇଥାଏ।

୨) **ଅଣ ଆନୁପାତିକ ବର୍ଗୀକୃତ ନମୁନାକରଣ :** ଗୋଷ୍ଠୀ ବା ପୁଞ୍ଜର ଆକାର ଯାହା ହେଉନା କାହିଁକି ପ୍ରତ୍ୟେକ ପୁଞ୍ଜ ବା ଗୋଷ୍ଠୀରୁ ସମାନ ସଂଖ୍ୟକ ଏକକ ଚୟନ କରାଯାଇଥାଏ। କିନ୍ତୁ ଏହି ସଂଖ୍ୟା ପୃଥିବୀ ବା ସମୁଦାୟ ଜନସଂଖ୍ୟା ର ସମାନୁପାତ ଅନୁସାରେ ସ୍ଥିର କରାଯାଇଥାଏ। ଏହାକୁ ମଧ୍ୟ ନିୟମିତ ନମୁନାକରଣ କୁହାଯାଏ କାରଣ ଏହା ଆନ୍ତଃ- ଗୋଷ୍ଠୀ ବା ଆନ୍ତଃ - ପୁଞ୍ଜ ତୁଳନୀୟତା ନିମନ୍ତେ ସୁଯୋଗ ଦେଇଥାଏ।

୩) **ବିଭକ୍ତିକରଣ ଭିତ୍ତିକ ନମୁନାକରଣ :** ଏହି ପଦ୍ଧତି ଅଣ-ଆନୁପାତିକ ନମୁନାରେ ଥିବା ଦୋଷ ତ୍ରୁଟିକୁ ଦୂର କରିବା ପାଇଁ ଲକ୍ଷ୍ୟ ରଖିଥାଏ। ଏହା ବାଦ୍ ଏହା ଉପରେ ବର୍ଣ୍ଣିତ ଦୁଇଟି ଯାକ ବର୍ଗୀକୃତ ନମୁନାକରଣରେ ଉପାଦେୟତାକୁ ଯୋଡିବା ପାଇଁ ପ୍ରୟାସ କରିଥାଏ। ଅଣ ଆନୁପାତିକ ନମୁନାକରଣରେ ଗୋଟିଏ ତ୍ରୁଟି ଦେଖିବାକୁ ମିଳେ। ଏଥିରେ କେତେକ ଗୋଷ୍ଠୀ ବା ପୁଞ୍ଜକୁ ଅତ୍ୟଧିକ ଗୁରୁତ୍ୱ ପ୍ରଦାନ ସହ ପକ୍ଷପାତିତା କରାଯାଇଥାଏ। ଏହି ବ୍ୟବସ୍ଥାରେ ପ୍ରତ୍ୟେକ ଗୋଷ୍ଠୀ ବା ପୁଞ୍ଜରୁ ସମାନ ସଂଖ୍ୟକ ଏକକ ଚୟନ କରାଯାଇଥାଏ। କିନ୍ତୁ ଏହି ଗୋଷ୍ଠୀ ବା ପୁଞ୍ଜ ଗୁଡିକୁ ସମଗ୍ର ପୃଥିବୀ ବା ଜନ ସମୁଦାୟରେ ସେମାନଙ୍କର ଆକାରର ଅନୁପାତ ଅନୁସାରେ ଗୁରୁତ୍ୱ ଦିଆଯାଇଥାଏ।

## ୨.୭.୩ ବିଭକ୍ତିକରଣ ବା ବର୍ଗୀକୃତ ନମୁନାକରଣର ଉପାଦେୟତା

ବିଭକ୍ତିକରଣ ବା ବର୍ଗୀକୃତ ନମୁନା କରଣର ନିମ୍ନଲିଖିତ ଉପାଦେୟତା ଦେଖିବାକୁ ମିଳେ।

୧. ଏହି ପଦ୍ଧତିରେ ନମୁନା ସଂଗ୍ରହକାରୀର ନମୁନା ଉପରେ ଅଖଣ୍ଡ ନିୟନ୍ତ୍ରଣ ରହିଥାଏ। ମନଇଚ୍ଛା ଭାବରେ ନମୁନା ସଂଗ୍ରହରେ ପ୍ରତ୍ୟେକଟି ଏକକକୁ ଚୟନ ହେବା ନିମନ୍ତେ ସମାନ ସୁଯୋଗ ରହିଥିଲେ ମଧ୍ୟ ବେଳେବେଳେ ଅତି ଗୁରୁତ୍ୱପୂର୍ଣ୍ଣ ଗୋଷ୍ଠୀଗୁଡିକ ଆକସ୍ମିକ ଭାବରେ ବାଦ୍ ପଡିଯାଆନ୍ତି। କିନ୍ତୁ ବିଭକ୍ତିକରଣ ବା ବର୍ଗୀକୃତ ନମୁନାକରଣ ପଦ୍ଧତିରେ କୌଣସି ଗୋଟିଏ ବି ଗୁରୁତ୍ୱପୂର୍ଣ୍ଣ ଗୋଷ୍ଠୀ ବା ପୁଞ୍ଜ ଅଣ ପ୍ରତିନିଧିତ୍ୱ ହୋଇ ରହିଯିବାର ସମ୍ଭାବନା ନାହିଁ।

୨. ଯଦି ଉପଯୁକ୍ତ ଭାବରେ ବିଭକ୍ତିକରଣ ବା ବର୍ଗୀକରଣ କରାଯାଇଥାଏ, ତେବେ ଅଳ୍ପ ପରିମାଣର ଉପାଦାନରେ ମଧ୍ୟ ପ୍ରତିନିଧିମୂଳକ ଲକ୍ଷ୍ୟ ହାସଲ କରାଯାଇପାରିବ। ଯଦି ଗୋଟିଏ ଗୋଷ୍ଠୀ ବା ପୁଞ୍ଜ ଉପଯୁକ୍ତ ଭାବରେ ସମାନଭିତ୍ତିକ ବା ସମମୌଳିକ ଅଂଶ ବିଶେଷ ହୋଇଥାଏ, ତେବେ ଅଳ୍ପ କେତୋଟି ଉପାଦାନକୁ ଚୟନ କରାଗଲେ ମଧ୍ୟ ତାହା ଯଥେଷ୍ଟ।

୩. ଯଦି କୌଣସି ଉପାଦାନ ଅନୁଶୀଳନ ନିମନ୍ତେ ପ୍ରଯୁଜ୍ୟ ନହୁଏ, ତେବେ ଏହାକୁ ଖୁବ୍ ସହଜରେ ବଦଳାଇ ଦିଆଯାଇପାରିବ। ଯଦି ଜଣେ ବ୍ୟକ୍ତି ସର୍ବେକ୍ଷଣରେ ସହଯୋଗ କରିବାକୁ ବାରଣ କରେ, ତେବେ ତାକୁ ବଦଳାଇ ସେହି ଗୋଷ୍ଠୀ ବା ପୁଞ୍ଜରୁ ଅନ୍ୟଜଣେ ବ୍ୟକ୍ତିଙ୍କୁ ଗ୍ରହଣ କରାଯାଇପାରେ।

୪. ବିଭକ୍ତିକରଣ ବା ବର୍ଗୀକୃତ ନମୁନାଗୁଡିକ ଏଭଳି ଚୟନ କରାଯିବା ଦରକାର, ଯେପରିକି ଅଧିକାଂଶ ଏକକ ଭୌଗୋଳିକ ଦୃଷ୍ଟିକୋଣରୁ ସ୍ଥାନୀୟ ହେବା ଆବଶ୍ୟକ। ସଂପୂର୍ଣ୍ଣ ଉଦ୍ଦେଶ୍ୟହୀନ ବା ମନଇଚ୍ଛା ନମୁନାକରଣରେ ଚୟନ କ୍ଷେତ୍ରରେ ସଂପୂର୍ଣ୍ଣ ନିୟନ୍ତ୍ରଣ ନଥାଏ ଏବଂ ଯେଉଁ ନମୁନାଗୁଡ଼ିକ ଚୟନ କରାଯାଇଥାଏ ସେଗୁଡ଼ିକ ବିକ୍ଷିପ୍ତ ଅବସ୍ଥାରେ ଥାଏ। ଏକକ ଗୁଡ଼ିକର ଏକତ୍ରୀକରଣରେ ଖୁବ୍ ଅଳ୍ପ ସମୟ ବ୍ୟୟ ହେବାସହ ସର୍ବକ୍ଷଣରେ ଖୁବ୍ ଅଳ୍ପ ଅର୍ଥ ବ୍ୟୟ ହୋଇଥାଏ।

୫. ଯଦି ସମଗ୍ର ପୃଥିବୀ ବା ଜନ ସମୁଦାୟକୁ ବକ୍ରାରରେ ତା ତୀର୍ଯ୍ୟକ୍ ଭାବରେ ଭାଗ ଭାଗ କରି ଦିଆଯାଏ, ତେବେ ଏହା ଆମର ଖୁବ୍ ଉପକାରରେ ଆସିଥାଏ।

୬. କେବଳ ନମୁନାକରଣ ଯୋଜନା ହିଁ ଆମକୁ ସମଗ୍ର ଜନସଂଖ୍ୟା ବା ଜନସମୁଦାୟର ବିଭିନ୍ନ ବିଭାଗ ବିଷୟରେ ସଠିକ୍ ତଥ୍ୟ ପ୍ରାପ୍ତ ହେବାରେ ସହାୟତା ପ୍ରଦାନ କରିଥାଏ।

୭. ବିଭକ୍ତିକରଣ ବା ବର୍ଗୀକୃତ ନମୁନାକରଣ ଖୁବ୍ ସ୍ୱଷ୍ଟ ଓ ଏହା ଯଥାସାଧ୍ୟ ପକ୍ଷପାତିତାରୁ ମୁକ୍ତ ରହିଥାଏ । ଏହା ତଥ୍ୟ ସଂଗ୍ରହ ନିମନ୍ତେ ଆବଶ୍ୟକ ହେଉଥିବା ସମୟ ଓ ଅର୍ଥ ସଂଚୟ କରିଥାଏ । କାରଣ ଏହି ପଦ୍ଧତିରେ ନମୁନାର ଆକାର ଖୁବ୍ ଅଳ୍ପ ହୋଇଥାଏ ।

## ୨.୭.୪ ବିଭକ୍ତିକରଣ ବା ବର୍ଗୀକୃତ ନମୁନାକରଣର ଅପକାରିତା

ବିଭକ୍ତିକରଣ ବା ବର୍ଗୀକୃତ ନମୁନାକରଣର କେତେକ ଦୁର୍ଗୁଣ ଦେଖିବାକୁ ମିଳେ ।

୧) ଯଦି ସଠିକ୍ ଭାବରେ ବିଭକ୍ତିକରଣ ବା ବର୍ଗୀକରଣ କରାନଯାଏ, ତେବେ ନମୁନା ସଂଗ୍ରହରେ ପକ୍ଷପାତିତା ସୃଷ୍ଟି ହୋଇପାରେ । ଯଦି ଗୋଷ୍ଠୀ ବା ପୁଞ୍ଜଗୁଡ଼ିକ ଗୋଟିଏ ଉପରେ ଆଉ ଗୋଟିଏ ରହିଯାଏ ବା ସେଗୁଡିକର ସଂଖ୍ୟା ଆବଶ୍ୟକତାଠାରୁ ଅଧିକ ହୁଏ କିମ୍ବା ଉଦ୍ଦିଷ୍ଟ ପ୍ରସଙ୍ଗ ଅନୁଶୀଳନ ନିମନ୍ତେ ଅନୁପଯୁକ୍ତ ହୁଏ କିମ୍ବା ଅଣ-ଆନୁପାତିକ ହୁଏ, ତେବେ ଚୟନ କରାଯାଇଥିବା ନମୁନାଗୁଡ଼ିକ ପ୍ରତିନିଧିମୂଳକ ହୋଇପାରିବ ନାହିଁ ।

୨) ଗୋଟିଏ ନମୁନା ପ୍ରତିନିଧିମୂଳକ ହେବାକୁ ହେଲେ, ଏହା ଆନୁପାତିକ ହେବା ଆବଶ୍ୟକ । ମନଇଚ୍ଛା ବା ବେପାରୁଆ ନମୁନାକରଣ ପଦ୍ଧତିରେ ସମାନୁପାତ ବା ଉପଯୁକ୍ତ ଅଂଶ ହାସଲ କରାଯାଇପାରେ । କିନ୍ତୁ ବିଭକ୍ତିକରଣ ବା ବର୍ଗୀକୃତ ନମୁନାକରଣ ପଦ୍ଧତିରେ ଏଥିପାଇଁ ନିରବଚ୍ଛିନ୍ନ ଭାବରେ ଉଦ୍ୟମ କରିବାକୁ ପଡ଼ିବ । ନିରବଚ୍ଛିନ୍ନ ଉଦ୍ୟମ କରିଲେ ମଧ୍ୟ ଯଦି ବିଭିନ୍ନ ଗୋଷ୍ଠୀ/ ପୁଞ୍ଜର ଆକାର ଅସମାନ ରହେ,ତେବେ ସମାନୁପାତ ବା ଉପଯୁକ୍ତ ଭାଗ ବା ଅଂଶ ହାସଲ କରିବା ସହଜ ନୁହଁ ।

୩) ଅଣ-ସମାନୁପାତିକ ବିଭକ୍ତିକରଣ ବା ବର୍ଗୀକରଣ ଅଧିକ ପରିଶ୍ରମ ବା ଗୁରୁତ୍ୱ ଆବଶ୍ୟକ କରିଥାଏ, କାରଣ ଏହା ନମୁନାରେ ପୁଣି ଥରେ କେତେକ ବଛା ବଛା ଉପାଦାନ ସୃଷ୍ଟି କରିଥାଏ । ଅନାବଶ୍ୟକ ଗୁରୁତ୍ୱପ୍ରଦାନ କରାଯାଉଥିବାରୁ ନମୁନା ଅଣ ପ୍ରତିନିଧିତ୍ୱରେ ପରିଣତ ହୋଇଥାଏ ।

୪) ଗୋଟିଏ ଗୋଷ୍ଠୀ ବା ପୁଞ୍ଜରୁ ଏକ ନିର୍ଦ୍ଦିଷ୍ଟ ଉପାଦାନ ବାହାର କରିବା କଷ୍ଟସାଧ୍ୟ ହୋଇପାରେ । ଯଦି ଗୋଷ୍ଠୀ ବା ପୁଞ୍ଜଗୁଡ଼ିକ ସୁସ୍ୱଷ୍ଟ ନହୁଏ, ତେବେ କେଉଁ ଗୋଷ୍ଠୀ ବା ପୁଞ୍ଜରେ ଏକ ନିର୍ଦ୍ଦିଷ୍ଟ ଏକକକୁ ସ୍ଥାନିତ କରାଯିବ, ତାହା ସ୍ଥିର କରିବା କଷ୍ଟକର ହୋଇପାରେ ।

## ୨.୮ ସ୍ୱଭାଗ ନମୁନାକରଣ (Quota Sampling)

ସ୍ୱଭାଗ ନମୁନାକରଣ ହେଉଛି ଏକ ସ୍ୱତନ୍ତ୍ର ଧରଣର ବିଭକ୍ତିକରଣ ବା ବର୍ଗୀକୃତ ନମୁନାକରଣ। ଏହି ପଦ୍ଧତି ଅନୁସାରେ ସର୍ବପ୍ରଥମେ ସମଗ୍ର ପୃଥିବୀକୁ ବା ସମୁଦାୟ ଲୋକସଂଖ୍ୟାକୁ କେତେକ ଗୋଷ୍ଠୀ ବା ପୁଞ୍ଜ ବା ବର୍ଗରେ ବିଭକ୍ତ କରାଯାଏ। ତାପରେ ପ୍ରତ୍ୟେକ ଗୋଷ୍ଠୀ ବା ବର୍ଗରୁ କେତେ ସଂଖ୍ୟକ ନମୁନା ସଂଗ୍ରହ କରାଯିବ ତାହା ସ୍ଥିର କରାଯାଏ। ଏହି ସଂଖ୍ୟାକୁ ସ୍ୱଭାଗ ବା ନିର୍ଦ୍ଧାରିତ ବା ସ୍ଥିରୀକୃତ ସଂଖ୍ୟା କୁହାଯାଏ। ସାଧାରଣତଃ କ୍ଷେତ୍ର କର୍ମଚାରୀମାନଙ୍କୁ ପ୍ରତ୍ୟେକ ଗୋଷ୍ଠୀ ବା ବର୍ଗରୁ ନିଜର ଇଚ୍ଛାନୁଯାୟୀ ପସନ୍ଦ ସଂଖ୍ୟକ ନମୁନା ସଂଗ୍ରହ କରିବା ନିମନ୍ତେ କୁହାଯାଇଥାଏ। ଉଦାହରଣ ସ୍ୱରୂପ, ୫୦୦ ପରିବାର ବିଶିଷ୍ଟ ଏକ ନମୁନା ଚୟନ କରିବାକୁ ହେବ। ଏହି ବ୍ୟବସ୍ଥାନୁସାରେ ପ୍ରଥମେ ଘର ଗୁଡିକୁ ଚିହ୍ନଟ କରାଯିବ ଓ ପ୍ରତ୍ୟେକ ଘରୁ ନିଜର ପସନ୍ଦ ମୁତାବକ ଗୋଟିଏ ପରିବାରକୁ ଚୟନ କରିବାକୁ କୁହାଯିବ। ଆନୁପାତିକ ନମୁନାକରଣ ହେଉଛି ଏକ ବିଭକ୍ତିକରଣ ବା ବର୍ଗୀକରଣ ତଥା ଉଦ୍ଦେଶ୍ୟମୂଳକ ନମୁନାକରଣ। ଏହି ପଦ୍ଧତିଟି ଉଭୟ ବର୍ଗୀକୃତ ଓ ଉଦ୍ଦେଶ୍ୟମୂଳକ ନମୁନାକରଣ ପଦ୍ଧତିର ସୁଫଳ ଲାଭ କରିଥାଏ। ଏହା ଆର୍ଥିକ ଦୃଷ୍ଟିକୋଣରୁ ବିଭକ୍ତିକରଣ ବା ବର୍ଗୀକରଣର ସଦୁପଯୋଗ କରିଥାଏ। ଯେତେବେଳେ ନମୁନାର କୌଣସି ଆଧାର ଉପଲବ୍ଧ ହୁଏ ନାହିଁ, କେବଳ ସେତେବେଳେ ହିଁ ଏହି ପଦ୍ଧତିଟି ଅତ୍ୟନ୍ତ ଉପକାରୀ ସାବ୍ୟସ୍ତ ହୋଇଥାଏ। ଯାହା ହେଉନା କାହିଁକି, ଏହି ପଦ୍ଧତିଟି ଉଭୟ ବିଭକ୍ତିକରଣ ବା ବର୍ଗୀକୃତ ଓ ଉଦ୍ଦେଶ୍ୟମୂଳକ ନମୁନାକରଣର ସମ୍ମୁଖୀନ ହେଉଥିବା ପ୍ରତିବନ୍ଧକ ଗୁଡିକର ସମ୍ମୁଖୀନ ହୋଇଥାଏ। ଅସଙ୍ଗତ ନମୁନା ଏକକ ଗୁଡିକର ପ୍ରତିବଦଳ ଯୋଗୁଁ ଏଥିରେ ପକ୍ଷପାତିତା ମଧ୍ୟ ସୃଷ୍ଟି ହୋଇପାରେ। ଆହୁରି ମଧ୍ୟ, ଏଥିରେ ନମୁନାକରଣ ଜନିତ ତ୍ରୁଟି ଓ ମାନଦଣ୍ଡ ଜନିତ ତ୍ରୁଟିକୁ ଅବିକଳ ଆକଳନ କରାଯାଇ ପାରିବ ନାହିଁ।

## ୨.୯ ବହୁ-ସ୍ତରୀୟ ନମୁନାକରଣ

ଗୋଟିଏ ବିରାଟ ଅଞ୍ଚଳ ମଧ୍ୟରୁ ଗୋଟିଏ ନମୁନା ଚୟନ କରିବା ନିମନ୍ତେ ସାଧାରଣତଃ ଏହି ପଦ୍ଧତି ବ୍ୟବହାର କରାଯାଇଥାଏ। ଏହି ପଦ୍ଧତିରେ ବିଭିନ୍ନ ସ୍ତର ଦେଇ ନମୁନାଚୟନ କରାଯାଇଥାଏ। ଧରିନିଆଯାଉ ଗୋଟିଏ ବଡ଼ ସହରର ଘର ଗୁଡିକ ମଧ୍ୟରୁ ଅଳ୍ପ କେତେ ଶହ ଘରକୁ ନମୁନା ହିସାବରେ ଚୟନ କରାଯିବ। ତେବେ ନିମ୍ନଲିଖିତ ସ୍ତର ଦେଇ ଏହି କାର୍ଯ୍ୟ ସମାହିତ ହୋଇଥାଏ।

(କ) ପ୍ରଥମେ ସମଗ୍ର ସହରକୁ ସମମୌଳିକ ଅଂଶ ବା ସମଜାତୀୟ ଅଞ୍ଚଳରେ ବିଭକ୍ତ କରିଦିଆଯାଉ। ପ୍ରତ୍ୟେକଟି ଅଞ୍ଚଳର ଆକାର ଯେମିତି ପ୍ରାୟ ସମାନ ରହିବ ଓ ଯେଉଁ ପ୍ରସଙ୍ଗରେ ଅନୁଶୀଳନ କରାଯାଉଥିବ,

ଅନ୍ତତଃ ସେହି ପ୍ରସଙ୍ଗରେ ସେହି ଅଞ୍ଚଳ ମଧ୍ୟରେ ବସବାସ କରୁଥିବା ଲୋକଙ୍କ ମଧ୍ୟରେ ଯେମିତି ସମାନତା ପରିଲକ୍ଷିତ ହେଉଥିବ, ସେଥିପ୍ରତି ଟିକିଏ ଧ୍ୟାନ ଦଆଯିବା ଆବଶ୍ୟକ ।

(ଖ) ଏହାପରେ ପ୍ରତ୍ୟେକ ଅଞ୍ଚଳକୁ ପୁଣି କେତେକ କ୍ଷୁଦ୍ର ଅଞ୍ଚଳରେ ଭାଗ ଭାଗ କରି ମନଇଚ୍ଛା ଭାବରେ ଦୁଇଟି ପ୍ରାଥମିକ ନମୁନା ଅଞ୍ଚଳକୁ (Primary Sample areas) ଚୟନ କରାଯିବ ।

(ଗ) ତାପରେ ପ୍ରତ୍ୟେକ ପ୍ରାଥମିକ ନମୁନା ଅଞ୍ଚଳ (Primary Sample Areas) ରୁ ଗୋଟିଏ ସାହି (One Book cluster or group of houses) କୁ ଚୟନ କରାଯିବ ।

(ଘ) ପରିଶେଷରେ ପ୍ରତ୍ୟେକ ଗୃହପୁଞ୍ଜ (Group of Houses) ରୁ ବା ସାହିରୁ ମନଇଚ୍ଛା ଭାବରେ (Random Method) କିଛି ଘରକୁ ଚୟନ କରାଯାଉ ।

ଏହି ପଦ୍ଧତିରେ କେତେକ ଏକକକୁ ନମୁନା ଭାବରେ ଚୟନ କରିବା ନିମନ୍ତେ ଅନେକ ସ୍ତର ଦେଇ ଯିବାକୁ ପଡ଼ିଥାଏ । ତେଣୁ ଏହି ପଦ୍ଧତିରେ ମନଇଚ୍ଛା ନମୁନାକରଣ (Random Sampling) ଓ ବିଭକ୍ତିକରଣ ବର୍ଗୀକୃତ ନମୁନାକରଣ ପଦ୍ଧତିର ସମ୍ମିଶ୍ରଣ ଦେଖିବାକୁ ମିଳେ । ଯଦି ଏହି ପଦ୍ଧତିକୁ ସଠିକ୍ ଭାବରେ ଉପଯୋଗ କରାଯାଏ ତେବେ ସଂଶ୍ଳିଷ୍ଟ ଦୁଇଟିଯାକ ପଦ୍ଧତିର ଉପାଦେୟତା ହାସଲ କରାଯାଇଥାଏ । ଏହି ପଦ୍ଧତିରେ ଯେତେଦୂର ସମ୍ଭବ ଅଳ୍ପ ସଂଖ୍ୟାରେ ଅଧିକ ଓ ପ୍ରତ୍ୟେକ ଅଞ୍ଚଳର ପ୍ରତିନିଧିତ୍ୱ ହାସଲ କରାଯାଇଥାଏ । ଏହି ପଦ୍ଧତିରେ ଯେତେଦୂର ସମ୍ଭବ ଅଳ୍ପ ସଂଖ୍ୟାରେ ଅଧିକ ଓ ପ୍ରତ୍ୟେକ ଅଞ୍ଚଳର ପ୍ରତିନିଧିତ୍ୱ ହାସଲ କରାଯାଇଥାଏ । ତୁଳନାତ୍ମକ ଭାବେ ଦେଖିବାକୁ ଗଲେ ନମୁନାକରଣର ଅନ୍ୟାନ୍ୟ ପଦ୍ଧତିଠାରୁ ଏହି ପଦ୍ଧତି ଅଧିକ ପରିବର୍ତ୍ତନଶୀଳ ଓ ଗ୍ରହଣୀୟ । ପଛୁଆ ଅଞ୍ଚଳର ସର୍ବେକ୍ଷଣ ନିମନ୍ତେ ଏହି ପଦ୍ଧତିଟି ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହୋଇଥାଏ । କାରଣ ଏହି ଅଞ୍ଚଳ ଗୁଡ଼ିକରେ ଉପଲବ୍ଧ ହେଉଥିବା ମୌଳିକ ଉପାଦାନ ଗୁଡ଼ିକ କ୍ଷୁଦ୍ର କ୍ଷୁଦ୍ର ନମୁନାର ଏକକରେ ଭାଗ କରିବା ନିମନ୍ତେ ସାଧାରଣତଃ କୌଣସି ଆଧୁନିକ ବା ସଠିକ୍ ତଥ୍ୟ ଉପଲବ୍ଧ ହୋଇନଥାଏ । ଏହି ପଦ୍ଧତିରେ ସର୍ବେକ୍ଷଣ କାର୍ଯ୍ୟ ଖୁବ୍ ଦ୍ରୁତଗତିରେ ସମ୍ପାଦିତ ହୋଇଥାଏ । ତୁଳନାତ୍ମକ ଭାବେ ଅନ୍ୟାନ୍ୟ ଯେକୌଣସି ପଦ୍ଧତି ଅପେକ୍ଷା ଏହି ପଦ୍ଧତିରେ ତ୍ରୁଟି ବିଚ୍ୟୁତି ଟିକିଏ ବଡ଼ ଧରଣର ହେବାର ସମ୍ଭାବନା ଅଧିକ । କାରଣ ଏହି ପଦ୍ଧତିରେ ପ୍ରତ୍ୟେକ ସ୍ତରରେ କିଛି କିଛି ନମୁନାକୁ ତାଲିକାଭୁକ୍ତ କରାଯାଇଥାଏ । ଯଦି ଏହି କାର୍ଯ୍ୟରେ କିଛି ତ୍ରୁଟି ରହିଥାଏ, ତେବେ ଅନ୍ତିମ ଫଳାଫଳ ସଂପୂର୍ଣ୍ଣ ଭୁଲ୍ ହୋଇଥାଏ ।

## ୨.୧୦ ସୁବିଧାଜନକ ନମୁନାକରଣ

ଏହି ପଦ୍ଧତିକୁ ସାଧାରଣତଃ ଅଣବ୍ୟବସ୍ଥିତ, ଦାୟିତ୍ୱହୀନ, ଅପ୍ରତ୍ୟାଶିତ ବା ସୁବିଧାବାଦୀ ନମୁନାକରଣ ବୋଲି କୁହାଯାଇଥାଏ। ଏହି ପଦ୍ଧତିରେ ନମୁନା ସଂଗ୍ରହକାରୀର ସୁବିଧା ଅନୁସାରେ ନମୁନା ଚୟନ କରାଯାଇଥାଏ। ଉପଲବ୍ଧ ହେଉଥିବା ଉତ୍ସ ବା ସୂତ୍ର କିମ୍ବା ଏକକ ଗୁଡ଼ିକୁ ଭିତ୍ତିକରି ଏହି ସୁବିଧାବାଦୀ ଚିନ୍ତାଧାରାକୁ ପ୍ରୟୋଗ କରାଯାଇଥାଏ। ଏହି ପଦ୍ଧତିଟି ବିଜ୍ଞାନ ସମ୍ମତ ହୋଇ ନଥିଲେ ମଧ୍ୟ, ଏହି ପଦ୍ଧତିରେ ଅନେକ ସଂଖ୍ୟକ ନମୁନା ଚୟନ କରାଯାଇଥାଏ। ଏହି ପଦ୍ଧତିକୁ ନିମ୍ନଲିଖିତ ମଧ୍ୟରୁ ଗୋଟିଏ କିମ୍ବା ଏକାଧିକ ପରିସ୍ଥିତିରେ ବ୍ୟବହାର କରାଯାଇଥାଏ।

(କ) ଯେତେବେଳେ ସମଗ୍ର ପୃଥିବୀ ବା ସମୁଦାୟର ସଂଜ୍ଞା ସ୍ପଷ୍ଟଭାବେ ନିରୂପଣ କରାଯାଇ ନଥାଏ।

(ଖ) ଯେତେବେଳେ ନମୁନାକରଣର ଏକକଗୁଡ଼ିକ ସ୍ପଷ୍ଟ ନୁହଁ।

(ଗ) ଯେତେବେଳେ ସଂପୂର୍ଣ୍ଣ ଉତ୍ସ ତାଲିକା ଉପଲବ୍ଧ ହୋଇନଥାଏ।

ଏହିପରି ଭାବରେ, ଟେଲିଫୋନ ନାମ-ଧାମ ବିବରଣୀ ପୁସ୍ତିକା ଶିଳ୍ପାଞ୍ଚଳ ବା ସମ୍ବାଦ ବିନିମୟ କେନ୍ଦ୍ରର ବିବରଣୀ ପୁସ୍ତିକା, ଯାନବାହାନ ପଞ୍ଜିକରଣ ଦଲିଲ୍ ଇତ୍ୟାଦି ଏହି ପ୍ରକାର ନମୁନାକରଣର ଅନ୍ତର୍ଭୁକ୍ତ।

## ୨.୧୧ ଆତ୍ମ- ମନୋନୀତ ନମୁନାକରଣ

ବେଳେବେଳେ ପ୍ରକୃତରେ ନମୁନା ଚୟନ କରାଯାଇନଥାଏ। ଲୋକମାନେ ନିଜେ ନିଜେ ନମୁନାର ପରିସରଭୁକ୍ତ ହେବାପାଇଁ ଇଚ୍ଛା ପ୍ରକାଶ କରନ୍ତି। ମନେକର କୌଣସି ଏକ ନିର୍ଦ୍ଦିଷ୍ଟ ରେଡ଼ିଓ କାର୍ଯ୍ୟକ୍ରମ ସଂପର୍କରେ ଲୋକଙ୍କ ପସନ୍ଦ ସଂପର୍କରେ ଅନୁଧ୍ୟାନ କରାଯିବାର ଅଛି। ଏ ସଂପର୍କରେ ରେଡ଼ିଓରେ ଘୋଷଣା କରାଯାଇଛି। ଏ କ୍ଷେତ୍ରରେ ନମୁନା ନିର୍ଦ୍ଦିଷ୍ଟ ବା ଦୃଢ଼ ନୁହଁ। ଯେଉଁମାନେ ଅନୁଧ୍ୟାନ ସମୟରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବାପାଇଁ ଇଚ୍ଛା ପ୍ରକାଶ କରିବେ ସେହିମାନେ ନମୁନାର ଏକ ଅଂଶ ବିଶେଷ ବୋଲି କୁହାଯାଇପାରିବ। ଏହିଭଳି ନମୁନାକୁ ଆତ୍ମ ମନୋନୀତ ବା ଆତ୍ମ ଚୟନ ନମୁନା ବୋଲି କୁହାଯାଏ।

## ୨.୧୨ ପୁଞ୍ଜ ନମୁନାକରଣ : (Cluster Sampling)

ଏହି ପଦ୍ଧତିରେ ସମୁଦାୟ ଜନସଂଖ୍ୟାକୁ କେତୋଟି ସ୍ୱୀକୃତିପ୍ରାପ୍ତ ଉପବିଭାଗରେ ବିଭକ୍ତ କରିଦିଆଯାଏ । ଏହି ଉପବିଭାଗ ଗୁଡିକୁ ପୁଞ୍ଜ କୁହାଯାଏ । ଏହାପରେ ଖୁବ୍ ସରଳ ଉପାୟରେ ମନଇଚ୍ଛା ବା ବେପାରୁଆ ଭାବରେ ଏହି ପୁଞ୍ଜମାନଙ୍କ ମଧ୍ୟରୁ ନମୁନା ସଂଗ୍ରହ କରି ନମୁନା ଗୁଡ଼ିକର ପ୍ରତ୍ୟେକଟି ଏକକଗୁଡ଼ିକୁ ନେଇ ସର୍ବେକ୍ଷଣ କରାଯାଇଥାଏ ।

### ୨.୧୨.୧ ପୁଞ୍ଜ ନମୁନାକରଣର ନିୟମ

୧) ସର୍ବେକ୍ଷଣ ନିମନ୍ତେ ଖର୍ଚ୍ଚ ଓ ପରିସୀମାକୁ ଆଖି ଆଗରେ ରଖି ପୁଞ୍ଜଗୁଡିକର ଆକାର ଯଥା ସମ୍ଭବ କ୍ଷୁଦ୍ର ହେବା ଆବଶ୍ୟକ ।

୨) ପ୍ରତ୍ୟେକ ପୁଞ୍ଜରୁ ନମୁନା ହିସାବରେ ସଂଗ୍ରହ କରାଯାଇଥିବା ଏକକ ଗୁଡ଼ିକର ସଂଖ୍ୟା ଆପାତତଃ ସମାନ ହେବା ଆବଶ୍ୟକ ।

### ୨.୧୨.୨ ଉପକାରିତା

ନମୁନାକରଣର ଏହି ପଦ୍ଧତି ଖୁବ୍ ସ୍ୱଳ୍ପବ୍ୟୟୀ ଓ ସହଜ । ଏଥିରେ ଖୁବ୍ କମ୍ ଅର୍ଥ ବ୍ୟୟ ହୋଇଥାଏ । ଏହା ବାସ୍ତବଧର୍ମୀ ହୋଇଥିବାରୁ କ୍ଷେତ୍ରକାର୍ଯ୍ୟ ନିମନ୍ତେ ଖୁବ୍ ଉପଯୋଗୀ ସାବ୍ୟସ୍ତ ହୋଇଥାଏ ।

### ୨.୧୨.୩ ଅପକାରିତା

ପ୍ରତ୍ୟେକ ପୁଞ୍ଜରୁ ନମୁନା ଆକାରରେ ଗ୍ରହଣ କରାଯାଉଥିବା ଏକକ ଗୁଡିକର ସଂଖ୍ୟା ଯଦି ସମାନ ହୁଏ, ତେବେ ଏହି ପଦ୍ଧତିରୁ ମିଳୁଥିବା ଫଳାଫଳ ସଂପୂର୍ଣ୍ଣ ଭାବରେ ସଠିକ୍ ହୋଇନପାରେ ।

## ୨.୧୩ ବ୍ୟବସ୍ଥିତ ନମୁନାକରଣ

ଏହି ପଦ୍ଧତିରେ ବର୍ଣ୍ଣମାଳାର ଅକ୍ଷରକ୍ରମ ଅନୁସାରେ ପ୍ରସ୍ତୁତ ତାଲିକା ବା ଗୃହସଂଖ୍ୟାର ତାଲିକା କିମ୍ବା ଅନ୍ୟ ଯେକୌଣସି ପ୍ରକାର ତାଲିକାର ଗୋଟିଏ ନମୁନା ନିଆଯାଉଥାଏ । ତାପରେ ନମୁନାର ପ୍ରଥମ ଏକକକୁ ଆଖିବୁଜି ଚୟନ କରାଯାଇଥାଏ ଓ ଅବଶିଷ୍ଟ ଏକକ ଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ କ୍ରମରେ ସମାନ ବ୍ୟବଧାନରେ ରଖି ଚୟନ କରାଯାଏ ।

## ୨.୧୪ ଅନ୍ୟାନ୍ୟ ନମୁନାକରଣ ପଦ୍ଧତି

**୨.୧୪.୧ ତୁଷାରଗୋଲା ନମୁନା କରଣ :** ଜନସଂଖ୍ୟା ବା ଜନସମୁଦାୟ ମଧ୍ୟରେ ଥିବା ଏକକ ଗୁଡ଼ିକ ବିଷୟରେ ଯେତେବେଳେ କୌଣସି ତଥ୍ୟ ମିଳିପାରେ ନାହିଁ, ସେତେବେଳେ ଏହି ପଦ୍ଧତିକୁ ବ୍ୟବହାର କରାଯାଇଥାଏ । ଧରିନିଆଯାଉ, ଜଣେ ଗବେଷକ ନିଉୟର୍କ ସହରରେ ବସବାସ କରୁଥିବା ଭାରତୀୟମାନଙ୍କ ସମସ୍ୟା ସଂପର୍କରେ ଅନୁଶୀଳନ କରିବା ପାଇଁ ଋହୁଁଛନ୍ତି । ତେବେ ସେ ନିୟୁର୍କ ସହରରେ ଜାଣିଥିବା ସବୁ ଭାରତୀୟମାନଙ୍କ ସହିତ ଯୋଗାଯୋଗ କରିବେ । ଯେଉଁମାନଙ୍କ ସହ ଯୋଗାଯୋଗ ହୋଇପାରିବ, ସେ ସେମାନଙ୍କୁ ଅନ୍ୟାନ୍ୟ ଭାରତୀୟ ମାନଙ୍କର ନାମ ତାଲିକା ଦେବାକୁ ଅନୁରୋଧ କରିବେ । ଏହି ଉପାୟରେ ଯେଉଁମାନଙ୍କ ସହ ନୂତନ ଭାବରେ ଯୋଗାଯୋଗ ହେବ, ସେ ସେମାନଙ୍କୁ ଅବଶିଷ୍ଟ ଭାରତୀୟ ମାନଙ୍କର ତାଲିକା ମାଗିବେ । ଏହିଭଳି ଉପାୟ ବାରମ୍ବାର କାର୍ଯ୍ୟକାରୀ କରିବା ଦ୍ୱାରା ଅଧିକାଂଶ ଭାରତୀୟଙ୍କୁ ଚିହ୍ନଟ କରିବା ସହିତ ସେମାନଙ୍କ ସହିତ ଯୋଗାଯୋଗ କରିହେବ । ଏହି ଭାରତୀୟ ଗୋଷ୍ଠୀର ଏକ ନମୁନା ସଂଗ୍ରହ କରଯାଇପାରିବ ।

### ୨.୧୪.୨ ସ୍ଥିତି ଭିତ୍ତିକ ନମୁନାକରଣ

ଜନ ସମୁଦାୟର କିଛି ଭାଗ ଲୋକ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଦେଶାନ୍ତର ଗମନ କରିଥାଆନ୍ତି । ଏହି କ୍ଷେତ୍ରରେ ଯଦି ସମ୍ଭବ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନର ସମୁଦାୟ ଜନସଂଖ୍ୟାକୁ ନମୁନାକରଣ କରି ଅନୁଶୀଳନ କରାଯାଇପାରିବ ।

### ୨.୧୪.୩ ସଂପୃକ୍ତିକରଣ / ସିକ୍ତ ନମୁନାକରଣ

ଏହି ପଦ୍ଧତିରେ ସମୁଦାୟ ଜନସଂଖ୍ୟା ଉପରେ ଅନୁଶୀଳନ କରାଯାଏ । ସାମାଜିକ ଗବେଷଣା କ୍ଷେତ୍ରରେ ଏହି ପଦ୍ଧତିକୁ ଅନୁସରଣ କରାଯାଇଥାଏ । ଏହି ପଦ୍ଧତିରେ ଯଦି ଗୋଟିଏ ବି ଲୋକକୁ ବାଦ୍ ଦେଇ ଦିଆଯାଏ, ତେବେ ଆମେ ଭୁଲ୍ ଫଳାଫଳ ପାଇଥାଉ ।

## ୨.୧୫ ନମୁନା ଚୟନର ପଦ୍ଧତି

ଚୟନ କରାଯାଉଥିବା ନମୁନାର ପ୍ରକାର ଭେଦ ଅନୁସାରେ ଏହାର ଚୟନ ପ୍ରକ୍ରିୟାରେ ପାର୍ଥକ୍ୟ ଦେଖିବାକୁ ମିଳେ । ଏ ସବୁ ସତ୍ତ୍ୱେ କେତେକ ମୌଳିକ ନିୟମ ଅନୁସରଣ କରିବାକୁ ହେବ । ନମୁନା ଚୟନ ନିମନ୍ତେ ନିମ୍ନଲିଖିତ ସ୍ତର ଦେଇ ଯିବାକୁ ହୁଏ ।

**୧) ବିଶ୍ୱବ୍ରହ୍ମାଣ୍ଡ ବା ସମୁଦାୟର ସଂଜ୍ଞା ନିରୂପଣ:** ଯେଉଁ ସମୁଦାୟ ଗୋଷ୍ଠୀ ସମୁଦାୟରୁ ନମୁନା ଚୟନ କରାଯାଇଥାଏ, ତାକୁ ଆକ୍ଷରିକ ଅର୍ଥରେ ବିଶ୍ୱ ବ୍ରହ୍ମାଣ୍ଡ ବା ଜନସଂଖ୍ୟା ବା ଜନସମୁଦାୟ

କୁହାଯାଏ। ନମୁନା ଚୟନ ବା ସଂଗ୍ରହ କରିବାକୁ ହେଲେ, ଆମକୁ ପ୍ରଥମେ ଯେଉଁ ଜନସଂଖ୍ୟା ବା ଜନସମୁଦାୟରୁ ନମୁନା ଚୟନ କରାଯିବ, ତା ବିଷୟରେ ସ୍ୱଷ୍ଟ ଧାରଣା ରହିବା ଆବଶ୍ୟକ। କେତେକ କ୍ଷେତ୍ରରେ ଏହି ଜନ ସମୁଦାୟ ବା ଜନସଂଖ୍ୟାର ଭୌଗୋଳିକ ପରିସୀମା ରହିଥାଏ। ଏହିଭଳି ସ୍ଥଳେ ଏହାକୁ ଚିହ୍ନଟ କରିବା ଭାରି ସହଜ। କିନ୍ତୁ ଯଦି ଏହି ଜନସଂଖ୍ୟା ବା ଜନ ସମୁଦାୟ କେତେକ ଗୁଣାବଳୀ ବା ଲକ୍ଷଣ ଉପରେ ନିର୍ଭର କରେ, ତେବେ ଜନସଂଖ୍ୟା ବା ବିଶ୍ୱ ବ୍ରହ୍ମାଣ୍ଡର ସଂଜ୍ଞାର ପରିଭାଷା ଆପାତତଃ ଖୁବ୍ ଜଟିଳ ହୋଇଯାଏ। ମନେକର, କୌଣସି ଏକ ନିର୍ଦ୍ଦିଷ୍ଟ ରେଡ଼ିଓ କାର୍ଯ୍ୟକ୍ରମ ସଂପର୍କରେ ଲୋକମାନଙ୍କର ମତାମତକୁ ନେଇ ଏକ ସର୍ବେକ୍ଷଣ କରାଯିବ। ଏହି କ୍ଷେତ୍ରରେ ଯେତେଲୋକ ଏହି ରେଡିଓ କାର୍ଯ୍ୟକ୍ରମକୁ ଶୁଣିଛନ୍ତି, ସେହି ସମସ୍ତ ଲୋକଙ୍କୁ ନେଇ ଜନସମୁଦାୟ ଗଠିତ ହୋଇଥାଏ। ଏ କ୍ଷେତ୍ରରେ ଜନ ସମୁଦାୟ କୌଣସି ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ପରିସୀମା ମଧ୍ୟରେ ସୀମିତ ହୋଇ ରହି ପାରିବେ ନାହିଁ। ତେଣୁ ଏ କ୍ଷେତ୍ରରେ ଜନ ସମୁଦାୟର ସଂଜ୍ଞା ଓ ପରିସୀମା ନିରୂପଣ କରିବା ଏକ ଜଟିଳ ବ୍ୟାପାର।

**୨) ବିଭିନ୍ନ ପ୍ରକାରର ଜନସଂଖ୍ୟା/ଜନସମୁଦାୟ/ବିଶ୍ୱ ବ୍ରହ୍ମାଣ୍ଡ:** ଯେଉଁ ଜନସଂଖ୍ୟା ବା ଜନସମୁଦାୟରୁ ନମୁନା ସଂଗ୍ରହ କରିବାକୁ ହୁଏ, ତାକୁ ନିମ୍ନ ପ୍ରକାରେ ବିଭକ୍ତ କରାଯାଇପାରେ।

(କ) **ନିର୍ଦ୍ଦିଷ୍ଟ ଓ ଅନିର୍ଦ୍ଦିଷ୍ଟ ଜନସଂଖ୍ୟା/ ଜନସମୁଦାୟ :** ଯେଉଁ ଜନସମୁଦାୟ ବା ଜନସଂଖ୍ୟା ମଧ୍ୟରେ ଥିବା ଏକକ ଗୁଡିକର ସଂଖ୍ୟା ସ୍ୱଷ୍ଟଭାବରେ ନିର୍ଦ୍ଧାରଣ ବା ନିରୂପଣ କରାଯାଇ ପାରେ ତାକୁ ନିର୍ଦ୍ଦିଷ୍ଟ ଜନସଂଖ୍ୟା ବା ଜନସମୁଦାୟ କୁହାଯାଏ। କୌଣସି ଏକ ସହର, ଗାଁ ବା କୌଣସି ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟକୁ ଏହାର ଉଦାହରଣ ଭାବରେ ନିଆଯାଇପାରେ। ଯେତେକ ଅଂଚଳ ଏହି ସଂଖ୍ୟା ବା ସଠିକ୍ ଏକକ ଗୁଡିକୁ ନିରୂପଣ କରାଯାଇପାରିବ ନାହିଁ। ତାକୁ ଅନିର୍ଦ୍ଦିଷ୍ଟ ଜନସମୁଦାୟ କୁହାଯାଏ। କୌଣସି ଏକ ସହର, ଗାଁ ବା କୌଣସି ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟକୁ ଏହାର ଉଦାହରଣ ଭାବରେ ନିଆଯାଇପାରେ। ଯେତେକ ଅଚଳ ଏହି ସଂଖ୍ୟା ବା ସଠିକ ଏକକ ଗୁଡିକୁ ନିରୂପଣ କରାଯାଇପାରିବ ନାହିଁ। ତାକୁ ଅନିର୍ଦ୍ଦିଷ୍ଟ ଜନ ସମୁଦାୟ କୁହାଯାଏ। ଗୋଟିଏ ଜନସମୁଦାୟ ଅନିର୍ଦ୍ଦିଷ୍ଟ ହୋଇପାରେ। କାରଣ ଛୋଟ ଶିଶୁମାନଙ୍କ ପରି ଏହା ନିରବଚ୍ଛିନ୍ନ ଭାବରେ ପରିବର୍ତ୍ତନଶୀଳ। ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସେମାନଙ୍କର ସଂଖ୍ୟାକୁ ନିରୂପଣ କରାଯାଇ ପାରିବ ନାହିଁ। କାରଣ ସମୟକୁ ସମୟ ଏହି ସଂଖ୍ୟାରେ ପରିବର୍ତ୍ତନ ଘଟିଥାଏ। ଯେତେବେଳେ ପରିସ୍ଥିତିକୁ ଚିହ୍ନଟ କରିହେବ ନାହିଁ, ସେତେବେଳେ ମଧ୍ୟ ଏହା ଅନିର୍ଦ୍ଦିଷ୍ଟ ହୋଇଥାଏ। ଉଦାହରଣ ସ୍ୱରୂପ ଏକ ନିର୍ଦ୍ଦିଷ୍ଟ ରେଡିଓ କାର୍ଯ୍ୟକ୍ରମର ଶ୍ରୋତାମଣ୍ଡଳୀ।

(ଖ) **ବାସ୍ତବ ଓ କାଳ୍ପନିକ ଜନସମୁଦାୟ ବା ଜନସଂଖ୍ୟା :** ଜନସମୁଦାୟ ବା ଜନସଂଖ୍ୟା ବାସ୍ତବ ବା କାଳ୍ପନିକ ହୋଇପାରେ। ସର୍ବେକ୍ଷଣ କ୍ଷେତ୍ରରେ କାଳ୍ପନିକ ଜନସମୁଦାୟ ବା ଜନସଂଖ୍ୟାକୁ ବ୍ୟବହାର କରାଯାଏ ନାହିଁ। କିନ୍ତୁ ପରିସଂଖ୍ୟାନ ଗତ ବିଶ୍ଳେଷଣ କ୍ଷେତ୍ରରେ ଏହା ବିଶେଷ ଉପଯୋଗୀ ହୋଇଥାଏ।

ସଂପୂର୍ଣ୍ଣ କାଳ୍ପନିକ ଜନସମୁଦାୟ ବା ଜନସଂଖ୍ୟାରୁ ଅଧିକାଂଶ ପରିସଂଖ୍ୟାନଗତ ସିଦ୍ଧାନ୍ତ କରାଯାଇଥାଏ। ଉଦାହରଣ ସ୍ୱରୂପ, ଜନ ଗଣନାକୁ ଅନୁଶୀଳନ କରିସାରିବାପରେ ଆମେ ବୟସ ଅନୁସାରେ ସମୁଦାୟ ଜନସଂଖ୍ୟାକୁ ବିଭିନ୍ନ ଗୋଷ୍ଠୀ (Age groups) ରେ ବିଭକ୍ତ କରିବା ନିମନ୍ତେ କେତେକ ଗାଣିତିକ ସୂତ୍ର ନିର୍ଦ୍ଧାରଣ କରିପାରିବା। ବର୍ତ୍ତମାନ ଯଦି କୌଣସି ସ୍ଥାନର ଗୋଟିଏ ସମାନ ଶ୍ରେଣୀଭୁକ୍ତ ଜନସଂଖ୍ୟା ବା ଜନସମୁଦାୟର ତାଲିକା ଆମକୁ ଦିଆଯାଏ, ତେବେ ଆମେ ବୟସ ଅନୁସାରେ ସେମାନଙ୍କୁ ଭାଗ ଭାଗ କରି ତାତ୍ତ୍ୱିକ ପୌନଃପୌନିକ ବଣ୍ଟନରେ ପରିଣତ କରିପାରିବୁ ଓ ପ୍ରତ୍ୟେକ ଗୋଷ୍ଠୀରୁ କେତୋଟି ନମୁନା ସଂଗ୍ରହ କରିବୁ ତାହା ନିର୍ଦ୍ଧାରଣ କରିପାରିବୁ। ଏହି ପ୍ରକାର ଜନସଂଖ୍ୟା ବା ଜନସମୁଦାୟକୁ କାଳ୍ପନିକ ଜନସଂଖ୍ୟା ବା ଜନସମୁଦାୟ କୁହାଯାଏ।

୩) **ନମୁନାକରଣ ଏକକ:** ନମୁନା ଚୟନ କରିବା ପୂର୍ବରୁ ଆମକୁ ନମୁନାର ଏକକ ଗୁଡିକୁ ସ୍ଥିର କରିବାକୁ ପଡିବ। ଆମକୁ କଣ ଚୟନ କରିବାକୁ ହେବ-ଗୋଟିଏ ଘର, ଗୋଟିଏ ପରିବାର, ଜଣେ ବ୍ୟକ୍ତି ଅଥବା ଗୋଟିଏ ଗୋଷ୍ଠୀ ? ସର୍ବେକ୍ଷଣକାରୀମାନେ ଜନସଂଖ୍ୟା ବା ଜନ ସମୁଦାୟ ଉପରେ ସର୍ବେକ୍ଷଣ କରୁଥିବା ସମୟରେ ବେଳେ ବେଳେ ଭୁଲ କରି ବସନ୍ତି। ସେମାନେ ଭାବନ୍ତି ଯେ ପ୍ରକୃତରେ ବ୍ୟକ୍ତି ବିଶେଷ ହିଁ ହେଉଛନ୍ତି ନମୁନାର ଏକକ। ଅବଶ୍ୟ ଅଳ୍ପ କେତୋଟି ଅନୁଶୀଳନରେ ବ୍ୟକ୍ତି ବିଶେଷଙ୍କୁ ନମୁନାକରଣର ଏକକ ହିସାବରେ ଗ୍ରହଣ କରାଯାଇଛି।

ନମୁନାକରଣର ମୁଖ୍ୟ ଏକକ ଓ ଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା -

(କ) ଭୌଗୋଳିକ ଏକକ - ଯଥା :- ରାଜ୍ୟ, ଜଲ୍ଲା, ସହର, ୱାର୍ଡ, ଅଂଚଳ ବା ଗ୍ରାମ।

(ଖ) ସୌଧ ସଂକ୍ରାନ୍ତୀୟ ଏକକ:- ଯଥା:- ଘର, ଅଟ୍ଟାଳିକା।

(ଗ) ସାମାଜିକ ସଂଗଠନ ଏକକ:- ଯଥା:- ପରିବାର, ବିଦ୍ୟାଳୟ, କ୍ଳବ୍, ଚର୍ଚ୍ଚ ବା ମନ୍ଦିର।

(ଘ) ବ୍ୟକ୍ତି ବିଶେଷ।

ଘର ବା ବାସଗୃହକୁ ସାଧାରଣତଃ ସର୍ବଶ୍ରେଷ୍ଠ ଏକକ ବୋଲି ଧରିନିଆଯାଇଥାଏ। କାରଣ ଏହାକୁ ଖୁବ୍ ସହଜରେ ଚିହ୍ନଟ କରାଯାଇ ପାରିବ।

**ଉତ୍ତମ ଏକକର ଧର୍ମ:-**

୧) ଏକକଟି ସ୍ପଷ୍ଟ, ପ୍ରାଞ୍ଜଳ ଓ ନିଃସନ୍ଦେହ ହେବା ଆବଶ୍ୟକ। ଏହାକୁ ଖୁବ୍ ସହଜରେ ନିରୂପଣ ଓ ଚିହ୍ନଟ କରାଯାଇପାରୁଥିବ। ଉଦାହରଣ ସ୍ୱରୂପ, ଜଣେ ସଚ୍ଚୋଟ ବ୍ୟକ୍ତି ଗୋଟିଏ ଉପଯୁକ୍ତ ଏକକ ହୋଇପାରିବ ନାହିଁ। କାରଣ ତାଙ୍କୁ ଚିହ୍ନଟ ବା ନିରୂପଣ କରିବା ଏକ ଜଟିଳ ବ୍ୟାପାର।

୨) ନମୁନାର ଏକକ ଗୁଡିକ ଅନୁଶୀଳନ କରାଯାଉଥିବା ପ୍ରସଙ୍ଗ ନିମନ୍ତେ ଉପଯୁକ୍ତ ହେବା ଆବଶ୍ୟକ। ଉଦାହରଣ ସ୍ୱରୂପ, ଯୌଥ ପରିବାର ବ୍ୟବସ୍ଥାର ପ୍ରଭାବ ସଂପର୍କରେ ଅନୁଶୀଳନ କରିବା ବେଳେ, ପରିବାର ହିଁ ସର୍ବଶ୍ରେଷ୍ଠ ଏକକ ହୋଇପାରିବ।

୩) ଚୟନ କରାଯାଉଥିବା ଏକକ ଗୁଡିକ ଯେତେ ଦୂର ସମ୍ଭବ ଉନ୍ନତମାନର ହେବା ଆବଶ୍ୟକ। ଯଦି ଗୋଟିଏ ସଂପୂର୍ଣ୍ଣ ନୂଆ ଏକକକୁ ବ୍ୟବହାର କରାଯାଏ, ତେବେ ଏହାର ଅର୍ଥ ଓ ଗୁରୁତ୍ୱ ସଂପର୍କରେ ପ୍ରାଞ୍ଜଳ ଭାବରେ ବୁଝାଇଦେବା ଆବଶ୍ୟକ।

୪) ଏକକଟିକୁ ଖୁବ୍ ସହଜରେ ନିରୂପଣ ବା ନିର୍ଦ୍ଧାରଣ କରାଯାଇପାରୁଥିବା ଆବଶ୍ୟକ। ଯଦି ଜଣେ ବ୍ୟକ୍ତିଙ୍କୁ ଗୋଟିଏ ଏକକ ହିସାବରେ ଚୟନ କରାଯାଏ, ତେବେ ଏଥିସହିତ ଜଡିତ ସବୁ ଲୋକଙ୍କର ନାମ ଖୋଜି ବାହାର କରିବା ଖୁବ୍ ଜଟିଳ। ଏପରିକି ଯଦି ବି ସେମାନଙ୍କର ନାମ ମିଳିଯାଏ, ନାମ ସହିତ ସେମାନଙ୍କର ଠିକଣା ନଥିଲେ ସେମାନଙ୍କୁ ଖୋଜିପାରିବା କଷ୍ଟକର।

## ୨.୧୬ ଉତ୍ସ ତାଲିକା

ଯେଉଁ ତାଲିକାରେ ଜନସମୁଦାୟ ବା ଜନସଂଖ୍ୟାର ଏକକ ଗୁଡ଼ିକର ନାମ ଥାଏ ଓ ଏହି ତାଲିକାରୁ ନମୁନା ଚୟନ କରାଯାଇଥାଏ, ସେହି ତାଲିକାକୁ ଉତ୍ସ ତାଲିକା କୁହାଯାଏ। ଗୋଟିଏ ଉତ୍ସତାଲିକା ଆଗରୁ ପ୍ରସ୍ତୁତ ହୋଇ ରହିଥାଇପାରେ କିମ୍ବା ଏହାକୁ ପ୍ରସ୍ତୁତ କରାଯାଇପାରେ। ଉଦାହରଣ ସ୍ୱରୂପ, ସବୁ ଘର ମାଲିକ, କିମ୍ବା ଟେଲିଫୋନ୍ ଉପଭୋକ୍ତାମାନଙ୍କର ନାମ ସଂପୃକ୍ତ ବିଭାଗ ପ୍ରସ୍ତୁତ କରିଥିବା ତାଲିକାରୁ ଦେଖାଯାଇ ପାରିବ। କିନ୍ତୁ କୌଣସି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ କିମ୍ବା ଘରକୁ ଦଖଲ କରିଥିବା ଦଖଲକାରୀ ମାନଙ୍କର ନାମକୁ ପ୍ରସ୍ତୁତ କରିବାକୁ ପଡିବ। କେତେକ ସ୍ଥଳେ ଏହି ତାଲିକା ଆଂଶିକ ଭାବରେ ଉପଲବ୍ଧ ହୋଇପାରେ କିମ୍ବା ଏହାକୁ ପୁନର୍ବିନ୍ୟାସ କରିବାକୁ ପଡ଼ିପାରେ। ଆଉ ବେଳେବେଳେ ଏହି ତାଲିକା ବ୍ୟାଖ୍ୟାମୂଳକ ଏବଂ ପ୍ରାସଙ୍ଗିକ ହୋଇପାରେ।

**ଗୋଟିଏ ବ୍ୟବହାର ଉପଯୋଗୀ ଉତ୍ସ ତାଲିକାର ଧର୍ମ:- ଉତ୍ସତାଲିକାକୁ ବ୍ୟବହାର କରିବା ପୂର୍ବରୁ ନିମ୍ନଲିଖିତ ଦିଗ ପ୍ରତି ଧ୍ୟାନ ଦେବାକୁ ହେବ।**

୧) ତାଲିକାଟି ବ୍ୟାଖ୍ୟାମୂଳକ ହେବା ଆବଶ୍ୟକ। ଅନୁଶୀଳନ କରିବାକୁ ଥିବା ସଂପୂର୍ଣ୍ଣ ଜନସଂଖ୍ୟା ବା ଜନ ସମୁଦାୟ ଉତ୍ସ ତାଲିକାରେ ସ୍ଥାନିତ ହୋଇଥିବା ଆବଶ୍ୟକ।

୨) ତାଲିକାଟି ନବୀନ ଓ ବୈଧ ହେବା ଆବଶ୍ୟକ। ଏହି ତାଲିକାରେ ମୃତବ୍ୟକ୍ତିମାନଙ୍କର ନାମ ସଂଶ୍ଳିଷ୍ଟ ହୋଇନଥିବ ଏବଂ ଏଥିରେ ସଦ୍ୟତମ ସଂଯୋଗ ହୋଇଥିବା ଆବଶ୍ୟକ।

୩) ଏହି ତାଲିକାରେ ଏକକ ଗୁଡ଼ିକର ପୂର୍ଣ୍ଣ ବିବରଣୀ ରହିଥିବା ଆବଶ୍ୟକ । ଏହାଦ୍ୱାରା ବିଭିନ୍ନ ସ୍ତର ଦେଇ ନମୁନା ସଂଗ୍ରହ କରାଯାଇପାରିବ । ଏଥିରେ ସମସ୍ତଙ୍କର ଠିକଣା ମଧ୍ୟ ରହିବା ଆବଶ୍ୟକ । ଏହାଦ୍ୱାରା ଚୟନ କରାଯାଇଥିବା ଏକକ ଗୁଡ଼ିକ ସହିତ ଯୋଗାଯୋଗ କରାଯାଇପାରିବ ।

୪) ନାମଗୁଡ଼ିକ ଏକାଧିକଥର ତାଲିକାରେ ସ୍ଥାନିତ ହୋଇନଥିବ । ଉଦାହରଣ ସ୍ୱରୂପ, ଯଦି ଅଭିଭାବକ ମାନଙ୍କର ତାଲିକା ପ୍ରସ୍ତୁତ ହୋଇଥାଏ, ତେବେ ଜଣେ ବ୍ୟକ୍ତିଙ୍କର ନାମ ଏକାଧିକଥର ଦେଖିବାକୁ ମିଳିପାରେ । କାରଣ ତାଙ୍କର ଏକାଧିକ ପିଲା ସ୍କୁଲ ଯାଉଥିବେ ।

୫) ଉସ୍ ତାଲିକାଟି ଅନୁଶୀଳନ କରାଯାଉଥିବା ପ୍ରସଙ୍ଗ ପାଇଁ ପ୍ରଯୁଜ୍ୟ ହୋଇଥିବା ଆବଶ୍ୟକ । ଉଦାହରଣ ସ୍ୱରୂପ, ଯଦି କୌଣସି ଏକ ପରିବାରକୁ ଗୋଟିଏ ଏକକ ହିସାବରେ ଚୟନ କରାଯାଇଛି, ତେବେ ଘର ନମ୍ବର ଥିବା ତାଲିକାର କୌଣସି ମୂଲ୍ୟ ନାହିଁ ।

୬) ଉସ୍ ତାଲିକାଟି ନିର୍ଭରଯୋଗ୍ୟ ହୋଇଥିବା ଆବଶ୍ୟକ । ଉଦାହରଣ ସ୍ୱରୂପ, ସରକାର କେତେକ ଐତିହାସିକ ତଥ୍ୟ ପ୍ରସ୍ତୁତ କରିଥାଆନ୍ତି, କିନ୍ତୁ ଏହା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରନ୍ତି ନାହିଁ । ଠିକ୍ ସେହିଭଳି, ଗୋଟିଏ ବ୍ୟାଙ୍କ ଏହାର ଜମାକାରୀମାନଙ୍କର ତାଲିକାକୁ ଗବେଷକଙ୍କୁ ପ୍ରଦାନ କରିବାକୁ ମନା କରିପାରେ । କିନ୍ତୁ ସଂପୃକ୍ତ ବିଭାଗ ବା ସରକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯେତେବେଳେ କୌଣସି ସର୍ବେକ୍ଷଣ କରାଯାଏ, ସେତେବେଳେ ଏହି ତାଲିକା ଗୁଡିକ ପ୍ରକାଶ କରାଯାଇଥାଏ ।

## ୨.୧୭ ନମୁନାର ଆକାର

ନମୁନାକରଣରେ ନମୁନାର ଆକାର ସ୍ଥିର କରିବା ଏକ ଜଟିଳ ପ୍ରସଙ୍ଗ । କାରଣ ସର୍ବେକ୍ଷଣର ସଠିକତା, ସ୍ୱଚ୍ଛତା, ସମୟ, ବ୍ୟୟ ହେଉଥିବା ଅର୍ଥ ଓ ପରିଚାଳନା ଉପରେ ନମୁନାର ଆକାରର ସିଧାସଳଖ ପ୍ରଭାବ ପଡିଥାଏ । କାରଣ ବଡ ଆକାରର ନମୁନା ପରିଚାଳନା କରିବା ସାଧାରଣତଃ କଷ୍ଟକର ଓ ପୁଙ୍ଖାନୁପୁଙ୍ଖ ଅନୁଶୀଳନ ନିମନ୍ତେ ପ୍ରଯୁଜ୍ୟ ନୁହେଁ । କିନ୍ତୁ ପ୍ରତିନିଧିତ୍ୱ ନିମନ୍ତେ ଏହା ଦରକାରୀ । ପାଟେନ୍ (Parten) ଙ୍କ ମତରେ, "ଯେଉଁ ନମୁନା ସର୍ବେକ୍ଷଣର କାର୍ଯ୍ୟଦକ୍ଷତା ପ୍ରତିନିଧିତ୍ୱ, ନିର୍ଭରଶୀଳତା ଓ ନିର୍ଭରଯୋଗ୍ୟତା ନିମନ୍ତେ ସମସ୍ତ ପ୍ରକାର ଆବଶ୍ୟକତା ପୂରଣ କରେ ତାକୁ ସର୍ବେକ୍ଷଣରେ ସର୍ବଶ୍ରେଷ୍ଠ ବା ଅନୁକୂଳ ନମୁନା ବୋଲି କୁହାଯାଏ ।" ଅନାବଶ୍ୟକ ଖର୍ଚ୍ଚକୁ କମାଇବା ନିମନ୍ତେ ନମୁନାର ଆକାର ଯଥାସମ୍ଭବ କ୍ଷୁଦ୍ର ହେବା ଦରକାର । ଅନ୍ୟପକ୍ଷରେ ନମୁନାକରଣରେ ଅନିଚ୍ଛାକୃତ ତ୍ରୁଟିକୁ ଏଡ଼ାଇବା ନିମନ୍ତେ ନମୁନାର ଆକାର ବୃହତ୍ ହେବା ଆବଶ୍ୟକ ।

## ୨.୧୭.୧ ନମୁନାର ଆକାରକୁ ପ୍ରଭାବିତ କରୁଥିବା ଉପାଦାନ

ନମୁନାର ଆକାର ଅନେକ ଉପାଦାନ ଉପରେ ନିର୍ଭର କରେ । ପ୍ରମୁଖ ଉପାଦାନ ଗୁଡିକ ନିମ୍ନରେ ପ୍ରଦାନ କରାଗଲା ।

୧) **ଜନସଂଖ୍ୟାର ସମମୌଳିକତା ବା ବିସମମୌଳିକତା:** ଯଦି ଜନସଂଖ୍ୟା ବା ଜନସମୁଦାୟ ତୁଳନାତ୍ମକ ଭାବରେ ସମମୌଳିକ ହୋଇଥାଏ, ଗୋଟିଏ କ୍ଷୁଦ୍ର ଆକାରର ନମୁନା ଯଥେଷ୍ଟ ହୋଇପାରେ । ଯଦି ସବୁ ଏକକ ଗୁଡ଼ିକର ଆକାର ସଂପୂର୍ଣ୍ଣ ଭାବରେ ସମାନ ହୋଇଥାଏ, ତେବେ ଗୋଟିଏ ମାତ୍ର ଏକକକୁ ନମୁନାଭାବରେ ବ୍ୟବହାର କରାଯାଇପାରେ । କିନ୍ତୁ ଯଦି ଜନସଂଖ୍ୟା ବା ଜନସମୁଦାୟ ବିସମମୌଳିକ ହୋଇଥାଏ,କିମ୍ବା ଅଳ୍ପ କେତୋଟି ଏକକର ଆକାର ସମାନ ହେଇଥାଏ, ତେବେ ନମୁନାର ଆକାର ନିଶ୍ଚିତ ଭାବରେ ବଡ଼ ହେବ ।

୨) **ପ୍ରସ୍ତାବିତ ଶ୍ରେଣୀମାନଙ୍କର ସଂଖ୍ୟା:** ଯଦି ବହୁସଂଖ୍ୟକ ଶ୍ରେଣୀକୁ ନେଇ ନମୁନା ଗଠିତ ହୁଏ, ତେବେ ନମୁନାର ଆକାର ଯଥେଷ୍ଟ ବୃହତ୍ ଆକାର ହେବ । ତେଣୁ ପରିସଂଖ୍ୟାନଗତ ପରିଚାଳନା ନିମନ୍ତେ ପ୍ରତ୍ୟେକଟି ଶ୍ରେଣୀ ଆବଶ୍ୟକୀୟ ବା ଉପଯୁକ୍ତ ଆକାର ବିଶିଷ୍ଟ ହେବା ଆବଶ୍ୟକ । ଯଦି ନମୁନାର ଆକାର କ୍ଷୁଦ୍ର ହୁଏ, ତେବେ କେତେକ ଶ୍ରେଣୀର କେବଳ ଗୋଟିଏ ବା ଦୁଇଟି ଏକକ ରହିବ । କେତେକ ଶ୍ରେଣୀର ମଧ୍ୟ ପ୍ରତିନିଧିତ୍ୱ ରହିନପାରେ । ଫଳତଃ ସେଗୁଡିକୁ ଠିକ୍ ଭାବରେ ବିଶ୍ଳେଷଣ କରାଯାଇପାରିବ ନାହିଁ କିମ୍ବା ସେଗୁଡିକୁ ଆଧାର କରି ଯେଉଁ ସାଧାରଣୀକରଣ କରାଯିବ, ତାହା ମଧ୍ୟ ସଠିକ୍ ହୋଇପାରିବ ନାହିଁ । ଅତଏବ, ପ୍ରସ୍ତାବିତ ଶ୍ରେଣୀଗୁଡିକର ସଂଖ୍ୟା ଯେତେ ଅଧିକ ହେବ, ନମୁନାର ଆକାର ମଧ୍ୟ ସେତେ ଅଧିକ ହେବ ।

୩) **ଅନୁଶୀଳନର ପ୍ରକୃତି:** ନମୁନାର ଆକାର ମଧ୍ୟ ଅନୁଶୀଳନର ପ୍ରକୃତି ଉପରେ ନିର୍ଭର କରେ । ଯଦି ଦୀର୍ଘଦିନ ଧରି ନିରବଚ୍ଛିନ୍ନ ଭାବରେ ଏକ ପ୍ରଗାଢ ବା ବ୍ୟାପକ ଅନୁଶୀଳନ କରାଯାଏ, ତେବେ ଏକ ବୃହତ୍ ଆକାରର ନମୁନା ଏଥିପାଇଁ ଅନୁପଯୁକ୍ତ ହେବ । କାରଣ ଏଥିରେ ଅଧିକ ପରିମାଣର ଅର୍ଥ ଓ ସମ୍ବଳ ଆବଶ୍ୟକ ହେବ । ଏହିଭଳିଭାବେ ମତାମତ ସର୍ବେକ୍ଷଣରେ ସମସ୍ୟା ସଂପର୍କରେ ମତ ସଂଗ୍ରହ ନିମନ୍ତେ ଲୋକମାନଙ୍କ ସହିତ ସାକ୍ଷାତ୍କାରର ଆକାର ଖୁବ୍ ସଂକ୍ଷିପ୍ତ ଓ ବହୁସଂଖ୍ୟକ ଏକକକୁ ନମୁନାର ଅନ୍ତର୍ଭୁକ୍ତ କରାଯାଇପାରେ । ଠିକ୍ ସେହିଭଳି, ସାଧାରଣ ଅନୁଶୀଳନ କ୍ଷେତ୍ରରେ ଏକାଧିକ ପରିସ୍ଥିତିକୁ ବିଚାରକୁ ନିଆଯାଇଥାଏ । କିନ୍ତୁ ଅନୁଶୀଳନ ଯଦି ବୈଷୟିକ ଜ୍ଞାନ ସଂପର୍କିତ ହୋଇଥାଏ, ତେବେ ଅନେକ ସଂଖ୍ୟକ ଏକକକୁ ପରିଚାଳନା କରିବା କଷ୍ଟସାଧ୍ୟ ।

୪) **ବାସ୍ତବ ଭିତ୍ତିଭୂମି (Practical Consideration) :** ଆମ ସୀମା ସରହଦ ମଧ୍ୟରେ ଯଦି ଅର୍ଥ, ସମୟ ଓ ପ୍ରଶିକ୍ଷିତ କ୍ଷେତ୍ର କର୍ମଚାରୀ ଉପଲବ୍ଧ ହୁଅନ୍ତି, ତେବେ ବାସ୍ତବ ଦୃଷ୍ଟିକୋଣରୁ ଏଗୁଡିକ ନମୁନାର ଆକାର ନିର୍ଦ୍ଧାରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଏହି ସମ୍ବଳ ଗୁଡ଼ିକ ଯଦି ସୀମିତ ହୋଇଯାଏ, ତେବେ ନମୂନାର ଆକାର ସ୍ୱାଭାବିକ ଭାବରେ ସୀମିତ ହୋଇଯାଏ। ଏହି ସ୍ତରରେ ଗୋଟିଏ କଥା ସ୍ପଷ୍ଟ ହେବା ଆବଶ୍ୟକ। ଏହି ବାସ୍ତବ ଭିତ୍ତିଭୂମି ନମୁନାର ଆକାର ନିର୍ଦ୍ଧାରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି, କିନ୍ତୁ ସଠିକତା ଉପରେ କୌଣସି ପ୍ରକାର ସାଲିଶ୍ କରାଯିବା ଉଚିତ୍ ନୁହଁ। ପରିମାଣ କମ୍ ହେଲେ ମଧ,ଯେତିକି ପଇସା ଗୋଟିଏ ଅଣପ୍ରତିନିଧିମୂଳକ ନମୁନା ପାଇଁ ଖର୍ଚ୍ଚ କରାଯାଇଥାଏ, ତାହା ହେଉଛି ଯଥାର୍ଥ ଓ ଏଥିରେ ଅପବ୍ୟୟର ପରିମାଣ ଖୁବ୍ କମ୍।

୫) **ସଠିକତାର ମାନ (Standard of Accuracy):** ସାଧାରଣରେ ଧରି ନିଆଯାଇଥାଏ ଯେ, ନମୁନାର ଆକାର ଯେତେ ଅଧିକ ବଡ଼ ହେବ, ସଠିକତା ବା ପ୍ରତିନିଧିତ୍ୱର ମାନ ସେତେ ଅଧିକ ହେବ। କିନ୍ତୁ ଏହା ସବୁ କ୍ଷେତ୍ରରେ ସତ୍ୟ ନୁହଁ। ନମୁନାଟି କ୍ଷୁଦ୍ର ହେଲେ ମଧ ଯଦି ବୁଝିବିଚାରି ସଠିକ୍ ଭାବରେ ଚୟନ କରାଯାଇଥିବ, ତେବେ ତାହାର ଯେଉଁ ଫଳାଫଳ ହେବ, ବିଚାର ଶୂନ୍ୟ ଭାବରେ ଚୟନ କରାଯାଇଥିବା ଏକ ବିଶାଳ ଆକାରର ନମୁନା ସେହିଭଳି ଫଳାଫଳ ହୋଇପାରିବନାହିଁ। ତେଣୁ ଫଳାଫଳ ନମୁନାର ଆକାର ଉପରେ ନିର୍ଭର କରେନାହିଁ। ଏହା ନମୁନାର ସଠିକ୍ ଚୟନ ଉପରେ ନିର୍ଭର କରେ। ଆମେରିକାର ଏକ ପ୍ରମୁଖ ମତ ସର୍ବେକ୍ଷଣ ସଂସ୍ଥା,"ଜାତୀୟ ମତ ଗବେଷଣା କେନ୍ଦ୍ର" (N.O.R.C) ବର୍ତ୍ତମାନ କ୍ଷୁଦ୍ରାକୃତି ନମୁନା ଉପରେ ଅଧିକରୁ ଅଧିକ ଗୁରୁତ୍ୱ ପ୍ରଦାନ କରୁଛି। ୧୯୪୬ ମସିହାରେ ଏହି ଜାତୀୟ ମତ ଗବେଷଣା କେନ୍ଦ୍ର (National Opinion Research Centre) ପ୍ରାୟ ୨୫୦୦ ଟି ପ୍ରସଙ୍ଗକୁ ଉଚ୍ଚମାନର ନିର୍ବାଚନ ମାଧ୍ୟମରେ ଚୟନ କରିଥିଲା। ୧୯୪୮ ରେ ଏହି ସଂଖ୍ୟା ୧୩୦୦ କୁ ହ୍ରାସ ପାଇଥିଲା। ନମୁନାକରଣର କୌଶଳ ଯେହେତୁ ଅଧିକରୁ ଅଧିକ ବିଜ୍ଞାନ ସମ୍ମତ ଓ ବିଶୁଦ୍ଧ ହୋଇ ଯାଇଛି, ତୁଳନାତ୍ମକ ଭାବେ କ୍ଷୁଦ୍ରାକୃତି ନମୁନା ଦ୍ୱାରା ଅଧିକ ଉନ୍ନତ ମାନର ସଠିକତା ହାସଲ କରିବା ସମ୍ଭବ ହୋଇପାରୁଛି।

ଏସବୁ ଯୁକ୍ତି ସତ୍ତ୍ୱେ, ଅଧିକ ନିର୍ଭରଯୋଗ୍ୟତା ନିମନ୍ତେ ବୃହତ୍ ଆକାରର ନମୁନା ଆବଶ୍ୟକ, ଏହି ଚିନ୍ତାଧାରା ଏବେ ମଧ ବଳବତ୍ତର ରହିଛି। ଗୋଟିଏ କ୍ଷୁଦ୍ରାକୃତି ନମୁନା ଯଦି ବିଶେଷଜ୍ଞମାନଙ୍କ ଦ୍ୱାରା ଓ ଅନୁକୂଳ ପରିସ୍ଥିତିରେ ବିଚାରଯୋଗ୍ୟ ହୋଇଥାଏ। ତେବେ ଏହାହିଁ କେବଳ ନିର୍ଭର ଯୋଗ୍ୟ ହୋଇପାରିବ। ନମୁନା ସଂଗ୍ରହ ନିମନ୍ତେ ସାଧାରଣତଃ କୌଣସି

ନିୟମ କାନୁନ୍ ନଥାଏ । ଉତ୍ସ, ଜନସମୁଦାୟ ବା ଜନସଂଖ୍ୟା ଓ ଏହା ଗଠିତ ହୋଇ ଏକକ ସଂପର୍କରେ ଜ୍ଞାନର ଅଭାବତା ଇତ୍ୟାଦି କେତେକ ପ୍ରତିବନ୍ଧକ ଦେଖିବାକୁ ମିଳିଥାଏ । ତୁଳନାତ୍ମକ ଭାବେ ଦେଖିବାକୁ ଗଲେ ଅଧିକ ନିର୍ଭର ଯୋଗ୍ୟ ଓ ପ୍ରତିନିଧିମୁଳକ କରିବା ନିମନ୍ତେ ସବୁବେଳେ ବୃହତ୍ ଆକାରର ନମୁନା ଚୟନ କରିବା ନିରାପଦ ।

୬) **ପ୍ରଶ୍ନପତ୍ର ଖସଡ଼ାର ଆକାର:** ପ୍ରଶ୍ନପତ୍ରର ଆକାର ଓ ପଚାରିବାକୁ ଥିବା ପ୍ରଶ୍ନ ଗୁଡ଼ିକର ପ୍ରକୃତି ମଧ୍ୟ ନମୁନାର ଆକାର ସୀମାବଦ୍ଧ କରି ରଖିବାର ଗୋଟିଏ ଗୋଟିଏ ଉପାଦାନ । ଖସଡ଼ାର ଆକାର ଯେତେ ଅଧିକ ବୃହତ୍ ହେବ, ପଚାରିବାକୁ ଥିବା ପ୍ରଶ୍ନ ଗୁଡ଼ିକ ସେତେ ଅଧିକ ଜଟିଳ ହେବ । ତେଣୁ ଉପଯୁକ୍ତ ପରିଚାଳନା ନିମନ୍ତେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମର ଖସଡ଼ା ଅଧିକରୁ ଅଧିକ କ୍ଷୁଦ୍ରାକୃତି ହେବା ଆବଶ୍ୟକ ।

୭) **ଯୋଗସୂତ୍ର ରକ୍ଷା କରିବାକୁ ଥିବା ପ୍ରସଙ୍ଗ / ବିଷୟ ଗୁଡ଼ିକର ପ୍ରକୃତି:** ଯୋଗସୂତ୍ର ରକ୍ଷା କରିବାକୁ ଥିବା ପ୍ରସଙ୍ଗ ବା ବିଷୟ ଗୁଡିକର ପ୍ରକୃତିରୁ ହିଁ ନମୁନାର ଆକାର ସ୍ଥିର କରାଯାଇପାରିବ । ଅନୁଶୀଳନ କରାଯାଉଥିବା ପ୍ରସଙ୍ଗ ଗୁଡିକ ଯଦି ଭୌଗୋଳିକ ଦୃଷ୍ଟିକୋଣରୁ ବିକ୍ଷିପ୍ତ ଆକାରରେ ରହିଥାଏ, ତେବେ ଗୋଟିଏ କ୍ଷୁଦ୍ରାକୃତି ନମୁନା ହିଁ ସବୁଠାରୁ ଉପଯୋଗୀ ବା ଉପଯୁକ୍ତ । ଅନ୍ୟ ପକ୍ଷରେ ଯଦି ପ୍ରତ୍ୟାଖ୍ୟାନ ବା ଅସମ୍ମତି ହାର ଅଧିକ ହୁଏ କିମ୍ବା ବଡ ଧରଣର କ୍ଷତିର ସମ୍ଭାବନା ଥାଏ, ତେବେ ବୃହତ୍ ଆକୃତିର ଏକ ନମୁନା ଚୟନ କରିବାର ଆବଶ୍ୟକତା ପଡିଥାଏ । ଏହାଦ୍ୱାରା ଯଦି କେହି ପ୍ରଶ୍ନର ଉତ୍ତର ଦେବାକୁ ପ୍ରତ୍ୟାଖ୍ୟାନ କରେ କିମ୍ବା ଅନ୍ୟ କୌଣସି କାରଣ ପାଇଁ ଉତ୍ତର ଦାତା ଉପଲବ୍ଧ ହୋଇନପାରନ୍ତି, ତେବେ ଯେତୋଟି ପ୍ରସଙ୍ଗକୁ ବାଦ୍ ଦିଆଯାଇଥିବ, ତାହାର ସଂଖ୍ୟା ପରିସଂଖ୍ୟାନଗତ ବିଶ୍ଳେଷଣ ନିମନ୍ତେ ଯଥେଷ୍ଟ ଅଧିକ ହୋଇଯିବ ।

୮) **ବ୍ୟବହୃତ ହେଉଥିବା ନମୁନା ଗୁଡ଼ିକର ପ୍ରକାରଭେଦ:** ଯଦି ସଂପୂର୍ଣ୍ଣ ବାଛବିଚାର ବିହୀନ ନମୁନାକରଣ ପଦ୍ଧତି ବ୍ୟବହାର କରାଯାଏ, ତେବେ ଏକ ବୃହତ୍ ଆକାରର ନମୁନା ଆବଶ୍ୟକ ହୋଇଥାଏ । ଯେତେବେଳେ ଖୁବ୍ ବୃହତ୍ ଅକାରର ନମୁନାର ଏକକ ଗୁଡିକୁ ବ୍ୟବହାର କରାଯାଏ, ସେତେବେଳେ କେବଳ ବାଛବିଚାର ବିହୀନ ବା ମନଇଚ୍ଛା ଚୟନ କରାଯାଉଥିବା ନମୁନା ନିର୍ଭର ଯୋଗ୍ୟ ହୋଇଥାଏ । ଏହାର କାରଣ ହେଉଛି– ଅନେକ କ୍ଷେତ୍ରରେ ପରିସଂଖ୍ୟାନ ନିୟମିତତା ନିୟମ ସଠିକ୍ ଭାବରେ କାମ କରିଥାଏ ଓ ପ୍ରତ୍ୟେକ ଶ୍ରେଣୀର ଏକକ ଗୁଡ଼ିକ ଚୟନ ହେବା ନିମେନ୍ତ ସୁଯୋଗ ପ୍ରାପ୍ତ ହୋଇଥାଆନ୍ତି । ଅନ୍ୟ ପକ୍ଷରେ, ଯଦି ବିଭକ୍ତିକରଣ ବା ବର୍ଗୀକୃତ ନମୁନା ଚୟନ ପଦ୍ଧତିକୁ ଅନୁସରଣ କରାଯାଏ, ତେବେ ଅତି କ୍ଷୁଦ୍ର ଆକୃତିର ଏକକଗୁଡିକ

ଚୟନ ହେବା ନିମନ୍ତେ ସୁଯୋଗ ପାଇଥାଆନ୍ତି । କିନ୍ତୁ ବର୍ଗୀକରଣ ନମୁନା ଚୟନ ପଦ୍ଧତିରେ କେତେକ ମୌଳିକ ସର୍ତ୍ତ ରହିଥାଏ । ବର୍ଗୀକରଣ ସଂପୂର୍ଣ୍ଣ ରୂପେ ସଠିକ୍ ହେବା ଆବଶ୍ୟକ । ଯଦି ବର୍ଗୀକୃତ ବା ବିଭକ୍ତିକରଣ ଅନୁପଯୁକ୍ତ ହୁଏ ବା ସଠିକ୍ ନ ହୁଏ, ତେବେ ନମୁନା ଚୟନରେ ପକ୍ଷପାତିତା ହିଁ ରହିବ ।

ଏହିଭଳି କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଧ୍ୟାନ ଦେବାକୁ ହେବ । ସତ କହିବାକୁ ଗଲେ ନମୁନାର ସର୍ବାପେକ୍ଷା ଆକାର ନିମନ୍ତେ ସେମିତି କୌଣସି ନିର୍ଦ୍ଦିଷ୍ଟ ସଂଖ୍ୟା ସୁପାରିଶ୍ କରାଯାଇପାରିବ ନାହିଁ । ସମସ୍ୟା ବା ପ୍ରସଙ୍ଗର ପ୍ରକୃତି ହିଁ ସବୁକିଛି ନିର୍ଦ୍ଧାରଣ କରିପାରିବ । ଅନ୍ୟପକ୍ଷରେ ଗବେଷକଙ୍କର ସାଧାରଣ ଜ୍ଞାନ ଓ ଅଭିଜ୍ଞତା ତାଙ୍କୁ ଏହି ପ୍ରସଙ୍ଗରେ ମାର୍ଗଦର୍ଶନ କରିପାରିବ ।

## ୨.୧୮ ସାମାଜିକ ଗବେଷଣାରେ ନମୁନାକରଣର ପ୍ରୟୋଗ

ସାମାଜିକ ଗବେଷଣା କ୍ଷେତ୍ରରେ ନମୁନାକରଣ ପଦ୍ଧତିର ବ୍ୟବହାର ବା ପ୍ରୟୋଗ ବହୁପ୍ରାଚୀନ । ଷ୍ଟିଫେନଙ୍କ ମତାନୁସାରେ ଗଣନା ପଦ୍ଧତିରେ ବ୍ୟବହାରର ବହୁ ପୂର୍ବରୁ ଏହି ପଦ୍ଧତି ବ୍ୟବହୃତ ହେଉଥିଲା । ୧୯୫୪ ମସିହାର ପ୍ରାରମ୍ଭରେ ଇଂଲଣ୍ଡରେ ଏହି ପଦ୍ଧତିରେ ଜନଗଣନା କରାଯାଇଥିଲା । ଏହି ପଦ୍ଧତି ଅନୁସାରେ ଗୋଟିଏ ଘରେ ହାରାହାରି ୬ ଜଣ ବ୍ୟକ୍ତି ବାସ କରୁଥିବାର ଆକଳନ କରାଯାଇଥିଲା । ଏହାପରେ ଘର ସଂଖ୍ୟାରେ ଏହି ୬କୁ ଗୁଣନ କରି ସମୁଦାୟ ଜନସଂଖ୍ୟା ନିର୍ଣ୍ଣୟ କରାଯାଇଥିଲା । ୧୮୦୦ ମସିହାରେ ମଧ୍ୟ ଏହି ପଦ୍ଧତି ପ୍ରୟୋଗ କରାଯାଇଥିଲା । କିନ୍ତୁ ଏହିଥର ହାରାହାରି ଜନ୍ମସଂଖ୍ୟାକୁ ଏଥିରେ ସଂଯୋଗ କରାଯାଇଥିଲା ।

୧୯୩୬ ମସିହାରେ ବି.ଏସ.ରୋଣ୍ଟ୍ରୀ (B.S Rowntree) ନିୟୁର୍କ ସହରରେ ବସବାସ କରୁଥିବା ଶ୍ରମିକ ଶ୍ରେଣୀର ଅବସ୍ଥା ସଂପର୍କରେ ଏକ ପୁଙ୍ଖାନୁପୁଙ୍ଖ ଅନୁଶୀଳନ କରିଥିଲେ । ସେ ପ୍ରଥମେ ୧୯,୩୬୨ ଟି ପରିବାର ସହିତ ଯୋଗାଯୋଗ କଲେ । ପରେ ସେ ଏହାର ନିର୍ଭର ଯୋଗ୍ୟତାକୁ ପରୀକ୍ଷା କରିବା ନିମନ୍ତେ ନମୁନାକରଣ ପଦ୍ଧତିକୁ ପ୍ରୟୋଗ କଲେ । ସେ ସର୍ବ ପ୍ରଥମେ ପ୍ରତ୍ୟେକଟି ଦଶମ ଗୃହକୁ ଚୟନ କଲେ । ଏହିଭଳି ଭାବରେ ୧୯୩୬ଟି ଗୃହକୁ ନେଇ ଏକ ନମୁନା ପ୍ରସ୍ତୁତ କଲେ । ସେ ମଧ୍ୟ ପରବର୍ତ୍ତୀ ସମୟରେ ପ୍ରତ୍ୟେକ ୨୦ତମ, ୩୦ତମ, ୪୦ତମ ଓ ୫୦ତମ ଗୃହକୁ ନେଇ ନମୁନା ପ୍ରସ୍ତୁତ କଲେ । ଏହିଭଳି ଭାବରେ ସେ ପ୍ରତ୍ୟେକଥର ନମୁନାର ଆକାରକୁ ହ୍ରାସ କରି ସମାନ ଜନସଂଖ୍ୟା ବିଶିଷ୍ଟ ପାଞ୍ଚଟି ନମୁନା ଅନୁଶୀଳନ କାର୍ଯ୍ୟ ହାତକୁ ନେଇଥିଲେ । ଫଳାଫଳରୁ ଦେଖାଗଲା ଯେ, ନମୁନାକରଣର ଫଳାଫଳ ସଂପୂର୍ଣ୍ଣ ନିର୍ଭରଯୋଗ୍ୟ ଥିଲା । ଗଣନା ପଦ୍ଧତି ଅନୁଶୀଳନ ଅନୁସାରେ ୩୧% ଲୋକ ସାଧାରଣ ମାନଠାରୁ ନିମ୍ନରେ ଥିଲେ କିନ୍ତୁ ନମୁନାକରଣ ପଦ୍ଧତି ଅନୁସାରେ ଏହି ହାର ୩୧.୧% ରୁ ୩୩.୧% ମଧ୍ୟରେ ଥିଲା ।

ପ୍ରଫେସର ଏ.ଏଲ. ବୋଲି (Prof A.L. Bowley) ସର୍ବପ୍ରଥମେ ସାମାଜିକ ଗବେଷଣା କ୍ଷେତ୍ରରେ ମନଇଚ୍ଛା ନମୁନାକରଣ ପଦ୍ଧତି (Random Sampling) ପ୍ରଚଳନ କରିଥିଲେ । ବିଭିନ୍ନ ସମୟରେ ଓ ସ୍ଥାନରେ ଦାରିଦ୍ର୍ୟ ଘଟଣାକୁ ତୁଳନା କରିବା ନିମନ୍ତେ ସେ ବର୍ନେଟ ହଷ୍ଟ (Burnett Hurst) ଙ୍କ ସହିତ ମିଶି ତାଙ୍କର ଅନୁଶୀଳନ ଆରମ୍ଭ କରିଥିଲେ । ସେ ପ୍ରତ୍ୟେକ କୋଡିଏଟି ଗୃହ ମଧ୍ୟରୁ ମନଇଚ୍ଛା ବା ବେପରୁଆ ଭାବରେ ଗୋଟିଏ ଗୃହ ପରିଦର୍ଶନ କଲେ ବୋଲି (Bowley) ବେପରୁଆ ନମୁନାକରଣ ଓ ସାଧାରଣ ତ୍ରୁଟି ଗଣନା ପଦ୍ଧତି ଉପରେ ଗୋଟିଏ ବ୍ୟାଖ୍ୟା ମୂଳକ ଗ୍ରନ୍ଥ ପ୍ରଦାନ କରିଥିଲେ । ସ୍ନେଡକର୍ (Snedecor), ବୋଲି (Bowley) ଙ୍କର ଏହି କାର୍ଯ୍ୟରେ ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ । ଏପରିକି ଥରେ ସେ ଗୋଟିଏ ଯାଗାରେ କହିଥିଲେ, "ବୋଲିଙ୍କର (Bowley's) ପ୍ରତିନିଧିମୂଳକ ନମୁନାକରଣର ଗାଣିତିକତତ୍ତ୍ୱର ସ୍ମରଣୀୟ ଅନୁସନ୍ଧାନ ସେହିଦିନଠାରୁ ତନ୍ନ ତନ୍ନ କରି ଅତି ନିଖୁଣ ଭାବରେ ଅଗ୍ରଗତି ହାସଲ କରିଛି । ଅଳ୍ପ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ, ଏକଥା କୁହାଯାଇ ପାରିବ ଯେ, ସାମାଜିକ ପ୍ରସଙ୍ଗର ନମୁନାକରଣ ସଂପର୍କରେ ଆମର ଆଜି ଯେତିକି ଜ୍ଞାନ ରହିଛି, ତାର ଅଧିକାଂଶ ଭାଗ ଆନ୍ତର୍ଜାତୀୟ ଅନୁଷ୍ଠାନର ପତ୍ରିକାରେ ବର୍ଣ୍ଣିତ ହୋଇଛି ।

ସେହି ଦିନଠାରୁ ନିରବଚ୍ଛିନ୍ନ ଭାବରେ ସେହି କୌଶଳକୁ ଉପଯୋଗ କରାଯାଇ ଆସୁଅଛି । ନିର୍ବାଚନରେ ନମୁନାକରଣ କୌଶଳକୁ ନେଇ ବିଭିନ୍ନ ପ୍ରକାର ସମ୍ଭାବନାର ଆକଳନ କରାଯାଇଥାଏ । ବାସ୍ତବରେ ନମୁନାକରଣ ତ୍ରୁଟିରେ ସୁଧାର ଆସିବା ଯୋଗୁଁ ସାମାଜିକ ଗବେଷଣା ସମ୍ଭବ ହୋଇ ପାରିଛି । କେବଳ ନମୁନାକରଣ ପଦ୍ଧତି ମାଧ୍ୟମରେ ଅଧିକରୁ ଅଧିକ ସାମାଜିକ ଗବେଷଣା ଓ ସର୍ବେକ୍ଷଣ କରାଯାଇପାରୁଛି ।

## ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ – 'ଖ'

ଟିପ୍ପଣୀ:- (କ) ଦିଆଯାଇଥିବା ଶୂନ୍ୟସ୍ଥାନରେ ଉତ୍ତର ଲେଖନ୍ତୁ ।

(ଖ) ଏକକର ଶେଷରେ ଦିଆଯାଇଥିବା ଉତ୍ତର ସହିତ ନିଜର ଉତ୍ତରକୁ ମିଳାଇ ନିଅନ୍ତୁ ।

(୧) ଅଣ-ସମ୍ଭାବ୍ୟ ନମୁନାକରଣ କ'ଣ ? ବିସ୍ତୃତ ଭାବରେ ବର୍ଣ୍ଣନା କର ।

ଉତ୍ତର:________________________________________

୨) ବିଭିନ୍ନ ପ୍ରକାରର ବର୍ଗୀକୃତ ନମୁନା ଗୁଡ଼ିକ କ'ଣ ?

ଉତ୍ତର:

୩) ଆନୁପାତିକ ନମୁନାକରଣ କହିଲେ କ'ଣ ବୁଝ ?

ଉତ୍ତର:

୪) ପୁଞ୍ଜ ନମୁନାକରଣ କହିଲେ କ'ଣ ବୁଝ ?

ଉତ୍ତର:

## ୨.୧୯ ଏକତ୍ରୀକରଣ

ଗବେଷଣାର ରୂପରେଖକୁ ଭିତ୍ତିକରି ବିଭିନ୍ନ ପ୍ରକାରର ନମୁନାକରଣ ବିଷୟରେ ଏହି ଏକକରେ ବର୍ଣ୍ଣନା କରାଯାଇଛି । ସମାଜ ବିଜ୍ଞାନରେ ଅଧିକାଂଶ ଗବେଷଣା ସବୁ ଏକକ ଅନୁଶୀଳନ ଉପରେ ପର୍ଯ୍ୟବେସିତ ନୁହଁ । ଏହା କେତେକ ଏକକର ଅନୁଶୀଳନକ ଉପରେ ପର୍ଯ୍ୟବସିତ ହୋଇଥାଏ । ଏହାକୁ ନମୁନା ଅନୁଶୀଳନ କୁହାଯାଏ । ସମୁଦାୟ ଜନସଂଖ୍ୟାର ପ୍ରତ୍ୟେକଟି ଏକକକୁ ଯେତେବେଳେ ସର୍ବେକ୍ଷଣର ପରିସରଭୁକ୍ତ କରାଯାଏ, ତାକୁ ଗଣନା ସର୍ବେକ୍ଷଣ କୁହାଯାଏ । ଏହି ଏକକରେ ନମୁନାକରଣ ସମ୍ବନ୍ଧରେ ଧାରଣା ଦିଆଯିବ ସହ ସମ୍ଭାବ୍ୟ ଓ ଆଂଶିକ ସମ୍ଭାବ୍ୟ ନମୁନାକରଣର ଅର୍ଥ ଓ ପ୍ରକାରଭେଦ ବିଷୟରେ ବର୍ଣ୍ଣନା କରାଗଲା ।  ଆହୁରି ମଧ୍ୟ, ନମୁନାର ଆକାର କ'ଣ ହେବ ଓ ସାମାଜିକ ଗବେଷଣାରେ ନମୁନା କରଣର ବ୍ୟବହାର ଓ ପ୍ରୟୋଗ ସଂପର୍କରେ ମାର୍ଗ ଦର୍ଶନ କରାଯାଇଛି ।

## ୨.୨୦ ପ୍ରମୁଖ ଶବ୍ଦାବଳୀ

- **ମନଇଚ୍ଛା ନମୁନାକରଣ (Random Sampling):** ଏହାକୁ ମଧ୍ୟ ଆନୁପାତିକ ନମୁନା କରଣ କୁହାଯାଏ । କାରଣ ଯଦି ନମୁନାଟି ଜନସମୁଦାୟ ବା ଜନସଂଖ୍ୟା ମଧ୍ୟରେ ରହିଥାଏ, ତେବେ ଉପାଦାନର ପ୍ରତ୍ୟେକଟି ଶ୍ରେଣୀ ସମାନ ଅନୁଷ୍ଠାନରେ ଉପଲବ୍ଧ ହୋଇଥାଏ । ଏହି ମନଇଚ୍ଛା ବା ଉପର ଠାଉରିଆ ନମୁନାକରଣ ତୁଳନାତ୍ମକ ଭାବରେ ବୃହତ୍ ଆକାରର ଓ ସମଜାତୀୟ ଗୁଡିକ ନିମନ୍ତେ ଅଧିକ ପ୍ରଯୁଜ୍ୟ ।

- **ବିଭକ୍ତିକରଣ ବା ବର୍ଗୀକୃତ ନମୁନାକରଣ (Stratified Sampling):** ଭୌଗୋଳିକ, ସାମାଜିକ ଓ ଆର୍ଥିକ ଲକ୍ଷଣ  ଅନୁସାରେ ଜନସମୁଦାୟ ବା ଜନସଂଖ୍ୟାକୁ ବିଭିନ୍ନ ଗୋଷ୍ଠୀରେ ଭାଗ ଭାଗ କରିବାକୁ ବିଭକ୍ତିକରଣ ବା ବର୍ଗୀକରଣ କୁହାଯାଏ । ଏହା ହେଉଛି  ଉଭୟ ମନଇଚ୍ଛା ନମୁନାକରଣ ଓ ଉଦ୍ଦେଶ୍ୟମୂଳକ ଚୟନର ସମ୍ମିଶ୍ରଣ ।

- **ସ୍ୱଭାଗ ନମୁନାକରଣ (Quota Sampling):** ଏହା ଏକ ସ୍ୱତନ୍ତ୍ର ଧରଣର ବର୍ଗୀକୃତ ନମୁନାକରଣ । ଏହି ପଦ୍ଧତି ଅନୁସାରେ ପ୍ରଥମେ ଜନସଂଖ୍ୟା ବା ଜନ ସମୁଦାୟକୁ ବିଭିନ୍ନ ବର୍ଗ ବା ଗୋଷ୍ଠୀରେ ବିଭକ୍ତ କରାଯାଏ । ତାପରେ ପ୍ରତ୍ୟେକ ବର୍ଗ ବା ଗୋଷ୍ଠୀରୁ ବିଭକ୍ତ କରାଯାଏ । ତାପରେ ପ୍ରତ୍ୟେକ ବର୍ଗ ବା ଗୋଷ୍ଠୀରୁ  କେତେ ସଂଖ୍ୟକ ଏକକ ଚୟନ କରାଯିବ, ତାହା ନମୁନାକରଣ କୁହାଯାଏ ।

- **ପୁଞ୍ଜ ନମୁନାକରଣ (Cluster Sampling):** ଏହି ପଦ୍ଧତିରେ ସମୁଦାୟ ଜନସଂଖ୍ୟାକୁ କେତେକ ସ୍ୱୀକୃତିଯୋଗ୍ୟ ବା ଚିହ୍ନଟଯୋଗ୍ୟ ଉପ ବିଭାଗରେ ବିଭକ୍ତ କରିଦିଆଯାଏ। ଏହି ଉପବିଭାଗ ଗୁଡିକୁ ପୁଞ୍ଜ (Cluster) କୁହାଯାଏ। ଏହି ପୁଞ୍ଜ ଗୁଡିକ ମଧ୍ୟରୁ ମନଇଚ୍ଛା କେତୋଟିକୁ ନମୁନା ହିସାବରେ ଚୟନ କରାଯାଏ। ତାପରେ ଚୟନ କରାଯାଇଥିବା ପୁଞ୍ଜଗୁଡ଼ିକର ପ୍ରତ୍ୟେକଟି ଏକକକୁ ସର୍ବେକ୍ଷଣ କରାଯାଏ।

- **ଉତ୍ସ ତାଲିକା (Source List):** ଜନସମୁଦାୟ ବା ଜନସଂଖ୍ୟାର ଏକକ ଗୁଡିକର ନାମ ଚୟନ କରଯାଇଥାଏ। ଏହି ତାଲିକାକୁ ଉତ୍ସ ତାଲିକା କୁହାଯାଏ। ଉତ୍ସ ତାଲିକା ଆଗରୁ ପ୍ରସ୍ତୁତ ହୋଇଥାଏ ଅଥବା ଏହାକୁ ପ୍ରସ୍ତୁତ କରିବାକୁ ପଡ଼େ।

## ୨.୨୧ ସହାୟକ ଗ୍ରନ୍ଥସୁଚୀ


୧. ଗୁଡ, ଡ଼ବ୍ଲୁ, ଜେ ଓ ହାଟ, ପି.କେ. (୧୯୫୨) Methods in Social Research, MC Graw Hill, London.

୨. ଜାହୋଦା, ଏମ୍.ମଟନ୍ ଟି ଓ ଷ୍ଟୁଆର୍ଟ, ଡବ୍ଲୁ.ସି (୧୯୫୧) Research Methods in Social Relations, Dryden, New York.

୩. ୟଙ୍ଗ, ପି.ଭି. ଓ ସିମିଡ୍, ସି.ଏଫ୍. (୧୯୭୭) Scientific Social Surveys and Research and, Prentice- Hall New Delhi.

# ତୃତୀୟ ଏକକ
# ତଥ୍ୟ ସଂଗ୍ରହର ବିଭିନ୍ନ ସାଧନ - ପର୍ଯ୍ୟବେକ୍ଷଣ, ପ୍ରଶ୍ନପତ୍ର, ଖସଡା, ସାକ୍ଷାତ୍କାର, ପ୍ରସଙ୍ଗ- ବିଶ୍ଳେଷଣ

**ବିଷୟ ପଠନ :**

୩.୦ ପଠନର ଉଦ୍ଦେଶ୍ୟ

୩.୧ ତଥ୍ୟ ସଂଗ୍ରହର ସାଧନ : ପ୍ରସଙ୍ଗ ପରିଚିତି

୩.୨ ତଥ୍ୟ ସଂଗ୍ରହର ସାଧନ

୩.୩ ପର୍ଯ୍ୟବେକ୍ଷଣ

୩.୪ ଖସଡ଼ା

୩.୫ ପ୍ରଶ୍ନପତ୍ର

୩.୬ ସାକ୍ଷାତ୍କାର

୩.୭ ପ୍ରସଙ୍ଗ ବିଶ୍ଳେଷଣ

୩.୮ ଏକତ୍ରୀକରଣ

୩.୯ ପ୍ରମୁଖ ଶବ୍ଦାବଳୀ

୩.୧୦ ସହାୟକ ଗ୍ରନ୍ଥସୂଚୀ

୩.୧୧ ଆତ୍ମପରୀକ୍ଷଣ – ସମ୍ଭାବ୍ୟ ଉତ୍ତରମାଳା

## ୩.୦ ପଠନର ଉଦ୍ଦେଶ୍ୟ

- ତଥ୍ୟ ସଂଗ୍ରହର ବିଭିନ୍ନ ସାଧନ ବିଷୟରେ ଜାଣିବା ।
- ଭିନ୍ନ ଭିନ୍ନ ପରିସ୍ଥିତିରେ ଆବଶ୍ୟକ ହେଉଥିବା ବିଭିନ୍ନ ସାଧନ ମଧ୍ୟରେ ପାର୍ଥକ୍ୟ ନିର୍ଣ୍ଣୟ କରିବା ।
- ତଥ୍ୟ ସଂଗ୍ରହ ନିମନ୍ତେ ବିଭିନ୍ନ ପ୍ରକାର ସାଧନର ଗୁରୁତ୍ୱ ଓ କାର୍ଯ୍ୟାବଳୀ ବର୍ଣ୍ଣନା କରିବା ।

## ୩.୧ ତଥ୍ୟ ସଂଗ୍ରହର ବିଭିନ୍ନ ସାଧନ : ପ୍ରସଙ୍ଗ ପରିଚିତି

ଅଧିକାଂଶ ଗବେଷଣାତ୍ମକ ଅନୁଶୀଳନରେ ଉତ୍ତରଦାତାମାନଙ୍କ ଠାରୁ ସଦ୍ୟ ତଥ୍ୟ ସଂଗ୍ରହ କରାଯାଇଥାଏ । ଏପରିକି ଗବେଷଣାର ରୂପରେଖ ପ୍ରସ୍ତୁତି କିମ୍ବା ନୂତନ ତଥ୍ୟ ସଂଗ୍ରହ ନିମନ୍ତେ ପୂର୍ବ ପ୍ରସ୍ତୁତ ତଥ୍ୟକୁ ବ୍ୟବହାର କରାଯାଇଥାଏ । ଅତଏବ ଆମେ ଏହି ଏକକରେ ଗୁରୁତ୍ୱପୂର୍ଣ୍ଣ ଓ ସମାଜ ବିଜ୍ଞାନୀମାନଙ୍କ ଦ୍ୱାରା ବହୁଳ ଭାବେ ବ୍ୟବହୃତ ତଥ୍ୟ ସଂଗ୍ରହର ପାଞ୍ଚଟି ସାଧନ ସଂପର୍କରେ ଆଲୋଚନା କରିବା । ସେହି ସାଧନ ଗୁଡ଼ିକ ହେଲା- ପର୍ଯ୍ୟବେକ୍ଷଣ, ଖସଡା, ପ୍ରଶ୍ନାବଳୀ, ସାକ୍ଷାତ୍କାର ଓ ଗବେଷଣାତ୍ମକ ବିଶ୍ଳେଷଣ ।

## ୩.୨ ତଥ୍ୟ ସଂଗ୍ରହର ସାଧନ

ପର୍ଯ୍ୟବେକ୍ଷଣ

ଖସଡ଼ା

ପ୍ରଶ୍ନପତ୍ର

ସାକ୍ଷାତ୍କାର

ଗବେଷଣାତ୍ମକ ବିଶ୍ଳେଷଣ

## ୩.୩ ପର୍ଯ୍ୟବେକ୍ଷଣ (Observation)

ଇନ୍ଦ୍ରିୟର ଉପଯୋଗ ମାଧ୍ୟମରେ ଜ୍ଞାନ ଆହରଣକୁ ପର୍ଯ୍ୟବେକ୍ଷଣ କୁହାଯାଏ । ଏହା କାନ ଓ ଜିହ୍ୱା ବଦଳରେ ଆଖିକୁ ବୁଝାଇଥାଏ । ସ୍ୱାଭାବିକ ଢଙ୍ଗରେ ଘଟୁଥିବା ଘଟଣାଗୁଡ଼ିକୁ ଆଖି ସାହାଯ୍ୟରେ ଏକ ସୁବ୍ୟବସ୍ଥା ଓ ସୁଚିନ୍ତିତ ଅନୁଶୀଳନକୁ ପର୍ଯ୍ୟବେକ୍ଷଣ କୁହାଯାଏ । ଅକ୍ସଫୋର୍ଡ ସଂକ୍ଷିପ୍ତ ଶବ୍ଦ କୋଷ ଅନୁସାରେ, "ପ୍ରକୃତରେ ଯେଉଁସବୁ ଘଟଣା ଗୁଡ଼ିକ ଘଟେ, ତାର କାରଣ ଓ ପ୍ରଭାବ ବା ସେମାନଙ୍କ ମଧ୍ୟରେ ଥିବା ପାରସ୍ପରିକ ସଂପର୍କ ସମ୍ବନ୍ଧରେ ସଠିକ୍‌ଭାବେ ଲକ୍ଷ୍ୟ ରଖିବାକୁ ପର୍ଯ୍ୟବେକ୍ଷଣ କୁହାଯାଏ ।" ଡକ୍ଟର ପି.ଭି.ୟଙ୍ଗ୍ (Dr. P.V. Young) ଙ୍କ ମତରେ, "ଆଖି ସମ୍ମୁଖରେ ସ୍ୱାଭାବିକ ଭାବେ ଘଟିଯାଉଥିବା ଘଟଣା ଗୁଡ଼ିକର ଏକ ସୁବ୍ୟବସ୍ଥିତ ଓ ସୁଚିନ୍ତିତ ଅନୁଶୀଳନକୁ ପର୍ଯ୍ୟବେକ୍ଷଣ କୁହାଯାଏ ।" ସୁବ୍ୟବସ୍ଥିତ ଭାବେ ଘଟଣା ଗୁଡିକୁ ଦେଖିବା ସହିତ ସେଗୁଡ଼ିକ ବିଷୟରେ ଚିନ୍ତା ବା ବିବେଚନା କରିବା ହିଁ ହେଉଛି ପର୍ଯ୍ୟବେକ୍ଷଣ । ତେଣୁ ଏହା ହେଉଛି ଆଖି ମାଧ୍ୟମରେ ଏକ ସୁଚିନ୍ତିତ ଅନୁଶୀଳନ । ଅନୁଷ୍ଠାନ ଗୁଡିକର ସାମୂହିକ ବ୍ୟବହାର ଓ ଜଟିଳତା ତଥା ଯେଉଁ ଏକକ ଗୁଡ଼ିକୁ ନେଇ ସମଷ୍ଟି ଗଠିତ ହୋଇଥାଏ, ସେହି ଏକକ ଗୁଡିକୁ ପୃଥକ୍ କରିବା ନିମନ୍ତେ ଏହାକୁ ଏକ ପଦ୍ଧତି ହିସାବରେ

ବ୍ୟବହାର କରାଯାଇଥାଏ । ଗୁଡ ଓ ହଟ୍ଟ (Good and Hott) ଙ୍କ ମତରେ, "ସର୍ବାଧିକ ସାମୟିକ ଅଣନିୟନ୍ତ୍ରଣ ଅନୁଭୂତି ତଥା ପରୀକ୍ଷାଗାରରେ କରାଯାଇଥିବା ପରୀକ୍ଷାନିରୀକ୍ଷାର ସଠିକ୍ ଅତି ସୂକ୍ଷ୍ମ ସୂତ୍ର ଫଟୋଗ୍ରାଫି, ପର୍ଯ୍ୟବେକ୍ଷଣର ଅନ୍ତର୍ଭୁକ୍ତ।" କୌଣସି ତଥ୍ୟ ନ ମାଗି ଲୋକମାନଙ୍କୁ ବିଭିନ୍ନ ବସ୍ତୁ ବା ଘଟଣାକୁ ଚିହ୍ନଟ କରିବା ସହ ସେଗୁଡ଼ିକର ପ୍ରସ୍ତୁତ ବିବରଣୀ ପ୍ରସ୍ତୁତ କରିବାକୁ ପର୍ଯ୍ୟବେକ୍ଷଣ କୁହାଯାଏ । ପର୍ଯ୍ୟବେକ୍ଷଣ ପଦ୍ଧତିରେ ଅନୁସନ୍ଧାନକାରୀ ମାନେ ଅନ୍ୟ କୌଣସି ବ୍ୟକ୍ତି ବିଶେଷ ଠାରୁ ପ୍ରଶ୍ନପଚାରି କୌଣସି ତଥ୍ୟ ସଂଗ୍ରହ କରନ୍ତି ନାହିଁ । ସେମାନେ ନିଜର ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ ମାଧ୍ୟମରେ ତଥ୍ୟ ହାସଲ କରିଥାଆନ୍ତି । ବିଭିନ୍ନ ପରିସ୍ଥିତିରେ ଲୋକମାନଙ୍କର ବାହ୍ୟ ବ୍ୟବହାରକୁ ନିର୍ଦ୍ଧାରଣ ବା ନିରୂପଣ କରିବାକୁ ପର୍ଯ୍ୟବେକ୍ଷଣ ପ୍ରୟାସ କରିଥାଏ । ଭିନ୍ନ ଭିନ୍ନ ପରିସ୍ଥିତିରେ ଲୋକମାନଙ୍କର ବାହ୍ୟ ବ୍ୟବହାର ଉଭୟ ନିୟନ୍ତ୍ରିତ ଓ ଅନିୟନ୍ତ୍ରିତ ହୋଇଥାଏ।

**ବୈଜ୍ଞାନିକ କୌଶଳର ପର୍ଯ୍ୟବେକ୍ଷଣ :** ବିଜ୍ଞାନ ପର୍ଯ୍ୟବେକ୍ଷଣରୁ ଆରମ୍ଭ ହୁଏ । ଏହାର ଅନ୍ତିମ ବୈଧତା ନିମନ୍ତେ ସମୟକ୍ରମେ ପୁଣି ଏହି ପର୍ଯ୍ୟବେକ୍ଷଣକୁ ଏକ ବୈଜ୍ଞାନିକ କୌଶଳ ବୋଲି ବିବେଚନା କରାଯାଏ।

- ଏହାକୁ ଏକ ସୁବ୍ୟବସ୍ଥିତ ଗବେଷଣା ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ ।
- ସୁବ୍ୟବସ୍ଥିତ ଢଙ୍ଗରେ ପର୍ଯ୍ୟବେକ୍ଷଣ ପାଇଁ ଯୋଜନା ପ୍ରସ୍ତୁତ ହୁଏ ।
- ଏହାକୁ ବ୍ୟବସ୍ଥିତ ଢଙ୍ଗରେ ବିବରଣ କରି ରଖାଯାଏ ଓ ଏହା ସାଧାରଣ ସତ୍ୟ ସହିତ ଅଧିକ ଭାବରେ ଜଡ଼ିତ ।
- ବୈଧତା ଓ ନିର୍ଭରଶୀଳତାକୁ ଏହା ନିୟନ୍ତ୍ରଣ କରିଥାଏ ।

## ୩.୩.୧ ପର୍ଯ୍ୟବେକ୍ଷଣର ବିଭିନ୍ନ ଉପାଦାନ

ପର୍ଯ୍ୟବେକ୍ଷଣର ତିନୋଟି ଗୁରୁତ୍ୱପୂର୍ଣ୍ଣ ଅଂଶ ଅଛି । ସେଗୁଡ଼ିକ ହେଉଛି –

୧- ଦୈହିକ ବା ମାନସିକ ଅନୁଭୂତି ତଥା ଚେତନା

୨- ମନୋନିବେଶ

୩- ଉପଲବ୍ଧ ବା ଅନୁଭବ ।

## ୩.୩.୨ ପର୍ଯ୍ୟବେକ୍ଷଣ ପଦ୍ଧତିର ସାଧାରଣ ବୈଶିଷ୍ଟ୍ୟ

ପର୍ଯ୍ୟବେକ୍ଷଣ ହେଉଛି ତଥ୍ୟ ସଂଗ୍ରହର ଏକ କୌଶଳ । ଏହାର ନିମ୍ନଲିଖିତ ସାଧାରଣ ବୈଶିଷ୍ଟ୍ୟ ଦେଖିବାକୁ ମିଳେ ।

୧) **ଶାରୀରିକ ଓ ମାନସିକ ତତ୍ପରତା :** ପର୍ଯ୍ୟବେକ୍ଷଣରେ ଅନୁସନ୍ଧାନକାରୀଙ୍କର ଇନ୍ଦ୍ରିୟ ଗୁଡ଼ିକର ଉପଯୋଗ ହୋଇଥାଏ । ସେ ପ୍ରତ୍ୟେକଟି ଘଟଣା ବା ପ୍ରସଙ୍ଗକୁ ଦେଖିବା ଓ ଶୁଣିବା ସହିତ ସେଗୁଡିକ ମନଭିତରେ ରଖନ୍ତି କିମ୍ବା ଆବଶ୍ୟକ ସ୍ଥଳେ ଟିପି ରଖନ୍ତି । କାରଣ ଏହାଦ୍ୱାରା ପରବର୍ତ୍ତୀ ସମୟରେ ସେଗୁଡ଼ିକୁ ଖୁବ୍ ଯତ୍ନର ସହ ବିଶ୍ଳେଷଣ ବା ତର୍ଜମା କରିବା ଖୁବ୍ ସହଜ ସାଧ ହୋଇଥାଏ ।

୨) **ପର୍ଯ୍ୟବେକ୍ଷଣ ହେଉଛି ନିର୍ଦ୍ଦିଷ୍ଟ ନିରୂପିତ ଓ ଉଦ୍ଦେଶ୍ୟ ପ୍ରଣୋଦିତ** (specific, selective and purposeful) **:** ଗବେଷକ ପ୍ରଥମେ ତାଙ୍କ କାର୍ଯ୍ୟକଳାପର ପରିସୀମା ଓ ପର୍ଯ୍ୟବେକ୍ଷଣ କରିବାକୁ ଥିବା ପ୍ରସଙ୍ଗଗୁଡିକ ନିର୍ଦ୍ଧାରଣ କରନ୍ତି । ଏହାଦ୍ୱାରା ଗବେଷଣାର ପ୍ରସଙ୍ଗଟି ଉଦ୍ଦେଶ୍ୟ ପ୍ରଣୋଦିତ ହୋଇଥାଏ । ପର୍ଯ୍ୟବେକ୍ଷଣ ନିର୍ଦ୍ଦିଷ୍ଟ ଓ ନିରୂପିତ ଉଦ୍ଦେଶ୍ୟ ମଧ୍ୟରେ ପରିଚାଳିତ ହୋଇଥାଏ ।

୩) **ଗବେଷଣାର ସାଧନ :** ଯଦି ଗବେଷଣା ଲବ୍ଧ ଜ୍ଞାନକୁ ଶେଷରେ ବାସ୍ତବ କ୍ଷେତ୍ରରେ ଉପଯୋଗ କରିବାର ଥାଏ, ତେବେ ଗବେଷଣା ଉନ୍ନତ ବୈଜ୍ଞାନିକ କୌଶଳ ଉପରେ ପର୍ଯ୍ୟବସିତ ବା ଆଧାରିତ ହେବା ଆବଶ୍ୟକ ।

୪) **ପ୍ରତ୍ୟକ୍ଷ ଅନୁଶୀଳନ :** ଏହା ଏକ ବୈଜ୍ଞାନିକ ପଦ୍ଧତି । ଏଥିରେ ପ୍ରସଙ୍ଗ ବା ପରିସ୍ଥିତିର ପ୍ରତ୍ୟକ୍ଷ ଅନୁଶୀଳନ କରିଥାଆନ୍ତି । ବାସ୍ତବରେ, ନିର୍ଭରଯୋଗ୍ୟ ପ୍ରାଥମିକ ତଥ୍ୟ ସଂଗ୍ରହ ନିମନ୍ତେ ଏହାହିଁ ଏକମାତ୍ର ପଦ୍ଧତି ।

୫) **କାରଣ ଓ ପ୍ରଭାବ ସଂପର୍କ :** ଏହି ପଦ୍ଧତି ପର୍ଯ୍ୟବେକ୍ଷଣ କରାଯାଉଥିବା ପ୍ରସଙ୍ଗର କାରଣ ଓ ଏହାର ପ୍ରଭାବ ମଧ୍ୟରେ ଏକ ଯୁକ୍ତି ସଂଗତ ସଂପର୍କ ସ୍ଥାପନ କରିବା ନିମନ୍ତେ ପ୍ରୟାସ କରିଥାଏ ।

୬) **ସୁବ୍ୟବସ୍ଥିତ ଓ ବିଜ୍ଞାନ ସମ୍ମତ :** ଏହି ପଦ୍ଧତିରେ ଅତି ସଚେତନାର ସହ ଯୋଜନା ପ୍ରଣୟନ ସହ ଏହାର ଉପଯୁକ୍ତ ରୂପାୟନ ହୋଇଥାଏ । ଏହାପରେ ଏଗୁଡ଼ିକୁ ପର୍ଯ୍ୟାପ୍ତ ଭାବରେ ବିବରଣ କରି ଏହାର ବୈଜ୍ଞାନିକ ତର୍ଜମା କରାଯାଇଥାଏ । ଏହି ଭଳି ଭାବରେ ସୁବ୍ୟବସ୍ଥିତ ଓ ବୈଜ୍ଞାନିକ ପଦ୍ଧତିରେ ବିଭିନ୍ନ ସ୍ତରଦେଇ କୌଣସି ଏକ ପ୍ରସଙ୍ଗରେ ପର୍ଯ୍ୟବେକ୍ଷଣ କରାଯାଇଥାଏ ।

୭) **ନିଖୁଣ ପର୍ଯ୍ୟବେକ୍ଷଣ :** ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସାଧନ ନିମନ୍ତେ ସୁପ୍ରଶିକ୍ଷିତ ବ୍ୟକ୍ତିଙ୍କ ଦ୍ୱାରା ଯେଉଁ ପର୍ଯ୍ୟବେକ୍ଷଣ କରାଯାଇଥାଏ, ତାହା ନିଖୁଣ ହୋଇଥାଏ ।

୮) **ପରିମାଣତ୍ମକ ପର୍ଯ୍ୟବେକ୍ଷଣ :** ଯଦି ଏକ ନିର୍ଦ୍ଦିଷ୍ଟ ଧରଣର ବ୍ୟବହାର ଦେଖିବାକୁ ମିଳେ, ତେବେ ଅନେକ ଗୁଡ଼ିଏ ଦୃଷ୍ଟାନ୍ତକୁ ତୁଳନାକରି ପର୍ଯ୍ୟବେକ୍ଷଣ କରାଯାଇଥାଏ ।

**ସଯତ୍ନ ତଥ୍ୟ ଲିପିବଦ୍ଧ କରଣ ବା ସଂରକ୍ଷଣ :** ପର୍ଯ୍ୟବେକ୍ଷଣ ସମୟରେ ହେଉ କିମ୍ବା ପର୍ଯ୍ୟବେକ୍ଷଣ ପରେ ତତ୍କାଳ ହେଉ ସମସ୍ତ ଘଟଣାବଳୀକୁ ଯତ୍ନର ସହକାରେ ଲିପିବଦ୍ଧ କରିବା ଆବଶ୍ୟକ । ସାମାଜିକ ଅନୁସନ୍ଧାନକାରୀ ଏଥି ନିମନ୍ତେ କେତେକ ଲିପିବଦ୍ଧ କରିବାର ମାଧ୍ୟମ ଯଥା ତନଖିତାଲିକା, ରେଟିଂସ୍କେଲ, ସ୍କୋର କାର୍ଡ , ସିଲ ହୋଇଥିବା ନମୁନା ଓ ଖାଲି କାଗଜକୁ ପୌନଃପୁନିକ ପରିବର୍ତ୍ତନ ତୁଳନା କରିବାପାଇଁ ବ୍ୟବହାର କରିପାରିବେ । ପର୍ଯ୍ୟବେକ୍ଷଣରୁ ସଂଗୃହୀତ ତଥ୍ୟକୁ ଲିପିବଦ୍ଧ କରିବା ନିମନ୍ତେ ବ୍ୟବସ୍ଥିତ ଢଙ୍ଗରେ ପ୍ରସ୍ତୁତ ହୋଇଥିବା ଫର୍ମକୁ ମଧ୍ୟ ବ୍ୟବହାର କରାଯାଇପାରିବ ।

**ଯାଞ୍ଚ ଓ ପରୀକ୍ଷାର ବାଧ ବାଧକତା :** ସମସ୍ତ ପ୍ରକାର ବ୍ୟବସ୍ଥିତ ପର୍ଯ୍ୟବେକ୍ଷଣର ଫଳାଫଳ ଯାଞ୍ଚ ଓ ପରୀକ୍ଷା ନିରୀକ୍ଷାର ପରିସରଭୁକ୍ତ ।

## ୩.୩.୩ ପର୍ଯ୍ୟବେକ୍ଷଣ, ତଥ୍ୟ ସଂଗ୍ରହର ଏକ ସାଧନ

ଗୁଡ୍ ଓ ହଟ୍ (good and hatt) ଙ୍କ ମତରେ ବିଜ୍ଞାନ ପର୍ଯ୍ୟବେକ୍ଷଣରୁ ହିଁ ଆରମ୍ଭ ହୁଏ । କୋପରନିକସ୍ ତାଙ୍କ ସମୟରେ ଘଟୁଥିବା ପ୍ରତ୍ୟେକଟି ଘଟଣାକୁ ପର୍ଯ୍ୟବେକ୍ଷଣ କରୁଥିଲେ । ଏପରିକି ଆଜି ମଧ୍ୟ କାରଣ ଓ ପ୍ରଭାବ ମଧ୍ୟରେ ଥିବା ସଂପର୍କକୁ ପ୍ରତିପାଦନ କରିବା କେବଳ ପର୍ଯ୍ୟବେକ୍ଷଣ ବୈଜ୍ଞାନିକ କାର୍ଯ୍ୟକଳାପର ପରଶମଣି (touch stone) ହିସାବରେ କାର୍ଯ୍ୟ କରୁଛି । ଭୌତିକ ବିଜ୍ଞାନ, ପ୍ରାକୃତିକ ବିଜ୍ଞାନ ଓ ସମାଜ ବିଜ୍ଞାନରେ ଯେତେ ଗୁଡିଏ ଗବେଷଣା ଚାଲିଛି ସେଥିରେ ପର୍ଯ୍ୟବେକ୍ଷଣ ଏକ ଗୁରୁତ୍ୱପୂର୍ଣ୍ଣ ସାଧନ ବୋଲି ପ୍ରତିପାଦିତ ହୋଇଛି । ବୋଧହୁଏ, ପର୍ଯ୍ୟବେକ୍ଷଣ ହିଁ ଏକମାତ୍ର ପଦ୍ଧତି ଯାହା ସାମାଜିକ ପ୍ରସଙ୍ଗ ଗୁଡିକର ବ୍ୟବହାର ଅନୁଶୀଳନ ନିମନ୍ତେ ସର୍ବାଧିକ ଉପଯୁକ୍ତ । ପର୍ଯ୍ୟବେକ୍ଷଣ ହେଉଛି ଏକମାତ୍ର ଉପାୟ ଯାହା ମାଧ୍ୟମରେ ଶିଶୁ ଜ୍ଞାନ ସଂଗ୍ରହ କରିଥାଏ ଓ ଏହି ସଂଗୃହୀତ ଜ୍ଞାନକୁ ଭବିଷ୍ୟତ ପୁନରୁଦ୍ଧାର ପାଇଁ ଉପଯୋଗ କରିଥାଏ ।

କୌଣସି ଏକ ସାମାଜିକ ପ୍ରସଙ୍ଗ ବା ଘଟଣାର ମନୁଷ୍ୟ ମନରେ ବ୍ୟବହାର ସଂପର୍କରେ ତଥ୍ୟ ସଂଗ୍ରହ କରିବାରେ ପର୍ଯ୍ୟବେକ୍ଷଣ ଅତି ସାଧାରଣ ପଦ୍ଧତି । ଉପଭୋକ୍ତାମାନଙ୍କ ବ୍ୟବହାର, କାର୍ଯ୍ୟ ନିର୍ବାହୀଙ୍କ ବ୍ୟବହାର, ଶ୍ରମିକମାନଙ୍କର ବ୍ୟବହାର ଇତ୍ୟାଦି ଅନୁଶୀଳନରେ ତଥ୍ୟ ସଂଗ୍ରହ କ୍ଷେତ୍ରରେ ପର୍ଯ୍ୟବେକ୍ଷଣ ଏକ ଉତ୍ତମ କୌଶଳ ବୋଲି ପ୍ରମାଣିତ ହୋଇଛି ।

## ୩.୩.୪ ପର୍ଯ୍ୟବେକ୍ଷଣ ପ୍ରକ୍ରିୟା

ପର୍ଯ୍ୟବେକ୍ଷଣ ହେଉଛି ଏକ ଅନୁକ୍ରମିକ ପ୍ରକ୍ରିୟା ଫଳାଫଳକୁ ସଠିକ୍ ଭାବରେ ବିବରଣୀ କରିବା ପାଇଁ ଏହା ଗବେଷକଙ୍କୁ ସାହାଯ୍ୟ କରିଥାଏ । ଲିନ୍ ନ (Lin Naw) ତାଙ୍କ "ସାମାଜିକ ଗବେଷଣାର

ଭିତ୍ତିଭୂମି (Foundation of Social Research) ପୁସ୍ତକରେ ପର୍ଯ୍ୟବେକ୍ଷଣ ପଦ୍ଧତିରେ ପାଞ୍ଚଟି ସ୍ତର ଚିହ୍ନଟ କରିଛନ୍ତି । ସେଗୁଡ଼ିକ ହେଲା (୧) ପ୍ରସ୍ତୁତି ଓ ପ୍ରଶିକ୍ଷଣ, (୨) ଅନୁଶୀଳନ ପରିବେଶ ମଧ୍ୟକୁ ପ୍ରବେଶ (୩) ପ୍ରାରମ୍ଭିକ ଭାବ ବିନିମୟ, (୪) ପର୍ଯ୍ୟବେକ୍ଷଣ ଓ ବିବରଣ, (୫) କ୍ଷେତ୍ରକାର୍ଯ୍ୟର ପରିସମାପ୍ତି ।

**(୧) ପ୍ରସ୍ତୁତି ଓ ପ୍ରଶିକ୍ଷଣ :-** ସର୍ବପ୍ରଥମେ କ'ଣ, କେଉଁଠାରେ ଓ କିପରି ପ୍ରସଙ୍ଗକୁ ପର୍ଯ୍ୟବେକ୍ଷଣ କରାଯିବ ତାହା ଗବେଷକଙ୍କୁ ସ୍ଥିର କରିବାକୁ ହେବ । ତାଙ୍କୁ ପର୍ଯ୍ୟବେକ୍ଷଣ ନିମନ୍ତେ ଆବଶ୍ୟକୀୟ କ୍ଷେତ୍ର ପ୍ରସ୍ତୁତ କରିବାକୁ ପଡିବ । ଉଦାହରଣ ସ୍ୱରୂପ, ଜଣେ ଗବେଷକ ଗୋଟିଏ କାରଖାନାର ଶ୍ରମିକମାନଙ୍କର ଆଚରଣ ଓ ସମର୍ପଣ ଭାବ ପର୍ଯ୍ୟବେକ୍ଷଣ କରିବା ନିମନ୍ତେ ଆଗ୍ରହୀ । ଏହି କ୍ଷେତ୍ରରେ ସେ ସମସ୍ତ ଶ୍ରମିକ ବା କେବଳ ଶ୍ରମିକମାନଙ୍କର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଉପରେ ପର୍ଯ୍ୟବେକ୍ଷଣ କରିବେ । ତାହା ତାଙ୍କୁ ସ୍ଥିର କରିବାକୁ ପଡିବ । ତାପରେ ତାଙ୍କୁ ପର୍ଯ୍ୟବେକ୍ଷଣର ସମୟସୀମା ସ୍ଥିର କରିବାକୁ ହେବ । ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ସେ କ'ଣ ପର୍ଯ୍ୟବେକ୍ଷଣ କରିବେ । ଉଦାହରଣ ସ୍ୱରୂପ, ଉତ୍ପାଦନ ପରିବେଶ ତତ୍ତ୍ୱାବଧାରକ ଓ ଶ୍ରମିକମାନଙ୍କ ମଧ୍ୟରେ ସଂପର୍କ, କିମ୍ୱା ଶ୍ରମିକମାନଙ୍କ ମଧ୍ୟରେ ସଂପର୍କ ଇତ୍ୟାଦି । ଏହା ଗବେଷକଙ୍କୁ ସମସ୍ୟା ବା ପ୍ରସଙ୍ଗ ସଂପର୍କରେ ସ୍ପଷ୍ଟ ଧାରଣା ଦେବାରେ ସହାୟକ ହୋଇଥାଏ । ଏତଦ୍ ବ୍ୟତୀତ, ପ୍ରକଳ୍ପ ଆରମ୍ଭ ନିମନ୍ତେ କାର୍ଯ୍ୟଧାରା ଓ ଆବଶ୍ୟକୀୟ ପ୍ରଶିକ୍ଷଣ ସଂପର୍କରେ ଗବେଷକ ଜାଣିବାରେ ସକ୍ଷମ ହୋଇଥାଆନ୍ତି ।

**(୨) ଅନୁଶୀଳନ ପରିବେଶ ବା କ୍ଷେତ୍ର ମଧ୍ୟକୁ ପ୍ରବେଶ:- ଅନୁଶୀଳନ ପରିବେଶ ବା** କ୍ଷେତ୍ର ମଧ୍ୟକୁ ପ୍ରବେଶ ହେଉଛି ଦ୍ୱିତୀୟସ୍ତର । ଯଦି ଅନୁଶୀଳନ ସରକାରୀ ପ୍ରତିଷ୍ଠାନ ବିଜଡିତ ହୁଏ, ତେବେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ଆବଶ୍ୟକ ହୋଇପାରେ ଅନୁଶୀଳନ ଯଦି ଗ୍ରାମ ପଞ୍ଚାୟତ ଭଳି ସ୍ଥାନୀୟ ସଂଗଠନ ବିଜଡିତ ହୁଏ, ତେବେ ଆବଶ୍ୟକୀୟ ବ୍ୟକ୍ତି ବିଶେଷଙ୍କୁ ଅନୁଶୀଳନ କରାଯାଉଥିବା ଗୋଷ୍ଠୀରେ ସାମିଲ୍ କରାଇବା ନିମନ୍ତେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ପତ୍ର ହାସଲ କରିବାକୁ ହେବ । ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ଗୋଷ୍ଠୀ ସହିତ ସାମିଲ କରିବାପରେ ପର୍ଯ୍ୟବେକ୍ଷକ ନିଜର ଭୂମିକା ଯଥା ଭାଗିଦାରୀ ପର୍ଯ୍ୟବେକ୍ଷକ ବା ଅଣ-ଭାଗିଦାରୀ ପର୍ଯ୍ୟବେକ୍ଷକ ତାହା ନିର୍ଣ୍ଣୟ କରିବାକୁ ହେବ । ସେ ମଧ୍ୟ ଏହି ଗୋଷ୍ଠୀ ସହିତ ସ୍ୱାଭାବିକ ସଂପର୍କ ସ୍ଥାପନ କରିବେ । ତାପରେ ଯାଇ ସେ ଉକ୍ତ ଗୋଷ୍ଠୀ ଦ୍ୱାରା ଗ୍ରହଣୀୟ ହୋଇପାରିବେ । ସେ ସୂଚନା ବା ତଥ୍ୟ ପ୍ରଦାନକାରୀମାନଙ୍କୁ ପ୍ରଭାବିତ କରିବେ । ଅନୁଶୀଳନରେ ସେମାନଙ୍କର ଭୂମିକା ବିଷୟରେ ସେମାନଙ୍କ ମଧ୍ୟରେ ଆତ୍ମପ୍ରତ୍ୟୟ ସୃଷ୍ଟି କରିବା ଆବଶ୍ୟକ ।

**(୩) ପ୍ରାରମ୍ଭିକ ଭାବ ବିନିମୟ:-** ତାପରେ ଗବେଷକ ପରିସ୍ଥିତି ସହିତ ପ୍ରାଥମିକ ଯୋଗ ସୂତ୍ର ସ୍ଥାପନ କରିବା ସହିତ ତଥ୍ୟ ପ୍ରଦାନକାରୀମାନଙ୍କ ସହିତ ପ୍ରାରମ୍ଭିକ ଭାବବିନିମୟ କରିବା ଆବଶ୍ୟକ ।

ଲୋକମାନଙ୍କ ସହିତ ମିଳାମିଶା ଭାବବିନିମୟ କରିବା ସମୟରେ ଗବେଷକ ନିଜର ଚତୁର୍ଯ୍ୟକୁ ଉପଯୋଗ କରିବା ଦରକାର ।

**(୪) ପର୍ଯ୍ୟବେକ୍ଷଣ ଓ ଲିପିବଦ୍ଧ :-** ଥରେ ସଂପର୍କ ସ୍ଥାପିତ ହୋଇଗଲେ, ପର୍ଯ୍ୟବେକ୍ଷଣ ସାଧାରଣତଃ କୌଣସି ସମସ୍ୟା ସୃଷ୍ଟି କରେନାହିଁ। କିନ୍ତୁ ପର୍ଯ୍ୟବେକ୍ଷଣକୁ ବିବରଣ କରିବାରେ ସମସ୍ୟା ସୃଷ୍ଟି ହୁଏ। ତଥ୍ୟପ୍ରଦାନକାରୀର ଅସଲ ବା ବାସ୍ତବ ବ୍ୟବହାରରେ ବ୍ୟାଘାତ ସୃଷ୍ଟି ନକରିବା ନିମନ୍ତେ ଗବେଷକ ଯଥାସମ୍ଭବ ଯତ୍ନବାନ୍ ହେବା ଦରକାର। ତଥ୍ୟ ଗୁଡିକୁ ଲିପିବଦ୍ଧ ବା ସଂରକ୍ଷଣ କରିରଖିବା ବା ସେଗୁଡିକର ସଠିକତା ଓ ସତ୍ୟତା ବଜାୟ ରଖିବାପାଇଁ ଗବେଷକ ଆଧୁନିକ ଯନ୍ତ୍ରପାତିର ମଧ୍ୟ ବ୍ୟବହାର କରିପାରିବେ। ଗବେଷକ ସମଗ୍ର ବ୍ୟବସ୍ଥା ମଧ୍ୟରେ ଅନୁକ୍ରମରେ ଘଟୁଥିବା ଘଟଣା ଗୁଡିକୁ ଲିପିବଦ୍ଧ କରିବା ସହିତ ଯେମିତି ଅନୁକ୍ରମର କୌଣସି ଗୋଟିଏ ବି ସ୍ତର ରହିନଯାଏ, ସେଥିପ୍ରତି ଯତ୍ନବାନ୍ ହେବା ଆବଶ୍ୟକ। ଆହୁରି ମଧ୍ୟ, ତଥ୍ୟପ୍ରଦାନକାରୀମାନେ ପ୍ରଦାନ କରୁଥିବା ତଥ୍ୟ ଗୁଡିକର ଯଥାର୍ଥତାକୁ ସେ ଯାଞ୍ଚ କରିବା ଆବଶ୍ୟକ। ଏପରିକି ତଥ୍ୟଗୁଡ଼ିକ ଲିପିବଦ୍ଧ ବା ସଂରକ୍ଷଣ କରି ରଖୁଥିବା ସମୟରେ ସେଗୁଡ଼ିକୁ ବର୍ଗୀକରଣ କରିବା ଆବଶ୍ୟକ ବା ଶ୍ରେଣୀ ଅନୁଯାୟୀ ଭାଗ ଭାଗ କରିବା ଆବଶ୍ୟକ।

**୫) କ୍ଷେତ୍ରକାର୍ଯ୍ୟର ପରିସମାପ୍ତି:-** ପର୍ଯ୍ୟବେକ୍ଷଣର ଅନ୍ତିମ ସ୍ତରଟି କେବଳ ହାତରେ କରାଯାଉଥିବା ଅନୁଶୀଳନର ପରିସମାପ୍ତି ନୁହଁ। ଅନୁଶୀଳନ ସମୟରେ ଯଦି କୌଣସି ଭାବଗତ ସଂପର୍କ ସୃଷ୍ଟି ହୋଇଥାଏ, ତେବେ ତାର ମଧ୍ୟ ପରିସମାପ୍ତି ଘଟିଥାଏ। ତଥ୍ୟଗୁଡ଼ିକର ବିଶ୍ଳେଷଣ ଓ ତର୍ଜମାରେ କୌଣସି ପ୍ରକାର ପକ୍ଷପାତିତା ଓ ବିକୃତ ଚିତ୍ରଣ ହେବା ଅନୁଚିତ୍।

## ୩.୩.୫ ପର୍ଯ୍ୟବେକ୍ଷଣ ପ୍ରକ୍ରିୟାରେ ବ୍ୟବହୃତ ସହାୟକ ସାମଗ୍ରୀ

ଦୈନନ୍ଦିନ କାର୍ଯ୍ୟ ବିବରଣୀ ପୁସ୍ତିକା, ଟିପାଖାତା, ଯାଞ୍ଚଖାତା, ମାନଚିତ୍ର, କ୍ୟାମେରା, ଶ୍ରାବ୍ୟ ଓ ଦୃଶ୍ୟ ଟେପ୍ ରେକର୍ଡର ଇତ୍ୟାଦି ସାମଗ୍ରୀ ଗୁଡିକ ପର୍ଯ୍ୟବେକ୍ଷଣର ପ୍ରକ୍ରିୟାର ସଠିକତାକୁ ବହୁ ଗୁଣିତ କରିଥାଏ। ସେହି ସାମଗ୍ରୀ ଗୁଡିକୁ ଆମେ ସଂକ୍ଷିପ୍ତରେ ଆଲୋଚନା କରିବା:

**ଦୈନନ୍ଦିନ କାର୍ଯ୍ୟବିବରଣୀ ପୁସ୍ତିକା (Diary) :** ଗବେଷକ ପରିସ୍ଥିତିକୁ ପର୍ଯ୍ୟବେକ୍ଷଣ କରି ସାରିବା ପରେ ପ୍ରତ୍ୟେକଟି ଘଟଣାକୁ ବିବରଣ କରିପାରିବେ। ଏହା ଏକ ଦୈନନ୍ଦିନ ପୁସ୍ତିକାର ଆକାର ନେଇପାରେ। ଯଦି ପ୍ରତ୍ୟେକଟି ଘଟଣାକୁ ଯତ୍ନ ସହକାରେ ଲେଖି ଦିଆଯାଏ, ତେବେ ପ୍ରତ୍ୟେକଟି ପରିସ୍ଥିତି ଓ ଘଟଣାର ଦୀର୍ଘମିଆଦୀ ଗୁରୁତ୍ୱ ରହିପାରିବ।

**ଟିପାଖାତା (Field Notes):** ଜଣେ ପର୍ଯ୍ୟବେକ୍ଷକ ପର୍ଯ୍ୟବେକ୍ଷଣ କରୁଥିବା ପ୍ରତ୍ୟେକଟି ଜିନିଷ ବା ଘଟଣାକୁ ବିସ୍ତୃତ ଭାବେ ଲିପିବଦ୍ଧ କରି ରଖିବା ଆବଶ୍ୟକ । ଏହାଦ୍ୱାରା କାର୍ଯ୍ୟ ଅଗ୍ରଗତିରେ ସୃଷ୍ଟି ହେଉଥିବା ପ୍ରତିବନ୍ଧକକୁ ଦୂର କରାଯାଇ ପାରିବ ।

**ମାନଚିତ୍ର (Maps):-** ଘଟଣାର ଜୀବନ୍ତ ବା ସୁବିସ୍ତୃତ ବର୍ଣ୍ଣନା ମଧ୍ୟରେ ମାନଚିତ୍ରର ବ୍ୟବହାର ସୀମିତ ହୋଇ ରହିନଥାଏ । ସମସ୍ୟା ଚିହ୍ନଟ, ଅନୁମାନ ବା କଳ୍ପନା କରାଯାଉଥିବା ବସ୍ତୁଗୁଡିକର ଯାଞ୍ଚ, ତଥ୍ୟ ବିଶ୍ଳେଷଣ ଓ ଲୁକ୍କାୟିତ ଅବସ୍ଥାରେ ଥିବା ସତ୍ୟତା ଓ ଏମାନଙ୍କ ମଧ୍ୟରେ ଥିବା ସଂପର୍କର ଉଦ୍‌ଘାଟନ ନିମନ୍ତେ ମାନଚିତ୍ର ଏକାନ୍ତ ଅପରିହାର୍ଯ୍ୟ । ସାମାଜିକ ମାନଚିତ୍ର ଗୁଡିକରେ ଗୋଟିଏ ସଂପ୍ରଦାୟର ଏହାର ସାମାଜିକ ସଂଗଠନ, ସହିତ ଥିବା ମୁଦ୍ରଣକଳା ବା ମୁଦ୍ରାଙ୍କ ସଂପର୍କୀୟ ଅଧିକ ଅନୁଶୀଳନ ସମ୍ଭବ ହୋଇଥାଏ । ଯଦି ଏହି ମାନଚିତ୍ର ନଥାନ୍ତା, ତେବେ କାର୍ଯ୍ୟବେକ୍ଷଣ ଲୋକଲୋଚନୁ ଆସିପାରି ନଥାଆନ୍ତା ।

**ତୁଳନୀୟ ସାମଗ୍ରୀ :-** ସାମାଜିକ ଅନୁଷ୍ଠାନ କିମ୍ବା ସାମାଜିକ ସଂପର୍କ ବିଶ୍ଳେଷଣ କରିବାରେ ଓ ଜଣେବ୍ୟକ୍ତି କିପରି ଭାବରେ ଜଣେ ହଡପକାରୀ ବା ତୋଷରପାତକାରୀରେ ପରିଣତ ହୁଏ ? ଏହିଭଳି ପ୍ରଶ୍ନ ଗୁଡ଼ିକର ସମାଧାନ କରିବାରେ ଅନୁରୂପ୍ୟ ବା ତୁଲ୍ୟତା ବା ତୁଳନାସାମଗ୍ରୀ ଆବଶ୍ୟକ ହୋଇଥାଏ ।

ଯାଞ୍ଚ ତାଲିକା ଏହା ପର୍ଯ୍ୟବେକ୍ଷଣର ସର୍ବାଧିକ ମୌଳିକ ସାଂଗଠନିକ ପଦ୍ଧତିମାନଙ୍କ ମଧ୍ୟରୁ ଅନ୍ୟତମ । ଜଣେ ପର୍ଯ୍ୟବେକ୍ଷକ ପୂର୍ବରୁ ନିର୍ଦ୍ଧାରଣ କରିଥିବା ସମସ୍ତ ଅତ୍ୟାବଶ୍ୟକୀୟ ତଥ୍ୟ ବା ପ୍ରସଙ୍ଗକୁ ଅନୁସନ୍ଧାନ କରିଛନ୍ତି ବୋଲି ସୁନିଶ୍ଚିତ ହେବା ନିମନ୍ତେ ଏଥିରେ କେତେକ ଶୂନ୍ୟସ୍ଥାନ ରହିଥାଏ । ପ୍ରସଙ୍ଗ ନିର୍ଦ୍ଧାରଣ ସମୟରେ ପରିକଳ୍ପନା ବା ଆଶା କରାଯାଇ ନଥିବା କୌଣସି ବି ତଥ୍ୟକୁ ଏହି ଶୂନ୍ୟ ସ୍ଥାନରେ ଲିପିବଦ୍ଧ କରି ରଖାଯାଏ । ଯାଞ୍ଚ ତାଲିକା ଦୁଇପ୍ରକାର । ଯଥା:- ସ୍ଥିତିଶୀଳ ଓ ଗତିଶୀଳ ।

ଗତିଶୀଳ ଯାଞ୍ଚ ତାଲିକାରେ ପରିବେଶ ବା ପରିସ୍ଥିତିର ଲକ୍ଷଣ ସହିତ ଲିଙ୍ଗ, ବର୍ଣ୍ଣ ବା ବୟସ ଇତ୍ୟାଦି ତଥ୍ୟକୁ ଲିପିବଦ୍ଧ କରି ରଖାଯାଏ । ଗତିଶୀଳ ଯାଞ୍ଚ ତାଲିକାରେ ବାସ୍ତବ ବ୍ୟବହାରକୁ ଲିପିବଦ୍ଧ କରାଯାଏ । ଯେଉଁ ବ୍ୟବହାରର ସୀମିତ ସଂଖ୍ୟକ ବିକଳ୍ପ ଥାଏ, ଏହି କୌଶଳ ମୁଖ୍ୟତଃ ତାହାପାଇଁ ପ୍ରଯୁଜ୍ୟ ହୋଇଥାଏ । ସେହି ବ୍ୟବହାର ଦୃଷ୍ଟିଗୋଚର ହୋଇଛି କି ନାହିଁ ସାଧାରଣତଃ ତାକୁ ହିଁ ଅନୁସନ୍ଧାନକାରୀ ଯାଞ୍ଚ କରିନିଏ ।

**ସାମାଜିକ ମାନଦଣ୍ଡ (Socio metric Sclaes) :** ସମସ୍ୟା ସମାଧାନର ସାମାଜିକ ପ୍ରକ୍ରିୟାକୁ ମାପିବା ନିମନ୍ତେ ଏଗୁଡିକୁ ବ୍ୟବହାର କରାଯାଏ । ଡାକ୍ତରଙ୍କର ହୃଦ୍‌ବୀକ୍ଷଣ ଯନ୍ତ୍ର ବା ତାପମାନଯନ୍ତ୍ର ଭଳି ପର୍ଯ୍ୟବେକ୍ଷଣରେ ଏହି ଯନ୍ତ୍ର ଗୁଡିକୁ ବ୍ୟବହାର କରାଯାଇଥାଏ । ତୁଳନାତ୍ମକ ଭାବେ ବ୍ୟାଖ୍ୟାମୂଳକ ନିଷ୍ପତ୍ତି ଭଳି କୌଣସି ଘଟଣାର ବର୍ଦ୍ଧିତ ସ୍ପଷ୍ଟତାକୁ ମାପିବା ନିମନ୍ତେ ଏହି ମାପଦଣ୍ଡକୁ ବ୍ୟବହାର

କରାଯାଇଥାଏ । ଗୋଟିଏ ପ୍ରଦତ୍ତ ଗୋଷ୍ଠୀ ମଧ୍ୟରେ ଥିବା ଆକର୍ଷଣ ବା ସମର୍ଥନ ଓ ବିରୋଧାଭାଷକୁ ଆକଳନ କରିବା ନିମନ୍ତେ ସାମାଜିକ ମାପଦଣ୍ଡକୁ ବ୍ୟବହାର କରାଯାଏ । ସାମାଜିକ ଆତ୍ମ- ମୂଲ୍ୟାୟନ ପଦ୍ଧତି, ଦଳଗତ ଅଗ୍ରାଧିକାର, ଦଲିଲ୍, ବହୁମୁଖୀ ସାମାଜିକ ସର୍ବେକ୍ଷଣ ଇତ୍ୟାଦି ପଦ୍ଧତି ଗୁଡ଼ିକ ଏହାର ପରିସରଭୁକ୍ତ ।

**ଯାନ୍ତ୍ରିକ ସାମଗ୍ରୀ :** ଭୌତିକ ବିଜ୍ଞାନ ଓ ପ୍ରାକୃତିକ ବିଜ୍ଞାନରେ ଗବେଷକମାନେ ମାଇକ୍ରୋସପ୍ଟ ଭଳି ବୈଜ୍ଞାନିକ ଯନ୍ତ୍ରପାତି ବ୍ୟବହାର କରିଥାଆନ୍ତି । ସମାଜ ବିଜ୍ଞାନ ଗବେଷଣାରେ ଗବେଷକମାନେ କ୍ୟାମେରା, ଟେପ୍ ରେକର୍ଡର, ନିଜର ପର୍ଯ୍ୟବେକ୍ଷଣ ଓ ତଥ୍ୟକୁ ଲିପିବଦ୍ଧ କରିବା ନିମନ୍ତେ ଭିଡିଓ ଇତ୍ୟାଦି ଯାନ୍ତ୍ରିକ ସାମଗ୍ରୀର ସହାୟତା ନିଅନ୍ତି । ସଂଗୃହୀତ ତଥ୍ୟକୁ ସଠିକ୍ ଓ ଭୁଲ୍ ଭାବରେ ଉପସ୍ଥାପନା କରିବା ନିମନ୍ତେ ଏହି ଯନ୍ତ୍ରପାତିଗୁଡ଼ିକ ଗବେଷକଙ୍କୁ ସହାୟକ ହୁଅନ୍ତି ।

## ୩.୩.୬ ପର୍ଯ୍ୟବେକ୍ଷଣର ପ୍ରକାର ଭେଦ (ପର୍ଯ୍ୟବେକ୍ଷଣ କୌଶଳର ପସନ୍ଦ)

**୧) ସ୍ୱାଭାବିକ ବନାମ କୌଶଳପୂର୍ଣ୍ଣ ପର୍ଯ୍ୟବେକ୍ଷଣ:** ଗୋଟିଏ ସ୍ୱାଭାବିକ ପରିସ୍ଥିତିରେ ଆମେ ଯେତେବେଳେ ଅନ୍ୟ ବ୍ୟବହାର ପର୍ଯ୍ୟବେକ୍ଷଣ କରୁ, ସେତେବେଳେ ସ୍ୱାଭାବିକ ପର୍ଯ୍ୟବେକ୍ଷଣ ଆରମ୍ଭ ହୁଏ । ଉଦାହରଣ ସ୍ୱରୂପ, ପିଲାମାନେ ଖେଳନା ବାଛିବା ବେଳର ଦୃଶ୍ୟକୁ ପର୍ଯ୍ୟବେକ୍ଷଣ କରିବା । ଏହି ପ୍ରକାର ପର୍ଯ୍ୟବେକ୍ଷଣରେ ଅନୁଶୀଳନ ପରିବେଶ ବା ପର୍ଯ୍ୟବେକ୍ଷଣ କରାଯାଇଥିବା ବ୍ୟକ୍ତିର ବ୍ୟବହାରକୁ କୌଣସି ପ୍ରକାରେ ପ୍ରଭାବିତ କରାଯାଇ ନଥାଏ । ଏହି ଅନୁଶୀଳନ ପର୍ଯ୍ୟବେକ୍ଷକଙ୍କୁ ଏକ ନିର୍ଦ୍ଦିଷ୍ଟ ପ୍ରକାରର ତଥ୍ୟ ସଂଗ୍ରହରେ ଅଗ୍ରଗତି ହାସଲ କରିବାରେ ସହାୟକ ହୋଇଥାଏ । ଗବେଷକମାନେ ଯେତେବେଳେ ପ୍ରାକୃତିକ ବା ସ୍ୱାଭାବିକ ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ ଉପରେ ନିର୍ଭର କରନ୍ତି, ସେମାନେ ଅଯଥାରେ ଅନେକ ସମୟ ନଷ୍ଟ କରନ୍ତି । କାରଣ ଆବଶ୍ୟକୀୟ ବା ପରିକଳ୍ପିତ ଘଟଣା ଘଟିବା ପର୍ଯ୍ୟନ୍ତ ତାଙ୍କୁ ଅପେକ୍ଷା କରିବାକୁ ପଡିଥାଏ । ଏହି ସମସ୍ୟାକୁ ପ୍ରଶମିତ କରିବା ନିମନ୍ତେ ଖୁବ୍ ଦକ୍ଷତାର ସହିତ ପର୍ଯ୍ୟବେକ୍ଷଣ କରାଯାଇପାରେ । ଉଦାହରଣ ସ୍ୱରୂପ, ଥରେ ଜଣେ ପର୍ଯ୍ୟବେକ୍ଷକ ବାସ୍ତବ ଅନୁଶୀଳନରେ ଷଡଯନ୍ତ୍ରର ଉପଯୋଗ କରିଥିଲେ । ସେ ଅସଜଡା ଚୁଟି, ବିନା ଦାଢିକ୍ଷୁରରେ ଓ ପୁରୁଣା ପୋଷାକ ପରିଧାନ କରି ଗୋଟିଏ ଦୋକାନ ମଧ୍ୟକୁ ପ୍ରବେଶ କଲେ । ଦୋକାନରେ ବିଭିନ୍ନ ସାମଗ୍ରୀ ବିକ୍ରୟ କରୁଥିବା ଲୋକଟି ତାଙ୍କ ପାଖକୁ କେତେ ସମୟ ମଧ୍ୟରେ ଆସୁଛି, ତାକୁ ସେ ପର୍ଯ୍ୟବେକ୍ଷଣ କରେ । ଦେଖାଗଲା ପ୍ରାୟ ୧୦ ମିନିଟ୍ ଲାଗିଗଲା । କିନ୍ତୁ ପରବର୍ତ୍ତୀ ସମୟରେ ସେହି ସମାନବ୍ୟକ୍ତି ଆଧୁନିକ ବେଶଭୁଷା ଯଥା କୋଟ୍ ଓ ପ୍ୟାଣ୍ଟ ପରିଧାନ କରି ଯେତେବେଳେ ଦୋକାନ ମଧ୍ୟକୁ ପ୍ରବେଶ କଲେ, ମାତ୍ର ୫ ମିନିଟ୍ ମଧ୍ୟରେ ବିକ୍ରେତା ବ୍ୟକ୍ତି ଜଣକ ତାଙ୍କ ପାଖକୁ ଆସିଲା । ଏଥିରେ ସମୟ ବ୍ୟବଧାନ ଯଥେଷ୍ଟ ହ୍ରାସ ପାଇଥିଲା ।

ଏଥିରୁ ଜଣାଗଲା ଯେ ଗ୍ରହକର ବେଶଭୂଷା ଓ ପୋଷାକ ପରିଛଦ ବିକ୍ରେତାର ଏକାଗ୍ରତାକୁ ପ୍ରଭାବିତ କରିଥାଏ ।

**୨) ସହଭାଗୀ ପର୍ଯ୍ୟବେକ୍ଷଣ:** ପର୍ଯ୍ୟବେକ୍ଷଣ ଅନ୍ତର୍ଭୁକ୍ତ ଗୋଷ୍ଠୀର କାର୍ଯ୍ୟକଳାପରେ ଯେତେବେଳେ ପର୍ଯ୍ୟବେକ୍ଷକ ନିଜକୁ ସାମିଲ୍ କରନ୍ତି, ତାକୁ ସହଭାଗୀ ପର୍ଯ୍ୟବେକ୍ଷଣ କୁହାଯାଏ । ଗବେଷକ ଉକ୍ତଗୋଷ୍ଠୀ ସହିତ ମିଶିଯାଆନ୍ତି ଓ ଖୁବ୍ ସକ୍ରିୟ ଭାବରେ ସେମାନଙ୍କ ଜୀବନଶୈଳୀ ସହିତ ନିଜକୁ ସାମିଲ କରିନିଅନ୍ତି । ଏହାଦ୍ୱାରା ଅନୁଶୀଳନ ସମୟରେ ଗବେଷକ ଉକ୍ତ ଗୋଷ୍ଠୀର ଏକ ଅଂଶ ବିଶେଷ ହୋଇଯାଆନ୍ତି । ସେ ଖୋଲାଖୋଲି ଭାବରେ ଉକ୍ତ ଗୋଷ୍ଠୀର ସାମାଜିକ କାର୍ଯ୍ୟକଳାପରେ ମିଶିଯାଆନ୍ତି । ଏହିଭଳି ଅନୁଶୀଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, କିମ୍ବଦନ୍ତୀ, ପ୍ରଥା, ପରମ୍ପରା ଓ ଲୋକକଥା ସଂପର୍କରେ ଅଧିକରୁଅଧିକ ଜାଣିବା ।

**ସହଭାଗୀ ପର୍ଯ୍ୟବେକ୍ଷଣର ଉପାଦେୟତା:** ଏହିଭଳି ପର୍ଯ୍ୟବେକ୍ଷଣରେ ଅନେକ ଲୁକ୍କାୟିତ ତଥ୍ୟ ଯାହାକୁ ସହଜରେ ଅନ୍ୟକୁ ପ୍ରଦର୍ଶନ କରାଯାଇ ପାରେ ନାହିଁ; ତାହା ହାସଲ କରିବାରେ ପର୍ଯ୍ୟବେକ୍ଷକ ସମର୍ଥ ହେଇଥାଆନ୍ତି । ଏହାଦ୍ୱାରା ସେ ବିଭିନ୍ନ ଗୋଷ୍ଠୀର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଜୀବନଧାରା ମଧ୍ୟକୁ ପ୍ରବେଶ କରି ସ୍ୱଷ୍ଟ ଧାରଣା ହାସଲ କରିପାରିବେ । ଏହି କ୍ଷେତ୍ରରେ ଗବେଷକ ନିଜକୁ ସାମିଲ କରୁଥିବା ଗୋଷ୍ଠୀଠାରୁ ସ୍ୱତନ୍ତ୍ର ମର୍ଯ୍ୟାଦା ହାସଲ କରିବାରୁ କ୍ଷାନ୍ତ ହେବା ଆବଶ୍ୟକ । ଯେଉଁ ମୁହୂର୍ତ୍ତରେ ସେ ଭାବପ୍ରବଣତାର ସହ ଗୋଷ୍ଠୀ ସହିତ ସାମିଲ୍ ହୋଇଯାଆନ୍ତି, ସେ ଜଣେ ପର୍ଯ୍ୟବେକ୍ଷକ ବୋଲି ନିଜକୁ ଭୁଲିଯିବା ଉଚିତ୍ । ଯଦି ଏହା ନହୁଏ, ସେ ଅନୁସନ୍ଧାନରେ ସଫଳ ହୋଇପାରିବେ ନାହିଁ ।

**୩) ଅଣ- ସହଭାଗୀ ପର୍ଯ୍ୟବେକ୍ଷଣ:** ଯେତେବେଳେ ଜଣେ ପର୍ଯ୍ୟବେକ୍ଷକ ଗୋଷ୍ଠୀର କାର୍ଯ୍ୟ କଳାପରେ ନିଜକୁ ସାମିଲ ନକରି କେବଳ ଦୂରରୁ ପର୍ଯ୍ୟବେକ୍ଷଣ କରନ୍ତି, ତାହାକୁ ଅଣ- ସହଭାଗୀ ପର୍ଯ୍ୟବେକ୍ଷଣ କହନ୍ତି । ସଂପୂର୍ଣ୍ଣ ଅଣ- ସହଭାଗୀ ଅତ୍ୟନ୍ତ ଜଟିଳ ବ୍ୟାପାର । ସଂପୂର୍ଣ୍ଣ ଅପରିଚିତ ହେଲେ ମଧ୍ୟ, ଜଣେ ପର୍ଯ୍ୟବେକ୍ଷକ ଭାବଗତ ଭାବରେ କିଛି ପରିମାଣରେ ସଂଶ୍ଳିଷ୍ଟ ହୁଅନ୍ତି । ଜଣେ ଗବେଷକ ଭାବରେ ସେ ନିଜର ସ୍ଥିତିକୁ ଜାହିର କରନ୍ତି । ଏହା ତାଙ୍କୁ ଲକ୍ଷ୍ୟ ହାସଲରେ ସହାୟକ ହେବା ସହ ନିରପେକ୍ଷ କରେ । ବାସ୍ତବତାକୁ ଦେଖିଲେ ଅଣ- ସହଭାଗୀ ପର୍ଯ୍ୟବେକ୍ଷଣ ହେଉଛି ଅର୍ଦ୍ଧ-ସହଭାଗୀ ପର୍ଯ୍ୟବେକ୍ଷଣ ।

**୪) ନିୟନ୍ତ୍ରିତ ପର୍ଯ୍ୟବେକ୍ଷଣ:** (Controlled Observation): ପୂର୍ବ ନିର୍ଦ୍ଧାରିତ, ନିର୍ଦ୍ଦିଷ୍ଟ ଯୋଜନା ମୁତାବକ ଯେତେବେଳେ ପର୍ଯ୍ୟବେକ୍ଷଣ କରାଯାଏ, ଏହାକୁ ନିୟନ୍ତ୍ରିତ ପର୍ଯ୍ୟବେକ୍ଷଣ କୁହାଯାଏ । ଏହି ପଦ୍ଧତି ଅତି ନିଖୁଣ ଓ ସଠିକ୍ ଫଳାଫଳ ପ୍ରଦାନ କରିଥାଏ ଓ ନିର୍ଦ୍ଦିଷ୍ଟ ପରିବେଶ ମଧ୍ୟରେ ଏହାକୁ ବାରମ୍ବାର ପର୍ଯ୍ୟବେକ୍ଷଣ କରାଯାଇପାରେ । କୌଣସି ଏକ ନିର୍ଦ୍ଦିଷ୍ଟ ଘଟଣା ଉପରେ ଥିବା ଭ୍ରାନ୍ତ ଧାରଣା,

ତ୍ରୁଟିପୂର୍ଣ୍ଣ ତଥ୍ୟ ଓ ବାହ୍ୟପ୍ରଭାବ ଯୋଗୁଁ ହେଉଥିବା ପକ୍ଷପାତିତାକୁ ନିୟନ୍ତ୍ରଣ କରିବା ନିୟନ୍ତ୍ରିତ ପର୍ଯ୍ୟବେକ୍ଷଣର ମୁଖ୍ୟ ଲକ୍ଷ୍ୟ ।

ସାଧାରଣତଃ ପରୀକ୍ଷାଗାର ବା ନିୟନ୍ତ୍ରିତ ପରିବେଶ ମଧ୍ୟରେ କରାଯାଉଥିବା ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷାରେ ନିୟନ୍ତ୍ରିତ ପର୍ଯ୍ୟବେକ୍ଷଣ କରାଯାଇଥାଏ । ପର୍ଯ୍ୟବେକ୍ଷଣରେ କରାଯାଉଥିବା ନିୟନ୍ତ୍ରଣ ଦୁଇ ପ୍ରକାରର । ଯଥା:-

୧) ପ୍ରସଙ୍ଗ ଉପରେ ନିୟନ୍ତ୍ରଣ

୨) ପର୍ଯ୍ୟବେକ୍ଷଣ ଉପରେ ନିୟନ୍ତ୍ରଣ

ଯେଉଁ ପ୍ରସଙ୍ଗ ଗୁଡିକ ନିୟନ୍ତ୍ରିତ ପରିବେଶରେ ବା ଅବସ୍ଥାରେ ପରୀକ୍ଷାଗାର ମଧ୍ୟରେ ପର୍ଯ୍ୟବେକ୍ଷଣ କରାଯାଇଥାଏ, ସେହି ଗୁଡିକ ପ୍ରଥମ ପ୍ରକାରର ପର୍ଯ୍ୟବେକ୍ଷଣର ଅନ୍ତର୍ଭୁକ୍ତ । ଉତ୍ପାଦନ ଉପରେ ବିଜୁଳିର ପ୍ରଭାବ ସଂପର୍କିତ ଅନୁଶୀଳନ ନିମନ୍ତେ ଏହି ପ୍ରକାରର ପରୀକ୍ଷା କରାଯାଉଥିଲା । ବିଭିନ୍ନ ପ୍ରକାରର କାର୍ଯ୍ୟ ଅନୁଶୀଳନ ଏହି ପ୍ରକାର ପର୍ଯ୍ୟବେକ୍ଷଣର ଅନ୍ତର୍ଭୁକ୍ତ । ଶିଶୁମାନଙ୍କ ବ୍ୟବହାର ଅନୁଶୀଳନ ମଧ୍ୟ ଏହି ପ୍ରକାର ପର୍ଯ୍ୟବେକ୍ଷଣର ଅନ୍ତର୍ଭୁକ୍ତ ।

ପର୍ଯ୍ୟବେକ୍ଷଣ ଉପରେ ନିୟନ୍ତ୍ରଣ: ଅନୁଶୀଳନ କରାଯାଉଥିବା ପ୍ରସଙ୍ଗଟିକୁ ଯେତେବେଳେ ସୁଚିନ୍ତିତ ଢଙ୍ଗରେ ପରୀକ୍ଷାଗାର ମଧ୍ୟରେ ପରୀକ୍ଷା ନିରୀକ୍ଷା କରାଯାଇପାରିବ ନାହିଁ, ସେତେବେଳେ ଗବେଷକ ତାଙ୍କର ନିଜର ଧାରଣା ବା ଉପଲବ୍ଧ ଜ୍ଞାନ ବା ପ୍ରତ୍ୟକ୍ଷ ଜ୍ଞାନ ଉପରେ ଲଗାମ ପାଇଁ ଚେଷ୍ଟା କରନ୍ତି । ଏହାଦ୍ୱାରା ତ୍ରୁଟିପୂର୍ଣ୍ଣ ପର୍ଯ୍ୟବେକ୍ଷଣ ଯୋଗୁଁ ପକ୍ଷପାତିତା ସୃଷ୍ଟି ହେବାର ସମ୍ଭାବନାକୁ ଏଡାଇ ଦିଆଯାଇପାରିବ । ଏହି ଉଦ୍ଦେଶ୍ୟରେ ସାଧାରଣତଃ ନିମ୍ନଲିଖିତ ନିୟନ୍ତ୍ରଣ କୌଶଳ ଗୁଡିକ ବ୍ୟବହାର କରାଯାଇଥାଏ ।

୧) ବିସ୍ତୃତ ପର୍ଯ୍ୟବେକ୍ଷଣ ଯୋଜନା

୨) ତାଲିକା ବା ଅନୁସୂଚୀର ବ୍ୟବହାର

୩) ଯାନ୍ତ୍ରିକ ସାମଗ୍ରୀର ବ୍ୟବହାର

୪) ସାମାଜିକ ମାପଦଣ୍ଡର ବ୍ୟବହାର

୫) ଅନୁମାନ ର ବ୍ୟବହାର

୬) ଗୋଷ୍ଠୀଗତ ପର୍ଯ୍ୟବେକ୍ଷଣ

୭) ନିୟନ୍ତ୍ରଣ ଗୋଷ୍ଠୀର ଉପଯୋଗ

**୫) ଅଣନିୟନ୍ତ୍ରିତ ପର୍ଯ୍ୟବେକ୍ଷଣ:** ଯଦି ପ୍ରାକୃତିକ ବା ସ୍ୱାଭାବିକ ପରିବେଶ ମଧ୍ୟରେ ପର୍ଯ୍ୟବେକ୍ଷଣ କରାଯାଏ, ତାକୁ ଅଣ- ନିୟନ୍ତ୍ରିତ ପର୍ଯ୍ୟବେକ୍ଷଣ କୁହାଯାଏ। ଏହି ପଦ୍ଧତିରେ କୌଣସି ପ୍ରକାର ଯନ୍ତ୍ରପାତି ଯଥା ଯାନ୍ତ୍ରିକ ଉପକରଣ ବ୍ୟବହାର ପାଇଁ ଉଦ୍ୟମ କରାଯାଇନଥାଏ। ବିନା ସୁବ୍ୟବସ୍ଥିତ ଉପାୟରେ ବା ବିନା ମନଇଚ୍ଛା ନମୁନାକରଣ ପଦ୍ଧତିରେ ତଥ୍ୟ ସଂଗ୍ରହ କରାଯାଇଥାଏ। ପ୍ରାକୃତିକ ପରିବେଶ ମଧ୍ୟରେ ଓ ବିନା ବାହ୍ୟ ପ୍ରଭାବରେ ସ୍ୱାଭାବିକ ଢଙ୍ଗରେ ଯେତେବେଳେ ପର୍ଯ୍ୟବେକ୍ଷଣ ହୁଏ, ତାହା ହେଉଛି ଅଣ-ନିୟନ୍ତ୍ରିତ ପର୍ଯ୍ୟବେକ୍ଷଣ। ଲୋକମାନଙ୍କର ଜୀବନ ବିଷୟରେ ଏକ ସ୍ୱାଭାବିକ ବା ବାସ୍ତବ ଚିତ୍ର ହାସଲ କରିବା ଏହି ପଦ୍ଧତିର ମୁଖ୍ୟ ଲକ୍ଷ୍ୟ। ଏହିପ୍ରକାର ପଦ୍ଧତି ଅତି ନିର୍ଭରଯୋଗ୍ୟ ନୁହଁ। ଅତଏବ, ଅଧିକାଂଶ ସାମାଜିକ ପ୍ରସଙ୍ଗ ଏକ ଅଣ- ନିୟନ୍ତ୍ରିତ ପଦ୍ଧତିରେ ପର୍ଯ୍ୟବେକ୍ଷଣ ହେବା ଦରକାର।

**୬) ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ:** ଏହି ପ୍ରକାର ପର୍ଯ୍ୟବେକ୍ଷଣର ପ୍ରକୃତି, ବ୍ୟବହାରକୁ ସିଧାସଳଖ ବା ପ୍ରତ୍ୟକ୍ଷ ଭାବରେ ପର୍ଯ୍ୟବେକ୍ଷଣ କରାଯାଇଥାଏ। ବ୍ୟବହାର ସାଧାରଣ ବା ଅସାଧାରଣ, ତାହା ଜାଣିବାକୁ ଚେଷ୍ଟା କରାଯାଇଥାଏ। ଉଦାହରଣ ସ୍ୱରୂପ, ଏକ ନିର୍ଦ୍ଦିଷ୍ଟ ପରିସ୍ଥିତି ବା ପରିବେଶରେ ଛାତ୍ରମାନଙ୍କର ବ୍ୟବହାର ଅନୁଶୀଳନ କରିବାକୁ ହେବ। ତେବେ ଆମକୁ ସେଠାକୁ ଯାଇ ସେମାନେ ସ୍ୱାଭାବିକ ଭାବରେ ଦର୍ଶନ କରୁଥିବା ବ୍ୟବହାରକୁ ଲକ୍ଷ୍ୟ କରିବାକୁ ହେବ।

**୭) ପରୋକ୍ଷ ପର୍ଯ୍ୟବେକ୍ଷଣ:** ଏହି ପଦ୍ଧତିରେ ବ୍ୟବହାରର ଫଳାଫଳ ବା ବାସ୍ତବ ସଙ୍କେତକୁ ପର୍ଯ୍ୟବେକ୍ଷଣ କରିବାକୁ ହେବ। ଉଦାହରଣ ସ୍ୱରୂପ, ଛାତ୍ରମାନେ ଛାଡ଼ିଯାଇଥିବା ସଂକେତ କିମ୍ବା ଯେଉଁ ଢଙ୍ଗରେ ଚୌକି ଗୁଡ଼ିକ ସଜା ହୋଇଛି ବା ଅସଜଡ଼ା ଅବସ୍ଥାରେ ରହିଛି, କିମ୍ବା ଅନ୍ୟାନ୍ୟ ଦୃଶ୍ୟକୁ ଦେଖିଲେ ସେହି ନିର୍ଦ୍ଦିଷ୍ଟ ପରିବେଶ ବା ପରିସ୍ଥିତିରେ ଛାତ୍ରମାନେ କିପରି ବ୍ୟବହାର ପ୍ରଦର୍ଶନ କରିଥିବେ, ତାହା ଅନୁମାନ କରିହେବ।

**୮) ପ୍ରକାଶ୍ୟ ଓ ଗୁପ୍ତ ପର୍ଯ୍ୟବେକ୍ଷଣ:** ପ୍ରକାଶ୍ୟ ପର୍ଯ୍ୟବେକ୍ଷଣରେ ଯେଉଁମାନଙ୍କୁ ପର୍ଯ୍ୟବେକ୍ଷଣ କରାଯାଉଥାଏ, ସେମାନେ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତି ବା ଉଦ୍ଦେଶ୍ୟ ଜାଣିଥାଆନ୍ତି। ଗୁପ୍ତ ବା ଆଭ୍ୟନ୍ତରୀଣ ପର୍ଯ୍ୟବେକ୍ଷଣରେ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତି ବା ଉଦ୍ଦେଶ୍ୟକୁ ଲୁକ୍କାୟିତ ରଖାଯାଇଥାଏ।

**୯) ବ୍ୟବସ୍ଥିତ ଓ ଅଣବ୍ୟବସ୍ଥିତ ପର୍ଯ୍ୟବେକ୍ଷଣ:** ପର୍ଯ୍ୟବେକ୍ଷଣ କରିବାକୁ ଥିବା ଏକକ ଗୁଡ଼ିକର ଖୁବ୍ ଯତ୍ନର ସହକାରେ ସଂଜ୍ଞାନିରୂପଣ, ସୁସ୍ଥ ପରିବେଶ ମଧ୍ୟରେ ପର୍ଯ୍ୟବେକ୍ଷଣ ଓ ପର୍ଯ୍ୟବେକ୍ଷଣ ନିମନ୍ତେ ଉପଯୁକ୍ତ ତଥ୍ୟ ଗୁଡ଼ିକର ସଠିକ୍ ମନୋନୟନ ବା ଚୟନ ହୋଇଥାଏ, ତାକୁ ବ୍ୟବସ୍ଥିତ ପର୍ଯ୍ୟବେକ୍ଷଣ କୁହାଯାଏ। ବ୍ୟବସ୍ଥିତ ପର୍ଯ୍ୟବେକ୍ଷଣରେ ପର୍ଯ୍ୟବେକ୍ଷକ ଅନୁସନ୍ଧାନ କରିବା ସହିତ ଖୁବ୍ ବ୍ୟବସ୍ଥିତ ଢଙ୍ଗରେ ନିର୍ଦ୍ଦିଷ୍ଟ ଘଟଣା ପ୍ରବାହ ବା ବ୍ୟବହାରକୁ ଲିପିବଦ୍ଧ କରି ରଖିଥାଆନ୍ତି। ବିସ୍ତୃତ ଅନୁଶୀଳନରେ

ଏହି ପଦ୍ଧତି ଉପଯୁକ୍ତ ସାବ୍ୟସ୍ତ ହୋଇଥାଏ। କିନ୍ତୁ ଅନୁସନ୍ଧାନ ମୂଳକ ଗବେଷଣା କ୍ଷେତ୍ରରେ ଅଣ-ବ୍ୟବସ୍ଥିତ ପର୍ଯ୍ୟବେକ୍ଷଣ ଉପଯୁକ୍ତ ବିବେଚିତ ହୋଇଥାଏ। ଯେତେବେଳେ ସଂଜ୍ଞା ନିରୂପଣ ନିମନ୍ତେ କିମ୍ବା ସୁସ୍ଥ ପରିବେଶରୁ ତଥ୍ୟ ସଂଗ୍ରହ କରାଯାଇଥାଏ, ଏହାକୁ ଅଣ- ବ୍ୟବସ୍ଥିତ ପର୍ଯ୍ୟବେକ୍ଷଣ କୁହାଯାଏ। ଅଣ- ବ୍ୟବସ୍ଥିତ ପର୍ଯ୍ୟବେକ୍ଷଣରେ ପ୍ରଥମେ ସମସ୍ତ ପ୍ରକାର ବ୍ୟବହାରକୁ ଯୁକ୍ତି ସଂଗତ ବୋଲି ବିବେଚନା କରାଯାଇଥାଏ। କିନ୍ତୁ ପରବର୍ତ୍ତୀ ସମୟରେ ଏହାର ପ୍ରଭାବକୁ ଦେଖି ଅନୁସନ୍ଧାନକାରୀ ଗୁରୁତ୍ୱପୂର୍ଣ୍ଣ ଓ ଗୁରୁତ୍ୱ ବିହୀନ ବ୍ୟବହାର ମଧ୍ୟରେ ପାର୍ଥକ୍ୟ ନିର୍ଦ୍ଧାରଣ କରନ୍ତି।

## ୩.୩.୭ ପର୍ଯ୍ୟବେକ୍ଷଣ ନିମନ୍ତେ ଯୋଜନା ଓ ଏହାର କାର୍ଯ୍ୟକାରିତା

୧) ପର୍ଯ୍ୟବେକ୍ଷକଙ୍କର ଅନୁଶୀଳନ କରୁଥିବା ପ୍ରସଙ୍ଗର ପୃଷ୍ଠଭୂମି ସହିତ ଅନୁଶୀଳନର ପରିସର ସଂପର୍କରେ ଧାରଣା ରହିଥିବା ଆବଶ୍ୟକ।

୨) କେଉଁ କେଉଁ କାର୍ଯ୍ୟକଳାପ ଉପରେ ପର୍ଯ୍ୟବେକ୍ଷଣ କରିବାକୁ ହେବ, ପର୍ଯ୍ୟବେକ୍ଷକ ସେଗୁଡ଼ିକୁ ଅତି ସ୍ପଷ୍ଟ ଓ ସଠିକ୍ ଭାବରେ ଚୟନ ଓ ନିର୍ଦ୍ଧାରଣ କରିବା ଆବଶ୍ୟକ।

୩) ପରୀକ୍ଷା ନିରୀକ୍ଷା କରିବାକୁ ଥିବା ପ୍ରସଙ୍ଗ ଗୁଡ଼ିକ ନିର୍ଦ୍ଧାରଣ କରିବା।

୪) ଗବେଷକ ପର୍ଯ୍ୟବେକ୍ଷଣ କରିବାକୁ ଥିବା ଏକକ ଗୁଡ଼ିକର ଆକାର ସ୍ଥିର କରିବା ଆବଶ୍ୟକ।

୫) କେଉଁ ପ୍ରକାର ପର୍ଯ୍ୟବେକ୍ଷଣ କୌଶଳ ବ୍ୟବହାର କରିବାକୁ ହେବ, ତାହା ତାଙ୍କୁ ସ୍ଥିର କରିବାକୁ ହେବ।

୬) ତାଙ୍କୁ ପର୍ଯ୍ୟବେକ୍ଷଣର ସମୟସୀମା ନିର୍ଦ୍ଧାରଣ କରିବାକୁ ପଡିବ।

୭) ତାଙ୍କୁ ବ୍ୟବହାର କରିବାକୁ ଥିବା ଉପଯୁକ୍ତ ସାମଗ୍ରୀ ଓ ଯାନ୍ତ୍ରିକ କୌଶଳ ସ୍ଥିର କରିବାକୁ ହେବ।

୮) ଗବେଷକଙ୍କୁ ଆବଶ୍ୟକ ହେଉଥିବା ପର୍ଯ୍ୟବେକ୍ଷକମାନଙ୍କର ସଂଖ୍ୟାସ୍ଥିର କରିବାକୁ ହେବ।

୯) ପର୍ଯ୍ୟବେକ୍ଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରଦାନ ନିମନ୍ତେ ତାଙ୍କୁ ଆବଶ୍ୟକୀୟ ବ୍ୟବସ୍ଥା କରିବାକୁ ହେବ।

୧୦) ତାଙ୍କୁ ପ୍ରାରମ୍ଭିକ କାର୍ଯ୍ୟବେକ୍ଷଣ ନିମନ୍ତେ ବ୍ୟବସ୍ଥା କରିବାକୁ ହେବ।

୧୧) ତାଙ୍କୁ ତଥ୍ୟଗୁଡ଼ିକର ଉପଯୁକ୍ତ ବିବରଣ ନିମନ୍ତେ ବ୍ୟବସ୍ଥା କରିବାକୁ ହେବ।

୧୨) ତଥ୍ୟ ସଂଗୃହୀତ ହୋଇ ସାରିବା ପରେ, ସେଗୁଡିକର ବିଶ୍ଳେଷଣ ଓ ତର୍ଜମା ନିମନ୍ତେ ତାଙ୍କୁ ସଂପୂର୍ଣ୍ଣ ଭାବରେ ଧ୍ୟାନ ଦେବାକୁ ହେବ।

## ୩.୩.୮ ପର୍ଯ୍ୟବେକ୍ଷଣର ଗୁରୁତ୍ୱ

- ଏହି ପଦ୍ଧତି ସବୁଠାରୁ ସହଜ ଓ ସଂପୂର୍ଣ୍ଣ ଭାବେ ଅଣକୁଶଳୀ ।
- ପରିକଳ୍ପନା ନିମନ୍ତେ ଏହା ଏକ ମୁଖ୍ୟ ଉତ୍ସ ।
- ବେଳେବେଳେ ପର୍ଯ୍ୟବେକ୍ଷଣ ଅନ୍ୟାନ୍ୟ ପଦ୍ଧତିଗୁଡିକ ଅପେକ୍ଷା ଅଧିକ ସଠିକ୍ ସାବ୍ୟସ୍ତ ହୋଇଥାଏ ।
- ପର୍ଯ୍ୟବେକ୍ଷଣ ମାଧ୍ୟମରେ ସଂଗୃହୀତ ତଥ୍ୟଗୁଡିକ ଅନ୍ୟାନ୍ୟ ପଦ୍ଧତି ଠାରୁ ଅଧିକ ସୁବିଧାଜନକ । ପରିକଳ୍ପନା କରିଥିବା ପ୍ରସଙ୍ଗ ଗୁଡ଼ିକର ବାସ୍ତବତାକୁ ପରୀକ୍ଷା କରିବା ନିମନ୍ତେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।
- ସମସ୍ତ ବିଜ୍ଞାନ ନିମନ୍ତେ ଏହା ଏକ ସାଧାରଣ ପଦ୍ଧତି । ଅତ୍ୟନ୍ତ ଗଭୀର ଭାବରେ ପ୍ରସଙ୍ଗକୁ ଅନୁଶୀଳନ ନିମନ୍ତେ ଏହା ସହାୟକ ହୋଇଥାଏ ।
- ତଥ୍ୟ ଗୁଡ଼ିକର ମାଗଣା ପ୍ରସାରଣରେ ଏହା ସାହାଯ୍ୟ କରେ ।
- ଏହି ପଦ୍ଧତିରେ ଘଟୁଥିବା ସମସ୍ତ ଘଟଣା ବା ବ୍ୟବହାରକୁ ବିବରଣ କରିବା ସମ୍ଭବ ହୋଇଥାଏ ।
- ଶିଶୁ ମାନଙ୍କର ବିଭିନ୍ନ କାର୍ଯ୍ୟକଳାପ ଓ ବ୍ୟବହାରକୁ ଅନୁଶୀଳନ କରିବା ନିମନ୍ତେ ଏହା ଏକ ଉପକାରୀ କୌଶଳ ।
- ପର୍ଯ୍ୟବେକ୍ଷଣ କରାଯାଉଥିବା ଗୋଷ୍ଠୀର ପ୍ରାକୃତିକ ବା ସ୍ୱାଭାବିକ ବ୍ୟବହାରକୁ ବିବରଣ କରିବାରେ ଗବେଷକ ସକ୍ଷମ ହୋଇଥାଆନ୍ତି ।
- ସେ ବହୁ ପରିମାଣର ତଥ୍ୟ ସଂଗ୍ରହ କରିପାରିବେ ।
- ଜଟିଳ ଓ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଗବେଷଣା ନିମନ୍ତେ ଏହି ପଦ୍ଧତି ଅତି ଦରକାରୀ ।
- ଏଥିରେ ଖୁବ୍ କମ୍ ଅର୍ଥ ବ୍ୟୟ ହୋଇଥାଏ ।

## ୩.୩.୯ ପର୍ଯ୍ୟବେକ୍ଷଣ ର ଦୁର୍ଗୁଣ

୧) ସମସ୍ତ ଘଟଣା ପର୍ଯ୍ୟବେକ୍ଷଣ ସାବ୍ୟସ୍ତ ହୋଇନପାରେ ।

୨) ବ୍ୟକ୍ତିଗତ ଧାରଣା ପର୍ଯ୍ୟବେକ୍ଷଣ କ୍ଷେତ୍ରରେ ବାଧକ ।

୩) ବ୍ୟବସ୍ଥିତ ଓ ଯୋଜନାବଦ୍ଧ ପର୍ଯ୍ୟବେକ୍ଷଣ ଖୁବ୍ କଷ୍ଟସାଧ୍ୟ ।

୪) ପାଣିପାଗ ବା ବାୟୁମଣ୍ଡଳର ଅବସ୍ଥାଭଳି ପ୍ରାକୃତିକ ଉପାଦାନ ପର୍ଯ୍ୟବେକ୍ଷଣକୁ ପ୍ରଭାବିତ କରିପାରେ ।

୫) ନମୁନାକରଣରେ ସମସ୍ୟା ସୃଷ୍ଟି ହୋଇଥାଏ ।

୬) ତ୍ରୁଟିପୂର୍ଣ୍ଣ ଧାରଣା ।

୭) ଗବେଷକଙ୍କର ତର୍ଜମା ସବୁଠାରୁ ପ୍ରଭାବଶାଳୀ ।

୮) କେତେକ ଐତିହାସିକ ଘଟଣାର ଦ୍ୱାର ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ ନିମନ୍ତେ ମୁକ୍ତ ନଥାଏ ।

୯) ପର୍ଯ୍ୟବେକ୍ଷକ ଭାବପ୍ରବଣ ହୋଇ ତଥ୍ୟ ସଂଗ୍ରହ କରିପାରନ୍ତି ।

୧୦) ତୁଳନାତ୍ମକ ଭାବରେ କେବଳ କ୍ଷୁଦ୍ର ଗୋଷ୍ଠୀ ବା ବ୍ୟବସ୍ଥା ନିମନ୍ତେ ଏହି ପଦ୍ଧତି ଉପକାରୀ ସାବ୍ୟସ୍ତ ହୋଇପାରେ ।

## ୩.୪ ଖସଡ଼ା

ଖସଡ଼ା ହେଉଛି ଏକ କାଗଜ ବା ଫର୍ମ ଯେଉଁଥିରେ କେତେକ ପ୍ରଶ୍ନ କିମ୍ବା ଶୂନ୍ୟସ୍ଥାନ କିମ୍ବା ଫାଙ୍କା ସାରଣୀ ରହିଥାଏ । ତଥ୍ୟ ପ୍ରଦାନକାରୀ ଠାରୁ ତଥ୍ୟ ହାସଲ କରିବା ପରେ କର୍ମଚାରୀମାନେ ଏହି ଫାଙ୍କା ସାରଣୀକୁ ପୂରଣ କରିଥାଆନ୍ତି । ତେଣୁ ଖସଡାରେ ଦୁଇ ପ୍ରକାରର ପ୍ରଶ୍ନ ଥାଏ । ପ୍ରଥମତଃ ସିଧା ପ୍ରଶ୍ନ ଆକାରରେ ଓ ଦ୍ୱିତୀୟତଃ ସାରଣୀ ଆକାରରେ ପ୍ରଶ୍ନ । ଏଭଳି କେତେକ ତଥ୍ୟ ଅଛି, ଯେଉଁ ଗୁଡ଼ିକ କେବଳ ପ୍ରଶ୍ନ ପଚାରି ହାସଲ କରିହେବ । ଉଦାହରଣ ସ୍ୱରୂପ କେତେକ ପ୍ରସଙ୍ଗରେ ତଥ୍ୟ ପ୍ରଦାନକାରୀର ମତାମତ, ଧାରଣା, ପ୍ରାଥମିକତା ବା ପସନ୍ଦ ଓ ପରାମର୍ଶ ହାସଲ କରିବା । ଆଉ କେତେକ ତଥ୍ୟ ସାରଣୀ ବା ଟେବୁଲ ଆକାରରେ ଉପସ୍ଥାପନା କରି ହାସଲ କରିହେବ । ସାଧାରଣତଃ ଅଧିକାଂଶ କ୍ଷେତ୍ରରେ ଏ ଦୁଇଟି ମଧ୍ୟରୁ କୌଣସି ଗୋଟିଏକୁ ବ୍ୟବହାର କରାଯାଇଥାଏ । ତେଣୁ ଜଣେ ବ୍ୟକ୍ତି କେଉଁ ପଦବୀରେ ଅନୁଷ୍ଠିତ ଅଛନ୍ତି, ଏହା ଜାଣିବା ପାଇଁ ସିଧାସଳଖ ପ୍ରଶ୍ନ ପଚରାଯାଇପାରେ । ଅନ୍ୟ ପକ୍ଷରେ "ପଦବୀର ପ୍ରକୃତି" ନାମକ ଏକ ଶୀର୍ଷକ ସହ ଏକ ସାରଣୀ ବା ଟେବୁଲ୍ ପ୍ରସ୍ତୁତ କରାଯାଇପାରିବ । ଏହି ଟେବୁଲ୍ ବା ସାରଣୀରେ ଏଭଳି ପ୍ରଶ୍ନ ପ୍ରସ୍ତୁତ ହେବ ଯେପରି ସେଗୁଡ଼ିକୁ ଖୁବ୍ ସହଜରେ ବ୍ୟବହାର କରାଯାଇପାରିବ । ସେଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିବା ନିମନ୍ତେ ଅଧିକ ସ୍ପଷ୍ଟ ଓ ତାଲିକାଭୁକ୍ତ ନିମନ୍ତେ ସହଜ ହୋଇପାରିବ ।

## ୩.୪.୧ ଖସଡ଼ା ପ୍ରସ୍ତୁତିର ଉଦ୍ଦେଶ୍ୟ

ପର୍ଯ୍ୟବେକ୍ଷଣ ବା ସାକ୍ଷାତ୍କାର ନିମନ୍ତେ ଏକ ଉନ୍ନତମାନର କୌଶଳ ପ୍ରସ୍ତୁତ କରି ଲକ୍ଷ୍ୟ ହାସଲ କରିବା ଖସଡା ପ୍ରସ୍ତୁତିର ଲକ୍ଷ୍ୟ। ଖସଡାରେ ପ୍ରତ୍ୟେକ ତଥ୍ୟ ପ୍ରଦାନକାରୀଙ୍କୁ ଯେଉଁ ଭାଷାରେ ପ୍ରଶ୍ନ ପଚରାଯାଇଥିବ, ସେ ସେହି ଭାଷାରେ ଉତ୍ତର ଦେବାକୁ ପଡିଥାଏ। କ୍ଷେତ୍ରକର୍ମଚାରୀ ନିଜର ପରିକଳ୍ପିତ ଉତ୍ତର ପାଇବା ନିମନ୍ତେ ନିଜର ଇଚ୍ଛାନୁସାରେ ପ୍ରଶ୍ନ ପଚାରି ପାରିବେ କିମ୍ବା ସେହି ପ୍ରଶ୍ନ ଗୁଡିକର ଭାଷା ପରିବର୍ତ୍ତନ କରିପାରିବେ। ପ୍ରଶ୍ନଗୁଡିକ କ୍ରମାନୁସାରେ ପଚାରିବା ଦ୍ୱାରା ଏକ ସୁସ୍ଥ ବାତାବରଣ ମଧ୍ୟରେ ସାକ୍ଷାତ୍କାର ସମ୍ପାଦିତ ହୋଇଥାଏ ଓ ତଥ୍ୟଗୁଡିକୁ ସଠିକ୍ ଢଙ୍ଗରେ ତୁଳନା କରିହୁଏ। ଏବେ ଏହା ପ୍ରମାଣିତ ହୋଇଛି ଯେ, ଯଦି ପଚରା ଯାଉଥିବା ପ୍ରଶ୍ନର ଭାଷାରେ କିମ୍ବା ସ୍ଥାନରେ ସାମାନ୍ୟ ପରିବର୍ତ୍ତନ କରାଯାଏ, ତେବେ ସେହି ସମାନ ପ୍ରସଙ୍ଗ ସଂପର୍କରେ ଲୋକମାନଙ୍କର ମତାମତରେ ଭିନ୍ନତା ପରିଲକ୍ଷିତ ହୁଏ। ତେଣୁ ଯେକୌଣସି ଲକ୍ଷ୍ୟଭିତ୍ତିକ ଅନୁଶୀଳନ ନିମନ୍ତେ ଗୋଟିଏ, ନିଖୁଣ ଓ ସର୍ବଜନ ଗ୍ରାହ୍ୟ ଢାଞ୍ଚା ଆବଶ୍ୟକତା ରହିଛି।

ଖସଡ଼ାର ଅନ୍ୟତମ ଲକ୍ଷ୍ୟ ହେଉଛି ସ୍ମୃତି ସଂଚରଣ କରିବା। ଯଦି ଖସଡା ପ୍ରସ୍ତୁତ କରାନଯାଏ ତେବେ କ୍ଷେତ୍ର କର୍ମଚାରୀ ବିଭିନ୍ନ ଲୋକଙ୍କୁ ଭିନ୍ନ ଭିନ୍ନ ପ୍ରଶ୍ନ ପଚାରି ପାରନ୍ତି। କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ସଂପର୍କରେ ଅନୁସନ୍ଧାନ କରିବାକୁ ସେ ଭୁଲିଯାଇପାରନ୍ତି। ହଜିଯାଇଥିବା ବା ଛାଡିଯାଇଥିବା ତଥ୍ୟକୁ ହାସଲ କରିବା ନିମନ୍ତେ ତାଙ୍କୁ ପୁନର୍ବାର ପୂରାପ୍ରକ୍ରିୟା ମଧ୍ୟକୁ ଯିବାକୁ ପଡ଼ିବ। ପର୍ଯ୍ୟବେକ୍ଷଣ କ୍ଷେତ୍ରରେ ଖସଡ଼ା ତାଙ୍କର ସ୍ମୃତିକୁ ଜାଗ୍ରତ ରଖେ। ନିର୍ଦ୍ଦିଷ୍ଟ ଭାବରେ କେଉଁ ଦିଗକୁ ପର୍ଯ୍ୟବେକ୍ଷଣ କରାଯାଉଛି, ଖସଡ଼ା ତାହା ସ୍ମରଣ କରାଇଦିଏ।

ଏହା ବାଦ୍ ଖସଡ଼ା ପ୍ରସ୍ତୁତିର ଅନ୍ୟ ଏକ ଉଦ୍ଦେଶ୍ୟ ରହିଛି। ଏହା ତଥ୍ୟ ଗୁଡ଼ିକୁ ତାଲିକାଭୁକ୍ତ ଓ ବିଶ୍ଳେଷଣ କରିବାରେ ସହାୟକ ହୋଇଥାଏ। କାହାଣୀ କଥନ ପଦ୍ଧତି ଭଳି କଥୋପକଥନ ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯାଉଥିବାବେଳେ, ସାକ୍ଷାତ୍କାର ବ୍ୟାଖ୍ୟାମୂଳକ ବା ଐତିହାସିକ ତଥ୍ୟଭିତ୍ତିକ ହୋଇଥାଏ। କିନ୍ତୁ ପରବର୍ତ୍ତୀ ସମୟରେ ସେଥିରୁ ଆବଶ୍ୟକୀୟ ଅଂଶକୁ ବାଛିବା ଅଥବା ଅଧିକ ବିଶ୍ଳେଷଣ ନିମନ୍ତେ ସେଗୁଡିକୁ ବିଭିନ୍ନ ବର୍ଗରେ ବିଭକ୍ତ କରିବା କଷ୍ଟକର ହୋଇପଡ଼େ। ଆହୁରି ମଧ୍ୟ ସେଗୁଡିକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇଥିବା ଶ୍ରେଣୀ ବା ବର୍ଗ ଗୁଡ଼ିକ ସମଜାତୀୟ ହୋଇନପାରେ। କାରଣ ସେଗୁଡିକୁ ବିଭିନ୍ନ ପଦ୍ଧତିରେ ବିବରଣ କରାଯାଇଥାଏ ଓ ବିଭିନ୍ନ ଦିଗକୁ ପର୍ଯ୍ୟବେକ୍ଷଣ କରାଯାଇଥାଏ। ଖସଡ଼ା ସଂପୂର୍ଣ୍ଣ ପ୍ରସଙ୍ଗକୁ ବ୍ୟବସ୍ଥିତ ଢଙ୍ଗରେ ସଜାଇଥାଏ। ତଦ୍ୱାରା ତଥ୍ୟଗୁଡ଼ିକର ତାଲିକା ପ୍ରସ୍ତୁତି ଓ ବିଶ୍ଳେଷଣ ସହଜସାଧ୍ୟ ହୋଇଥାଏ। ପ୍ରକୃତରେ ତାଲିକା ପ୍ରସ୍ତୁତିର ଯୋଜନାକୁ ମନ ଭିତରେ ରଖି ପ୍ରଶ୍ନ ପ୍ରସ୍ତୁତ କରାଯାଇଥାଏ।

## ୩.୪.୨ ଖସଡାର ପ୍ରକାର ଭେଦ

ସାମାଜିକ ଗବେଷଣାର ବ୍ୟବହୃତ ହେଉଥିବା ଖସଡାକୁ ଏହାର ବ୍ୟବହାର ଅନୁସାରେ ନିମ୍ନଲିଖିତ ଚାରି ଭାଗରେ ବିଭକ୍ତ କରାଯାଏ ।

୧. **ପର୍ଯ୍ୟବେକ୍ଷଣ ଖସଡା:** ଏହି ଖସଡା ଗୁଡିକୁ ପର୍ଯ୍ୟବେକ୍ଷଣ ନିମନ୍ତେ ବ୍ୟବହାର କରାଯାଇଥାଏ । ଏହି ଖସଡାରେ ପର୍ଯ୍ୟବେକ୍ଷଣ ଗୁରୁତ୍ୱ ଆରୋପ କରୁଥିବା ଓ ଲିପିବଦ୍ଧ ରହିବାକୁ ତଥ୍ୟ ଭିତ୍ତିକ ପ୍ରସଙ୍ଗ ଗୁଡିକ ସ୍ଥାନିତ ହୋଇଥାଏ । ଏହି ପ୍ରକାର ଖସଡା ପର୍ଯ୍ୟବେକ୍ଷଣକୁ ଅଧିକ ଶାଣିତ, ସଠିକ୍ ଓ ସ୍ୱଷ୍ଟ କରିଥାଏ । କ'ଣ ଓ କିପରି ପର୍ଯ୍ୟବେକ୍ଷଣ କରାଯିବ ଏବଂ କିପରି ଏହାକୁ ବିବରଣ କରାଯିବ ଏହି ପ୍ରକାର ଖସଡ଼ାରେ ସ୍ୱଷ୍ଟ ହୋଇଥାଏ । ପର୍ଯ୍ୟବେକ୍ଷଣ ଅଧ୍ୟାୟରେ ଏହି ପ୍ରକାରର ଖସଡ଼ା ସଂପର୍କରେ ସଂପୂର୍ଣ୍ଣ ଓ ଅଧିକ ବ୍ୟାପକ ଭାବରେ ବର୍ଣ୍ଣନା କରାଯାଇଛି ।

୨. **ମୂଲ୍ୟାୟନ ଖସଡ଼ା (Rating Schedules):** ଏହି ପ୍ରକାର ଖସଡ଼ା ସମାଜ ବଣ୍ଟନ ବା ମନୋବୈଜ୍ଞାନିକ ଗବେଷଣା କ୍ଷେତ୍ରରେ ବ୍ୟବହୃତ ହୋଇଥାଏ । ଆଚରଣ ଓ ମତାମତ ମୂଲ୍ୟାୟନ ହେଉଥିବା କ୍ଷେତ୍ରରେ ଏହା ବ୍ୟବହୃତ ହୁଏ । ଏହି ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାର ସ୍ଥାନ ବା ସ୍ଥିତି ବା ମାନଦଣ୍ଡ ପ୍ରସ୍ତୁତ କରାଯାଇଥାଏ । ଏହି ପ୍ରକାର ଖସଡା ସଂପର୍କରେ ଆଚରଣ ମୂଲ୍ୟାୟନ ଅଧ୍ୟାୟରେ ସଂପୂର୍ଣ୍ଣ ଭାବରେ ଆଲୋଚନା କରାଯାଇଛି ।

୩. **ଦସ୍ତାବିଜ୍ ଖସଡ଼ା:** ସରକାରଙ୍କ ଦ୍ୱାରା ସଂରକ୍ଷିତ ଲିଖିତ ଦସ୍ତାବିଜ୍ ଯଥା ଆତ୍ମଜୀବନୀ ମୂଳକ ଘଟଣା ପ୍ରବାହ, ଅନୁସନ୍ଧାନମୂଳକ ଘଟଣା, ଦୈନନ୍ଦିନ ରେକର୍ଡ ବା ସରକାରୀ ଦଲିଲ ଇତ୍ୟାଦିରୁ ତଥ୍ୟ ଗୁଡ଼ିକ ବିବରଣ କରିବା ନିମନ୍ତେ ଏହି ପ୍ରକାରର ଖସଡ଼ା ଗୁଡିକ ବ୍ୟବହାର କରାଯାଇଥାଏ । ଜନସମୁଦାୟ ବା ଜନସଂଖ୍ୟା ସଂପର୍କୀୟ ପ୍ରାରମ୍ଭିକ ତଥ୍ୟ ସଂଗ୍ରହ କରି ଉତ୍ସ ତାଲିକା ପ୍ରସ୍ତୁତି ନିମନ୍ତେ ଏହି ଧରଣର ଖସଡା ଗୁଡିକ ବ୍ୟବହୃତ ହୋଇଥାଏ ।

୪. **ସାକ୍ଷାତ୍କାର ଖସଡ଼ା:** ଏହି ପ୍ରକାର ଖସଡ଼ା ଗୁଡ଼ିକ ସାକ୍ଷାତ୍କାର ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଥାଏ । ଏହି ଅଧ୍ୟାୟରେ ଆମେ ଏହି ଧରଣର ଖସଡ଼ା ସଂପର୍କରେ ଅବଗତ ହେବା ।

ଏହି ଖସଡ଼ାରେ ସାକ୍ଷାତ୍କାରୀକୁ ପଚାରିବାକୁ ଥିବା କେତେକ ଉନ୍ନତ ଧରଣର ପ୍ରଶ୍ନ ସ୍ଥାନିତ ହୋଇଥାଏ । ଏହି ପ୍ରଶ୍ନ ପାଖରେ କିଛି ଖାଲିସ୍ଥାନ ବା ସାରଣୀ ରହିଥାଏ । ସାକ୍ଷାତ୍କାରୀ, ତଥ୍ୟପ୍ରଦାନକାରୀ ବା ସାକ୍ଷାତ୍କାର ଦେଉଥିବା ବ୍ୟକ୍ତିଙ୍କ ଠାରୁ ତଥ୍ୟ ହାସଲ କରିବା ପରେ ଏହି ଖାଲି ସ୍ଥାନ ବା ସାରଣୀକୁ ପୂରଣ କରିଥାଆନ୍ତି ।

## ୩.୪.୩ ଉତ୍ତମ ମାନର ଖସଡା ପ୍ରସ୍ତୁତି ନିମନ୍ତେ ଏକାନ୍ତ ଆବଶ୍ୟକୀୟ ଉପାଦାନ

ପି.ଭି ୟଙ୍ଗ (P.V. Young) ଙ୍କ ମତରେ ଗୋଟିଏ ଉନ୍ନତମାନର ଖସଡା ପ୍ରସ୍ତୁତି ନିମନ୍ତେ ଦୁଇଟି ଉପାଦାନ ଏକାନ୍ତ ଆବଶ୍ୟକ। ଯଥା:- (୧) ସଠିକ୍ ଯୋଗାଯୋଗ, (୨) ସଠିକ୍ ମତାମତ ବା ଉତ୍ତର।

(୧) **ସଠିକ୍ ଯୋଗାଯୋଗ-:** ଉତ୍ତରଦାତା ଯେତେବେଳେ ପ୍ରଶ୍ନଗୁଡିକୁ ସଠିକ୍ ଢଙ୍ଗରେ ବୁଝି ଆଶାଜନକ ଉତ୍ତର ପ୍ରଦାନ କରନ୍ତି, ସେତେବେଳେ ସଠିକ୍ ଯୋଗାଯୋଗ ହାସଲ ହୋଇ ପାରିଲା ବୋଲି କୁହାଯାଇପାରିବ। ତେଣୁ ପ୍ରଶ୍ନ ଗୁଡ଼ିକର ଉପଯୁକ୍ତ ଶବ୍ଦ ସଂଯୋଜନା ହିଁ ହେଉଛି ସଠିକ୍ ଯୋଗାଯୋଗର ଭିତ୍ତିଭୂମି। ପ୍ରଶ୍ନଗୁଡ଼ିକର ଶବ୍ଦ ସଂଯୋଜନା ଏଭଳି ହେବା ଦରକାର ଯେପରି ଏହାର ଅର୍ଥ ବୁଝିବାରେ କୌଣସି ଦ୍ୱନ୍ଦ୍ୱ ରହିବ ନାହିଁ। ସଠିକ ଯୋଗାଯୋଗ ହାସଲ ନିମନ୍ତେ ବିଭିନ୍ନ କୌଶଳ ସଂପର୍କରେ ପରବର୍ତ୍ତୀ ଅନୁଚ୍ଛେଦ ଗୁଡିକରେ ଆଲୋଚନା କରାଯାଇଛି।

(୨) **ସଠିକ୍ ଉତ୍ତର / ମତାମତ:-** ପଚାରିଥିବା ପ୍ରଶ୍ନର ଉତ୍ତରଗୁଡିକୁ ଯଦି ଆଶା କରାଯାଉଥିବା ତଥ୍ୟଗୁଡିକ ହାସଲ କରାଯାଇପାରିଲା, ତେବେ ସଠିକ୍ ମତାମତ ହାସଲ ହେଲା ବୋଲି ଧରି ନିଆଯିବ। ଏହି ତଥ୍ୟ ନିରପେକ୍ଷ ଓ ସଦ୍ୟ ଆଧାରିତ ହେବା ଆବଶ୍ୟକ। ଉତ୍ତରଦାତା ବା ତଥ୍ୟ ପ୍ରଦାନକାରୀ ସଠିକ୍ ତଥ୍ୟ ପ୍ରଦାନକାରୀ ଖସଡାରେ ଥିବା ଶୂନ୍ୟସ୍ଥାନ ପୂରଣରେ ସହଯୋଗ କରିପାରନ୍ତି।

ଉପରୋକ୍ତ ଲକ୍ଷ୍ୟ ଦୁଇଟିକୁ ହାସଲ କରିବା ନିମନ୍ତେ  ସାଧାରଣତଃ ନିମ୍ନଲିଖିତ ପଦକ୍ଷେପ ନିଆଯାଇଥାଏ।

- ଖସଡ଼ାର ଆକାର ଓ ଆକୃତି ବା କଳେବର ଆକର୍ଷଣୀୟ ହେବା ଦରକାର।
- ପ୍ରଶ୍ନ ଗୁଡିକର ଶବ୍ଦ ସଂଯୋଜନା ସ୍ପଷ୍ଟ ହେବା ଆବଶ୍ୟକ। ଏହାଦ୍ୱାରା ପ୍ରଶ୍ନଗୁଡିକୁ ବୁଝିବାରେ କୌଣସି ସଂନ୍ଦେହ ବା ଦ୍ୱନ୍ଦ୍ୱ ରହିବ ନାହିଁ।
- ସଠିକ୍ ପ୍ରଶ୍ନ ପଚାରିବା ଆବଶ୍ୟକ।
- ପଚରାଯାଇଥିବା ପ୍ରଶ୍ନ ବା ଆଶା କରାଯାଉଥିବା ତଥ୍ୟ ଗୁଡ଼ିକ ସଂପୂର୍ଣ୍ଣ ହେବା ସହ ଏଗୁଡିକର ଅନୁସନ୍ଧାନ ସମସ୍ୟା ନିବାରକ ହେବା ଆବଶ୍ୟକ। ତଦ୍ୱାରା ଏହାକୁ ନିର୍ଭର କରି ଏକ ନିୟମାଧିନ ଅନ୍ତିମ ସର୍ବଜନଗ୍ରାହ୍ୟ ନିଷ୍କର୍ଷରେ ପହଞ୍ଚି ଯାଇ ହେବ।

- ଆଶା କରାଯାଉଥିବା ତଥ୍ୟ ଉଭୟ ଯଥାର୍ଥ ବା ଯୁକ୍ତି ସଙ୍ଗତ ତଥା ତାଲିକାଭୁକ୍ତ ଯୋଗ୍ୟ ହେବା ଆବଶ୍ୟକ। ଆହୁରି ମଧ୍ୟ ଯଦି ସମ୍ଭବ ହୁଏ, ଏଗୁଡିକ ପରିସଂଖ୍ୟାନ ଗତ ବିଶ୍ଳେଷଣର ପରିସରଭୁକ୍ତ ହେବା ଆବଶ୍ୟକ।

## ୩.୪.୪ ଖସଡ଼ା ପ୍ରସ୍ତୁତିର କୌଶଳ

ଖସଡା ପ୍ରସ୍ତୁତି ସମୟରେ ଯେଉଁ ପ୍ରଥମ ପ୍ରଶ୍ନଟି ପଚାରିବାକୁ ହେବ, ତାହା ହେଉଛି, " ସମସ୍ୟା ବା ପ୍ରସଙ୍ଗଟିର ବିଭିନ୍ନ ପ୍ରକାର ସଂସ୍ଥିତି ବା ଦିଗ ଗୁଡିକ କ'ଣ ?" ସର୍ବପ୍ରଥମେ ଅନୁଶୀଳନ କରାଯାଉଥିବା ସମସ୍ୟାଟିକୁ ବିଭିନ୍ନ ପ୍ରକାର ସଂସ୍ଥିତିରେ ବା ବିଭିନ୍ନ ଦିଗରୁ ଭାଗ କରିଦିଆଯିବା ଦରକାର। କେଉଁ କେଉଁ ଦିଗରୁ ଅନୁଶୀଳନ ପରିସରଭୁକ୍ତ ସମସ୍ୟା ବା ପ୍ରସଙ୍ଗଟିକୁ ଭାଗ ଭାଗ କରାଯିବ ତାହା ପ୍ରସଙ୍ଗ ସଂପର୍କରେ ଥିବା ସ୍ପଷ୍ଟ ଧାରଣା ଉପରେ ନିର୍ଭର କରେ। ଉଦାହରଣ ସ୍ୱରୂପ, ପାରିବାରିକ ଜୀବନ ଉପରେ ମହିଳାମାନଙ୍କ ନିଯୁକ୍ତିର ପ୍ରଭାବ ସଂପର୍କରେ ଆମକୁ ସର୍ବେକ୍ଷଣ କରିବାକୁ ହେବ। ଏ କ୍ଷେତ୍ରରେ ଶିଶୁମାନଙ୍କର ଯତ୍ନ ଦିଗଟିକୁ ବିଭିନ୍ନ ଉପାଂଶରେ ବିଭକ୍ତ କରାଯାଇ ପାରିବ। ଯଥା- ଶିଶୁମାନଙ୍କର ଖାଦ୍ୟ, ପୋଷାକ,ଶିକ୍ଷା,ସାଙ୍ଗସାଥୀ,ଆଚରଣ,ବ୍ୟବହାର ସ୍ୱାସ୍ଥ୍ୟ ଓ ଚରିତ୍ର ଇତ୍ୟାଦି। ଏଗୁଡିକ ମଧ୍ୟରୁ ପ୍ରତ୍ୟେକଟି ସଂପର୍କରେ ତଥ୍ୟ ହାସଲ କରାଯାଇ ପାରିବ। ଘରକାମ ଦିଗଟିକୁ ବିଭିନ୍ନ ଦାମ୍ପତ୍ୟ ସଂପର୍କ, ସ୍ୱାସ୍ଥ୍ୟ ଓ ସାଧାରଣ ଚଳଣି ଇତ୍ୟାଦି ପ୍ରସଙ୍ଗରେ ବିଭିନ୍ନ ଦିଗ ହୋଇପାରେ। ପ୍ରତ୍ୟେକଟି ଦିଗକୁ ପୁଙ୍ଖାନୁପୁଙ୍ଖ ଭାବେ ଅନୁଶୀଳନ କରାଯିବା ଦରକାର ।

ବର୍ତ୍ତମାନ ଦ୍ୱିତୀୟ ସ୍ତରରେ ଆମକୁ ଆଉ ଗୋଟିଏ ପ୍ରଶ୍ନ ପଚାରିବାକୁ ହେବ। "ପ୍ରତ୍ୟେକଟି ଦିଗକୁ ଏକ ଯୁକ୍ତିଯୁକ୍ତ ସର୍ବସାଧାରଣ ଗ୍ରହଣ ଯୋଗ୍ୟ କରିବା ନିମନ୍ତେ କେଉଁ ତଥ୍ୟ ଆବଶ୍ୟକ ?" ଏହି ଉଦ୍ଦେଶ୍ୟରେ ପ୍ରତ୍ୟେକ ଦିଗ ବା ସଂସ୍ଥିତିକୁ ପୁଣି ଏକାଧିକ ସଂଖ୍ୟକ ଉପାଂଶରେ ବିଭକ୍ତ କରିବାକୁ ହେବ। ଏହି ଉପାଂଶ ଦ୍ୱାରା ବିବରଣୀ ପୂର୍ଣ୍ଣାଙ୍ଗ ହେବା ଦରକାର। ତଦ୍ୱାରା ଅନୁଶୀଳନ କରାଯାଇଥିବା ଦିଗ ସଂପର୍କରେ ଏକ ସଂପୂର୍ଣ୍ଣ ଓ ସ୍ପଷ୍ଟ ଚିତ୍ର ମିଳିପାରିବ।

ତୃତୀୟ ସ୍ତରଟି ହେଉଛି ପ୍ରକୃତ ପ୍ରଶ୍ନ ଗୁଡିକର ପ୍ରସ୍ତୁତି। ଏହି ସ୍ତରଟି ପ୍ରଶ୍ନଗୁଡିକର ପ୍ରସ୍ତୁତି ଓ କାର୍ଯ୍ୟକାରୀତା ସହିତ ଜଡିତ। କୌଣସି ଏକ ନିର୍ଦ୍ଦିଷ୍ଟ ଦିଗ ସଂପର୍କରେ ସଂପୂର୍ଣ୍ଣ ତଥ୍ୟ ହାସଲ କରିବା ନିମନ୍ତେ ଏକାଧିକ ପ୍ରଶ୍ନ ପଚରାଯାଇପାରିବ। ପ୍ରଶ୍ନ ଗୁଡିକ ଯେମିତି ଅର୍ଥବହନ କରୁଥିବା ଉତ୍ତରଦାତା ବା ତଥ୍ୟ ପ୍ରଦାନକାରୀ ସହଜରେ ବୁଝିପାରିବେ ଓ ବିନା ଦ୍ୱିଧା, ପକ୍ଷପାତିତା ଅଥବା ବିଅର୍ଥ ନକରି ତଥ୍ୟପ୍ରଦାନ ନିମନ୍ତେ ଆଗ୍ରହୀ ହେବେ, ସେଥିପ୍ରତି ଧ୍ୟାନ ଦିଆଯିବା ଆବଶ୍ୟକ। ଖସଡା ପ୍ରସ୍ତୁତିରେ ଏହି ସ୍ତରଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ସ୍ତରରେ ଯଦି କୌଣସି ତ୍ରୁଟି ରହେ, ତେବେ ସମଗ୍ର ଅନୁସନ୍ଧାନ ପ୍ରକ୍ରିୟାଟି ଅକାମୀ ବା ଅବୈଧ ହୋଇଯିବ ଓ ପକ୍ଷପାତିତା ପୂର୍ଣ୍ଣ, ଭୁଲ୍, ଅସମାପ୍ତ ଓ ଅସଙ୍ଗତ ତଥ୍ୟ ମିଳିବ।

ଚତୁର୍ଥ ସ୍ତରଟି ହେଉଛି ଖସଡା ପ୍ରସ୍ତୁତିର ସାଧାରଣ ଭିତ୍ତିଭୂମି ପ୍ରସ୍ତୁତି ଓ ପ୍ରଶ୍ନ ସମୂହର ସଜ୍ଜୀକରଣ। ଯଦି ପ୍ରଶ୍ନ ଗୁଡିକ ସଠିକ୍ ଢଙ୍ଗରେ ତିଆରି ହୋଇଛି, ତେବେ ସମସ୍ୟା ହେଉଛି ସେଗୁଡ଼ିକୁ ଉପଯୁକ୍ତ ଢଙ୍ଗରେ ସଜାଇବା। ଖସଡ଼ାର ରୂପରେଖ ପ୍ରସ୍ତୁତି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଯଦି ଏହା ଯୋଜନାବଦ୍ଧ ଭାବରେ ପ୍ରସ୍ତୁତ ହେବା ସହ ଦେଖିବାକୁ ଆକର୍ଷଣୀୟ ହୋଇଥାଏ, ଖୁବ୍ ସହଜରେ ଓ ବିନା ଦ୍ୱିଧାରେ ଉତ୍ତର ମିଳିପାରିବ। ଯଦି ଖସଡ଼ାଟି କୁତ୍ସିତ, କଦାକାର ଓ ଅସନ୍ତୁଳିତ ହୋଇଥାଏ, ତେବେ ଏହାର ଶୂନ୍ୟସ୍ଥାନକୁ ପୂରଣ କରିବା ଖୁବ୍ କଷ୍ଟକର ଓ ଏଥିରେ ତ୍ରୁଟି ବାହାରିବା ସ୍ୱାଭାବିକ। ତେଣୁ ଏହି ଲକ୍ଷ୍ୟକୁ ହାସଲ କରିବା ନିମନ୍ତେ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଇଥାଏ। ଏହି ସବୁ ଗୁଡ଼ିକ ଏହି ଅଧ୍ୟାୟରେ ବ୍ୟାପକ ଭାବରେ ଆଲୋଚିତ ହୋଇଛି।

ଅନ୍ତିମ ସ୍ତରଟି ହେଉଛି ଖସଡ଼ାର ଯଥାର୍ଥତା ପରୀକ୍ଷା। ଖସଡ଼ା ପ୍ରସ୍ତୁତ ହୋଇ ସାରିବା ପରେ କାଳେ କୌଣସି ଉପାଦାନକୁ ଛାଡ଼ି ଯାଇଥିବ, ତାକୁ ଖୋଜି ବାହାର କରିବା ନିମନ୍ତେ ଜନ ସମୁଦାୟର ଏକ ନମୁନା ନେଇ ପରୀକ୍ଷା କରିବାକୁ ହେବ। ଯେକୌଣସି ପ୍ରକାର ସତର୍କତା ଅବଲମ୍ବନ କଲେ ମଧ୍ୟ କେତେକ ଭୁଲତ୍ରୁଟି ନିଶ୍ଚିତ ଭାବେ ରହିଯିବ। ଖସଡ଼ା ଯେପର୍ଯ୍ୟନ୍ତ ଖସଡ଼ା କାର୍ଯ୍ୟରେ ରୂପାନ୍ତରିତ ନ ହୋଇଛି, ସେପର୍ଯ୍ୟନ୍ତ ତ୍ରୁଟି ଗୁଡ଼ିକୁ ଚିହ୍ନଟ କରିହେବନାହିଁ। ତେଣୁ ସର୍ବପ୍ରଥମେ ଖସଡ଼ାଟି ପରୀକ୍ଷାମୂଳକ ଭାବରେ ପ୍ରସ୍ତୁତ ହେବା ଉଚିତ ଓ ଏହାକୁ ପରୀକ୍ଷା କରାଯିବା ଆବଶ୍ୟକ। ଆଶା କରାଯାଉଥିବା ତଥ୍ୟରେ କୌଣସି ପ୍ରକାର ଅସଙ୍ଗତି, ପ୍ରଶ୍ନର ଶବ୍ଦ ସଂଯୋଜନା ଓ ସେଗୁଡ଼ିକର କ୍ରମିକଧାରା ହାସଲ କରୁଥିବା ଅନୁଭୂତି ଆଧାରରେ ସଂଶୋଧନ କରାଯିବା ଆବଶ୍ୟକ।

## ୩.୪.୫ ପଥପ୍ରଦର୍ଶକ ଅନୁଶୀଳନ ଓ ପ୍ରାକ୍ ପରୀକ୍ଷା

ଗୋଟିଏ ସଠିକ୍ ଖସଡ଼ା ପ୍ରସ୍ତୁତି ନିମନ୍ତେ ପଥପ୍ରଦର୍ଶକ ଅନୁଶୀଳନ ଓ ପ୍ରାକ୍- ପରୀକ୍ଷା ହେଉଛି ଆବଶ୍ୟକୀୟ ପଦକ୍ଷେପ। ଗୋଟିଏ ଖସଡ଼ା ବା ପ୍ରଶ୍ନାବଳୀ ପ୍ରସ୍ତୁତି ପୂର୍ବରୁ ଏକ ପଥ ପ୍ରଦର୍ଶକ ଅନୁଶୀଳନ ହାତକୁ ନେବାକୁ ପଡ଼ିଥାଏ। ଏହି କାର୍ଯ୍ୟ ସଂପୂର୍ଣ୍ଣ ହୋଇ ସାରିବାପରେ ଏହାର ପ୍ରାକ୍ ପରୀକ୍ଷା କରାଯାଇଥାଏ। ପଥପ୍ରଦର୍ଶକ ଅନୁଶୀଳନ ଲୋକଙ୍କ ସଂପର୍କରେ ପ୍ରାରମ୍ଭିକ ଅନୁଶୀଳନ। ଏହାଦ୍ୱାରା ଲୋକମାନଙ୍କ ଏକ ପ୍ରାଥମିକ ଧାରଣା ମିଳିଥାଏ। ବିନା ପରିକଳ୍ପନାରେ ବା ଅସ୍ଥାୟୀ ଭାବରେ ଅନୁମାନକରି ଏହି ଅନୁଶୀଳନ କରାଯାଇଥାଏ। ଏଥିରେ ଜଡ଼ିତ ବିଭିନ୍ନ ପରିବର୍ତ୍ତନ, ସମସ୍ୟାର ପ୍ରକୃତି, ସାକ୍ଷାତ୍କାରର ସମ୍ଭାବ୍ୟ ଅସୁବିଧା କେଉଁ ପ୍ରକାର ଉତ୍ତର ମିଳିପାରିବ ଇତ୍ୟାଦି ସଂପର୍କରେ ଏହା ଧାରଣା ଦିଏ। ଏହି ସବୁ ତଥ୍ୟକୁ ଆଧାରକରି ବାସ୍ତବ ଖସଡ଼ା ବା ପ୍ରଶ୍ନାବଳୀ ପ୍ରସ୍ତୁତ ହୋଇଥାଏ। ପଥପ୍ରଦର୍ଶକ ଅନୁଶୀଳନ ନିମନ୍ତେ ଚୟନ କରାଯାଇଥିବା ନମୁନା ଯଦି ମୁଖ୍ୟ ନମୁନା ସହିତ ସମାନ ହୋଇଥାଏ, ସମସ୍ୟାର ପ୍ରକୃତି ଓ

ଉତ୍ତରଦାତା ସଂପର୍କରେ ସଂପୂର୍ଣ୍ଣ ଧାରଣା ମିଳିପାରିବ । ଏହା ସହିତ ପ୍ରସ୍ତୁତ ହୋଇଥିବା ଖସଡାଟି ଅଧିକରୁ ଅଧିକ ସର୍ବାଙ୍ଗ ସୁନ୍ଦର ଓ ନିର୍ଭୁଲ ହୋଇପାରିବ ।

## ୩.୪.୬ ଖସଡ଼ା ମାଧମରେ ସାକ୍ଷାତ୍କାରର ଉପାଦେୟତା

ଖସଡା ମାଧମରେ ସାକ୍ଷାତ୍କାର ଅନୁଷ୍ଠିତ ହେଲେ ନିମ୍ନଲିଖିତ ଉପାଦେୟତା ମିଳିଥାଏ ।

(୧) ଚିଠିପତ୍ର ମାଧମରେ ପ୍ରଶ୍ନୋତ୍ତର ଅପେକ୍ଷା ସାକ୍ଷାତକାରରେ ମିଳୁଥିବା ଉତ୍ତରର ମାତ୍ରା ଯଥେଷ୍ଟ ଅଧିକ । ଏଥିରେ କ୍ଷେତ୍ରକର୍ମଚାରୀ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରୁହନ୍ତି । ତେଣୁ ଉତ୍ତରଦାତା ସାକ୍ଷାତ୍କାର ଦେବାକୁ ବାରଣ କରିବା କଷ୍ଟକର ହୋଇପଡ଼େ । ତେଣୁ ଯେଉଁମାନେ କଠୋର ମନୋଭାବ ପୋଷଣ କରନ୍ତି, ସେମାନଙ୍କୁ ବାଦ୍‌ଦେଲେ ଅନ୍ୟ ସମସ୍ତଙ୍କ ସହ ଯୋଗାଯୋଗ କରାଯାଇପାରିବ । ଯଦି ଠିକଣାରେ କୌଣସି ତ୍ରୁଟି ଥାଏ କିମ୍ବା ଉତ୍ତରଦାତା ତାଙ୍କର ଠିକଣା ପରିବର୍ତ୍ତନ କରିଥାଆନ୍ତି, ତେବେ ଏଥିରେ ସଂଶୋଧନ କରାଯାଇପାରିବ । କିନ୍ତୁ ଚିଠିପତ୍ର ମାଧମରେ ହେଉଥିବା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଏହି ସୁବିଧା ଉପଲବ୍ଧ ହୋଇପାରେ ନାହିଁ ।

(୨) ଅନୁସନ୍ଧାନର ପ୍ରକୃତି କିମ୍ବା କୌଣସି ପ୍ରଶ୍ନର ଅର୍ଥ କିମ୍ବା ପ୍ରଶ୍ନରେ ବ୍ୟବହୃତ କୌଣସି ଶବ୍ଦର ଅର୍ଥରେ କୌଣସି ସନ୍ଦେହ ବା ଦ୍ୱନ୍ଦ୍ୱ ଥିଲେ ତାକୁ ସମାଧାନ କରିବା ପାଇଁ ପାଖରେ କ୍ଷେତ୍ର କର୍ମଚାରୀ ଉପସ୍ଥିତ ଥାଆନ୍ତି । କୌଣସି ଜିନିଷ ଅବୁଝା ରହୁନଥିବା ଉତ୍ତର ଗୁଡିକରେ ଅସ୍ପଷ୍ଟତା ନଥାଏ । ଆହୁରି ମଧ, ଉତ୍ତର ଗୁଡିକ ଅଧିକ ବ୍ୟାଖ୍ୟାମୂଳକ ନହେବା ନିମନ୍ତେ କ୍ଷେତ୍ରକର୍ମଚାରୀ ଚେଷ୍ଟା କରନ୍ତି । ସେ ଯାହା ଦେଖନ୍ତି ତାକୁ ଯାଞ୍ଚ କରନ୍ତି, ପ୍ରତିପ୍ରଶ୍ନ ପଚାରିଥାନ୍ତି ଓ ମିଳୁଥିବା ଉତ୍ତରରେ ଯଦି କୌଣସ ସନ୍ଦେହ ଥାଏ ତେବେ ପାଖ ପଡ଼ୋଶୀ ବା ତାଙ୍କୁ ଜାଣିଥିବା ଲୋକମାନଙ୍କ ସହିତ ପରାମର୍ଶ କରନ୍ତି । ଏହା ବାଦ୍ ପ୍ରଶ୍ନୋତ୍ତର ସମୟରେ ଉତ୍ତର ଦାତାଙ୍କୁ ତତ୍କାଳିକ ଉତ୍ତର ଦେବାକୁ ହୋଇଥାଏ । ତେଣୁ ସେ ତଥ୍ୟକୁ ଚତୁରତାର ସହ ଓଲଟ ପାଲଟ କରିବା ନିମନ୍ତେ ସମୟ ପାଇପାରନ୍ତି ନାହିଁ ଏବଂ ତେଣୁ ପ୍ରଶ୍ନୋତ୍ତର ଅପେକ୍ଷା ଗୋଟିଏ ଖସଡ଼ାର ଉତ୍ତର ଗୁଡ଼ିକ ସାଧାରଣତଃ ଅଧିକ ସଠିକ୍ ଓ ପ୍ରତିନିଧିମୂଳକ ହୋଇଥାଏ ।

(୩) ସଠିକ୍ ଉତ୍ତରପ୍ରାପ୍ତି ନିମନ୍ତେ କ୍ଷେତ୍ର କର୍ମଚାରୀ ଏକ ବାତାବରଣ ସୃଷ୍ଟି କରିପାରିବେ । ସେ ଉତ୍ତର ଦାତାଙ୍କ ସହିତ ଆଳାପ ଆଲୋଚନା କରିପାରିବେ । ଖସଡ଼ାଟି ତାଙ୍କୁ ଦେଖାଇବା ପୂର୍ବରୁ ତାଙ୍କ ମଧରେ ଆଗ୍ରହ ସୃଷ୍ଟି କରିପାରିବେ । ସଠିକ୍ ଉତ୍ତରପ୍ରାପ୍ତି ନିମନ୍ତେ ସ୍ୱଷ୍ଟ ବାତାବରଣ ବା ପରିବେଶ ବେଶ୍ ସହାୟକ ହୋଇଥାଏ ।

(୪) କ୍ଷେତ୍ର କର୍ମଚାରୀ ନିଜେ ଖସଡ଼ାଟିକୁ ପୂରଣ କରିଥାନ୍ତି । ସେ ତଥ୍ୟ ଗୁଡ଼ିକୁ ଲିପିବଦ୍ଧ କରିବା ନିମନ୍ତେ ସଂକ୍ଷିପ୍ତ ପଦ୍ଧତି ଅନୁସରଣ କରିପାରିବେ । ଏହାଦ୍ୱାରା ସାକ୍ଷାତ୍କାର ଯଥେଷ୍ଟ ଶିଘ୍ର ସମାପ୍ତ ହୋଇପାରିବ । ଏତଦ୍ ବ୍ୟତୀତ ଆଲୋଚନାଟିକୁ ଏମିତି ଚାଲୁ ରଖିବାକୁ ହେବ, ଯେମିତି ସମଗ୍ର ସାକ୍ଷାତ୍କାରଟି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବୋଲି ଜଣାପଡିବ ନାହିଁ । ଉତ୍ତରଦାତା କ୍ଲାନ୍ତ ହେବେ ନାହିଁ ବା ବିରକ୍ତି ଭାବ ପ୍ରକାଶ କରିବେ ନାହିଁ । ସମଗ୍ର ଆଲୋଚନାଟିକୁ ଜୀବନ୍ତ କରିବା ନିମନ୍ତେ ଅତିରିକ୍ତ ପ୍ରଶ୍ନ ପଚରାଯାଇପାରେ । ଆହୁରି ମଧ୍ୟ, ଏଥିରେ ଖରାପ ହସ୍ତାକ୍ଷର ବା ପେନସିଲ୍‌ର ବ୍ୟବହର ଭଳି ସମସ୍ୟାକୁ ଏଡ଼ାଇ ଦିଆଯାଇଥାଏ । କାରଣ- ସାକ୍ଷାତ୍କାର ନେଉଥିବା ବ୍ୟକ୍ତି ଖସଡାର ଶୂନ୍ୟସ୍ଥାନକୁ ପୂରଣ କରିଥାନ୍ତି ।

(୫) କ୍ଷେତ୍ର କର୍ମଚାରୀ ଉତ୍ତରଦାତାଙ୍କ ସହିତ ବ୍ୟକ୍ତିଗତ ଭାବେ ସଂପର୍କରେ ଆସିବା ଦ୍ୱାରା ସେ ଉତ୍ତରଦାତାଙ୍କର ଚରିତ୍ର, ଜୀବନ ଶୈଳୀ ଓ ସାଧାରଣ ଜୀବନ ଚର୍ଯ୍ୟା ବିଷୟରେ ଅଧିକ ଜାଣି ପାରନ୍ତି । ଯେକୌଣସି ଉତ୍ତରର ପୃଷ୍ଠଭୂମିକୁ ବୁଝିବା ନିମନ୍ତେ ଏହି ଉପାଦାନ ଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହିପୃଷ୍ଠଭୂମିକୁ ଭିତ୍ତିକରି କୌଣସି ଉତ୍ତର ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ବା ଅସଂଗତ ଜଣାପଡୁଥିଲେ ମଧ୍ୟ, ଏହା ସଂପୂର୍ଣ୍ଣ ସ୍ୱାଭାବିକ ଓ ପ୍ରାକୃତିକ । ଯଦି ଉପଯୁକ୍ତ ଭାବରେ ଏକ ସାକ୍ଷାତ୍କାର କାର୍ଯ୍ୟକ୍ରମକୁ ପରିଚାଳନା କରାଯାଏ, ତେବେ ଖସଡା ମାଧ୍ୟମରେ ମିଳୁଥିବା ତଥ୍ୟ ଅପେକ୍ଷା ଏଥିରେ ଅଧିକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରାଯାଇ ଥାଏ ଓ ସେହି ପ୍ରସଙ୍ଗ ଉପରେ ଅଧିକରୁ ଅଧିକ ଅନୁସନ୍ଧାନ ନିମନ୍ତେ ଭିତ୍ତିଭୂମି ତିଆରି କରିଥାଏ ।

(୬) ବ୍ୟକ୍ତିଗତ ଯୋଗାଯୋଗ ନମୁନାକରଣରେ ଥିବା ଯେକୌଣସି ତ୍ରୁଟି ବିଚ୍ୟୁତିକୁ ଉଦଘାଟିତ କରିଥାଏ । କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ବାଦ୍ ଦିଆଯାଇଥାଇପାରେ । ଯାହା ବାସ୍ତବ ପରିଦର୍ଶନରୁ ଏସବୁ ଠିକ୍ ଭାବରେ ଜଣାଯାଇ ପାରିବ । ଠିକ୍ ସେହିଭଳି, ଖସଡାରେ ଥିବା ତ୍ରୁଟିଗୁଡ଼ିକୁ ଖୁବ୍ ସହଜରେ ଠାବ କରାଯାଇପାରେ । ଯଦି ଖସଡାରେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ବା ପ୍ରସଙ୍ଗରେ କିଛି ଦିଗକୁ ବାଦ୍ ଦିଆଯାଇଥାଏ, ତେବେ ଉତ୍ତରଦାତାଙ୍କ ସହିତ ସିଧାସଳଖ ଯୋଗାଯୋଗ ଓ ଆଲୋଚନା ଦ୍ୱାରା ଏଗୁଡ଼ିକୁ ଠାବ କରାଯାଇଥାଏ । ସେଥିପାଇଁ ଏପରିକି ଚିଠିପତ୍ର ମାଧ୍ୟମରେ ପ୍ରଶ୍ନୋତ୍ତର, ପଥପ୍ରଦର୍ଶକ ଅନୁଶୀଳନ ଓ ପ୍ରାକ୍ ପରୀକ୍ଷା ପ୍ରତ୍ୟକ୍ଷ ସାକ୍ଷାତ୍କାର ପଦ୍ଧତି ଦ୍ୱାରା ସଂପାଦିତ କରାଯାଇଥାଏ ।

(୭) ପରିଶେଷରେ ଖସଡା ପୂରଣ ସମୟରେ ମାନବୀୟ ଉପାଦାନ ଉପସ୍ଥିତ ରହିବା ନିମନ୍ତେ ଖସଡ଼ା ପଦ୍ଧତି ସୁଯୋଗ ପ୍ରଦାନ କରିଥାଏ । ନିର୍ଜୀବ ପ୍ରଶ୍ନଗୁଡ଼ିକ ଯେତେ ଚତୁରତାର ସହ ପ୍ରସ୍ତୁତି ଓ ମୁଦ୍ରଣ ହୋଇଥିଲେ ମଧ୍ୟ ଜୀବନ୍ତ କ୍ଷେତ୍ର କର୍ମଚାରୀ ନିମନ୍ତେ ଏଗୁଡ଼ିକ ଖାପ

ଖାଇନଥାଏ । କାରଣ ସେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହି ଆଳାପ ଆଲୋଚନା ମାଧ୍ୟମରେ ବାତାବରଣଟିକୁ ଜୀବନ୍ତ କରନ୍ତି । ସେ ସାକ୍ଷାତକାରରେ ଜଣେ ସକ୍ରିୟ ପ୍ରତିପକ୍ଷର ଭୂମିକା ନିର୍ବାହ କରନ୍ତି । ସେ ତାଙ୍କର ଭାବପ୍ରବଣତା ଓ ଭାବନାକୁ ପ୍ରକାଶ କରିବା ସହ ନିର୍ଭୟରେ ଓ ସ୍ୱଷ୍ଟ ଭାବରେ ନିଜର ମତ ପ୍ରକାଶ କରିବା ପାଇଁ ଉତ୍ତରଦାତାଙ୍କୁ ଉତ୍ସାହିତ କରନ୍ତି ।

## ୩.୪.୭ ଖସଡ଼ା ପଦ୍ଧତିର ମନ୍ଦଦିଗ

ଉପରେ ଆମେ ଖସଡାର କେତେକ ସୁଗୁଣ ସଂପର୍କରେ ଆଲୋକପାତ କଲେ । ଏହା ସତ୍ତ୍ୱେ ଏହାର ନିମ୍ନଲିଖିତ ମନ୍ଦଦିଗ ଗୁଡ଼ିକ ଦେଖିବାକୁ ମିଳେ ।

୧) ଖସଡା ପ୍ରସ୍ତୁତି ଏକ ବ୍ୟୟବହୁଳ ବ୍ୟାପାର । ପ୍ରତ୍ୟେକ ପ୍ରସଙ୍ଗ ଉପରେ ଚିଠି ପତ୍ର ମାଧ୍ୟମରେ ପ୍ରଶ୍ନୋତ୍ତର ଅପେକ୍ଷା ଖସଡା ପଦ୍ଧତିର ବ୍ୟୟଭାର ଯଥେଷ୍ଟ ଅଧିକ । ଏଥିରେ ବହୁ ସଂଖ୍ୟକ କ୍ଷେତ୍ର କର୍ମଚାରୀ ନିଯୁକ୍ତ ହୋଇଥାଆନ୍ତି ଓ ତଥ୍ୟ ସଂଗ୍ରହ କାର୍ଯ୍ୟନିମନ୍ତେ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥାଏ । ଏହି କର୍ମଚାରୀ ମାନଙ୍କର କାର୍ଯ୍ୟକୁ ତଦାରଖ କରିବା ନିମନ୍ତେ ଅତିରିକ୍ତ କର୍ମଚାରୀ ଆବଶ୍ୟକ ହୋଇଥାଆନ୍ତି । କ୍ଷେତ୍ରକର୍ମଚାରୀ ମାନଙ୍କୁ ଯାତାୟାତ ଖର୍ଚ୍ଚ ଦେବାକୁ ପଡିଥାଏ । ତେଣୁ ସ୍ୱଳ୍ପ ସମ୍ବଳଥିବା ଜଣେ ଗବେଷକ ଏହି ପଦ୍ଧତିକୁ ଆପଣେଇବାରେ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି ।

୨) ଏହି ପଦ୍ଧତି ଅନେକ ପ୍ରଶାସନିକ ସମସ୍ୟା ମଧ୍ୟ ସୃଷ୍ଟି କରିଥାଏ । ନିର୍ଦ୍ଦିଷ୍ଟ ଭାବରେ କହିବାକୁ ଗଲେ, ହାତକୁ ନିଆଯାଇଥିବା ଅଂଚଳଟିର ଆକାର ଯଦି ବିଶାଳ ହୋଇଥାଏ ଓ ଉତ୍ତରଦାତାମାନେ ବିକ୍ଷିପ୍ତ ହୋଇ ରହିଥାଆନ୍ତି, ତେବେ ଏହି ସମସ୍ୟାଟି ସୃଷ୍ଟି ହୋଇଥାଏ । କ୍ଷେତ୍ର କର୍ମଚାରୀ ମାନଙ୍କର ପ୍ରଶିକ୍ଷଣ, ସେମାନଙ୍କ କାର୍ଯ୍ୟର ତଦାରଖ, ଖସଡା ଗୁଡିକର ପୁନଃ- ତନଖି ଇତ୍ୟାଦି ନିମନ୍ତେ ଏକ ବୃହତ୍ ସଂସ୍ଥା ପ୍ରତିଷ୍ଠା କରିବାକୁ ପଡିଥାଏ । ଚିଠିପତ୍ର ମାଧ୍ୟମରେ ପ୍ରଶ୍ନୋତ୍ତର ପଦ୍ଧତି କ୍ଷେତ୍ରରେ ଏହି ସବୁର ଆବଶ୍ୟକତା ପଡିନଥାଏ ।

୩) ଉତ୍ତରଦାତା ବା ତଥ୍ୟ ପ୍ରଦାନକାରୀଙ୍କୁ ଉତ୍ସାହିତ କରିବା ନିମନ୍ତେ କ୍ଷେତ୍ର କର୍ମଚାରୀଙ୍କର ଉପସ୍ଥିତି ମଧ୍ୟ ସାକ୍ଷାତ୍କାରରେ ପକ୍ଷପାତିତାର ଏକ ଉତ୍ସ ବୋଲି ପ୍ରମାଣିତ ହୋଇପାରେ । ବେଳେବେଳେ ତଥ୍ୟପ୍ରଦାନକାରୀଙ୍କର ମନ୍ତବ୍ୟ ବା ମତାମତ କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ପ୍ରଭାବିତ ହୋଇଥାଏ । ସେ ଯାହା ଠିକ୍ ବୋଲି ଭାବନ୍ତି ତାହା ଉତ୍ତର ନଦେଇ, ଅନୁସନ୍ଧାନକାରୀ ଯେମିତି ଚାହାଁନ୍ତି, ସେମିତି ଉତ୍ତର ଦେଇଥାଆନ୍ତି । କ୍ଷେତ୍ର କର୍ମଚାରୀ ମଧ୍ୟ ବେଳେବେଳେ କୌଣସି ଏକ ପକ୍ଷ ନେଇ

ଉତ୍ତରଦାତାଙ୍କୁ ଜାଣି ଜାଣି ପ୍ରଭାବିତ କରିବାକୁ ଚେଷ୍ଟା କରିଥାଆନ୍ତି । ଯଦି ଏଭଳି ତ୍ରୁଟି ହୁଏ ତେବେ ଏହାଦ୍ୱାରା ସୃଷ୍ଟି ହେଉଥିବା କ୍ଷତିକୁ ଭରଣା କରାଯାଇପାରିବ ନାହିଁ ଓ ଯେତେ ସତର୍କତା ଅବଲମ୍ୱନ କଲେ ମଧ୍ୟ ଏଭଳି କ୍ଷତିର ନିରାକରଣ କରାଯାଇପାରିବ ନାହିଁ ।

## ୩.୫ ପ୍ରଶ୍ନପତ୍ର ପଦ୍ଧତି

ସୁବ୍ୟବସ୍ଥିତ ଢଙ୍ଗରେ ପ୍ରଶ୍ନାବଳୀ ପ୍ରସ୍ତୁତିକୁ ପ୍ରଶ୍ନପତ୍ର କୁହାଯାଏ । ଏହାକୁ ସାଧାରଣତଃ ଡାକ ମାଧ୍ୟମରେ ପ୍ରେରଣ କରାଯାଇଥାଏ । ସ୍ଥଳ ବିଶେଷରେ ଏହାକୁ ମଧ୍ୟ ସିଧାସଳଖ ହାତାହାତି ଦିଆଯାଇଥାଏ । ଘରେ, ବିଦ୍ୟାଳୟ/ ମହାବିଦ୍ୟାଳୟ, କାର୍ଯ୍ୟାଳୟ, ପ୍ରତିଷ୍ଠାନ ଇତ୍ୟାଦିରେ ଏହାକୁ ସିଧାସଳଖ ହାତାହାତି ଦିଆଯାଇଥାଏ । ପ୍ରଶ୍ନପତ୍ରକୁ ଏକ ଦସ୍ତାବିଜ ବୋଲି ମଧ୍ୟ କୁହାଯାଇଥାଏ । ଏଥିରେ କେତେକ ପ୍ରଶ୍ନ ସ୍ଥାନିତ ହୋଇଥାଏ । ଉତ୍ତରଦାତା ଏହି ପ୍ରଶ୍ନ ଗୁଡିକର ଉତ୍ତର ବ୍ୟକ୍ତିଗତ ଭାବେ ପ୍ରଦାନ କରିଥାଆନ୍ତି । ଏକ ଚିଠି ମାଧ୍ୟମରେ ଉତ୍ତରଦାତାଙ୍କୁ ସର୍ବେକ୍ଷଣର ଗୁରୁତ୍ୱ ସଂପର୍କରେ ବୁଝାଇ ଦିଆଯାଇଥାଏ । ଉତ୍ତରଦାତାଙ୍କର ବ୍ୟୟଭାରକୁ ଲାଘବ କରିବା ନିମନ୍ତେ ପ୍ରଶ୍ନପତ୍ର ସହିତ ନିଜ ଠିକଣା ଥିବା ଡାକଟିକେଟ୍ ଲଗା ଗୋଟିଏ ଗୋଟିଏ ଲଫାପା ଯୋଗାଇ ଦିଆଯାଇଥାଏ । ପ୍ରଶ୍ନପତ୍ର ଗୁଡ଼ିକୁ ଫେରାଇ ଦେବା ନିମନ୍ତେ ପରେ ବାରମ୍ବାର ପତ୍ରଲେଖି ଅନୁରୋଧ କରାଯାଏ ।

ବିଭିନ୍ନ କାରଣ ପାଇଁ ପ୍ରଶ୍ନପତ୍ରକୁ ତଥ୍ୟ ସଂଗ୍ରହର ଏକ ମାଧ୍ୟମରୂପେ ବ୍ୟବହାର କରାଯାଇଥାଏ, ଯେତେବେଳେ –

୧) ବୃହତ୍ ଆକାରର ନମୁନା ଆବଶ୍ୟକ ପଡ଼େ ।

୨) ବ୍ୟୟଭାରକୁ ଅଳ୍ପ କରିବାକୁ ପଡ଼େ ।

୩) ଧାର୍ଯ୍ୟଗୋଷ୍ଠୀ ଉତ୍ତରଦାତା ହିସାବରେ ଅଭିଜ୍ଞ ଓ ସେମାନଙ୍କର ଉତ୍ତର ହାର ଅଧିକ ।

୪) ପ୍ରଶାସନଙ୍କୁ ସରଳ କରିବା ଆବଶ୍ୟକ ପଡ଼େ ।

୫) ଉତ୍ତରଦାତା ମାନଙ୍କର ସ୍ୱାଭାବିକ ଉତ୍ତର ସନ୍ତୋଷଜନକ ମନେହୁଏ ।

### ୩.୫.୧ ପ୍ରଶ୍ନପତ୍ର ପଦ୍ଧତିର ଉପାଦେୟତା

ପ୍ରଶ୍ନପତ୍ର ପଦ୍ଧତିରେ ତଥ୍ୟ ସଂଗ୍ରହର ନିମ୍ନଲିଖିତ ଉପାଦେୟତା ଦେଖିବାକୁ ମିଳେ ।

**୧) ସ୍ୱଳ୍ପ ବ୍ୟୟ:-** ଏହି ପଦ୍ଧତିରେ ଗବେଷଣା କଲେ ବ୍ୟୟଭାର ଖୁବ୍ ଅଳ୍ପ ହୋଇଥାଏ । କେବଳ ପ୍ରଶ୍ନପତ୍ର ମୁଦ୍ରଣ ଓ ଡାକ ଖର୍ଚ୍ଚ ନିମନ୍ତେ ଗବେଷକଙ୍କୁ ଅର୍ଥବ୍ୟୟ କରିବାକୁ ପଡ଼ିଥାଏ । ତେଣୁ

ପ୍ରତ୍ୟେକଟି ପ୍ରସଙ୍ଗ ନିମନ୍ତେ ବ୍ୟୟ ଯଥେଷ୍ଟ କମ୍ ହୋଇଯାଏ ।

୨) **ବୃହତ ପରିସରଭୁକ୍ତି :** ଏହି ପଦ୍ଧତିରେ ବୃହତ୍‌ଆକାରର ନମୁନାକୁ ନିଆଯାଇପାରିବ । ବିନା ଖର୍ଚ୍ଚରେ ଦୂର ଦୂରାନ୍ତରେ ବିକ୍ଷିପ୍ତ ଭାବରେ ଥିବା ଲୋକମାନଙ୍କ ସହିତ ଯୋଗାଯୋଗ କରାଯାଇପାରେ । ତେଣୁ ଉତ୍ତରଦାତାମାନେ ଯେତେବେଳେ ଗୋଟିଏ ବୃହତ୍ ଅଞ୍ଚଳ ମଧ୍ୟରେ ବିକ୍ଷିପ୍ତ ଅବସ୍ଥାରେ ରହିଥାଆନ୍ତି, ସେତେବେଳେ ମୁଖ୍ୟତଃ ଏହି ପଦ୍ଧତିଟି ପ୍ରଯୁଜ୍ୟ ହୋଇଥାଏ ।

୩) **ସୂଚନାର ପୁନରୁକ୍ତି :** ଯେତେବେଳ ନିୟମିତ ବ୍ୟବଧାନରେ ସୂଚନା ବା ତଥ୍ୟ ସଂଗ୍ରହ କରାଯାଇଥାଏ, ସେତେବେଳେ ଏହି ପ୍ରଶ୍ନପତ୍ର ପଦ୍ଧତି ଅତ୍ୟନ୍ତ ଉପକାରୀ ସାବ୍ୟସ୍ତ ହୋଇଥାଏ । ଖସଡା ପଦ୍ଧତି କ୍ଷେତ୍ରରେ ଏହି ସୂଚନାର ପୁନରୁକ୍ତି ବ୍ୟାହତ ହୋଇଥାଏ ।

୪) **ସର୍ବାଧିକ ବୈଧତା:** ସୂଚନା ବା ତଥ୍ୟ ଗୁଡ଼ିକର ବୈଧତା ଦୃଷ୍ଟିକୋଣରୁ ପ୍ରଶ୍ନପତ୍ର ପଦ୍ଧତିର ସ୍ୱତନ୍ତ୍ରତା ରହିଛି । କେତେକ ଲୋକ ସାଧାରଣତଃ ଜଣେ ଅପରିଚିତ ବ୍ୟକ୍ତିଙ୍କ ସହିତ କଥୋପକଥନ ସମୟରେ ସଙ୍କୋଚ ବୋଧ କରନ୍ତି । କିନ୍ତୁ ଲେଖିବା ସମୟରେ ଏହି ସମସ୍ୟା ନଥାଏ । ଏତଦ୍ ବ୍ୟତୀତ, ପ୍ରେରକ ଫର୍ମ ଉପରେ ନିଜର ଦସ୍ତଖତ ବା ଠିକଣା ଲେଖିବାର କୌଣସି ଆବଶ୍ୟକତା ନଥାଏ । ତେଣୁ ଦେଖାଯାଉଛି ଯେ ଖସଡ଼ା ଅପେକ୍ଷା ପ୍ରଶ୍ନପତ୍ରର ଉତ୍ତର ଦେବା କ୍ଷେତ୍ରରେ ଲୋକମାନେ ଅଧିକ ସ୍ୱଷ୍ଟ ହୋଇଥାଆନ୍ତି ।

୫) **କ୍ଷିପ୍ରତା:** ଯଦି ଉତ୍ତରଦାତାମାନେ ଅନୁସନ୍ଧାନକାରୀଙ୍କୁ ସହଯୋଗ କରନ୍ତି, ତେବେ ଖସଡ଼ା ଅପେକ୍ଷା ପ୍ରଶ୍ନପତ୍ର ପଦ୍ଧତିରେ ଉତ୍ତର ଗୁଡ଼ିକ ଖୁବ୍ ଅଳ୍ପ ସମୟ ମଧ୍ୟରେ ମିଳିଯାଇଥାଏ । କିନ୍ତୁ ବେଳେବେଳେ ପ୍ରଶ୍ନପତ୍ର ପ୍ରେରଣ କରାଯାଇଥିବା ବ୍ୟକ୍ତିମାନେ ଏହି ପ୍ରଶ୍ନପତ୍ରକୁ ନିଜ ପାଖରେ ରଖିନିଅନ୍ତି ଓ ବାରମ୍ବାର ସ୍ମରଣ କରାଇବା ପରେ ଏଗୁଡ଼ିକୁ ପଠାଇଥାଆନ୍ତି । ଏହି କ୍ଷେତ୍ରରେ ପ୍ରଶ୍ନପତ୍ର ଖସଡ଼ା ନିମନ୍ତେ ସମାନ ସମୟ ବ୍ୟୟ ହୋଇଥାଏ ।

## ୩.୫.୨ ପ୍ରଶ୍ନପତ୍ର ପଦ୍ଧତିର ମନ୍ଦଦିଗ

ପ୍ରଶ୍ନପତ୍ର ପଦ୍ଧତିର ନିମ୍ନଲିଖିତ ମନ୍ଦଦିଗ ଗୁଡ଼ିକ ଦେଖିବାକୁ ମିଳେ ।

୧) **ଅଣ ନିର୍ଭରଯୋଗ୍ୟ:** ପ୍ରଶ୍ନପତ୍ର ମାଧ୍ୟମରେ ସଂଗୃହୀତ ସୂଚନା ବା ତଥ୍ୟଗୁଡ଼ିକ ଅଧିକ ନିର୍ଭରଯୋଗ୍ୟ ବୋଲି କୁହାଯାଇ ପାରିବ ନାହିଁ । ଏହି ଅଧ୍ୟାୟର ଆଦ୍ୟଭାଗରେ ପ୍ରଶ୍ନପତ୍ରର ନିର୍ଭର ଯୋଗ୍ୟତା କ୍ଷେତ୍ରରେ ଥିବା ଅସୁବିଧା ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି ।

୨) **ଅସମାପ୍ତ ତଥ୍ୟ:** ଅଧିକାଂଶ ପ୍ରଶ୍ନପତ୍ରରେ ଉତ୍ତରଗୁଡିକ ସଂପୂର୍ଣ୍ଣ ଭାବରେ ପୂରଣ କରାଯାଇନଥାଏ। କେତେକ ଉତ୍ତରକୁ ସଂପୂର୍ଣ୍ଣରୂପେ ଛାଡିଦିଆଯାଇଥାଏ। ଆଉ କେତେକ ପ୍ରଶ୍ନର ଉତ୍ତର ଏଭଳି ହୋଇଥାଏ ଯେ ତାକୁ ବୁଝିବା କଷ୍ଟକର ହୋଇପଡେ। ଏପରିକି ଉତ୍ତରଦାତାଙ୍କର ଉଦ୍ଦେଶ୍ୟ ସ୍ୱଷ୍ଟ ଭାବରେ ବୁଝାପଡ଼େ ନାହିଁ। ଏଥିରେ ମଧ୍ୟ ଭାଷାଗତ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ଥାଏ। ଉତ୍ତର ଦେବାବେଳେ କେତେକ ସାଂକେତିକ ଅକ୍ଷର ବ୍ୟବହାର କରିଥାଆନ୍ତି ଯାହାକୁ ବୁଝିବା ବେଳେବେଳେ କଷ୍ଟକର ହୋଇପଡ଼େ।

୩) **ଖରାପ ହସ୍ତାକ୍ଷର ସମସ୍ୟା:** ପ୍ରଶ୍ନପତ୍ରର ମୁଦ୍ରଣ ବେଳେବେଳେ ଅସ୍ୱଷ୍ଟ ଥାଏ। ବେଳେବେଳେ ପେନସିଲ୍ ବ୍ୟବହାର ହୋଇଥାଏ। ବେଳେବେଳେ ଅଧିକରୁ ଅଧିକ ଥର ଲିଭାଇବା ଯୋଗୁଁ କିମ୍ବା ଗୋଟିଏ ଅକ୍ଷର ଉପରେ ଆଉ ଗୋଟିଏ ଅକ୍ଷର ଲେଖିବା ଯୋଗୁଁ ଉତ୍ତରକୁ ବୁଝିବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଥାଏ।

୪) **ସ୍ୱଳ୍ପ ଉତ୍ତର:** ବେଳେବେଳେ ସଂଗୃହୀତ ଉତ୍ତରଗୁଡ଼ିକ ନୈରାଶ୍ୟଜନକ ହୋଇଥାଏ। ବହୁସଂଖ୍ୟକ ପ୍ରଶ୍ନକୁ ଛାଡିଦିଆଯାଇଥାଏ। ଏହାଦ୍ୱାରା ନମୁନାରେ ପକ୍ଷପାତିତା ସୃଷ୍ଟି ହୁଏ। ଉତ୍ତରଦାତାମାନଙ୍କର ଆଗ୍ରହ ବୃଦ୍ଧିର ସଂପର୍କରେ ଆଗରୁ ଆଲୋଚିତ ହୋଇଛି।

୫) **ଚଞ୍ଚଳତାପୂର୍ଣ୍ଣ ଉତ୍ତରର ସମ୍ଭାବନା:** ଖସଡ଼ା ପଦ୍ଧତିରେ କ୍ଷେତ୍ରକର୍ମଚାରୀ ଉତ୍ତରଦାତାଙ୍କ ସମ୍ମୁଖରେ ଉପସ୍ଥିତ ଥାଆନ୍ତି। ସେ ପ୍ରତ୍ୟେକଟି ଉତ୍ତରକୁ ଅନୁଧ୍ୟାନ କରି ଜେରା କରିବା ଭଳି ପ୍ରତିପ୍ରଶ୍ନ ପଚାରି ଥାଆନ୍ତି। ତେଣୁ ଉତ୍ତରଦେବା ସମୟରେ ଚଞ୍ଚଳତା କରିବା ଏତେଟା ସହଜ ନୁହେଁ। କିନ୍ତୁ ପ୍ରଶ୍ନପତ୍ର ପଦ୍ଧତିରେ ଉତ୍ତରଦାତା ବା ତଥ୍ୟ ପ୍ରଦାନକାରୀ ଚଞ୍ଚଳତା ପୂର୍ଣ୍ଣ ତଥ୍ୟ ପ୍ରଦାନ ନିମନ୍ତେ ଯଥେଷ୍ଟ ସମୟ ଓ ସୁଯୋଗ ପାଇଥାଆନ୍ତି। ତେଣୁ ଏହାଦ୍ୱାରା ସୃଷ୍ଟି ହେଉଥିବା ତ୍ରୁଟିକୁ ସୁଧାରିବା ଜଟିଳ ହୋଇଥାଏ।

୬) **ବ୍ୟକ୍ତିଗତ ଯୋଗାଯୋଗର ପ୍ରଭାବ :** ପ୍ରଶ୍ନପତ୍ର ପଦ୍ଧତିରେ କ୍ଷେତ୍ରକର୍ମଚାରୀଙ୍କର ଉତ୍ତରଦାତାଙ୍କ ସହିତ କୌଣସି ବ୍ୟକ୍ତିଗତ ଯୋଗାଯୋଗ ବା ସଂପର୍କ ସୃଷ୍ଟି ହୋଇପାରେ ନାହିଁ। ତେଣୁ ଯଦି ଉତ୍ତରଦାତାଙ୍କ କୌଣସି ଦ୍ୱନ୍ଦ୍ୱ ରହେ, ତାକୁ ଦୂରକରିବା ପାଇଁ କେହି ନଥାଆନ୍ତି। ପ୍ରଶ୍ନପତ୍ର ମାଧ୍ୟମରେ ଆସୁଥିବା ଉତ୍ତର ବା ତଥ୍ୟଗୁଡିକୁ ଅନ୍ଧଭାବରେ ବର୍ଗୀକରଣ କରାଯାଇନଥାଏ । ତେଣୁ ଏଥିରେ କୌଣସି ବିଶ୍ୱାସନୀୟତା ସୃଷ୍ଟି କରାଯାଇପାରେ ନାହିଁ। କାରଣ ତଥ୍ୟଗୁଡ଼ିକର ଯାଞ୍ଚ ନିମନ୍ତେ କୌଣସି ବ୍ୟବସ୍ଥା ନଥାଏ।

**୭) ଜଟିଳ ପ୍ରସଙ୍ଗ ଅସମ୍ଭବ:** ପ୍ରଶ୍ନପତ୍ର ପଦ୍ଧତିରେ ଗବେଷକ ଉତ୍ତରଦାତାଙ୍କର ଭାବବେଗ, ପ୍ରତିକ୍ରିୟା ଓ ମାନସିକ ଅବସ୍ଥାକୁ ପରୀକ୍ଷା କରିବା ସମ୍ଭବ ହୋଇନଥାଏ। ଏସବୁ ନିମନ୍ତେ ଏକ ଉପଯୁକ୍ତ ବାତାବରଣ ସୃଷ୍ଟିର ଆବଶ୍ୟକ ହୋଇଥାଏ, ଯେଉଁଥିରେ ଗବେଷକଙ୍କର ବ୍ୟକ୍ତିଗତ ଉପସ୍ଥିତି ଲୋଡ଼ା। ପାର୍ଟେନ୍ (Parten) ଯଥାର୍ଥରେ କହିଛନ୍ତି, "ଏ କ୍ଷେତ୍ରରେ କିନ୍ତୁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ତେଣୁ ଏକ ସର୍ବୋତ୍ତମ ପ୍ରଶ୍ନପତ୍ର ଅପେକ୍ଷା ଏକ ଭଲ ସାକ୍ଷାତ୍କାର ଅଧିକ ଗ୍ରହଣୀୟ ହୋଇପାରେ। ଏଣୁ ଉନ୍ନତମାନର ବଛା ବଛା ଗୋଷ୍ଠୀଗୁଡ଼ିକ ନିମନ୍ତେ ପ୍ରଶ୍ନପତ୍ର ପଦ୍ଧତି ପ୍ରଯୁଜ୍ୟ ହୋଇପାରେ। ମୁଖ୍ୟତଃ ଯେଉଁମାନେ ଶିକ୍ଷିତ ଓ ଦାୟିତ୍ୱବାନ୍ ସେମାନଙ୍କ ପାଇଁ ଏହା ପ୍ରଯୁଜ୍ୟ ହେବ। ଯୋଗାଯୋଗ କରାଯାଉଥିବା ଲୋକମାନେ ଯେତେବେଳେ ଏକ ବିରାଟ ଭୌଗୋଳିକ ସୀମାରେଖା ମଧ୍ୟରେ ବିକ୍ଷିପ୍ତ ଭାବରେ ବସବାସ କରୁଥାଆନ୍ତି, ସେତେବେଳେ ଏହି ପଦ୍ଧତିଟି ଉପଯୁକ୍ତ ସାବ୍ୟସ୍ତ ହୋଇଥାଏ। ଏହା ସାଧାରଣତଃ ଗଭୀର ଅନୁଶୀଳନ ଆରମ୍ଭ ହେବା ପୂର୍ବରୁ କରାଯାଉଥିବା ଅନୁସନ୍ଧାନତ୍ମକ କାର୍ଯ୍ୟରେ ବ୍ୟବହୃତ ହୋଇଥାଏ।

## ୩.୬ ସାକ୍ଷାତ୍କାର

ଭୌଗୋଳିକ ଗବେଷଣା ଅପେକ୍ଷା ସାମାଜିକ ଗବେଷଣାର ଏକ ମୌଳିକ ବିଶେଷତ୍ୱ ରହିଛି। ଅର୍ଥାତ୍ ସାମାଜିକ ଗବେଷଣାରେ ଗବେଷକ ତାଙ୍କ ନିଜ ପ୍ରସଙ୍ଗଟିକୁ ଅନ୍ୟକୁ କହିପାରିବେ ଓ ନିଜର ଅନୁଭବ ଓ ପ୍ରତିକ୍ରିୟାକୁ ଜାଣି ପାରିବେ। ପର୍ଯ୍ୟବେକ୍ଷଣ ଉଦ୍ଦେଶ୍ୟରେ ସେ ସଂପୂର୍ଣ୍ଣ ଭାବରେ ନିଜର ଜ୍ଞାନ ଉପରେ ନିର୍ଭର କରନ୍ତି ନାହିଁ। ତେଣୁ ସେ ସାକ୍ଷାତ୍କାରରୁ ମିଳୁଥିବା ସୁଫଳକୁ ପୂର୍ଣ୍ଣମାତ୍ରାରେ ବ୍ୟବହାର କରିଥାଆନ୍ତି।

ପଲିନ୍ ୟଙ୍ଗ (Pauline Young) ଙ୍କ ମତରେ, " ସାକ୍ଷାତ୍କାର ଏକ ବ୍ୟବସ୍ଥିତ ପଦ୍ଧତି ଯେଉଁଥିରେ ଜଣେ ବ୍ୟକ୍ତି ଆଉ ଜଣେ ଆପାତତଃ ଅପରିଚିତ ବ୍ୟକ୍ତିଙ୍କର ଜୀବନ ମଧ୍ୟକୁ ଉଣା ଅଧିକେ ପ୍ରବେଶ କରିପାରନ୍ତି। ଏହା ଏକ ଟେପ୍ ରେକର୍ଡର ସଦୃଶ। ଏଥିରେ ସାକ୍ଷାତ୍କାରୀ ଅତୀତର ଘଟଣାବଳୀ, ଅନୁଭୂତି, ଅନୁଭବ ଇତ୍ୟାଦିକୁ ବଜାଇ ଶୁଣାଇ ଦେଇ ସାକ୍ଷାତ୍କାର ଦେଉଥିବା ବ୍ୟକ୍ତିର ସ୍ମୃତିକୁ ତାଜା କରିଦିଅନ୍ତି। ଏହାଦ୍ୱାରା ସାକ୍ଷାତ୍କାରୀ ସାକ୍ଷାତ୍କାର ନେଉଥିବା ବ୍ୟକ୍ତିଙ୍କର ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ, ମାନବୀୟ ବ୍ୟବହାରର ମୌଳିକ କୌଶଳର କ୍ରମ ବିନ୍ୟାସ, ଘଟଣା ପଛରେ ଥିବା ସାର୍ବଜନୀନ ନିୟମ ଓ ପ୍ରତିକ୍ରିୟା ଇତ୍ୟାଦିକୁ ପର୍ଯ୍ୟବେକ୍ଷଣ କରି ଥାଆନ୍ତି। ସେ ନିଜର କଳ୍ପନାରାଜ୍ୟ ମଧ୍ୟକୁ ପ୍ରବେଶ କରିବାକୁ ଚେଷ୍ଟା କରନ୍ତି ଓ ସାକ୍ଷାତ୍କାରୀ ବ୍ୟକ୍ତି ବର୍ଣ୍ଣନା କରୁଥିବା ସମୟରେ ତାଙ୍କର ଭାବନାର ଗୁରୁତ୍ୱକୁ ଅନୁଭବ କରିଥାଆନ୍ତି।

## ୩.୬.୧ ସାକ୍ଷାତ୍କାରର ଉଦ୍ଦେଶ୍ୟ

ସାକ୍ଷାତ୍କାର ପଛରେ ଦୁଇଟି ଉଦ୍ଦେଶ୍ୟ ନିହିତ ଥାଏ। ଯଥା- (୧) କେବଳ ନିଜକୁ ଜଣାଥିବା ପ୍ରସଙ୍ଗରୁ କେତେକ ତଥ୍ୟ ହାସଲ କରିବା। କାରଣ ଏହା ଅନ୍ୟ କୌଣସି ସୂତ୍ରରୁ ହାସଲ କରାଯାଇ ପାରିବ ନାହିଁ। (୨) ଏକ ସୁସ୍ଥ ବାତାବରଣ ମଧ୍ୟରେ ମୌଖିକ ବ୍ୟବହାରର ପରୀକ୍ଷାଗାର ଅନୁଶୀଳନ। ସାକ୍ଷାତ୍କାରୀ ପ୍ରଥମେ ସାକ୍ଷାତ୍କାର ପ୍ରଦାନକାରୀଙ୍କୁ ପ୍ରସଙ୍ଗ ସଂପର୍କରେ ବର୍ଣ୍ଣନା କରନ୍ତି। ତାପରେ ସେ ତାଙ୍କ ଜୀବନର ଘଟଣା ପ୍ରବାହ ସହ ପ୍ରସଙ୍ଗ ସଂପର୍କରେ ନିଜର ମତାମତ ଓ ପ୍ରତିକ୍ରିୟାକୁ ପରିପ୍ରକାଶ କରନ୍ତି। ସାକ୍ଷାତ୍କାର ପ୍ରଦାନକାରୀ ଏସବୁ ବର୍ଣ୍ଣନାକୁ ଧ୍ୟାନର ସହ ଶୁଣନ୍ତି ଓ ଏ ସଂପର୍କରେ ନିଜର ମତ ବିନିମୟ ପାଇଁ ମନସ୍ଥିର କରନ୍ତି। ଦ୍ୱିତୀୟ କ୍ଷେତ୍ରରେ ଗବେଷକଙ୍କର ଧ୍ୟାନ ପ୍ରକୃତ ପ୍ରସଙ୍ଗ ଅପେକ୍ଷା ସାକ୍ଷାତ୍କାର ପ୍ରଦାନକାରୀଙ୍କର ଦୃଷ୍ଟିଭଙ୍ଗୀ ଓ ମନ୍ତବ୍ୟ ଉପରେ ଅଧିକ କେନ୍ଦ୍ରୀଭୂତ ହୋଇଥାଏ। ଏଠାରେ ସେ ଜଣେ ସମାଜ ବିଜ୍ଞାନୀର ଭୂମିକା ନିର୍ବାହ କରିଥାଆନ୍ତି। ସାକ୍ଷାତ୍କାର ପ୍ରଦାନକାରୀ କୌଣସି ଏକ ନିର୍ଦ୍ଦିଷ୍ଟ ଘଟଣା ସଂପର୍କରେ ବର୍ଣ୍ଣନା କଲାବେଳେ, ସାକ୍ଷାତ୍କାରୀ ତାଙ୍କର ପ୍ରତିକ୍ରିୟା, ମନୋଭାବର ପରିବର୍ତ୍ତନ ଓ ଭଙ୍ଗୀ ବା ଠାଣି ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିଥାଆନ୍ତି। ବ୍ୟକ୍ତିତ୍ୱ, ତାଙ୍କର ଦୃଷ୍ଟିଭଙ୍ଗୀ, ପୂର୍ବର ବଦ୍ଧମୂଳ ଧାରଣା, ପସନ୍ଦ, ନାପସନ୍ଦ ଇତ୍ୟାଦି ଉପରେ ଅଧିକ ଆଗ୍ରହ ପ୍ରକାଶ କରନ୍ତି। ଏତଦ୍ ବ୍ୟତୀତ ତାଙ୍କର ମୌଖିକ ବ୍ୟବହାର ସମେତ ତାଙ୍କର ଭଙ୍ଗୀ ବା ଠାଣୀ ଯଥା ମୁଖର ଦୃଷ୍ଟିଭଙ୍ଗୀ, କଣ୍ଠସ୍ୱର ଇତ୍ୟାଦି ଉପରେ ମଧ୍ୟ ଅଧିକ ଆଗ୍ରହ ପ୍ରକାଶ କରନ୍ତି।" ଅତଏବ, ଯେକୌଣସି ଗୋଟିଏ ଦିଗ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ପ୍ରଦାନ କରାଯାଇଥାଏ। ସାଧାରଣତଃ ଦେଖାଯାଏ ଯେ, ଗୋଟିଏ ସାମାଜିକ ସାକ୍ଷାତ୍କାରରେ ସାକ୍ଷାତ୍କାର ପ୍ରଦାନ କରୁଥିବା ବ୍ୟକ୍ତିର ମତାମତର ଯଥାର୍ଥତା କୁ ପରୀକ୍ଷା କରିବା ନିମନ୍ତେ ଏହା ଏକ ଅସ୍ତ୍ର ଅଟେ।

## ୩.୬.୨ ସାକ୍ଷାତ୍କାରର ପ୍ରକାରଭେଦ

ସାକ୍ଷାତ୍କାର ସାଧାରଣତଃ ଚାରି ପ୍ରକାରର। ଯଥା- ବ୍ୟବସ୍ଥିତ ସାକ୍ଷାତ୍କାର, ଅଣବ୍ୟବସ୍ଥିତ ସାକ୍ଷାତ୍କାର, କେନ୍ଦ୍ରୀଭୂତ ସାକ୍ଷାତ୍କାର ଓ ପୁନଃପୁନଃ ସାକ୍ଷାତ୍କାର।

**(୧) ବ୍ୟବସ୍ଥିତ ସାକ୍ଷାତ୍କାର (Structural Interview):** ଏହାକୁ ମଧ୍ୟ ନିୟନ୍ତ୍ରିତ ବା ପ୍ରତ୍ୟକ୍ଷ ସାକ୍ଷାତ୍କାର କୁହାଯାଏ। ଏହି ସାକ୍ଷାତ୍କାରରେ ଏକ ସଂପୂର୍ଣ୍ଣ ଖସଡା ବ୍ୟବହୃତ ହୁଏ। ଏହି ସାକ୍ଷାତ୍କାରରେ ଖସଡାରେ ଥିବା ପ୍ରଶ୍ନଗୁଡିକର ଉତ୍ତର ହାସଲ କରିବା ନିମନ୍ତେ ସାକ୍ଷାତ୍କାରୀଙ୍କୁ କୁହାଯାଇଥାଏ। ସେ ନିଜ ତରଫରୁ ପ୍ରଶ୍ନ ଗୁଡିକର ଭାଷା ମଧ୍ୟ ପରିବର୍ତ୍ତନ କରିପାରିବେ ନାହିଁ। ସେ କେବଳ ଆବଶ୍ୟକ ସ୍ଥଳେ

ମତାମତ ବା ମନ୍ତବ୍ୟ ଗୁଡ଼ିକୁ ତର୍ଜମା କରିପାରିବେ ବା ବିସ୍ତୃତ ଭାବେ ଲେଖି ପାରିବେ। ଏହି ପ୍ରକାର ସାକ୍ଷାତ୍କାର ସଂପର୍କରେ ଖସଡ଼ା ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି।

**(୨) ଅଣ-ବ୍ୟବସ୍ଥିତ ସାକ୍ଷାତ୍କାର (Un- Structural Interview):** ଏହାକୁ ମଧ୍ୟ ଅଣ-ନିୟନ୍ତ୍ରିତ ବା ପରୋକ୍ଷ ସାକ୍ଷାତ୍କାର କୁହାଯାଏ। ଏହିପ୍ରକାର ସାକ୍ଷାତ୍କାର କ୍ଷେତ୍ର କର୍ମଚାରୀଙ୍କୁ ସମସ୍ୟା ବା ପ୍ରସଙ୍ଗ ସଂପର୍କରେ ବ୍ୟାପକ ଭାବରେ କୁହାଯାଇଥାଏ। ସେହି ଅନୁସାରେ ସେ ତଥ୍ୟ ସଂଗ୍ରହ ନିମନ୍ତେ ପ୍ରୟାସ କରିଥାଆନ୍ତି। ଏହା ସାଧାରଣତଃ ଖୋଲା ଆଲୋଚନା ବା କାହାଣୀ ଆକାରର ବର୍ଣ୍ଣନାତ୍ମକ ହୋଇଥାଏ। ସାକ୍ଷାତ୍କାର ପ୍ରଦାନକାରୀଙ୍କୁ ତାଙ୍କ ଜୀବନର ଘଟଣାବଳୀ, ଭାବନା ଓ ପ୍ରତିକ୍ରିୟା ଇତ୍ୟାଦି ବର୍ଣ୍ଣନା କରିବାକୁ କୁହାଯାଇଥାଏ। ଗବେଷକ ଏଥିରୁ ତାଙ୍କର ନିଜ ସିଦ୍ଧାନ୍ତ ନିର୍ଣ୍ଣୟ କରିଥାଆନ୍ତି। ନିମ୍ନଲିଖିତ ଅନୁସନ୍ଧାନରେ ସାଧାରଣତଃ ଅଣ-ବ୍ୟବସ୍ଥିତ ସାକ୍ଷାତ୍କାରୀଙ୍କୁ ବ୍ୟବହାର କରାଯାଇଥାଏ।

(କ) ଅନୁଶୀଳନ କରାଯାଉଥିବା ସମସ୍ୟା ସଂପର୍କରେ ଧାରଣା ହାସଲ ନିମନ୍ତେ ଯେତେବେଳେ ଏହି ସମସ୍ୟା ସଂପର୍କୀତ ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ସ୍ୱତନ୍ତ୍ର ଅନୁଶୀଳନ କରାଯାଇଥାଏ, ସେତେବେଳେ ଏହି ସାକ୍ଷାତ୍କାର ପଦ୍ଧତିକୁ ବ୍ୟବହାର କରାଯାଇଥାଏ। ସାକ୍ଷାତ୍କାର ପ୍ରଦାନକାରୀଙ୍କ ସହିତ ଯୋଗାଯୋଗ କରାଯାଏ। ଅନୁଶୀଳନ କରାଯାଉଥିବା ସମସ୍ୟା ବା ପ୍ରସଙ୍ଗର ବିଭିନ୍ନ ଦିଗ ସଂପର୍କରେ ଅଲୋଚନା କରାଯାଏ ଓ ତାପରେ ତାଙ୍କର ପରାମର୍ଶ ଓ ମତାମତକୁ ବିବରଣ କରାଯାଏ। ଏହାଦ୍ୱାରା ଗବେଷକଙ୍କର ଅନୁଶୀଳନ କରୁଥିବା ସମସ୍ୟା ମଧ୍ୟକୁ ଗଭୀର ପ୍ରବେଶ ହୁଏ। କାରଣ ସେ ଏହି ସମସ୍ୟା ସହିତ ଜଡ଼ିତ ଓ ପ୍ରଭାବିତ ବ୍ୟକ୍ତିମାନଙ୍କ ସଂସ୍ପର୍ଶରେ ଆସିଥାଆନ୍ତି। ସେ କେଉଁ ପ୍ରକାରର ଲୋକମାନଙ୍କ ସହିତ ଯୋଗାଯୋଗ କରିବେ, ସେ ଜାଣି ଥାଆନ୍ତି। ଏହା ସହିତ ସେମାନଙ୍କର ରୁଚି-ଅରୁଚି, ପସନ୍ଦ-ନାପସନ୍ଦ, ମାନସିକତା, ବ୍ୟବହାର ଓ ଆଚରଣ ଇତ୍ୟାଦି ମଧ୍ୟ ଜାଣି ଥାଆନ୍ତି। ପରବର୍ତ୍ତୀ ସମୟରେ ବ୍ୟବସ୍ଥିତ ସାକ୍ଷାତ୍କାର ପାଇଁ ପ୍ରସ୍ତୁତ ହେବା ନିମନ୍ତେ ଏଗୁଡ଼ିକ ତାଙ୍କୁ ସହାୟକ ହୋଇଥାଏ। ବେଳେବେଳେ ତଥ୍ୟ ପ୍ରଦାନକାରୀମାନେ ସମସ୍ୟାର ସଂପୂର୍ଣ୍ଣ ନୂଆ ଦିଗ ଗୁଡ଼ିକୁ ଉପସ୍ଥାପନା କରିଥାଆନ୍ତି, ଯାହାକି ଗବେଷକଙ୍କ ପରିକଳ୍ପନାର ବାହାରେ ଥାଏ, ତେଣୁ ଅନ୍ତିମ ନିର୍ଦ୍ଦେଶିତ ଅନୁଶୀଳନର ପୂର୍ବାଭାଷ ହିସାବରେ ଅଣ-ନିର୍ଦ୍ଦେଶିତ ଅନୁଶୀଳନ କରାଯାଇଥାଏ।

(ଖ) କେତେକ ଆବେଗପୂର୍ଣ୍ଣ ଘଟଣା ସଂପର୍କରେ ତଥ୍ୟ ପ୍ରଦାନକାରୀଙ୍କର ପ୍ରତିକ୍ରିୟା ଓ ଭାବବେଗକୁ ଅନୁଶୀଳନ କରାଯାଉଥିବା ବେଳେ ଉତ୍ତରଟି ଅତର୍କିତ ଭାବରେ ଗୋଟିଏ ବାକ୍ୟରେ ଦିଆଯାଇପାରି ନଥାଏ। ଏହି ଉଦ୍ଦେଶ୍ୟରେ ସେହି ସମାନ ପରିବେଶ ଓ ପରିସ୍ଥିତି ସୃଷ୍ଟି କରିବାକୁ ହେବ। ଯେତେବେଳେ ତଥ୍ୟପ୍ରଦାନକାରୀ ସେହି ଘଟଣା ଓ ପରିସ୍ଥିତି ସଂପର୍କରେ ବର୍ଣ୍ଣନା କରିବା ଆରମ୍ଭ

କରନ୍ତି, ପ୍ରକୃତ ଘଟଣା ଘଟୁଥିବା ଅବସ୍ଥାରେ ତାଙ୍କର ମାନସିକ ଅବସ୍ଥା ଯାହା ହୋଇଥିବ, ସେ ସେହି ଅବସ୍ଥାକୁ ଫେରି ଆସନ୍ତି । ତେଣୁ ସ୍ୱାଭାବିକ ଭାବରେ ସେମାନଙ୍କର ମତାମତ ହୃଦୟର ଗଭୀର ପ୍ରଦେଶରୁ ନିର୍ଗତ ହୋଇଥାଏ ଓ ଏଥିରେ ଅଧିକଭାବରେ ସତ୍ୟ ଓ ବାସ୍ତବତା ନିହିତ ଥାଏ ।

(ଗ) କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତି ଓ ଘଟଣାରେ ସାକ୍ଷାତ୍‌କାର ପ୍ରଦାନକାରୀଙ୍କର ନିଜର ଦୃଷ୍ଟିଭଙ୍ଗୀ, ମନୋଭାବ, ମୁଖଭଙ୍ଗୀ ଓ ଶରୀରର ଠାଣୀରେ କିପରି ପରିବର୍ତ୍ତନ ଘଟୁଛି, ତାକୁ ଏହି ପଦ୍ଧତି ମାଧ୍ୟମରେ ଅନୁଶୀଳନ କରାଯାଇଥାଏ । ପ୍ରତ୍ୟେକ ବ୍ୟକ୍ତି ବିଭିନ୍ନ ପ୍ରକାରର ଘଟଣା ସଂସ୍ପର୍ଶରେ ଆସି ଥାଆନ୍ତି ଓ ଭିନ୍ନ ଭିନ୍ନ ଘଟଣା ପାଇଁ ଭିନ୍ନ ଭିନ୍ନ ଭାବପ୍ରବଣତା ସୃଷ୍ଟି ହୋଇଥାଏ । ଯେତେବେଳେ ଭାବପ୍ରବଣତା ବୃଦ୍ଧି ପାଏ, ସେତେବେଳେ ତାଙ୍କ ମଧ୍ୟରେ କେତେକ ଉଲ୍ଲେଖନୀୟ ଶାରିରୀକ ପରିବର୍ତ୍ତନ ଦୃଷ୍ଟିଗୋଚର ହୁଏ । ସେ ଏକ ନିର୍ଦ୍ଦିଷ୍ଟ ଢଙ୍ଗରେ ପ୍ରତିକ୍ରିୟା ପ୍ରକାଶ କରନ୍ତି, ଯାହା ତାଙ୍କର ସ୍ୱାଭାବିକ୍ ବ୍ୟବହାରଠାରୁ ସଂପୂର୍ଣ୍ଣ ଅଲଗା । ଯେତେବେଳେ ସାକ୍ଷାତ୍‌କାର ପ୍ରଦାନକାରୀ ମାନସିକ ସ୍ତରରେ ସେହି ସମାନ ପରିସ୍ଥିତିକୁ ଫେରି ଯାଆନ୍ତି, ଏହି ପ୍ରକାରର ଅନୁଶୀଳନ ସମ୍ଭବ ହୋଇଥାଏ ।

ଏକ ବାସ୍ତବ ପରିସ୍ଥିତିକୁ ବିଚାରକୁ ନିଆଯାଉ । ଧରି ନିଆଯାଉ, ଏକ ଛାଡପତ୍ର ଘଟଣା ଘଟିଛି । ଗୋଟିଏ ସିଧା ସଳଖ ପ୍ରଶ୍ନ ବା ଏକାଧିକ ପ୍ରଶ୍ନ ପଚାରି ପ୍ରକୃତ କାରଣ ଜାଣିହେବ ନାହିଁ । ଏହି କ୍ଷେତ୍ରରେ ବ୍ୟକ୍ତି ଜଣକ ମାନବୀୟ ଚିନ୍ତାଧାରା ଅପେକ୍ଷା ନିଜର ଭାବ ପ୍ରବଣତା ଦ୍ୱାରା ଅଧିକ ଭାବରେ ପରିଚାଳିତ ହୁଅନ୍ତି । କେଉଁ ପରିସ୍ଥିତି ତାଙ୍କୁ ତାଙ୍କ ଜୀବନ ସାଥିଙ୍କ ସହିତ ସମ୍ପର୍କଚ୍ଛିନ୍ନ କରିବାକୁ ବାଧ କଲା, ତାକୁ ନଜାଣିଲେ ସେ ଦର୍ଶାଇଥିବା କାରଣକୁ ଆମେ ଗ୍ରହଣ କରିପାରିବା ନାହିଁ । କାରଣ ତାଙ୍କର ଦୀର୍ଘ ଦିନର ଦାମ୍ପତ୍ୟ ଜୀବନର ପରିସମାପ୍ତି ଘଟିଛି ଓ ସେହି ସମୟ ମଧ୍ୟରେ ସେ ତାଙ୍କ ଜୀବନ ସାଥିଙ୍କ ସହିତ ଅନେକ ସୁଖ ଦୁଃଖ ବାଣ୍ଟିଛନ୍ତି । କିନ୍ତୁ ଏକଥା ସ୍ୱାଭାବିକ ଯେ, ଏହି ଦମ୍ପତି ଦୀର୍ଘ ଦିନ ଧରି ମାନସିକ ଯନ୍ତ୍ରଣା ଓ ଅବସାଦ ମଧ୍ୟରେ ରହିଥିବେ । ସେମାନଙ୍କ ମଧ୍ୟରେ ମିଳାମିଶା ପାଇଁ ଅନେକ ଉଦ୍ୟମ ହୋଇଥିବ । ପ୍ରତ୍ୟେକଟି ଉଦ୍ୟମ ବିଫଳ ହୋଇଥିବ ଓ ପରସ୍ପର ପରସ୍ପର ପ୍ରତି ଆକ୍ଷେପ ଓ ପ୍ରତିଆକ୍ଷେପ କରିଥିବେ । ପରିଶେଷରେ ଦୁର୍ଭାଗ୍ୟ ସମୟ ଆସିଲା ଓ ଉଭୟ ଅଲଗା ହେବାପାଇଁ ନିଷ୍ପତ୍ତି ନେଲେ । ଯଦି ପୂରା ଘଟଣାବଳୀ ଓ ସେମାନଙ୍କର ଭାବପ୍ରବଣତାକୁ ଆମେ ଜାଣି ନାହାଁନ୍ତି, ତେବେ ଛାଡପତ୍ରର କାରଣ ଟିକେ ହାଲୁକା ଓ ଗୁରୁତ୍ୱବିହୀନ ହୋଇଯିବ । ତେଣୁ ତଥ୍ୟ ପ୍ରଦାନକାରୀଙ୍କ ଜୀବନ ପରିଧି ମଧ୍ୟକୁ ପ୍ରବେଶ କରିବା ନିମନ୍ତେ ଗବେଷକଙ୍କ ପାଇଁ ଏକମାତ୍ର ବିକଳ୍ପ ବା ଉପାୟ ହେଉଛି ଲକ୍ଷ୍ୟହୀନ

କାହାଣୀ କଥନଭଳି ସାକ୍ଷାତ୍‌କାର । ଏହାଦ୍ୱାରା ସେ ତାଙ୍କ ବିଭିନ୍ନ ପ୍ରକାର କ୍ରିୟା ଓ ପ୍ରତିକ୍ରିୟାର ବାସ୍ତବ ଗୁରୁତ୍ୱକୁ ଉପଲବ୍ଧି କରିପାରିବେ ।

**(୩) କେନ୍ଦ୍ରୀଭୂତ ସାକ୍ଷାତ୍‌କାର (Focused Interview):** ସାଧାରଣତଃ ଗଣମାଧ୍ୟମର ସାମାଜିକ ଓ ମନୋବୈଜ୍ଞାନିକ ପ୍ରଭାବକୁ ଅନୁଶୀଳନ କରିବା ନିମନ୍ତେ ଏହି ପ୍ରକାର ସାକ୍ଷାତ୍‌କାର ପଦ୍ଧତି ବ୍ୟବହାର କରାଯାଇଥାଏ । ସରଳଭାବରେ କହିବାକୁ ଗଲେ, ଚଳଚିତ୍ର ବା ରେଡିଓ କାର୍ଯ୍ୟକ୍ରମର ପ୍ରତିକ୍ରିୟାର ଅନୁଶୀଳନ ନିମନ୍ତେ ଏହି ସାକ୍ଷାତକାର ପଦ୍ଧତି ବ୍ୟବହୃତ ହୋଇଥାଏ । ମର୍ଟନ (Merton) କେନ୍ଦ୍ରୀଭୂତ ସାକ୍ଷାତ୍‌କାରର ନିମ୍ନଲିଖିତ ଲକ୍ଷଣ ଗୁଡିକ ବର୍ଣ୍ଣନା କରିଛନ୍ତି ।

ସାକ୍ଷାତ୍‌କାର ପ୍ରଦାନକାରୀ ଏକ ନିର୍ଦ୍ଦିଷ୍ଟ ଓ ସଠିକ୍ ପରିସ୍ଥିତି ସହିତ ଜଡ଼ିତ ହୋଇଥିବେ । ଉଦାହରଣ ସ୍ୱରୂପ, ସେ କୌଣସି ଏକ ନିର୍ଦ୍ଦିଷ୍ଟ ଚଳଚିତ୍ର ଦେଖିଥିବେ କିମ୍ବା କୌଣସି ରେଡିଓ କାର୍ଯ୍ୟକ୍ରମ ଶୁଣିଥିବେ । ଅନୁଶୀଳନ ମଧ୍ୟରେ ପରିସ୍ଥିତି ଏମିତି ହୋଇଥିବ ଯେ ସାକ୍ଷାତ୍‌କାର ପୂର୍ବରୁ ପରିସ୍ଥିତି ସଂପର୍କରେ ବିଶ୍ଳେଷଣ ହୋଇ ସାରିଥିବ । କ୍ଷେତ୍ରକର୍ମିଗଣ ସମସ୍ୟା ବା ପ୍ରସଙ୍ଗଟିର ଏକ ନିର୍ଦ୍ଦିଷ୍ଟ ଦିଗ ଉପରେ ଗୁରୁତ୍ୱ ପ୍ରଦାନ ସହ ସାକ୍ଷାତ୍‌କାର ପ୍ରଦାନକାରୀଙ୍କର ଅନୁଭୂତି, ଦୃଷ୍ଟିଭଙ୍ଗୀ ଓ ଭାବବେଗ କୁ ଜାଣିବା ପାଇଁ ଚେଷ୍ଟା କରନ୍ତି । ଏଥିରେ ସାଧାରଣତଃ ସାକ୍ଷାତ୍‌କାର ପୁସ୍ତିକାର ସହାୟତା ନିଆଯାଇଥାଏ । ଏହା ସାକ୍ଷାତ୍‌କାରର ପରିସର ଓ ପଚାରିବାକୁ ଥିବା ପ୍ରଶ୍ନଗୁଡ଼ିକର ପ୍ରକୃତି ବିଷୟରେ ଧାରଣା ଦିଏ । ଏହିପ୍ରକାର ସାକ୍ଷାତ୍‌କାର କାହାଣୀ କଥନ ଶୈଳୀର ବା ବର୍ଣ୍ଣନାତ୍ମକ ହୋଇଥାଏ । ବିଭିନ୍ନ ଦୃଷ୍ଟିକୋଣରୁ ପୂର୍ବ ବର୍ଣ୍ଣିତ ଅଣ-ବ୍ୟବସ୍ଥିତ ସାକ୍ଷାତ୍‌କାର ସହିତ ଏହାର ଅନେକ ସାମଞ୍ଜସ୍ୟ ରହିଛି ।

**(୪) ପୁନଃପୁନଃ ସାକ୍ଷାତ୍‌କାର (Repeatitive Interview):** କେତେକ ସାମାଜିକ ବା ମନୋବୈଜ୍ଞାନିକ ପ୍ରକ୍ରିୟାର କ୍ରମାଗତ ପ୍ରଭାବକୁ ଯେତେବେଳେ ବ୍ୟାଖ୍ୟା କରିବାର ଆବଶ୍ୟକତା ପଡେ, ସେତେବେଳେ ପୁନଃପୁନଃ ବା ବାରମ୍ବାର ସାକ୍ଷାତ୍‌କାର ନିଆଯାଇଥାଏ । ଏଭଳି କେତେକ ସାମାଜିକ ପରିବର୍ତ୍ତନ ଘଟିଥାଏ, ଯାହା ଲୋକମାନଙ୍କ ଉପରେ ସୁଦୁର ପ୍ରସାରୀ ପ୍ରଭାବ ପକାଇଥାଏ । ସମୟ ଅନୁକ୍ରମରେ ଏହି ଉପାଦାନ ଗୁଡିକର ପ୍ରଭାବ ବିଷୟରେ ଜାଣିବା ବେଳେବେଳେ ଆବଶ୍ୟକ ହୋଇଥାଏ । ଉଦାହରଣ ସ୍ୱରୂପ, ସହରକୁ ସଂଯୋଗ କରୁଥିବା କୌଣସି ଏକ ରାସ୍ତା ସହିତ ଗୋଟିଏ ଗାଁ ଯୋଡି ହୋଇ ରହିଛି । ଗାଁରେ ଲୋକମାନଙ୍କର ଜୀବନ ଉପରେ ସ୍ୱାଭାବିକ ଭାବରେ ଏହାର ପ୍ରଭାବ ପଡିବ । ଅବଶ୍ୟ, ଏହି ପ୍ରଭାବ ତତ୍କାଳ ବା ତଡିତ ହୋଇ ନପାରେ । ଲୋକମାନଙ୍କ ଆର୍ଥିକ ସ୍ଥିତି, ଜୀବନ ଧାରଣର ମାନ, ଦୃଷ୍ଟିଭଙ୍ଗୀ, ମତାମତ ଓ ପାରସ୍ପରିକ ସଂପର୍କରେ କ୍ରମାଗତ ପରିବର୍ତ୍ତନ ଘଟିବ । ସମୟ ଅନୁକ୍ରମରେ ଏହି ପ୍ରଭାବକୁ ଅନୁଶୀଳନ କରିବା ନିମନ୍ତେ ନିୟମିତ ବ୍ୟବଧାନରେ ଏହି କ୍ରମାଗତ ପରିବର୍ତ୍ତନକୁ ଲକ୍ଷ୍ୟ କରିବାକୁ ହେବ । ଏହି ପୁନଃପୁନଃ ସାକ୍ଷାତ୍‌କାର ସାଧାରଣ ଭାବରେ ଏକ ବ୍ୟୟ ସାପେକ୍ଷ ବ୍ୟାପାର । ଏହି

ଉଦ୍ଦେଶ୍ୟରେ ଏକ ସ୍ଥାୟୀ ସଂସ୍ଥା ପ୍ରତିଷ୍ଠାର ଆବଶ୍ୟକତା ଥାଏ । ଉତ୍ତରଦାତା ବା ତଥ୍ୟପ୍ରଦାନକାରୀମାନେ ସ୍ଥାୟୀ ବାସିନ୍ଦା ହେବା ଆବଶ୍ୟକ । ଏହାଦ୍ୱାରା ବିଭିନ୍ନ ସମୟରେ ସାକ୍ଷାତ୍କାର ନିମନ୍ତେ ସେମାନେ ଉପଲବ୍ଧ ହୋଇ ପାରିବେ । ଏହି କ୍ରମାଗତ ପରିବର୍ତ୍ତନକୁ ଅନୁଶୀଳନ କରିବା ନିମନ୍ତେ ଏକ ଦୀର୍ଘ ମିଆଦୀ ବିବରଣୀ ବା ଦଲିଲ ବ୍ୟବହାର କରିବାକୁ ପଡେ । ପ୍ରସଙ୍ଗ ଗୁଡିକର ସଂଖ୍ୟା ସୀମିତ ହେବା ସହ ଏଗୁଡିକ ଏକ ନିର୍ଦ୍ଦିଷ୍ଟ ସ୍ଥାନ ମଧ୍ୟରେ ସୀମାବଦ୍ଧ ହେବା ଆବଶ୍ୟକ ।

## ୩.୬.୩ ସାକ୍ଷାତକାର ନିମନ୍ତେ ପ୍ରସ୍ତୁତି

ଯଦି ସାକ୍ଷାତ୍କାରକୁ ସଠିକ୍ ଢଙ୍ଗରେ ପରିଚାଳନା କରାଯାଏ, ତେବେ ଉପଯୁକ୍ତ ଫଳାଫଳ ମିଳିପାରିବ । ତେଣୁ ପ୍ରକୃତ ସାକ୍ଷାତ୍କାର ଆରମ୍ଭ ହେବା ପୂର୍ବରୁ କେତେକ ପ୍ରସ୍ତୁତି ଦରକାର । ଏହି ପ୍ରସ୍ତୁତି ଗୁଡିକ ନିମ୍ନରେ ଆଲୋଚନା କରିବା ।

**(୧) ସମସ୍ୟା ବା ପ୍ରସଙ୍ଗ ସଂପର୍କରେ ଧାରଣା :** ସାକ୍ଷାତ୍କାର ଆରମ୍ଭ ହେବାମାତ୍ରେ ସାକ୍ଷାତ୍କାରୀ ସାକ୍ଷାତ୍କାର ସଂପର୍କରେ ଉତ୍ତରଦାତା ବା ତଥ୍ୟ ପ୍ରଦାନକାରୀଙ୍କର କେତେକ ପ୍ରଶ୍ନର ସମ୍ମୁଖୀନ ହେବାର ସମ୍ଭାବନା ଥାଏ । ଯଦି ସେ ଏହି ପ୍ରଶ୍ନଗୁଡ଼ିକର ସନ୍ତୋଷଜନକ ଉତ୍ତର ଦେଇ ନପାରନ୍ତି, ତେବେ ସେମାନେ ଏହି ସମସ୍ୟା ସଂପର୍କରେ ଉତ୍ତର ବା ମନ୍ତବ୍ୟ ଦେବାକୁ ସହଜ ମନେ କରିବେ ବୋଲି ଆଶ କରାଯାଇ ପାରିବ ନାହିଁ । ତେଣୁ ସେମାନେ ପଚାରିବାର ସମ୍ଭାବନା ଥିବା ବିଭିନ୍ନ ପ୍ରଶ୍ନ ଗୁଡିକର ଉତ୍ତର ଦେବାକୁ ସକ୍ଷମ ହେବା ନିମନ୍ତେ ଗବେଷକଙ୍କର ଅନୁଶୀଳନ କରୁଥିବା ପ୍ରସଙ୍ଗ ବା ସମସ୍ୟା ସଂପର୍କରେ ଗଭୀର ଜ୍ଞାନ ଥିବା ଆବଶ୍ୟକ । ତେଣୁ ସାକ୍ଷାତ୍କାର ନେବା ପୂର୍ବରୁ ଗବେଷକଙ୍କର ସେହି ପ୍ରସଙ୍ଗ ସଂପର୍କରେ ଗଭୀର ଜ୍ଞାନ ସହ ଆନୁସଙ୍ଗିକ ତଥ୍ୟ ହାସଲ କରିବା ଆବଶ୍ୟକ ।

**(୨) ସାକ୍ଷାତ୍କାର ପୁସ୍ତିକା:** ସାକ୍ଷାତ୍କାର ପ୍ରସ୍ତୁତିର ଦ୍ୱିତୀୟ ସ୍ତରଟି ହେଉଛି ସାକ୍ଷାତ୍କାର ପୁସ୍ତିକା ପ୍ରସ୍ତୁତି । ସାକ୍ଷାତ୍କାର ପୁସ୍ତିକା ଏକ କ୍ଷୁଦ୍ର ଲିଖିତ ଦଲିଲ ଯାହା କେଉଁ କେଉଁ ଦିଗକୁ ଅନୁଶୀଳନ କରିବାକୁ ହେବ, ତାର ରୂପରେଖ ପ୍ରଦାନ କରେ । ଏଥିରେ ସାକ୍ଷାତ୍କାରର ସାଧାରଣ ଯୋଜନା, ଆଲୋଚନା ହେବାକୁ ଥିବା ବିଭିନ୍ନ ପ୍ରସଙ୍ଗ, ପଚାରିବାକୁ ଥିବା ବିଭିନ୍ନ ପ୍ରସଙ୍ଗ, ପଚାରିବାକୁ ଥିବା ବିଭିନ୍ନ ପ୍ରଶ୍ନ, ପ୍ରଶ୍ନ ପଚାରିବାର କୌଶଳ ଏବଂ ସମସ୍ତ ପ୍ରକାର କୌଶଳ ଇତ୍ୟାଦି ସ୍ଥାନିତ ହୋଇଥାଏ । କିନ୍ତୁ ସ୍ପଷ୍ଟ ଭାବରେ ବୁଝିବାକୁ ହେବ ଯେ, ସାକ୍ଷାତ୍କାର ପୁସ୍ତିକା କେବଳ ପ୍ରସଙ୍ଗ ବା ସମସ୍ୟା ସଂପର୍କରେ ସାଧାରଣ ଦିଗ୍‌ଦର୍ଶନ ଦେବା ନିମନ୍ତେ ଉଦ୍ଦିଷ୍ଟ । ଏହା ସମଗ୍ର ସାକ୍ଷାତ୍କାରକୁ ଏକ ନିର୍ଦ୍ଦିଷ୍ଟ ଦିଗରେ ପରିଚାଳିତ କରିବା ନିମନ୍ତେ ଉଦ୍ଦିଷ୍ଟ ନୁହଁ । ପଲିନ୍ ୟଙ୍ଗ (Pauline Young) ଯଥାର୍ଥରେ କହନ୍ତି, "ସାକ୍ଷାତ୍କାର ପୁସ୍ତିକା ମୌଖିକ ପ୍ରଶ୍ନାବଳୀ ନୁହେଁ । ପୁସ୍ତିକାରେ ଥିବା ପ୍ରଶ୍ନାବଳୀକୁ ନେଇ ଯେତେବେଳେ ସାକ୍ଷାତ୍କାରଟି

ପୂର୍ଣ୍ଣ ହୋଇଯାଏ, ସେତେବେଳେ ଆତ୍ମ ପରିପ୍ରକାଶର ଛାପ ଉଭେଇ ଯାଏ । ତାହାହିଁ ହେଉଛି ବାସ୍ତବତା । ସାକ୍ଷାତ୍କାର ପୁସ୍ତିକାଟି ଯେମିତି ଅଧିକ କଠୋର, ବ୍ୟବସ୍ଥିତ ଓ ଅତ୍ୟଧିକ ସୁକ୍ଷ୍ମାଂଶ ଯୋଗୁଁ ଅଧିକ ବୋଝ ନହୁଏ, ସେଥିପ୍ରତି ସତର୍କତା ଅବଲମ୍ବନ କରାଯିବା ଆବଶ୍ୟକ ।

**ସାକ୍ଷାତ୍କାର ପୁସ୍ତିକାର ଗୁରୁତ୍ୱ :** ପଲିନ୍ ୟଙ୍ଗ (Pauline Young) ଅଣ-ବ୍ୟବସ୍ଥିତ ସାକ୍ଷାତ୍କାରରେ ସାକ୍ଷାତ୍କାର ପୁସ୍ତିକାର ନିମ୍ନଲିଖିତ ଉପାଦେୟତା ଗୁଡିକ ନିର୍ଦ୍ଧାରଣ କରିଛନ୍ତି ।

୧. ବିଭିନ୍ନ ସାକ୍ଷାତ୍କାରୀମାନଙ୍କ ଦ୍ୱାରା ପରିଚାଳିତ ହେଉଥିବା ସାକ୍ଷାତକାରରୁ ତୁଳନାତ୍ମକ ତଥ୍ୟ ହାସଲ କରିବାରେ ଏହା ସହାୟକ ହୋଇଥାଏ । କେଉଁ ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯିବ ଓ କେଉଁ ପ୍ରକାର ପ୍ରସଙ୍ଗ ଆଲୋଚିତ ହେବ ତାହା ପୂର୍ବରୁ ନିର୍ଦ୍ଧାରିତ ହୋଇଥାଏ । ଏହା ଦ୍ୱାରା ସମଗ୍ର ସାକ୍ଷାତ୍କାରଟି ଗୁଣାତ୍ମକ ହୋଇଥାଏ । ତେଣୁ ସମାନ ଢଙ୍ଗରେ ବିଭିନ୍ନ ପ୍ରକାରର ସାକ୍ଷାତ୍କାର ନିଆଯାଇଥାଏ ଓ ଏହାର ଫଳାଫଳକୁ ସହଜରେ ତୁଳନା କରାଯାଇନଥାଏ ।

୨. ପ୍ରତ୍ୟେକ ସାକ୍ଷାତ୍କାରୀ ବିଭିନ୍ନ ଲୋକଙ୍କ ପାଖରୁ ସମାନ ମାନର ତଥ୍ୟ ସଂଗ୍ରହ କରିଥାଆନ୍ତି । କୌଣସି ଗୋଟିଏ ବି ଗୁରୁତ୍ୱପୂର୍ଣ୍ଣ ଦିଗକୁ ବାଦ୍ ଦିଆଯାଇ ନଥାଏ ।

୩. ସାକ୍ଷାତ୍କାରୀ ଅନାବଶ୍ୟକ ଭାବରେ ତାଙ୍କର ସ୍ମରଣ ଶକ୍ତି ଉପରେ ନିର୍ଭର କରନ୍ତି ନାହିଁ । ବର୍ଣ୍ଣନା ଯେତେବେଳେ ପୂରା ମାତ୍ରାରେ ହୋଇଥାଏ ଓ ଏକ ଆବେଗପୂର୍ଣ୍ଣ ପରିବେଶ ସୃଷ୍ଟି ହୁଏ, ସାକ୍ଷାତ୍କାରୀ ଏହା ଦ୍ୱାରା ସଂପୂର୍ଣ୍ଣ ଭାବରେ ନିମଜ୍ଜିତ ହୋଇଗଲା ଭଳି ମନେହୁଏ । ଏହି ସମୟରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବାଦ୍ ପଡିବା ଭଳି ବିପଦ ସୃଷ୍ଟି ହୁଏ, ତେଣୁ ଏହି ସମୟରେ ସାକ୍ଷାତ୍କାର ପୁସ୍ତିକା ସ୍ମରଣକାରୀ ଭୂମିକା ନିର୍ବାହ କରେ ଓ ଯେମିତି ଗୋଟିଏ ହେଲେ ବି ପ୍ରସଙ୍ଗ ବାଦ୍ ପଡିନଥାଏ, ସେଥିପାଇଁ ସାକ୍ଷାତ୍କାରୀ ବାରମ୍ବାର ଏହି ପୁସ୍ତିକାର ସହାୟତା ନିଅନ୍ତି ।

୪. ସାକ୍ଷାତ୍କାରର ପ୍ରାରମ୍ଭିକ ସ୍ତରରେ ଏହି ପୁସ୍ତିକା ମାର୍ଗ ଦର୍ଶିକା ହିସାବରେ ସାହାଯ୍ୟ କରେ । କ୍ଷେତ୍ରକର୍ମଚାରୀ ଯେତେବେଳେ ବିଭିନ୍ନ ବ୍ୟକ୍ତିମାନଙ୍କର ସାକ୍ଷାତକାର ନିଅନ୍ତି, ସେ ଏହାକୁ ବ୍ୟବହାର କରି ନପାରନ୍ତି । କିନ୍ତୁ ପ୍ରାରମ୍ଭିକ ଅବସ୍ଥାରେ ତାଙ୍କୁ ବାରମ୍ବାର ସାକ୍ଷାତ୍କାର ପୁସ୍ତିକାର ସହାୟତା ନେବାକୁ ପଡ଼ିଥାଏ । ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ସାକ୍ଷାତ୍କାର କିପରି ସଠିକ୍ ଢଙ୍ଗରେ ପରିଚାଳିତ ହେବ, ସେ ତାହା ସ୍ଥିର କରିପାରନ୍ତି । ଯାହାହେଉନା କାହିଁକି ଗବେଷକଙ୍କୁ ସାକ୍ଷାତକାର ପୁସ୍ତିକାଟିକୁ ସଠିକ୍ ଭାବରେ ହୃଦୟଗ୍ରାହୀ କରିବାକୁ ହେବ ଓ ସାକ୍ଷାତ୍କାର ଚାଲୁଥିବା ସମୟରେ ଏହି ପୁସ୍ତିକାର ସହାୟତା ନ ନେବା ପାଇଁ ସେ ଯଥାସମ୍ଭବ ଚେଷ୍ଟା କରିବା ଦରକାର । ସାକ୍ଷାତ୍କାର

ଚାଲୁଥିବା ବେଳେ ବାରମ୍ବାର ଏହି ପୁସ୍ତିକାର ସହାୟତା ପ୍ରସଙ୍ଗ ବର୍ଣ୍ଣନାର ଗତିକୁ ରୋଧ କରିବା ସହ ସାକ୍ଷାତ୍କାର ପ୍ରଦାନକାରୀଙ୍କର ଧ୍ୟାନ ଭଙ୍ଗ କରିଥାଏ ।

**(୩) ପ୍ରସଙ୍ଗ ଚୟନ :** ଯୋଜନା କରାଯାଇଥିବା ଅନୁଶୀଳନ ବା ଅଧ୍ୟୟନର ସାଧାରଣ ରୂପରେଖ ବା ସାକ୍ଷାତ୍କାର ପୁସ୍ତିକା ପ୍ରସ୍ତୁତ ହୋଇ ସାରିବା ପରେ ପରବର୍ତ୍ତୀ ସମସ୍ୟା ହେଉଛି ସାକ୍ଷାତ୍କାର ନେବାକୁ ଥିବା ବ୍ୟକ୍ତିମାନଙ୍କର ଚୟନ । ବିଭିନ୍ନପ୍ରକାର ନମୁନାକରଣ ପଦ୍ଧତି ମଧ୍ୟରୁ ଯେକୌଣସି ଗୋଟିଏ ମାଧ୍ୟମରେ ଏହା କରାଯାଇପାରେ । ଏହି ପଦ୍ଧତିଗୁଡ଼ିକ ପୂର୍ବବର୍ତ୍ତୀ ଅଧ୍ୟାୟ ଗୁଡ଼ିକରେ ଆଲୋଚିତ ହୋଇଛି । ଚୟନ କରାଯାଇଥିବା ବ୍ୟକ୍ତିମାନେ ଉପଯୁକ୍ତ ବା ସଠିକ୍ ହେବା ସହ ସାକ୍ଷାତ୍କାର ନିମନ୍ତେ ଉପଲବ୍ଧ ହେବା ଆବଶ୍ୟକ । ସେମାନଙ୍କର ଠିକଣା ମିଳିଗଲେ, ସେମାନଙ୍କର ସହ ଯୋଗାଯୋଗ କରିବା ସହଜସାଧ୍ୟ ହୋଇଥାଏ ।

**(୪) ମନୋନୀତ ତାଲିକାର ବ୍ୟବହାର :** ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ଯେତିକି କୌଶଳପୂର୍ଣ୍ଣ, ସାକ୍ଷାତ୍କାର ପରିଚାଳନା କରିବା ସେତିକି କୌଶଳପୂର୍ଣ୍ଣ । ତେଣୁ କେବଳ ସାକ୍ଷାତ୍କାରୀ ନୁହଁ, ସାକ୍ଷାତ୍କାର ପ୍ରଦାନକାରୀ ମଧ୍ୟ ସାକ୍ଷାତ୍କାର ନିମନ୍ତେ,ଏକ ସ୍ଥାୟୀ ସାକ୍ଷାତ୍କାରୀ ତାଲିକା ପ୍ରସ୍ତୁତ ହୋଇଥାଏ । ଯେତେବେଳେ କୌଣସି ଏକ ସମାନ ଧରଣର ଅନୁସନ୍ଧାନ କରାଯାଏ,ସାଧାରଣତଃ ଏକ ନୂତନ ନମୁନା ଚୟନ କରାଯାଏ ନାହିଁ । କିନ୍ତୁ ସେହି ସମାନ ସାକ୍ଷାତ୍କାରୀ ତାଲିକାଭୁକ୍ତ ସାକ୍ଷାତ୍କାରୀଙ୍କୁ ଏହି କାର୍ଯ୍ୟରେ ବିନିଯୋଗ କରାଯାଇଥାଏ ଓ ପ୍ରତ୍ୟେକ ଥର ସେହି ସମାନ ଲୋକଙ୍କର ସାକ୍ଷାତ୍କାର ନିଆଯାଏ ।

**(୫) ସାକ୍ଷାତ୍କାର ପ୍ରଦାନକାରୀଙ୍କ ସଂପର୍କରେ ତଥ୍ୟ :** ସାକ୍ଷାତ୍କାରୀଙ୍କ ବିଷୟରେ କିଛି ପ୍ରାଥମିକ ତଥ୍ୟ ଯଥା- ତାଙ୍କର ସାଧାରଣ ଅଭ୍ୟାସ, ସାମାଜିକତା ଇତ୍ୟାଦି ହାସଲ କରିପାରିଲେ ସାକ୍ଷାତ୍କାରଟି ସାଧାରଣତଃ ଅଧିକ ସୁବିଧାଜନକ ହୋଇଥାଏ । ଏହି ତଥ୍ୟଗୁଡ଼ିକୁ ଗବେଷକ ଆଗରୁ ହାସଲ କରିଥିଲେ ତଥ୍ୟ ସଂପର୍କରେ ବା ତଥ୍ୟକୁ ନେଇ ଯଦି କୌଣସି ଅପ୍ରୀତିକର ବା ଅପ୍ରତ୍ୟାଶିତ ପରିସ୍ଥିତି ସୃଷ୍ଟି ହୁଏ, ତାକୁ ସେ ସହଜରେ ସମ୍ମୁଖୀନ ହୋଇ ପାରିବେ । ସେ ମଧ୍ୟ ତାଙ୍କର ସମୟସୂଚୀ ବିଷୟରେ ଜାଣିଲେ ଭଲ । ଏହାଦ୍ୱାରା ସେ ଏକ ଉପଯୁକ୍ତ ସମୟରେ ତାଙ୍କ ସହିତ ଯୋଗାଯୋଗ କରିପାରିବେ ।

**(୬) ପ୍ରାକ୍ ସମୟ ନିର୍ଘଣ୍ଟ :** ବେଳେବେଳେ ସାକ୍ଷାତ୍କାରର ସମୟ ଓ ସ୍ଥାନ ସଂପର୍କରେ ସାକ୍ଷାତ୍କାର ପ୍ରଦାନକାରୀଙ୍କଠାରୁ ଆଗରୁ ଅନୁମତି ନେବା ଆବଶ୍ୟକ ପଡ଼ିଥାଏ । ଏହା ପଛରେ ଏକାଧିକ କାରଣ ରହିଛି । ଗବେଷକ ତାଙ୍କର ସମୟକୁ ମୂଲ୍ୟାୟନ କରିଛନ୍ତି ବୋଲି ଅନୁଭବ କରି ସାକ୍ଷାତ୍କାର ପ୍ରଦାନକାରୀ ଆତ୍ମସନ୍ତୋଷ ଲାଭ କରନ୍ତି । ସାକ୍ଷାତ୍କାରୀ ଯେତେବେଳେ ତାଙ୍କ ନିକଟରେ ପହଞ୍ଚି ଯାଆନ୍ତି, ସେ ଏହାକୁ ଅପ୍ରତ୍ୟାଶିତ ବୋଲି ବିବେଚନା ନକରି ଖୁବ୍ ଆଗ୍ରହର ସହ ତାଙ୍କୁ ପାଛୋଟି ନିଅନ୍ତି । ଯଦି ସାକ୍ଷାତ୍କାରୀ

ବିନା ସୂଚନାରେ ହଠାତ୍ ତାଙ୍କ ନିକଟରେ ପହଞ୍ଚି ଯାଆନ୍ତି, ତେବେ ସେ ଅପମାନିତ ହୋଇ ପାରନ୍ତି । ସେ ତାଙ୍କୁ ଫେରାଇ ଦେଇ ପାରନ୍ତି ବା ଆଉ କେବେ ଆସିବାକୁ କହିପାରନ୍ତି । ସାକ୍ଷାତ୍‌କାର ପ୍ରଦାନକାରୀ ଖୁବ୍ ବ୍ୟସ୍ତ ଥିବା ସମୟ ଭଳି ଏକ ଅନୁପଯୁକ୍ତ ସମୟରେ ଗବେଷକ ତାଙ୍କ ନିକଟରେ ବି ପହଞ୍ଚି ଯାଇ ପାରନ୍ତି । ଏହାଦ୍ୱାରା ସବୁଦିନ ପାଇଁ ଗବେଷକଙ୍କ ପ୍ରତି ତାଙ୍କର ଏକ ନକରାତ୍ମକ ଭାବନା ସୃଷ୍ଟି ହୋଇପାରେ । ଆହୁରି ମଧ୍ୟ ବିନା ସୂଚନାରେ ସାକ୍ଷାତ୍‌କାର ପ୍ରଦାନକାରୀଙ୍କ ନିକଟକୁ ବାରମ୍ବାର ଯାଇ ଫେରିବା ଦ୍ୱାରା ଗବେଷକଙ୍କର ଅଯଥାରେ ଅନେକ ସମୟ ନଷ୍ଟ ହୋଇଥାଏ । ତେଣୁ ଯଦି ଆଗରୁ ବିଚାର ବିମର୍ଷ କରି ସମୟ ମାଗିବା ସହିତ ସ୍ଥାନ ନିରୂପଣ କରାଯାଏ, ତେବେ ଉଭୟଙ୍କର ସମୟ ନଷ୍ଟ ହୋଇନଥାଏ । ଯଦି ସାକ୍ଷାତ୍‌କାର ପ୍ରଦାନକାରୀ ଉପଲବ୍ଧ ନହୁଅନ୍ତି, ତେବେ ଚିଠି ବା ଅନ୍ୟ ମାଧ୍ୟମରେ ହେଉ ତାଙ୍କ ସହ ଯୋଗାଯୋଗ କରି ଆଗରୁ ସମୟ ମାଗିନେବା ଉଚିତ୍ ।

## ୩.୬.୪ ସାକ୍ଷାତ୍‌କାରର କୌଶଳ

ସାକ୍ଷାତ୍‌କାର ପରିଚାଳନା କରିବାର ଏକ କୌଶଳ ଅଛି । ଏଥିନିମନ୍ତେ ଏହାର ବିଭିନ୍ନ ପଦ୍ଧତି ଓ ବ୍ୟବସ୍ଥା ସଂପର୍କରେ ଜାଣିବା ଆବଶ୍ୟକ । ଏଥିପାଇଁ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ନିୟମ ନାହିଁ । କିନ୍ତୁ ଏଥିନିମନ୍ତେ କେତେକ ନୀତି ଆପଣେଇବାକୁ ପଡିଥାଏ । ଏହି ନୀତି ଗୁଡିକ ଯଦି ସଠିକ୍ ସମୟରେ ଓ ସଠିକ୍ ଢଙ୍ଗରେ କାର୍ଯ୍ୟକାରୀ କରାଯାଏ, ତେବେ ଏଗୁଡ଼ିକ ଖୁବ୍ ଉପକାରୀ ସାବ୍ୟସ୍ତ ହୋଇଥାଏ । ତେଣୁ ସାକ୍ଷାତ୍‌କାର ନେବା ପୂର୍ବରୁ ବିଭିନ୍ନ ସ୍ତର ଦେଇ କିପରି ଆଗକୁ ବଢ଼ିବାକୁ ହୁଏ, ସେଗୁଡ଼ିକ ନିମ୍ନରେ ବର୍ଣ୍ଣିତ ହୋଇଛି ।

**(୧) ଯୋଗାଯୋଗ ସ୍ଥାପନ (Establishment of Contact):** ସାକ୍ଷାତ୍‌କାର ପ୍ରଥମ ପାହାଚ ହେଉଛି ସାକ୍ଷାତ୍‌କାର ପ୍ରଦାନକାରୀଙ୍କ ସହିତ ଯୋଗାଯୋଗ ବା ସଂପର୍କ ସ୍ଥାପନ । ଯଦି ପ୍ରାକ୍ ଅନୁମତି ସହ ସମୟ ନିର୍ଘଣ୍ଟ ସ୍ଥିର କରାନଯାଏ, ତେବେ ତାଙ୍କ ସହିତ ଯୋଗାଯୋଗ କରିବାରେ ଓ ତାଙ୍କୁ ସାକ୍ଷାତ୍‌କାର ନିମନ୍ତେ ପ୍ରବର୍ତ୍ତାଇବାରେ ସମସ୍ୟା ସୃଷ୍ଟି ହୋଇପାରେ । ଉତ୍ତରଦାତା ବା ତଥ୍ୟ ପ୍ରଦାନକାରୀ ଦୁଆର ମୁହଁରେ ପହଞ୍ଚିବା ମାତ୍ରେ ସାକ୍ଷାତ୍‌କାରୀ ତାଙ୍କୁ ପାଛୋଟି ନେବା ସହ ତାଙ୍କ ସହିତ ପରିଚିତ ହେବେ । ଏହି ସମୟରେ ସେ ତାଙ୍କୁ କର୍ତ୍ତୃପକ୍ଷଙ୍କ ଠାରୁ ହାସଲ କରିଥିବା ପତ୍ରଟିକୁ ହସ୍ତାନ୍ତର କରିବେ । ଏହି ପତ୍ରଟି ଗବେଷଣା ପ୍ରତିଷ୍ଠାନର ମୁଦ୍ରିତ ପତ୍ର ହେବା ଆବଶ୍ୟକ । ଏହି ପତ୍ରଟି ଅନୁଶୀଳନ ବା ଗବେଷଣାର ସାଧାରଣ ରୂପରେଖ, ଗୁରୁତ୍ୱ ଓ ଉଦ୍ଦେଶ୍ୟ ବହନ କରୁଥିବା ଆବଶ୍ୟକ । ସାଧାରଣତଃ ମୌଖିକ ପରିଚୟ ଅପେକ୍ଷା ଚିଠି ଅଧିକ ଗ୍ରହଣୀୟ । କାରଣ ଏହା ଅଧିକ ଗୁରୁତ୍ୱ ବହନ କରେ । ଏହା ମନର ଧାରଣାକୁ ଅଧିକ ସୁଦୃଢ ଓ ପ୍ରଭାବିତ କରେ । ଆହୁରି ମଧ୍ୟ ସାକ୍ଷାତ୍‌କାର ପ୍ରଦାନକାରୀ ଚିଠିଟି ପଢୁଥିବା ସମୟରେ ଗବେଷକ ଅପରପକ୍ଷରୁ

ଆସିବାକୁ ଥିବା ଯେକୌଣସି ପ୍ରଶ୍ନର ସମ୍ମୁଖୀନ ହେବା ନିମନ୍ତେ ନିଜକୁ ପ୍ରସ୍ତୁତ କରି ରଖିବାକୁ ସମୟ ପାଇ ଯାଆନ୍ତି ।

ଉତ୍ତରଦାତା ତାଙ୍କ ଉଦ୍ଦେଶ୍ୟରେ ଲିଖିତ ପରିଚୟ ପତ୍ରଟି ପଢି ସାରିବା ପରେ ଯଦି ଆବଶ୍ୟକ ହୁଏ, ତେବେ ଗବେଷଣା ପ୍ରତିଷ୍ଠାନ ବା ଅନୁଶୀଳନ କରାଯାଉଥିବା ସମସ୍ୟା ସଂପର୍କରେ କେତେକ ପ୍ରଶ୍ନ ପଚାରି ଅଧିକ ଅନୁସନ୍ଧାନ କରିପାରନ୍ତି । ଯଦି ପରିଶେଷରେ ତାଙ୍କର ହୃଦ୍‌ବୋଧ ହୁଏ ଓ ତାଙ୍କ ପାଖରେ ସମୟ ଥାଏ, ତେବେ ସେ ସାକ୍ଷାତ୍‌କାରୀଙ୍କୁ ଘରଭିତରକୁ ଡାକି ସେ କେଉଁ କେଉଁ ପ୍ରସଙ୍ଗ ସଂପର୍କରେ ଜାଣିବାକୁ ଚାହାଁନ୍ତି, ସେ ସଂପର୍କରେ ଆଲୋଚନା କରିପାରନ୍ତି । ତାଙ୍କ ନାମକୁ କିପରି ଚୟନ କରାଗଲା ଓ ଏଥିପାଇଁ କୌଣସି ପାଖ ପଡୋଶୀଙ୍କ ନାମ ପ୍ରକାଶ କରିଥାଆନ୍ତି । ଅନୁଶୀଳନ କରାଯାଉଥିବା ସମସ୍ୟା ପରିପ୍ରେକ୍ଷୀରେ ତାଙ୍କର ନିଜର ସାକ୍ଷାତ୍‌କାର ପ୍ରସଙ୍ଗ ଓ ତାଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ କିପରି ଉପଯୋଗ ସାବ୍ୟସ୍ତ ହୋଇ ପାରିବ ସେ ସଂପର୍କରେ ସାକ୍ଷାତ୍‌କାରୀ ବୁଝାଇ ଥାଆନ୍ତି ।

ବେଳେବେଳେ ବ୍ୟସ୍ତ ଅଛି ବୋଲି କହି ଉତ୍ତରଦାତା ସାକ୍ଷାତ୍‌କାରୀଙ୍କୁ ଫେରାଇ ଦେଇ ଆଉ କେତେବେଳେ ଆସିବାକୁ କହିଥାଆନ୍ତି । ସେହି କ୍ଷେତ୍ରରେ ଉତ୍ତରଦାତା ପ୍ରକୃତରେ ବ୍ୟସ୍ତ ନା ପ୍ରସଙ୍ଗ ସଂପର୍କରେ ଚିନ୍ତା କରିବା ପାଇଁ ଅଧିକ ସମୟ ନେବା ନିମନ୍ତେ ତାଙ୍କୁ ଏଡାଇ ଯାଉଛନ୍ତି, ତାହା ଜାଣିବା ନିମନ୍ତେ ସାକ୍ଷାତ୍‌କାରୀ ପ୍ରୟାସ କରିବା ଦରକାର । ଏହି କ୍ଷେତ୍ରରେ ସେ ତାଙ୍କର ସମସ୍ୟା ସଂପର୍କରେ ତାଙ୍କୁ ଆହୁରି ଅଧିକ ବୁଝାଇ ପାରିବେ ଓ ଯେଉଁ କାରଣ ପାଇଁ ସେ ତାଙ୍କୁ ଫେରାଇ ଦେଉଛନ୍ତି ବୋଲି ସନ୍ଦେହ କରିବେ, ତାହା ଦୂର କରିବା ନିମନ୍ତେ ସେ ଯଥା ସମ୍ଭବ ଚେଷ୍ଟା କରିବେ । ସେହି ସମୟରେ ସେ ପରବର୍ତ୍ତୀ ସାକ୍ଷାତ୍‌କାର ସମୟ ନିର୍ଘଣ୍ଟ ସ୍ଥିର କରିବେ ଓ ସେହି ସ୍ଥାନରେ ପହଞ୍ଚିବା ନିମନ୍ତେ ଯଥେଷ୍ଟ ସମୟାନୁବର୍ତ୍ତୀ ହେବେ । ସାକ୍ଷାତ୍‌କାରୀଙ୍କୁ ବାରଣ କରିବାର ବିଭିନ୍ନ କାରଣ ସଂପର୍କରେ ପୂର୍ବ ଅଧ୍ୟାୟରେ ଖସଡାରେ ବର୍ଣ୍ଣନା କରାଯାଇଛି ।

**(୨) ସାକ୍ଷାତ୍‌କାର କାର୍ଯ୍ୟକ୍ରମର ଆରମ୍ଭ :** ପ୍ରାରମ୍ଭିକ ଔପଚାରିକତା ଶେଷ ହୋଇଗଲା ପରେ ଉତ୍ତରଦାତା ସାକ୍ଷାତ୍‌କାର ନିମନ୍ତେ ଯେତେବେଳେ ସମ୍ମତି ପ୍ରଦାନ କରନ୍ତି, ସେତେବେଳେ ପ୍ରକୃତ ସାକ୍ଷାତ୍‌କାର ଆରମ୍ଭ ହୁଏ । ସାକ୍ଷାତ୍‌କାରର ପ୍ରାରମ୍ଭିକ ପର୍ଯ୍ୟାୟଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ସମଗ୍ର ତଥ୍ୟ ପ୍ରଦାନ ଉପରେ ଏହାର ପ୍ରଭାବ ପଡିଥାଏ । ଯଦି ପ୍ରାରମ୍ଭରୁ ଉତ୍ତରଦାତା ପକ୍ଷପାତୀ ହୋଇଯାଆନ୍ତି, ତେବେ ସାକ୍ଷାତ୍‌କାର ନିମନ୍ତେ ଅତ୍ୟନ୍ତ ଜରୁରୀ ହୋଇଥିବା ତଥ୍ୟ ବା ଉତ୍ତର ସେ ନିରପେକ୍ଷ ବା ସ୍ୱଷ୍ଟ ଭାବରେ ଦେଇ ପାରିବେ ନାହିଁ । ତେଣୁ ସମସ୍ୟା ସଂପର୍କିତ ସାଧାରଣ ଆଲୋଚନାରୁ ହିଁ ପ୍ରକୃତ ସାକ୍ଷାତ୍‌କାରର ଆରମ୍ଭ ହୋଇପାରିବ । ଉତ୍ତରଦାତାଙ୍କୁ ଖୁସି କରିବା ନିମନ୍ତେ ବା ତାଙ୍କ ମନ ଜିଣିବା ନିମନ୍ତେ ସାକ୍ଷାତ୍‌କାରୀ ତାଙ୍କୁ ଅଧିକରୁ ଅଧିକ କଥୋପକଥନ ନିମନ୍ତେ ସୁଯୋଗ ଦେବେ ଓ ସେସବୁ କଥାକୁ ଅତି ଧ୍ୟାନର

ସହକାରେ ଶୁଣିବାକୁ ଚେଷ୍ଟା କରିବେ । ଯେତେବେଳେ ଆବଶ୍ୟକ, ସେ ସେହି ସମୟରେ ଉତ୍ତରଦାତାଙ୍କ ସହ ଆଲୋଚନାରେ ଅଂଶ ଗ୍ରହଣ କରି ତାଙ୍କୁ ଉତ୍ସାହିତ କରିବେ । ସମସ୍ୟାଟି ନିରପେକ୍ଷ ଭାବରେ ଆରମ୍ଭ ହୋଇ ସାଧାରଣ ଆଲୋଚନା ଆଡକୁ ଗତି କରିବ ଓ ପରବର୍ତ୍ତୀ ସମୟରେ ଏହା ବ୍ୟକ୍ତିଗତ ଅନୁଭୂତି ବର୍ଣ୍ଣନା ଉତ୍ତରଦାତାଙ୍କୁ ତାଙ୍କ ନିଜ ଅନୁଭୂତି ବର୍ଣ୍ଣନା କରିବା ନିମନ୍ତେ ଉତ୍ସାହିତ କରିଥାଏ । କିନ୍ତୁ ସାକ୍ଷାତ୍କାରୀ ନିଜ ବର୍ଣ୍ଣନାକୁ ଯଥାସମ୍ଭବ ସଂକ୍ଷିପ୍ତ ରଖିବା ସହ କୌଣସି ପ୍ରକାର ଆଲୋଚନା ମଧ୍ୟକୁ ଟାଣି ହୋଇ ନଯିବା ନିମନ୍ତେ ସତର୍କତା ଅବଲମ୍ବନ କରିବା ଦରକାର । ସାକ୍ଷାତ୍କାର ନିଆଯାଇଥିବା ପ୍ରସଙ୍ଗ ସଂପର୍କରେ ସାକ୍ଷାତ୍କାର ପ୍ରଦାନକାରୀଙ୍କର ଦୃଷ୍ଟିଭଙ୍ଗୀ କିମ୍ୱା ମତାମତ ପ୍ରତିସାକ୍ଷାତ୍କାରୀ ଅନ୍ୟ ଜଣେ ଉତ୍ତରଦାତା ବା ତଥ୍ୟ ପ୍ରଦାନକାରୀଙ୍କର ବ୍ୟକ୍ତିଗତ ଅନୁଭୂତିକୁ ପ୍ରକାଶ କରିବେ ନାହିଁ । ଯଦି କେବେବି କେହି ପଚାରନ୍ତି, ତେବେ ସମସ୍ତ ତଥ୍ୟ ସମ୍ପୂର୍ଣ୍ଣ ଗୋପନୀୟ ଅବସ୍ଥାରେ ରହିବ ବୋଲି ଜୋର ଦେଇ କହିବାକୁ ପଡିବ । ଏହି ମନ୍ତବ୍ୟ ଉତ୍ତରଦାତାଙ୍କ ଉପରେ ଉତ୍ତମ ପ୍ରଭାବ ପକାଏ । ଏହାଦ୍ୱାରା ସେ ନିଜର ଅନୁଭୂତିକୁ ପ୍ରକାଶ କରିବା ନିମନ୍ତେ ଉତ୍ସାହିତ ହୁଅନ୍ତି । ତେଣୁ ସାକ୍ଷାତ୍କାରର ପ୍ରାରମ୍ଭଟି ସବୁବେଳେ ସାଧାରଣ ପ୍ରକୃତିର ହେବା ଆବଶ୍ୟକ । ବ୍ୟକ୍ତିଗତ ସଂପର୍କୀୟ ପ୍ରଶ୍ନ ବା ବିବାଦୀୟ ପ୍ରସଙ୍ଗ ଗୁଡ଼ିକୁ ଅତି ସତର୍କତାର ସହ ବାଦ୍ ଦେବା ଆବଶ୍ୟକ ।

**(୩) ସଦ୍ଭାବ ପ୍ରତିଷ୍ଠା:** ଗୁଡ ଓ ହ୍ୟାଟ୍ (Goode and Hatt) ଙ୍କ ମତରେ, "ଉତ୍ତରଦାତା ଯେତେବେଳେ ସାକ୍ଷାତ୍କାରୀଙ୍କର ଉଦ୍ଦେଶ୍ୟକୁ ଗ୍ରହଣ କରିବା ସହିତ ତାଙ୍କୁ ଆବଶ୍ୟକୀୟ ତଥ୍ୟ ପ୍ରଦାନରେ ସକ୍ରିୟ ହୋଇ ଉଠନ୍ତି, ସେତେବେଳେ ସାକ୍ଷାତ୍କାରୀ ଓ ତଥ୍ୟ ପ୍ରଦାନକାରୀଙ୍କ ମଧ୍ୟରେ ସଦ୍ଭାବ ସୃଷ୍ଟି ହୁଏ । ସାକ୍ଷାତ୍କାରର ପ୍ରାରମ୍ଭରେ ପ୍ରତ୍ୟେକ ତଥ୍ୟପ୍ରଦାନକାରୀ ଅତି ସତର୍କତାର ସହ କେବଳ ପ୍ରୟୋଜନ ଅନୁମୋଦିତ ତଥ୍ୟ ପ୍ରଦାନ କରି ଥାଆନ୍ତି । କିନ୍ତୁ ସାକ୍ଷାତ୍କାରୀ ଯଦି ଚତୁର ଓ କୁଶଳୀ ହେଇଥାଆନ୍ତି, ତେବେ ସେ ଏକ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟିକରି ଉତ୍ତରଦାତାଙ୍କର ବିଶ୍ୱାସ ଭାଜନ ହୋଇପାରିବେ । ଅନ୍ୟ କୌଣସି କୌଶଳ ନୁହଁ, କେବଳ ଗବେଷକଙ୍କର ସାଧାରଣ ଜ୍ଞାନ, ଚତୁରତା ଓ ବ୍ୟକ୍ତିତ୍ୱ ହିଁ ଏହିଭଳି ଅବସ୍ଥା ବା ପରିବେଶ ସୃଷ୍ଟି କରିପାରିବ ।

ଏହି କ୍ଷେତ୍ରରେ ଗୋଟିଏ କଥା ମନେ ରଖିବାକୁ ହେବ । ଗୋଟିଏ ସାଧାରଣ ଧାରଣା ଥାଏ ଯେ, ଲୋକମାନେ ସାଧାରଣତଃ ଅନ୍ୟମାନଙ୍କ ସମ୍ମୁଖରେ ନିଜର ବ୍ୟକ୍ତିଗତ କଥାକୁ ଆଲୋଚନା କରିବାକୁ ପସନ୍ଦ କରନ୍ତି ନାହିଁ । ତେଣୁ ସାକ୍ଷାତ୍କାରୀ ନିଜେ ଅସ୍ୱସ୍ତି ଅନୁଭବ କରନ୍ତି । ସେ ନିଜକୁ ଅଦରକାରୀ ଓ ଅଣ-ନିମନ୍ତ୍ରିତ ବ୍ୟକ୍ତି ବୋଲି ବିବେଚନା କରନ୍ତି । ସେ ଅନ୍ୟର ବ୍ୟାପାରରେ ହସ୍ତକ୍ଷେପ କଲାଭଳି ଅନୁଭବ କରନ୍ତି । ଗବେଷକଙ୍କର ଏହି ଅସ୍ୱସ୍ତିବୋଧ ହିଁ ଏକଭ୍ରମ ଓ ଲକ୍ଷ୍ୟହାସଲ କରିବାରେ ଏହା ଏକ ମସ୍ତବଡ ପ୍ରତିବନ୍ଧକ । ସତ କହିବାକୁ ଗଲେ ବାସ୍ତବ କଥାଟି ସଂପୂର୍ଣ୍ଣ ଭିନ୍ନ । ଯେକୌଣସି ବ୍ୟକ୍ତି ପକ୍ଷରେ ଗୋପନୀୟତା

ସବୁଠାରୁ ବଡ଼ ବ୍ୟାଘାତକାରୀ ଉପାଦାନ । ତେଣୁ ପ୍ରକୃତି ଦୃଷ୍ଟିରୁ ସେ ଏହାକୁ ଅନ୍ୟମାନଙ୍କ ସମ୍ମୁଖରେ ପ୍ରକାଶ କରିବାକୁ ଚେଷ୍ଟା କରିଥାଏ । ଏକ ମାତ୍ର ସମସ୍ୟା ହେଉଛି ଗୋଟିଏ ସଠିକ୍ ଲୋକକୁ ଖୋଜି ବାହାର କରିବା - ଯିଏ ଏହାକୁ ଅନାୟାସରେ ଗ୍ରହଣ କରିନେବେ, ବିଶ୍ୱାସ ଭାଜନ ହୋଇଥିବେ ଓ କୌଣସି ପରିସ୍ଥିତିରେ ମଧ୍ୟ ଉତ୍ତରଦାତାଙ୍କ ବିରୁଦ୍ଧରେ ବ୍ୟବହାର କରିବେ ନାହିଁ । ମୋଟାମୋଟି କହିବାକୁ ଗଲେ ସେ ଉତ୍ତରଦାତାଙ୍କର ଦୁର୍ବଳତା ଜାଣି ସାରିବା ପରେ ତାଙ୍କୁ ଘୃଣା କରିବେ ନାହିଁ ।

ଅଧିକାଂଶ କ୍ଷେତ୍ରରେ ନୈତିକତା ପ୍ରତିଥିବା ଭ୍ରାନ୍ତ ଧାରଣା ଯୋଗୁଁ ମଣିଷ ମନରେ ଦ୍ୱିଧାଭାବ ଜାଗ୍ରତ ହୋଇଥାଏ । ଉଦାହରଣ ସ୍ୱରୂପ, ଜଣେ ଭାରତୀୟ ଯୁବକ ମନରେ ଯୌନ ଉଦ୍ଦୀପନାକୁ ଏକ ସାଧାରଣ କଥା ବୋଲି ବିବେଚନା  କରାଯାଏନାହିଁ । ଯେକୌଣସି ଯୁବକ ନିଜର ମନ କଥାକୁ ଖୋଲା ଖୋଲି ଭାବରେ ଆଲୋଚନା କରିବାକୁ ଲଜ୍ଜାବୋଧ କରନ୍ତି । କିନ୍ତୁ ଏହା କୌଣସି ନୂଆ କଥା ନୁହଁ ଓ ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଏ ପ୍ରକାର ଭାବନା ଆସେ । ଏପରିକି ଗବେଷକଙ୍କ ଜୀବନରେ ବି ଏପରି ଘଟିଥିବ । ଏହିଭଳି କଥା ଯଦି ଉତ୍ତରଦାତାଙ୍କୁ କୁହାଯାଏ, ତେବେ ତାଙ୍କ ମଧ୍ୟରେ ଆତ୍ମ ବିଶ୍ୱାସ ବା ଆତ୍ମ ପ୍ରତ୍ୟୟ ସୃଷ୍ଟି ହେବ । ପ୍ରଥମରୁ ତାଙ୍କ ମଧ୍ୟରେ ଥିବା ଦ୍ୱିଧା ଓ ଲଜ୍ଜାର ପ୍ରଭାବରୁ ସେ ମୁକ୍ତ ହୋଇ ପାରିବେ । ଯଦି ଉଭୟଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇ ପାରିଲା, ତେବେ ଉତ୍ତରଦାତା ଜାଣିଥିବା ପ୍ରତ୍ୟେକ କଥାକୁ ପରିପ୍ରକାଶ କରିବା ନିମନ୍ତେ ଅଧିକ ଉତ୍ସାହିତ ହେବେ । କୌଣସି କଥାକୁ ଗୋପନୀୟ ରଖିବାକୁ ସେ ଉଦ୍ୟମ କରିବେ ନାହିଁ କିମ୍ବା ଔପଚାରିକତା ଅନୁଭବ କରିବେ ନାହିଁ । ଜଣେ ଚତୁର ଗବେଷକ ଏହି ପରିସ୍ଥିତିର ଫାଇଦା ନେବା ସହ ପାରୁପର୍ଯ୍ୟନ୍ତ ସଦୁପଯୋଗ କରିବା ଦରକାର । ସେ ଜାଣିବା ଦରକାର ଯେ ଏହି ପରିସ୍ଥିତି ବେଶୀ ସମୟ ତିଷ୍ଠିରହେ ନାହିଁ । ଉତ୍ତରଦାତା ଥରେ ପୂର୍ବବସ୍ଥାକୁ ଫେରି ଆସିଲେ, ତାଙ୍କୁ ପୁଣି ଅନୁକୂଳ ଅବସ୍ଥାକୁ ଫେରାଇ ଆଣିବା ଅତ୍ୟନ୍ତ କଷ୍ଟସାଧ୍ୟ ।

**(୪) ସ୍ମରଣ :** ବେଳେବେଳେ ସାକ୍ଷାତ୍କାର କାର୍ଯ୍ୟକ୍ରମ ଚାଲୁ ରହିଥିବା ବେଳେ ଉତ୍ତରଦାତା ଏତେ ମାତ୍ରାରେ ଭାବ ବିହ୍ୱଳ ହୋଇ ଯାଆନ୍ତି ଯେ, ସେ ମୂଳ ପ୍ରସଙ୍ଗରୁ ବାହାରକୁ ଚାଲିଯାଆନ୍ତି । ତାପରେ ଯେତେବେଳେ ସେ ବର୍ଣ୍ଣନା କରୁଥିବା ବାହ୍ୟ ପ୍ରସଙ୍ଗର ଅନ୍ତ ଘଟେ, ସେ ସାଧାରଣତଃ ନିରବ ହୋଇଯାଆନ୍ତି । କାରଣ ସେ ମୂଳ ପ୍ରସଙ୍ଗକୁ ଫେରି ପାରନ୍ତି ନାହିଁ । ସେହି ସମୟରେ ଗବେଷକଙ୍କୁ କିଛି ସମୟ ଅପେକ୍ଷା କରିବାକୁ ପଡ଼ିବ ଓ ଆଉ ଥରେ ଆଲୋଚନା ଆରମ୍ଭ କରିବା ପର୍ଯ୍ୟନ୍ତ ତାଙ୍କୁ ଆଗ୍ରହର ସହ ଅପେକ୍ଷା କରିବାକୁ ପଡିବ । କିଛି ସମୟ ଅତିକ୍ରାନ୍ତ ହୋଇ ଯାଇଥିଲେ ମଧ୍ୟ ଯଦି ସେ ଆଲୋଚନାକୁ ଆରମ୍ଭ ନ କରନ୍ତି, ତେବେ ଗବେଷକ ତାଙ୍କୁ ସ୍ମରଣ କରାଇବେ । ଯଦି ସେ ଆଲୋଚନା ନ କରନ୍ତି, ତେବେ ଗବେଷକ ତାଙ୍କୁ ସ୍ମରଣ କରାଇବେ । ପୂର୍ବ ଆଲୋଚନା ସମୟରେ ସେ କଣ କହୁଥିଲେ, ସେ କଥା ତାଙ୍କୁ ମନେ ପକାଇବାକୁ ହେବ ।

**(୫) ସମ୍ଭାବ୍ୟ ପ୍ରଶ୍ନାବଳୀ :** ସାକ୍ଷାତ୍‌କାରରେ କେତେବେଳେ କେମିତି ଏମିତି ବିଘଟଣ ଘଟେ ଯେମିତିକି ସାକ୍ଷାତ୍ ପ୍ରଦାନକାରୀଙ୍କ ଜ୍ଞାତରେ ବା ଅଜ୍ଞାତରେ ସମସ୍ୟାର କେତେକ ଦିଗ ବାହାରକୁ ଚାଲିଯାଆନ୍ତି। ବେଳେବେଳେ ଗବେଷକଙ୍କୁ ଏ ଦିଗରେ ଖୁବ୍ ସତର୍କତା ଅବଲମ୍ବନ କରିବାକୁ ହେବ। ସେ ଛାଡି ଯାଇଥିବା ଦିଗକୁ ପୁଣି ଥରେ ଫେରି ଆସିବା ପାଇଁ ଚେଷ୍ଟା କରିବା ଆବଶ୍ୟକ। ସାକ୍ଷାତ୍ ପ୍ରଦାନକାରୀ ସେହି ଅଂଶକୁ ଶେଷ କରି ଯେତେବେଳେ ଅଟକି ଯିବେ, ସାକ୍ଷାତ୍‌କାରୀ ପୁଣି ଥରେ ତାଙ୍କର ଧ୍ୟାନ ଆକର୍ଷଣ କରି ପୂର୍ବ ପ୍ରସଙ୍ଗକୁ ସ୍ମରଣ କରାଇବେ। ଯଦି ଆବଶ୍ୟକ ହୁଏ ତେବେ ସେ ବିଷୟରେ ଅଧିକ କିଛି ବ୍ୟାଖ୍ୟା କରିବା ପାଇଁ ଅନୁରୋଧ କରିବେ। ଏହା ଅତ୍ୟନ୍ତ କୌତୁହଳ ଜନକ ବୋଲି କହି ତାଙ୍କୁ ଉତ୍ସାହିତ କରିବେ।

ପରକ୍ଷାମୂଳକ ପ୍ରଶ୍ନ ପଚାରିବା ବେଳେ ଖୁବ୍ ଯତ୍ନବାନ୍ ହେବାକୁ ପଡିବ। ଏହି ପ୍ରଶ୍ନ ଗୁଡିକ ଉତ୍ତରଦାତାଙ୍କ ମନରେ କୌତୁହଳ ଭାବ ସୃଷ୍ଟି କରିବା ଆବଶ୍ୟକ। ଯଦି ଉତ୍ତରଦାତା ଜ୍ଞାତସାରରେ ପ୍ରସଙ୍ଗକୁ ଏଡାଇ ଯାଉଥିବେ, ତେବେ ତାଙ୍କୁ ଖୁବ୍ ଚତୁରତାର ସହକାରେ ପ୍ରଭାବିତ କରିବାକୁ ହେବ, ଯେପରିକି ସେ ବ୍ୟାପକ ଭାବରେ ଆଲୋଚନା କରିପାରିବେ। ତାଙ୍କର କୌଣସି ଗୋପନ ତଥ୍ୟ ଯାହାକୁ ସେ ପ୍ରକାଶ କରିବାକୁ ଅନିଚ୍ଛୁକ, ତାକୁ ଗବେଷକ ହାସଲ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ଯଦି ଉତ୍ତର ଦାତାଙ୍କ ମନରେ ସନ୍ଦେହ ସୃଷ୍ଟି ହୁଏ, ତେବେ ଉଭୟଙ୍କ ମଧ୍ୟରେ ଥିବା ସଦ୍‌ଭାବ ଖୁବ୍ ସହଜରେ ନଷ୍ଟ ହୋଇଯାଏ । ରହିଯାଇଥିବା ଅବଶିଷ୍ଟ ତଥ୍ୟ ଗୁଡିକ କେବଳ ବାହ୍ୟ ଔପଚାରିକତା ଦୃଷ୍ଟିକୋଣରୁ ପ୍ରକାଶ କରାଯାଇଥାଏ । ଯଦି ପରୀକ୍ଷାମୂଳକ ପ୍ରଶ୍ନଗୁଡିକର ଉପଯୁକ୍ତ ଉତ୍ତର ନ ମିଳେ ଓ ଉତ୍ତରଦାତା ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ଅମଙ୍ଗ ହୁଅନ୍ତି, ତେବେ ସାକ୍ଷାତ୍‌କାରୀ ତାଙ୍କୁ ଅଧିକ ବାଧ କରିପାରିବେ ନାହିଁ । ଏହାହିଁ ହେଉଛି ସର୍ବଶ୍ରେଷ୍ଠ ପରାମର୍ଶ, ସେ ଏହାକୁ ଏତେ ଗୋପନୀୟ ଭାବି ନଥିଲେ ବୋଲି ଉତ୍ତରଦାତାଙ୍କୁ ଜଣାଇଦେଇ ସଂପୃକ୍ତ ପ୍ରସଙ୍ଗଟିର ପୂର୍ଣ୍ଣଚ୍ଛେଦ ପକାଇ ପୁଣି ଆଲୋଚନାକୁ ଆଗକୁ ବଢାଇବାକୁ ଅନୁରୋଧ କରିବେ, ଏଭଳି ଭରସା ଦ୍ୱାରା ଉତ୍ତର ଦାତା ଅଧିକ ଆଗ୍ରହ ସହକାରେ ପ୍ରସଙ୍ଗ ଉପରେ ଆଲୋଚନା କରିବାର ସମ୍ଭାବନା ଖୁବ୍ ଅଧିକ ।

**(୬) ଉତ୍ସାହ ପ୍ରଦାନ :** ସାକ୍ଷାତ୍‌କାର କାର୍ଯ୍ୟକ୍ରମ ଚାଲୁରହିଥିବା ବେଳେ ନିଜର ମନୋଭାବକୁ ସ୍ପଷ୍ଟ ଭାବରେ ବର୍ଣ୍ଣନା କରିବା ନିମନ୍ତେ ଉତ୍ତରଦାତାଙ୍କୁ ବାରମ୍ବାର ଉତ୍ସାହିତ କରିବାକୁ ପଡ଼େ । ଆପଣ ବାସ୍ତବରେ ଏକ ଆଲୋକ ବର୍ତ୍ତିକା, ମୁଁ ଏଭଳି ଜ୍ଞାନୋଦୀପକ ଆଲୋଚନା କେବେ ବି କରିନଥିଲି। ସମସ୍ୟା ସଂପର୍କରେ ଆପଣଙ୍କର ଗଭୀର ଜ୍ଞାନ ରହିଛି। ଆଶ୍ଚର୍ଯ୍ୟ ଯେ, ମୁଁ କେବେବି ନିଜେ ଏହି ସମସ୍ୟାର ଏହି ଦିଗ ଗୁଡ଼ିକୁ ପରିକଳ୍ପନା କରିନଥିଲି, ଇତ୍ୟାଦି........ ପ୍ରଂଶସା ସୂଚକ ଉକ୍ତି ଗୁଡ଼ିକ ମଝିରେ ମଝିରେ ବ୍ୟବହାର କରିବାକୁ ପଡ଼ିବ । ଏହି ଉକ୍ତି ଗୁଡ଼ିକ ଖୋସାମତ ନ ହୋଇ ବାସ୍ତବ ପ୍ରଂଶସା ବୋଲି

ଉତ୍ତରଦାତାଙ୍କ ମନରେ ଧାରଣା ସୃଷ୍ଟି ହେବା ଦରକାର । ତେଣୁ ଏଥି ନିମନ୍ତେ ଟିକେ ସ୍ୱତନ୍ତ୍ର ଧ୍ୟାନଦେବାର ଆବଶ୍ୟକତା ପଡିଥାଏ। ନଚେତ୍ ଏହି ଉକ୍ତି ଗୁଡ଼ିକ ମାଧ୍ୟମରେ କରାଯାଇଥିବା ଉଦ୍ୟମ ସଂପୂର୍ଣ୍ଣ ଭାବରେ ଭଣ୍ଡୁର ହୋଇଯିବ ।

ଗବେଷକ ଯେତେବେଳେ ଉତ୍ତରଦାତାଙ୍କର ସାହାଯ୍ୟ ମାଗନ୍ତି, କେତେକ ତଥ୍ୟକୁ ଟିପି ରଖନ୍ତି ଓ ଏହି ତଥ୍ୟଗୁଡିକ ଅତ୍ୟନ୍ତ ଦରକାରୀ ବୋଲି ଉଚ୍ଚାରଣ କରନ୍ତି, ସେତେବେଳେ ଉତ୍ତରଦାତା ଅଧିକ ଉତ୍ସାହିତ ହୋଇପଡ଼ନ୍ତି । ସାକ୍ଷାତ୍‌କାରୀଙ୍କର ଏକାଗ୍ରତା, ତାଙ୍କ ପ୍ରଂଶସା ଓ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ ଉତ୍ତରଦାତାଙ୍କୁ ଅଧିକରୁ ଅଧିକ କହିବା ନିମନ୍ତେ ଉତ୍ସାହିତ କରେ। ଗବେଷକ ତାଙ୍କ ତଥ୍ୟ ଗୁଡିକୁ ଠିକ୍‌ଭାବରେ ବୁଝି ପାରୁଛନ୍ତି ବୋଲି ଯଦି ଉତ୍ତରଦାତାଙ୍କର ହୃଦ୍‌ବୋଧ ହୁଏ, ତେବେ ସେ ସାଧାରଣତଃ ଏହି ଗୁଡିକ ବିଷୟରେ ଅଧିକରୁ ଅଧିକ କହିବା ପାଇଁ ଉତ୍ସାହିତ ହୋଇପଡନ୍ତି । ତେଣୁ ସାକ୍ଷାତ୍‌କାରୀ ଆଲୋଚନାପରେ ଜଣେ ସକ୍ରିୟ ଶ୍ରୋତା ନହୋଇ ଜଣେ ସକ୍ରିୟ ଅଂଶ ଗ୍ରହଣକାରୀ ହେବା ଆବଶ୍ୟକ।

**(୭) ସାକ୍ଷାତ୍‌କାର ପରିଚାଳନା :** ବ୍ୟାଖ୍ୟାମୂଳକ ସାକ୍ଷାତ୍‌କାର କ୍ଷେତ୍ରରେ ସାକ୍ଷାତ୍‌କାରଙ୍କୁ ଜଣେ ବିଚାରବନ୍ତ ବ୍ୟକ୍ତି ହିସାବରେ କାର୍ଯ୍ୟ ସମ୍ପାଦନ କରିବାକୁ ପଡ଼ିଥାଏ । ସେ ଯେତେବେଳେ ଅତି ଆଗ୍ରହ ସହକାରେ ବ୍ୟାଖ୍ୟାର ପରିଧି ମଧ୍ୟକୁ ପ୍ରବେଶ କରି ଉତ୍ତରଦାତାଙ୍କୁ ପ୍ରଶଂସା ସହ ସଂପୂର୍ଣ୍ଣ ଭାବରେ ଆଲୋଚନାରେ ଅଂଶ ଗ୍ରହଣ କରନ୍ତି, ସେ ଯେମିତି ଏଥିରେ ହଜି ନଯାଆନ୍ତି, ସେଥିପ୍ରତି ସତର୍କ ରହିବା ଆବଶ୍ୟକ। ଆଲୋଚନାଟିର ଯେତେବେଳେ ବିଷୟ ବିଚ୍ୟୁତି ଘଟିବ, ସେଥିବ୍ ଚତୁରତା ସହକାରେ ଏହାକୁ ପରିଚାଳନା କରିବା ଆବଶ୍ୟକ। ବେଳେବେଳେ ଏମିତି ବି ଦେଖାଯାଇଛି, ଯେତେବେଳେ ଭାବ ବିହ୍ୱଳ ପରିବେଶ ସୃଷ୍ଟି ହୁଏ, ଉତ୍ତରଦାତା କାହାଣୀଟିକୁ ଏମିତି ସ୍ତରକୁ ନେଇ ଯାଆନ୍ତି ଯେ, ସମସ୍ୟା ଅନୁଶୀଳନ ପରିପ୍ରେକ୍ଷୀରେ ଏହାର କୌଣସି ଗୁରୁତ୍ୱ ରହେନାହିଁ । ଏହି ସମୟରେ ଠିକ୍ ବାଟରେ ପରିଚାଳନା କରିବା ସାକ୍ଷାତ୍‌କାରୀଙ୍କର ଦାୟିତ୍ୱ।

ସାକ୍ଷାତ୍‌କାର ପରିଚାଳନା କରିବା ଏକ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ। ଉତ୍ତରଦାତାଙ୍କ ମତରେ ଯେଉଁ କଥାଟି ଅତି ଗୁରୁତ୍ୱପୂର୍ଣ୍ଣ ଓ ସେ ତାକୁ ମଧ୍ୟ ପରିପ୍ରକାଶ କରିବାକୁ ଉତ୍ସୁକ, କିନ୍ତୁ ସେହି କଥାଟିକୁ କହିବାରୁ ତାଙ୍କୁ ବଂଚିତ କରାଯାଏ, ତେବେ ସେ ଅପମାନବୋଧ କରିପାରନ୍ତି, ଏହାଦ୍ୱାରା ତାଙ୍କର ସହଯୋଗଭାବ ମଧ୍ୟ ନଷ୍ଟ ହୋଇପାରେ। ତେଣୁ ସାକ୍ଷାତ୍‌କାରୀ ଅତି ଚତୁରତା ସହକାରେ ପ୍ରସଙ୍ଗକୁ ଆଗକୁ ଗଡାଇବେ। ଉତ୍ତରଦାତା ଅପ୍ରାସଙ୍ଗିକ କଥୋପକଥନ କରିଲେ ମଧ୍ୟ ତାକୁ ସେ ଧୈର୍ଯ୍ୟର ସହ ଶୁଣିବେ। ସେ ନିଜର ରୁଚି ଓ ପସନ୍ଦ ଅପେକ୍ଷା ଉତ୍ତର ଦାତାଙ୍କ ରୁଚି ଓ ପସନ୍ଦକୁ ଗୁରୁତ୍ୱ ପ୍ରଦାନ କରିବେ । ସେ କେବଳ ଗୋଟିଏ କଥାପାଇଁ ଯତ୍ନବାନ ହେବେ, ଯେମିତି ଗୋଟିଏ ବି ପ୍ରସଙ୍ଗ ଆଲୋଚନାରୁ ବାଦ୍ ପଡ଼ିନଯାଏ।

**(୮) ଲିପିବଦ୍ଧକରଣ :** ଖୋଲା କାହାଣୀ ସଦୃଶ ସାକ୍ଷାତ୍‌କାରରେ ଏହାକୁ ଲିପିବଦ୍ଧ ବା ବିବରଣ କରିବା ଏକ ଜଟିଳ ବ୍ୟାପାର । ବାସ୍ତବରେ ଲିପିବଦ୍ଧକରଣ ସର୍ବନିମ୍ନ ସ୍ତରକୁ ହ୍ରାସ କରାଯିବା ଦରକାର । ସାକ୍ଷାତ୍‌କାରୀ ଯେତେବେଳେ ଉତ୍ତରଦାତାଙ୍କର ବକ୍ତବ୍ୟକୁ ଲିପିବଦ୍ଧ କରିବା ଆରମ୍ଭ କରନ୍ତି, ସେତେବେଳେ ସାକ୍ଷାତ୍‌କାରର ଧାରା ବ୍ୟାହତ ହୁଏ । ଏହାଦ୍ୱାରା ସାକ୍ଷାତ୍‌କାରଟି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ପରିଣତ ହୋଇଯାଏ । ବ୍ୟାଖ୍ୟାକାରୀଙ୍କର ବ୍ୟାଖ୍ୟାକୁ ଜଣେ ନଶୁଣି ଅନ୍ୟକାମରେ ବ୍ୟସ୍ତ ରହିଲେ, କେହିଜଣେ ବି ବ୍ୟାଖ୍ୟ କରି ପାରିବା ଆଶା କରାଯାଇ ନପାରେ । ସାଧାରଣତଃ ସାକ୍ଷାତ୍‌କାରୀ ଯେତେବେଳେ ଟିପିବା ଆରମ୍ଭ କରନ୍ତି, ଉତ୍ତରଦାତା ଟିକେ ମନ୍ଥର ହୋଇ ଯାଆନ୍ତି ଓ ଏହାଦ୍ୱାରା ବ୍ୟାଖ୍ୟାରଧାରା ବନ୍ଦ ହୋଇଯାଏ । ଏତଦ୍‌ବ୍ୟତୀତ ସେ ଯେତେବେଳେ ଜାଣନ୍ତି ଯେ, ତାଙ୍କର ମନ୍ତବ୍ୟଗୁଡିକୁ ଲିପିବଦ୍ଧ କରାଯାଉଛି, ସେତେବେଳେ ତାଙ୍କ ବ୍ୟାଖ୍ୟାର ଗତି ଓ ଧାରା ନଷ୍ଟ ହୋଇଯାଏ । କାରଣ ଏଥିପାଇଁ ସେ ଅନାବଶ୍ୟକ ସତର୍କତା ବା ଅଧିକ ସତର୍କତା ଅବଲମ୍ବନ କରନ୍ତି ।

ତେଣୁ ସାକ୍ଷାତ୍‌କାର ଚାଲୁ ରହିଥିବା ସମୟରେ ଲିପିବଦ୍ଧକରଣକୁ ଯଥା ସମ୍ଭବ ଏଡାଇବା ଆବଶ୍ୟକ । କିନ୍ତୁ ନିଜର ସ୍ମରଣ ଶକ୍ତି ଉପରେ ଅନାବଶ୍ୟକ ନିର୍ଭରଶୀଳତା ବି ଠିକ୍ ନୁହେଁ । ତେଣୁ ସାକ୍ଷାତ୍‌କାରୀ କେବଳ ଗୁରୁତ୍ୱପୂର୍ଣ୍ଣ ଆଲୋଚ୍ୟ ବିଷୟ ଗୁଡ଼ିକୁ ବା ନିର୍ଦ୍ଦିଷ୍ଟ ଭାବରେ କହିବାକୁ ଗଲେ ସଂଖ୍ୟାଗୁଡିକୁ ଟିପି ରଖିବେ । ଏହି କ୍ଷେତ୍ରରେ କ୍ଷିପ୍ରଲିଖନ ଜ୍ଞାନ ଦରକାରରେ ଆସେ । ଯଦି ସାକ୍ଷାତ୍‌କାରୀ କ୍ଷୀପ୍ର ଲିଖନ ଜାଣନ୍ତି ନାହିଁ, ତେବେ ସାଂକେତିକ ଅକ୍ଷର ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପ୍ରସଙ୍ଗ ଗୁଡ଼ିକୁ ଲିପିବଦ୍ଧ କରିପାରିବେ । ବେଳେବେଳେ ଟେପ୍ ରେକର୍ଡରକୁ ସଫଳତାର ସହକାରେ ବ୍ୟବହାର କରାଯାଇଥାଏ । କିନ୍ତୁ ଏହା ବ୍ୟାଖ୍ୟାକାରୀଙ୍କ ମନଭିତରେ ଅତ୍ୟଧିକ ସତର୍କତା ଭାବ ସୃଷ୍ଟି କରିଥାଏ, ତେଣୁ ସେ ଅଧିକ ପରିମାଣରେ ବାହ୍ୟ ଆଡ଼ମ୍ବରପୂର୍ଣ୍ଣ ଉତ୍ତର ଦେଇଥାଆନ୍ତି । ତେଣୁ ଗୁରୁତ୍ୱପୂର୍ଣ୍ଣ ସାକ୍ଷାତ୍‌କାରରେ ଏହିଭଳି ଯନ୍ତ୍ରପାତିର ବ୍ୟବହାରକୁ ନିଷିଦ୍ଧ କରିବା ଆବଶ୍ୟକ ।

**(୯) ସାକ୍ଷାତ୍‌କାରର ପରିସମାପ୍ତି :** ସାକ୍ଷାତ୍‌କାରର କେମିତି ପରିସମାପ୍ତି ଘଟିବ ? ଏହାକୁ ତରବରିଆ ଭାବେ ବା ଅକସ୍ମାତ୍ ବନ୍ଦ କରାଯିବା ଉଚିତ୍ ନୁହେଁ । ଉତ୍ତରଦାତା ଚାହୁଁଥିବା ସମସ୍ତ କଥାକୁ ବ୍ୟାଖ୍ୟା କରିସାରିବା ପରେ ସାଧାରଣତଃ ଉତ୍ତରଦାତାଙ୍କର ବ୍ୟାଖ୍ୟା କରିବାର ବେଗ ବା ଗତି ଶିଥିଳ ହୋଇଆସେ । ବେଳେବେଳେ ସେ ସଂପୂର୍ଣ୍ଣ ନୀରବ ହୋଇ ଯାଆନ୍ତି ଓ ଏହି ନିରବତାର ସମୟସୀମା ବଢ଼ି ବଢ଼ି ଚାଲେ ଏବଂ ଧିରେ ଧିରେ ସାକ୍ଷାତ୍‌କାରଟି ପରିସମାପ୍ତି ଆଡ଼କୁ ଗତି କରେ । ସାକ୍ଷାତ୍‌କାରୀ ଏହିଭଳି ପରିସ୍ଥିତିକୁ ଅତି ନିକଟରୁ ଲକ୍ଷ୍ୟ କରି ଆଲୋଚନାକୁ ଶେଷ କରିବେ । ବେଳେବେଳେ ଦେଖାଯାଇଛି ଯେ, ଯେତେବେଳେ ଧିରେ ଧିରେ ସଦ୍‌ଭାବ ହ୍ରାସ ଯାଏ, ସେତେବେଳେ ଉତ୍ତରଦାତାଙ୍କ ଭିତରେ ମନସ୍ତାପ ଓ ଅନୁତାପ ସହ ଭୟ ଜାଗ୍ରତ ହୁଏ । ଜଣେ ଅପରିଚିତ ବ୍ୟକ୍ତି ସମ୍ମୁଖରେ ତାଙ୍କର ଅନେକ ଗୋପନୀୟ ତଥ୍ୟ ପ୍ରକାଶ

କରିଦେଇଥିବାର ଭାବନା ତାଙ୍କ ମନ ଭିତରେ ସୃଷ୍ଟି ହୁଏ। ଅବଶ୍ୟ ଏଭଳି ଭାବନା ହେଉଛି ଏକ ସଫଳ ସାକ୍ଷାତ୍‌କାରର ସଙ୍କେତ। କିନ୍ତୁ ଯଦି ସମ୍ଭବ ଏଭଳି ଭାବନାକୁ ଦୂର କରାଯିବା ଆବଶ୍ୟକ।

**(୧୦) ବିବରଣୀ ପ୍ରସ୍ତୁତି (Reporting):** ସାକ୍ଷାତ୍‌କାର ପରେ ସାକ୍ଷାତ୍‌କାରୀ ଘରକୁ ଫେରି ସଙ୍ଗେ ସଙ୍ଗେ ସେ ଆଲୋଚନା କରିଥିବା ପ୍ରସଙ୍ଗଗୁଡିକୁ ତାଙ୍କୁ ଲେଖିବାକୁ ହେବ। କୌଣସି ପରିସ୍ଥିତିରେ ମଧ୍ୟ ବିବରଣୀ ଲେଖିବା କାର୍ଯ୍ୟକୁ ବାତିଲ କରିବା ଉଚିତ୍ ନୁହେଁ। ବିଭିନ୍ନ ପ୍ରକାରର ବ୍ୟାଖ୍ୟା, ମନୋଭାବ ଓ ବକ୍ତବ୍ୟ ଇତ୍ୟାଦି ଏହି ସମୟରେ ସାକ୍ଷାତ୍‌କାରୀଙ୍କ ସ୍ମୃତି ମଧ୍ୟରେ ସତେଜ ଅବସ୍ଥାରେ ଥାଏ। ଯଦି ଅଧିକ ସମୟ ଅତିକ୍ରାନ୍ତ ହୋଇଯାଏ, ସେ ଏହାର ଅନେକ ଅଂଶ ଭୁଲିଯାଇ ପାରନ୍ତି। ବିବରଣୀଟି ଯଥା ସମ୍ଭବ ସ୍ପଷ୍ଟ, ସୁବର୍ଣ୍ଣିତ ଓ ଜୀବନ୍ତ ହେବା ଆବଶ୍ୟକ। ଏହାଦ୍ୱାରା ପରବର୍ତ୍ତୀ ସମୟରେ ତାହା ସମାନପରିମାଣର ଭାବାବେଗ ସୃଷ୍ଟିକରିବାରେ ସହାୟକ ହୋଇ ପାରିବ। ସାକ୍ଷାତ୍‌କାରୀଙ୍କର ଲେଖିବାର ଦକ୍ଷତା, ଭାଷା ସଂଯୋଜନା ଉପରେ ତାଙ୍କର ଦଖଲ ଅନେକ ସହାୟକ ହୋଇଥାଏ ।

## ୩.୬.୫ ସାକ୍ଷାତ୍‌କାରର ମନ୍ଦ ଦିଗ

ସାମାଜିକ ଗବେଷଣାରେ ସାକ୍ଷାତ୍‌କାରକୁ ଏକ ପଦ୍ଧତି ହିସାବରେ ଯଦିଓ ବ୍ୟାପକ ଭାବରେ ଗ୍ରହଣ କରାଯାଇଛି, ତଥାପି ଏହାର ନିମ୍ନ ଲିଖିତ ଦୁର୍ଗୁଣ ଗୁଡିକ ପରିଲିକ୍ଷିତ ହୋଇଥାଏ ।

(୧) ସାକ୍ଷାତ୍‌କାର ମାଧ୍ୟମରେ ସଂଗୃହୀତ ତଥ୍ୟଗୁଡିକର ବୈଧତା ସବୁବେଳେ ସନ୍ଦେହ ଜନକ ହୋଇଥାଏ । ଏହି ତଥ୍ୟ ଗୁଡ଼ିକରେ ଏକ ଦେଶଦର୍ଶିତା ରହିବା ପଛରେ ଅନେକ ସଂଖ୍ୟକ ଉତ୍ସ ଥାଏ। ଏହି ଉତ୍ସଗୁଡିକ ସଂଗୃହୀତ ତଥ୍ୟକୁ ଅବୈଧ କରିଥାଏ । ଏକଦେଶଦର୍ଶିତା ସୃଷ୍ଟିକୁ ପ୍ରତିହତ କରିବା ପାଇଁ ଆଜିପର୍ଯ୍ୟନ୍ତ ଯେତିକି କୌଶଳ ଉଦ୍‌ଭାବନ ହୋଇଛି, ତାହା ଯଥେଷ୍ଟ ନୁହେଁ। ପକ୍ଷପାତିତାର ବିଭିନ୍ନ କାରଣ ପୂର୍ବରୁ ବର୍ଣ୍ଣନା କରାଯାଇଛି ।

(୨) ସାକ୍ଷାତ୍‌କାର ନିମନ୍ତେ ଜଣେ ବ୍ୟକ୍ତିଙ୍କୁ ମନାଇବା ଏକ ଜଟିଳ କାର୍ଯ୍ୟ, ଯଦି ସାକ୍ଷାତ୍‌କାରର ବିଷୟବସ୍ତୁ ସାଧାରଣ ଜୀବନ ଜଞ୍ଜାଳ ସଂପର୍କିତ ହୁଏ, ତେବେ ସାକ୍ଷାତ୍‌କାର ଅନୁଷ୍ଠିତ କରାଇବା ଏତେଟା କଷ୍ଟକର ନୁହେଁ । କିନ୍ତୁ ଯଦି ପ୍ରସଙ୍ଗଟି ବ୍ୟକ୍ତିଗତ ଜୀବନ ସହ ଜଡିତ ଓ ବ୍ୟକ୍ତିଗତ ବ୍ୟାପାର ଅନୁଶୀଳନ ସଂପର୍କିତ ହୁଏ, ତେବେ ସାକ୍ଷାତ୍‌କାର ଅନୁଷ୍ଠିତ କରାଇବା ଜଟିଳ ହୋଇପଡ଼େ । କାରଣ ତଥ୍ୟ ପ୍ରଦାନକାରୀଙ୍କୁ ବ୍ୟକ୍ତିଗତ ଜୀବନର ଗୋପନୀୟତାକୁ ପ୍ରକାଶ କରିବା ନିମନ୍ତେ ପ୍ରବର୍ତ୍ତାଇବା କଷ୍ଟକର ହୋଇପାରେ । ଅନୁଶୀଳନ କରାଯାଉଥିବା ଘଟଣାଟି

ଯଦି ମାନସିକ ଆବେଗ ସହିତ ଜଡିତ ଥାଏ, ତେବେ ସମସ୍ୟା ଆହୁରି ଅଧିକ ବଢିଯାଏ । ଉଦାହରଣ ସ୍ୱରୂପ- ବିବାହ ବିଚ୍ଛେଦର କାରଣ ଓ ଏହାର ପରବର୍ତ୍ତୀ ପ୍ରଭାବର ଅନୁଶୀଳନ ।

(୩) ସାକ୍ଷାତ୍କାର ପରିଚାଳନା ନିମନ୍ତେ ଉଚ୍ଚକୋଟିର ଓ ସ୍ୱତନ୍ତ୍ର ଜ୍ଞାନ ଆବଶ୍ୟକ । ସାକ୍ଷାତ୍କାରୀ ମାନବୀୟ ମନୋବିଜ୍ଞାନ ଓ ମାନବୀୟ ବ୍ୟବହାରରେ ଅଭିଜ୍ଞ ଓ ବିଶେଷଜ୍ଞ ହୋଇଥିବା ଆବଶ୍ୟକ। ସାକ୍ଷାତ୍କାର ପ୍ରଦାନକାରୀଙ୍କୁ ତଥ୍ୟଗୁଡିକୁ ଅତିରଞ୍ଜିତ କରି ମିଥ୍ୟା କହିବାରୁ କ୍ଷାନ୍ତ ରଖିବା ନିମନ୍ତେ ସାକ୍ଷାତ୍କାରୀଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ ରହିଥିବା ଆବଶ୍ୟକ, ଏହି କାର୍ଯ୍ୟ ନିମନ୍ତେ ନିଯୁକ୍ତ କ୍ଷେତ୍ର କର୍ମଚାରୀମାନେ ଏହି ମହାନଗୁଣ ଗୁଡିକର ଅଧିକାରୀ ହୋଇନଥାନ୍ତି । ଫଳତଃ ଅନେକ ଗୁଡିଏ ଅଣ ନିର୍ଭରଯୋଗ୍ୟ, ଅନାବଶ୍ୟକ ଓ ଅବୈଧ ତଥ୍ୟ ସଂଗୃହୀତ ହୋଇଥାଏ ।

(୪) ସାକ୍ଷାତ୍କାର ପଦ୍ଧତିରେ ଅନେକ ଗୁଡିଏ ସ୍ୱକୀୟ ମତଥାଏ। ସାକ୍ଷାତ୍କାର ପ୍ରଦାନକାରୀ ଯାହାବି କହନ୍ତି, ସେ କହୁଥିବା ବ୍ୟକ୍ତିଙ୍କୁ ଆଧାରକରି କହନ୍ତି । ତେଣୁ ଯଦି ଭିନ୍ନ ଭିନ୍ନ ଲୋକ ଜଣେ ଲୋକର ସାକ୍ଷାତ୍କାର ନିଅନ୍ତି, ତେବେ ସାକ୍ଷାତ୍କାର ପ୍ରଦାନକାରୀ ସମାନ ପ୍ରସଙ୍ଗ ଉପରେ ଭିନ୍ନ ଭିନ୍ନ ମତ ପୋଷଣ କରିଥାଆନ୍ତି ।

(୫) ସାକ୍ଷାତ୍କାର କାର୍ଯ୍ୟକ୍ରମଟି ଗବେଷକଙ୍କୁ ଉତ୍ତରଦାତାଙ୍କୁ ଅନୁକମ୍ପା ମଧ୍ୟକୁ ଠେଲିଦିଏ । ଉତ୍ତରଦାତା ଯାହାବି କହନ୍ତି, ତାକୁ ପ୍ରତ୍ୟକ୍ଷ ଭାବରେ ପର୍ଯ୍ୟବେକ୍ଷଣ କରିବା ନିମନ୍ତେ କିମ୍ୱା ତାର ସତ୍ୟତାକୁ ପରୀକ୍ଷା କରିବା ନିମନ୍ତେ କୌଣସି ବ୍ୟବସ୍ଥା ନଥିବ ।

(୬) ଗୁଣାତ୍ମକମାନର ସାକ୍ଷାତ୍କାର ଗୁଡିକ ମାନସିକ ଆବେଗ ଓ ଭାବବେଗ ଦ୍ୱାରା ବିଶେଷଭାବରେ ପ୍ରଭାବିତ ହୋଇଥାଏ । ଏଗୁଡ଼ିକ ଯଥେଷ୍ଟ ଭାବରେ ଉନ୍ନତମାନର ହୋଇ ନଥାଏ ଓ ପରୀକ୍ଷାମୂଳକ ଭାବେ ଏଗୁଡ଼ିକୁ ଯାଞ୍ଚ କରିବା ନିମନ୍ତେ କୌଣସି ସୁଯୋଗ ନଥାଏ ।

## ୩.୬.୬ ସାକ୍ଷାତ୍କାରର ଗୁରୁତ୍ୱ

ସାମାଜିକ ଗବେଷଣାରେ ସାକ୍ଷାତ୍କାର ଏକ ଗୁରୁତ୍ୱପୂର୍ଣ୍ଣ ସାଧନ ପ୍ରମାଣିତ ହୋଇଛି । କେତେକ ସମାଜବିଜ୍ଞାନୀଙ୍କ ମତାନୁସାରେ ପରିସଂଖ୍ୟାନଗତ ବିଶ୍ଳେଷଣ ନିମନ୍ତେ ସାମାଜିକ ପ୍ରସଙ୍ଗଗୁଡିକ ଏଥିନିମନ୍ତେ ଉପଯୁକ୍ତ ନୁହେଁ । ଅନୁଶୀଳନ କରାଯାଉଥିବା ସାମାଜିକ ପ୍ରସଙ୍ଗ ଗୁଡିକ ସଂପର୍କରେ ଜ୍ଞାନ ଆହରଣ ନିମନ୍ତେ ଗୁଣାତ୍ମକ ସାକ୍ଷାତ୍କାର ହିଁ ସର୍ବଶ୍ରେଷ୍ଠ ପଦ୍ଧତି । ସାକ୍ଷାତ୍କାର ପଦ୍ଧତିର / ମାହାତ୍ମ୍ୟର ଗୁରୁତ୍ୱପୂର୍ଣ୍ଣ ଦିଗ ଗୁଡିକ ନିମ୍ନରେ ଆଲୋଚନା କରିବା ।

(୧) ଯେଉଁ ଘଟଣା ଗୁଡ଼ିକୁ ଖୋଲାଖୋଲି ଭାବରେ ପର୍ଯ୍ୟବେକ୍ଷଣ କରିହେବ ନାହିଁ ଓ ଯେଉଁ ଘଟଣା ଗୁଡ଼ିକ ଉତ୍ତରଦାତାଙ୍କ ବ୍ୟତୀତ ଅନ୍ୟ କାହାକୁ ଜଣାନାହିଁ, ସେହି ଘଟଣା ଗୁଡ଼ିକୁ ଜାଣିବା ଓ ଅନୁଶୀଳନ କରିବା ନିମନ୍ତେ ସାକ୍ଷାତ୍‌କାର ଆମକୁ ସାହାଯ୍ୟ କରେ । ଏଠାରେ ସୂଚାଇ ଦିଆଯାଇପାରେ ଯେ, ଅଧିକାଂଶ ସାମାଜିକ କାର୍ଯ୍ୟକଳାପ ଗୁଡ଼ିକ ଏହି ଧରଣର ଓ ସେଥିପାଇଁ ସାମାଜିକ ଅନୁଶୀଳନ ନିମନ୍ତେ ସାକ୍ଷାତ୍‌କାର ହେଉଛି ଶ୍ରେଷ୍ଠ ପଦ୍ଧତି ।

(୨) କୌଣସି ସଂକ୍ଷିପ୍ତ ବିବରଣୀ ଓ ଅଦୃଶ୍ୟ ବ୍ୟକ୍ତିଗତ ଉପାଦାନ, ଯଥା - ଆଚରଣ, ଦୃଷ୍ଟିଭଙ୍ଗୀ, ଭାବନା, ପ୍ରତିକ୍ରିୟା ଇତ୍ୟାଦିକୁ ଅନୁଶୀଳନ କରିବା ନିମନ୍ତେ ଏହା ହେଉଛି ଏକ ମାତ୍ର ପଦ୍ଧତି । ଏହି ଉପାଦାନ ଗୁଡ଼ିକ ଆମର କାର୍ଯ୍ୟକଳାପକୁ ପରିଚାଳନା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିଲେ ମଧ୍ୟ, ଏଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିହେବ ନାହିଁ, ଏହି ଉପାଦାନ ଗୁଡ଼ିକ ଉପରେ ବିଭିନ୍ନ ସାମାଜିକ ପ୍ରସଙ୍ଗ ଗୁଡ଼ିକର ପ୍ରଭାବ ସଂପର୍କରେ ଯଦି ଆମେ ଜାଣି ପାରିବା ନାହିଁ, ତେବେ କୌଣସି ସାମାଜିକ ଅନୁଶୀଳନ ପୂର୍ଣ୍ଣାଙ୍ଗ ହୋଇ ପାରିବ ନାହିଁ । କୌଣସି ଏକ ନିର୍ଦ୍ଦିଷ୍ଟ ଘଟଣାରେ ଉତ୍ତରଦାତାଙ୍କ ଉପରେ କି ପ୍ରକାର ପ୍ରଭାବ ପଡ଼ିଛି, ତାହା ସେହି କେବଳ ଜାଣନ୍ତି ଏବଂ ତାଙ୍କ ପାଖରୁ ତଥ୍ୟ ହାସଲ ନିମନ୍ତେ ସାକ୍ଷାତ୍‌କାର ହିଁ ଏକମାତ୍ର ପଦ୍ଧତି ।

(୩) କୌଣସି ଏକ ଘଟଣାରେ ମାନସିକ ଆବେଗ ଓ ଏହାର ଐତିହାସିକ ପୃଷ୍ଠଭୂମିକୁ ଅନୁଶୀଳନ କରିବାରେ ସାକ୍ଷାତ୍‌କାର ଆମକୁ ସହାୟତା କରେ । କେବଳ ଏହି ପୃଷ୍ଠଭୂମି ମାଧ୍ୟମରେ କୌଣସି ଏକ ଘଟଣାର ବାସ୍ତବ ଗୁରୁତ୍ୱକୁ ଜାଣିହେବ । ଆମର ଅଧିକାଂଶ କାର୍ଯ୍ୟକଳାପ ଆମର ମାନସିକ ଆବେଗ ଓ ଭାବନା ଦ୍ୱାରା ପରିଚାଳିତ ହୋଇଥାଏ । ବ୍ୟାଖ୍ୟାମୂଳକ ସାକ୍ଷାତ୍‌କାରରେ ସାକ୍ଷାତ୍‌କାରୀ ଉତ୍ତରଦାତାଙ୍କ ଚକ୍ଷୁରେ ଘଟଣା ଗୁଡ଼ିକୁ ଦେଖିବାରେ ସକ୍ଷମ ହୋଇ ଥାଆନ୍ତି ।

(୪) ଯେକୌଣସି ଘଟଣାରେ ବ୍ୟକ୍ତିଗତ ଭାବେ ଜଡ଼ିତ ବ୍ୟକ୍ତି ହିଁ ଉପଯୁକ୍ତ ବ୍ୟକ୍ତି ଯିଏ ଘଟଣା ସଂପର୍କରେ ବ୍ୟାଖ୍ୟା କରିପାରିବେ । ଜଣେ ବାହ୍ୟ ପର୍ଯ୍ୟବେକ୍ଷକ ସମାନ୍ତରାଳ ଭାବନା ନେଇ ଏହି କାର୍ଯ୍ୟ କରିପାରିବେ ନାହିଁ । ସାକ୍ଷାତ୍‌କାର ପ୍ରଦାନକାରୀ ପ୍ରଦତ୍ତ ବର୍ଣ୍ଣନା ନିଶ୍ଚିତ ଭାବରେ ସବୁ ଦୃଷ୍ଟିରୁ ଅଧିକ ପୂର୍ଣ୍ଣାଙ୍ଗ ।

(୫) ସାକ୍ଷାତ୍‌କାର ମାଧ୍ୟମରେ ସଂଗୃହୀତ ତଥ୍ୟ ଅଧିକ ନିର୍ଭର ଯୋଗ୍ୟ ସାବ୍ୟସ୍ତ ହୋଇଛି । ଯଦି ଉପଯୁକ୍ତ ନିୟନ୍ତ୍ରଣ ରକ୍ଷା କରାଯାଏ, ସାକ୍ଷାତ୍‌କାରୀ ଦକ୍ଷ ଓ ଅଭିଜ୍ଞ ହୋଇଥାଆନ୍ତି ତେବେ

ସାକ୍ଷାତ୍‌କାର ମାଧ୍ୟମରେ ହାସଲ କରାଯାଉଥିବା ତଥ୍ୟଗୁଡ଼ିକ ପର୍ଯ୍ୟାପ୍ତ ଭାବରେ ବୈଧ ସାଧାରଣକରଣ କରାଯାଇ ପାରିବ ।

(୬) ସାକ୍ଷାତ୍‌କାର ପଦ୍ଧତି ମାଧ୍ୟମରେ ଏପରିକି ଅତୀତର ପ୍ରସଙ୍ଗ ଗୁଡ଼ିକ ଅନୁଶୀଳନ କରାଯାଇପାରିବ। ପର୍ଯ୍ୟବେକ୍ଷଣ ଉଦ୍ଦେଶ୍ୟରେ ଘଟଣା ପର୍ଯ୍ୟବେକ୍ଷକଙ୍କ ଚକ୍ଷୁ ସମ୍ମୁଖରେ ଘଟିବା ଆବଶ୍ୟକ, ସାମାଜିକ ଘଟଣା ଘଟିବା ଅନିଶ୍ଚିତ । ଏଗୁଡ଼ିକୁ ବ୍ୟକ୍ତିଗତ ଭାବେ ପର୍ଯ୍ୟବେକ୍ଷଣ କରିବାରେ ଏକ ବଡ଼ ଅସୁବିଧା ସୃଷ୍ଟି ହୁଏ । କିନ୍ତୁ ସାକ୍ଷାତ୍‌କାରରେ ଏଇ ଧରଣର ଅସୁବିଧା ସଂପୂର୍ଣ୍ଣ ଭାବରେ ଦୂରୀଭୂତ ହୋଇଥାଏ ।

## ୩.୭ ପ୍ରସଙ୍ଗ ବିଶ୍ଳେଷଣ (Case - Study)

ପ୍ରସଙ୍ଗ ବିଶ୍ଳେଷଣ ହେଉଛି କୌଣସି ଏକ ଅବସ୍ଥା ବା ପରିସ୍ଥିତି ବା ମାମଲାର ଅନୁଶୀଳନ। ଏହା ଜଣେ ବ୍ୟକ୍ତି, ଗୋଟିଏ ଅନୁଷ୍ଠାନ, ଗୋଟିଏ, ବ୍ୟବସ୍ଥା, ଗୋଟିଏ ସଂପ୍ରଦାୟ, ଗୋଟିଏ ସଂସ୍ଥା, ଗୋଟିଏ ଅନୁଷ୍ଠାନ, କୌଣସି ଘଟଣା ବା ଏପରିକି ସମଗ୍ର ସଂସ୍କୃତିର ବିଶ୍ଳେଷଣ ହୋଇପାରେ। ୟୀନ୍ (yin) ପ୍ରସଙ୍ଗ ବିଶ୍ଳେଷଣର ସଂଜ୍ଞା ଦେବାକୁ ଯାଇ କହିଛନ୍ତି ଯେ, "ଏହା ଏକ ପରୀକ୍ଷାସିଦ୍ଧ ଅନୁସନ୍ଧାନ ଯାହା ବାସ୍ତବ ଜୀବନ ପରିପ୍ରେକ୍ଷୀରେ ସାଂପ୍ରତିକ ପ୍ରସଙ୍ଗଗୁଡ଼ିକୁ ତଦନ୍ତ କରିଥାଏ । ପ୍ରସଙ୍ଗ ଗୁଡ଼ିକ ମଧ୍ୟରେ ଥିବା ସୀମାରେଖା ଓ ଦୃଷ୍ଟିଭଙ୍ଗୀର ପ୍ରମାଣ ଯେତେବେଳେ ସ୍ପଷ୍ଟ ଭାବରେ ଜଣାପଡ଼େ ନାହିଁ, ସେତେବେଳେ ପ୍ରମାଣର ଏକାଧିକ ଉତ୍ସକୁ ବ୍ୟବହାର କରି ଏହି ପ୍ରକାରର ଅନୁସନ୍ଧାନ କରାଯାଏ ।" କ୍ରୋମରୀ (Kromrey) ଙ୍କ ମତରେ "ବ୍ୟକ୍ତିଗତ ପ୍ରସଙ୍ଗ ବା ମାମଲାର ଅନୁଶୀଳନ ହେଉଛି ପ୍ରସଙ୍ଗ ବିଶ୍ଳେଷଣ ବେଳେବେଳେ ସେଗୁଡ଼ିକର ପ୍ରାକୃତିକ ପରିବେଶକୁ ଅନୁଶୀଳନ କରାଯାଇଥାଏ ଓ ଏହା ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଲୁ ରହେ।" ତେଣୁ ଏହା ହେଉଛି ଗବେଷଣାର ଏକ ରୂପରେଖ । ଏଥିରେ ତଥ୍ୟ ଗୁଡ଼ିକର ଉତ୍ସ ଚୟନ ନିମନ୍ତେ ଗୁଣାତ୍ମକ ପଦ୍ଧତି ଅନୁସରଣ କରାଯାଇଥାଏ । ଏହା ଏକ ସାମଗ୍ରିକ ବିବରଣୀ ଉପସ୍ଥାପନ କରେ। ଏହା ଅନୁଶୀଳନ କରାଯାଉଥିବା ପ୍ରସଙ୍ଗ ସଂପର୍କରେ ସୂକ୍ଷ୍ମ ପରିଜ୍ଞାନ କରେ । ପ୍ରସଙ୍ଗ ବା ଘଟଣାରକ୍ରମ ବିକାଶ ସଂପର୍କରେ ଯେତେବେଳେ ଧ୍ୟାନ ବା ଗୁରୁତ୍ୱ ଦିଆଯାଏ, ଏହାକୁ ଘଟଣା ବୃତ୍ତାନ୍ତ କୁହାଯାଏ। ଉଦାହରଣ ସ୍ୱରୂପ, ପିତାମାତାଙ୍କର ନିୟନ୍ତ୍ରଣ ଅଭାବରୁ ଜଣେ ବାଳକ କିପରି ବାଳ ଅପରାଧିରେ ପରିଣତ ହେଲା, ସାଙ୍ଗ ସାଥିମାନଙ୍କର ତା ଉପରେ ପ୍ରଭାବ ଶିକ୍ଷକମାନଙ୍କର ମନଯୋଗର ଅଭାବ, ଅନାୟାସରେ ଅର୍ଥରୋଜଗାର, ତାପରେ କୈଶୋରରେ ଜଣେ ଚୋର ଓ ଯୌନ ଅପରାଧି ଏବଂ ପରିଶେଷରେ ଜଣେ ପେଶାଦାର ପକେଟମାର୍ । ଏହି କ୍ଷେତ୍ରରେ ଘଟଣାର ବୃତ୍ତାନ୍ତ ପଦ୍ଧତି ମାଧ୍ୟମରେ ତାର ଅପରାଧି ଜୀବନ ସଂପର୍କରେ ତଥ୍ୟ ସଂଗ୍ରହ କରିହେବ ।

ପ୍ରସଙ୍ଗ ବିଶ୍ଳେଷଣ ତଥ୍ୟ ସଂଗ୍ରହର ଏକ ମାଧ୍ୟମ ନୁହେଁ । ବରଂ ଏହା ପୁନଃ ଅନୁସନ୍ଧାନର ଏକ କୌଶଳ । ଏହା ଏକ ପରୀକ୍ଷା ସିଦ୍ଧ ଅନୁସନ୍ଧାନ । ଏହା ପ୍ରମାଣର ଏକାଧିକ ଉତ୍ସକୁ ବ୍ୟବହାର କରି ସାଂପ୍ରତିକ ପ୍ରସଙ୍ଗ ଉପରେ ଅନୁସନ୍ଧାନ କରିଥାଏ । ପ୍ରସଙ୍ଗ ବିଶ୍ଳେଷଣର ଏହି ସଂଜ୍ଞାକୁ ଉଭୟ ୟିନ୍ ଓ ହାମର୍ସଲୀ (Yin and Hammersley) ସମର୍ଥନ କରିଛନ୍ତି । ମିଚେଲଙ୍କ ମତରେ ମଧ୍ୟ କୌଣସି ଏକ ଘଟଣା ବା କ୍ରମାନ୍ୱୟରେ ଘଟିଥିବା ଏକାଧିକ ଘଟଣାର ବର୍ଣ୍ଣନାତ୍ମକ ବିବରଣୀକୁ ପ୍ରସଙ୍ଗ ବିଶ୍ଳେଷଣ କୁହାଯାଏ ନାହିଁ । ଏହା ଏକ ଯଥାର୍ଥ ତାତ୍ତ୍ୱିକ ରୂପରେଖ ବିପକ୍ଷରେ ବା ଏକ ତାତ୍ତ୍ୱିକ ଉପସଂହାର ସପକ୍ଷରେ ଏକ ବିଶ୍ଳେଷଣ । ପ୍ରସଙ୍ଗ ବିଶ୍ଳେଷଣ ଖୁବ୍ ସରଳ ଓ ସ୍ୱଷ୍ଟ ହୋଇଥାଏ । ଯେପରିକି, ରାମ ଗୋଟିଏ ଅପରାଧି ବାଳକ, ବା 'ରାମ ଗୋଟିଏ ଦୁର୍ବୋଧ ଓ ଉଦ୍‌ଭଟ ବାଳକ। ଠିକ୍ ସେହିଭଳି ବିଶ୍ୱବିଦ୍ୟାଳୟରେ ନିଷ୍ପତ୍ତି ନିର୍ଦ୍ଧାରଣ' । ପ୍ରସଙ୍ଗ ବିଶ୍ଳେଷଣ ନିମନ୍ତେ ପ୍ରଯୁଜ୍ୟ ହେବା ପାଇଁ ବିଷୟବସ୍ତୁ ଯାହା ହେଉନା କାହିଁକି, ଏହା ଏକ ସୀମାବଦ୍ଧ ବା ସଂକୀର୍ଣ୍ଣ ବ୍ୟବସ୍ଥା ଏହାର ଅସ୍ତିତ୍ୱ ରହିଥିବା ଆବଶ୍ୟକ।

ବେଲ୍ (୧୯୯୩) ଓ ବ୍ଲାଷ୍ଟର (୧୯୯୬), (Bell and Blaxter) ଙ୍କ ଭଳି କେତେକ ଲେଖକଙ୍କ ମତରେ ପ୍ରସଙ୍ଗ ବିଶ୍ଳେଷଣ ସୀମିତ ବ୍ୟୟରେ ଏକ-ବ୍ୟକ୍ତି ବିଶ୍ଳେଷଣ ନିମନ୍ତେ ପ୍ରଯୁଜ୍ୟ । ଏହା ବାଦ୍, ଜଣେ ବ୍ୟକ୍ତିଙ୍କୁ ନେଇ କରାଯାଇଥିବା ଅଧ୍ୟୟନ ସୀମିତ ସମୟ ମଧ୍ୟରେ ସମସ୍ୟାର ଗୋଟିଏ ଦିଗକୁ ଅତି ଗଭୀର ଭାବରେ ଅଧ୍ୟୟନ କରିବା ନିମନ୍ତେ ଗବେଷକଙ୍କୁ ସୁଯୋଗ ପ୍ରଦାନ କରିଥାଏ । କିନ୍ତୁ ଏହା ସତ୍ୟ ନୁହେଁ । ପ୍ରସଙ୍ଗ ବିଶ୍ଳେଷଣ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଥାଏ । ଯଥା- ବର୍ଣ୍ଣନାତ୍ମକ ଅନୁସନ୍ଧାନ ଓ ବ୍ୟାଖ୍ୟାମୂଳକ ଗବେଷଣା ତଥା ତତ୍ତ୍ୱ ବା ସିଦ୍ଧାନ୍ତ ସୃଷ୍ଟି ନିମନ୍ତେ ଏହାକୁ ବ୍ୟବହାର କରାଯାଇଥାଏ । ସମାଜ ତତ୍ତ୍ୱ (ଗୋଷ୍ଠୀ ଅଧ୍ୟୟନ), ସାମାଜିକ ନୃତତ୍ତ୍ୱ (ଆଦିବାସୀ ସଂସ୍କୃତି) ରାଜନୀତି ବିଜ୍ଞାନ (ନୀତି ଗବେଷଣା), ସାଧାରଣ ପ୍ରଶାସନ (ପରିଚାଳନା ଓ ସାଂଗଠନିକ ଅଧ୍ୟୟନ) ଭଳି ସାମାଜିକ ବିଜ୍ଞାନ ନିମନ୍ତେ ପ୍ରସଙ୍ଗ ବିଶ୍ଳେଷଣ କେବଳ ବ୍ୟବହୃତ ହୋଇ ନଥାଏ । ଏହା ମଧ୍ୟ ଔଷଧ (ଭେଷଜ ଗବେଷଣା) ଓ ସାମାଜିକ କାର୍ଯ୍ୟ (ବିଭିନ୍ନ ବୃତ୍ତିର ବ୍ୟକ୍ତିଙ୍କୁ ସାହାଯ୍ୟ)ରେ ଉପଯୋଗ ହୋଇ ଥାଏ । ବେଳେବେଳେ ପ୍ରସଙ୍ଗ ବିଶ୍ଳେଷଣ ପରିମାଣାତ୍ମକ ବା ଗୁଣାତ୍ମକ ହୋଇ ଥିବା ବେଳେ ଆଉ କେତେକ ସମୟରେ ଏହା ଉଭୟଙ୍କର ମିଶ୍ରଣ ହୋଇଥାଏ । କିନ୍ତୁ ଅଧିକାଂଶ ପ୍ରସଙ୍ଗ ବିଶ୍ଳେଷଣ, ଗୁଣାତ୍ମକ ପଦ୍ଧତିର ପରିସରଭୁକ୍ତ ହୋଇ ଥାଏ । ଯେତେବେଳେ, 'କିପରି', 'କିଏ', 'କାହିଁକି' ଓ 'କ'ଣ' ଭଳି ପ୍ରଶ୍ନ ପଚରା ଯାଏ କିମ୍ବା ବାସ୍ତବ ଜୀବନ ପରିପ୍ରେକ୍ଷୀରେ ସାଂପ୍ରତିକ ପ୍ରସଙ୍ଗ ଉପରେ ଗୁରୁତ୍ୱ ପ୍ରଦାନ କରାଯାଏ,ସେତେବେଳେ ଏହା ସବୁଠାରୁ ଅଧିକ ପସନ୍ଦଯୋଗ୍ୟ ସାଧନ ସାବ୍ୟସ୍ତ ହୋଇଥାଏ ।

## ୩.୭.୧ ପ୍ରସଙ୍ଗ ବିଶ୍ଳେଷଣର ବୈଶିଷ୍ଟ୍ୟ ଓ ଲକ୍ଷଣ (Characteristics and Principles of Case Study)

**ବୈଶିଷ୍ଟ୍ୟ :**

ହାଟଫିଲଡ, ୧୯୮୨ (Hartfield,1982) ପ୍ରସଙ୍ଗ ବିଶ୍ଳେଷଣର ନିମ୍ନଲିଖିତ ବୈଶିଷ୍ଟ୍ୟ ଗୁଡିକ ନିର୍ଦ୍ଧାରଣ କରିଛନ୍ତି ।

- ଏହା ସାମଗ୍ରିକ ଭାବରେ ଏକକ ଗୁଡ଼ିକୁ ସଂପୂର୍ଣ୍ଣ ରୂପେ ଅଧ୍ୟୟନ କରିଥାଏ । ଏହା ଏକକ ଗୁଡ଼ିକର କେତେକ ବଛା ବଛା ଦିଗ ବା ସଂଖ୍ୟାକୁ ଅଧ୍ୟୟନ କରିଥାଏ ।
- ତ୍ରୁଟି ଓ ବିକୃତିକରଣକୁ ଏଡ଼ାଇବା ପାଇଁ ତଥ୍ୟ ସଂଗ୍ରହରେ ଏହା ଏକାଧିକ ପଦ୍ଧତିକୁ ବ୍ୟବହାର କରିଥାଏ ।
- ଏହା ବେଳେ ବେଳେ ଗୋଟିଏ ମାତ୍ର ଏକକକୁ ଅଧ୍ୟୟନ କରିଥାଏ । ଅର୍ଥାତ୍ ଗୋଟିଏ ଏକକ, ଗୋଟିଏ ଅଧ୍ୟୟନ । ଏହା ତଥ୍ୟ ପ୍ରଦାନକାରୀଙ୍କୁ ତଥ୍ୟର ଏକ ଉତ୍ସଭାବରେ ଗ୍ରହଣ ନକରି ଜଣେ ଜ୍ଞାନୀ ବ୍ୟକ୍ତି ଭାବରେ ଗ୍ରହଣ କରିଥାଏ ।
- ଏହା ଏକ ନିଦର୍ଶନ ସ୍ୱରୂପ ପ୍ରସଙ୍ଗକୁ ଅଧ୍ୟୟନ କରିଥାଏ ।

**ଲକ୍ଷଣ (Principles) :**

ପ୍ରସଙ୍ଗ ବିଶ୍ଳେଷଣର ନିମ୍ନଲିଖିତ ଲକ୍ଷଣ ଗୁଡ଼ିକ ଦେଖିବାକୁ ମିଳେ ।

- **ଏକାଧିକ ଉତ୍ସର ବ୍ୟବହାର :-** ତଥ୍ୟ ସଂଗ୍ରହରେ ଗୋଟିଏ ମାତ୍ର ଉତ୍ସର ବ୍ୟବହାର ସାମାନ୍ୟକରଣ ବା ସାଧାରଣ ନିୟମ କରଣ ନିମନ୍ତ ଯଥେଷ୍ଟ ପରିମାଣର ପ୍ରମାଣ ପ୍ରଦାନ କରିପାରେ ନାହିଁ । କିନ୍ତୁ ବିଭିନ୍ନ ସୂତ୍ରରୁ ତଥ୍ୟ ସଂଗ୍ରହ (ଯଥା- ସାକ୍ଷାତ୍କାର, ପର୍ଯ୍ୟବେକ୍ଷଣ, ଦଲିଲ ବା ଦସ୍ତାବିଜ୍‌ର ବିଶ୍ଳେଷଣ ଇତ୍ୟାଦି) ପ୍ରସଙ୍ଗ ବିଶ୍ଳେଷଣର ଶକ୍ତି ବୃଦ୍ଧି କରେ ବୋଲି ବିବେଚନା କରାଯାଏ,କାରଣ ଏହା ଅନୁସନ୍ଧାନଲବ୍ଧ ଫଳାଫଳର ବିଶ୍ୱାସନୀୟତା ଓ ଯଥାର୍ଥତା ବୃଦ୍ଧି କରିବାରେ ସହାୟକ ହୋଇଥାଏ ।
- **ଶୃଙ୍ଖଳାବଦ୍ଧ ପ୍ରମାଣ ତାଲିକା:-** ପ୍ରସଙ୍ଗ ବିଶ୍ଳେଷଣରେ ନିର୍ଦ୍ଦିଷ୍ଟ ପ୍ରମାଣକୁ ଆଧାର କରି ସିଦ୍ଧାନ୍ତ ନିର୍ଦ୍ଧାରଣ କରାଯାଇ ନଥାଏ । ଯେପରିକି କୌଣସି ଏକ ଫୌଜଦାରୀ ମାମଲାରେ କେବଳ

ଅପରାଧୀ ବିଜ୍ଞାନୀଙ୍କ ଦ୍ୱାରା ଅନୁସନ୍ଧାନ କରି କୋର୍ଟକୁ ତଥ୍ୟ ପ୍ରଦାନ କରାଯାଇ ନଥାଏ । ଏହି ତଥ୍ୟକୁ କିଛିଦିନ ପାଇଁ ସଂରକ୍ଷିତ କରି ରଖାଯାଇଥାଏ । ଏହାଦ୍ୱାରା ପରୀକ୍ଷକମାନେ ଏହି ତଥ୍ୟର ଉତ୍ସ ଓ ପ୍ରମାଣକୁ ଯାଞ୍ଚ କରିବା ନିମନ୍ତେ ସକ୍ଷମ ହୋଇ ପାରନ୍ତି ।

- **ତଥ୍ୟର ଲିପିବଦ୍ଧକରଣ:-** ପର୍ଯ୍ୟବେକ୍ଷଣ ଓ ସାକ୍ଷାତ୍‌କାର ମାଧ୍ୟମରେ ସଂଗୃହୀତ ତଥ୍ୟ ଗୁଡିକୁ ସ୍ଥଳ ବିଶେଷରେ ଲିଖିତ ଆକାରରେ ବିବରଣ କରାଯାଇ ପାରିବ କିମ୍ବା ଏଗୁଡିକୁ ସଂପୂର୍ଣ୍ଣ ଭାବରେ ଟେପ୍ ରେକର୍ଡର ସାହାଯ୍ୟରେ ରେକର୍ଡ କରାଯାଇ ପାରିବ । ଯଦି ପର୍ଯ୍ୟବେକ୍ଷଣ କିମ୍ବା ସାକ୍ଷାତ୍‌କାର ସମୟରେ ଅଳ୍ପ କିଛି ତଥ୍ୟ ଟିପି ରଖାଯାଏ, ସେଗୁଡିକୁ ପରବର୍ତ୍ତୀ ସମୟରେ ଯଥାସମ୍ଭବ ସଂପୂର୍ଣ୍ଣ ଆକାରରେ ଲିପିବଦ୍ଧ କରିବାକୁ ପଡ଼େ ।

## ୩.୭.୨ ପ୍ରସଙ୍ଗ ବିଶ୍ଳେଷଣର ଉଦ୍ଦେଶ୍ୟ

ବର୍ଣ୍ଣସ (Burns), ୨୦୦୦: ୪୬୦ -୬୧ ପ୍ରସଙ୍ଗ ବିଶ୍ଳେଷଣର ନିମ୍ନଲିଖିତ ଉଦ୍ଦେଶ୍ୟ ଗୁଡିକ ନିର୍ଦ୍ଧାରଣ କରିଛନ୍ତି ।

- ଏହାକୁ ବୃହତ୍ ଆକାରର ଅନୁସନ୍ଧାନରେ ପ୍ରାଥମିକ ଉପାଦାନ ହିସାବରେ ବ୍ୟବହାର କରାଯାଇଥାଏ। କାରଣ ନିଷ୍ପାପର ଅନୁସନ୍ଧାନ ଆବଶ୍ୟକ କରୁଥିବା ପରିବର୍ତ୍ତନଶୀଳ ବସ୍ତୁ, ପ୍ରକ୍ରିୟା ଓ ସଂପର୍କକୁ ଏହା ଲୋକ ଲୋଚନକୁ ଆଣିଥାଏ । ଏହି ଦୃଷ୍ଟିରୁ ଦେଖିବାକୁ ଗଲେ ଭବିଷ୍ୟତ ଗବେଷଣାର ପରିକଳ୍ପନା ନିମନ୍ତେ ଏହାକୁ ଏକ ଉତ୍ସ ହିସାବରେ ଗ୍ରହଣ କରାଯାଇଥାଏ।

- ବୃହତ୍ ଆକାରର ଜନସଂଖ୍ୟା ସଂପର୍କରେ ସିଦ୍ଧାନ୍ତ ନିରୂପଣକୁ ଆଖି ଆଗରେ ରଖି କୌଣସି ପ୍ରସଙ୍ଗରେ ଗଭୀର ଭାବରେ ପରୀକ୍ଷା ନିରୀକ୍ଷା କରିବା ଓ ଏହାକୁ ପ୍ରଗାଢତାର ସହ ବିଶ୍ଳେଷଣ କରିବା ନିମନ୍ତେ ଗବେଷଣାତ୍ମକ ଅଧ୍ୟୟନ କରାଯାଇଥାଏ ।

- ସାଧାରଣ ସିଦ୍ଧାନ୍ତକୁ ଅଧିକରୁ ଅଧିକ ବ୍ୟାଖ୍ୟା କରୁଥିବା କାହାଣୀ ଭଳି କଥିତ ବା ଲିଖିତ ପ୍ରମାଣକୁ ହାସଲ କରିବା ନିମନ୍ତେ ପ୍ରସଙ୍ଗ ବିଶ୍ଳେଷଣ ପଦ୍ଧତି ଗ୍ରହଣ କରାଯାଇଥାଏ ।

- ଏକ ସାର୍ବଜନୀନ ସାମାନ୍ୟକରଣ ବା ନିୟମକୁ ଖଣ୍ଡନ କରିବା ନିମନ୍ତେ ପ୍ରସଙ୍ଗ ବିଶ୍ଳେଷଣ କରାଯାଇଥାଏ । ତତ୍ତ୍ୱ ସୃଷ୍ଟି କରିବା ନିମନ୍ତେ ଗୋଟିଏ ମାତ୍ର ଘଟଣାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିପାରେ ଓ ଏହି କ୍ଷେତ୍ରରେ ଭବିଷ୍ୟତରେ ଗବେଷଣା ନିମନ୍ତେ ଏହା ପଥ ପ୍ରଦର୍ଶନ କରିପାରେ।

- ନିଜ ଅଧିକାର ବଳରେ ଏହାକୁ ଏକ ନିଦର୍ଶନ ସ୍ୱରୂପ ଓ ଉତ୍ସାହ ପ୍ରଦ ପ୍ରସଙ୍ଗ ଭାବରେ ବ୍ୟବହାର କରାଯାଇପାରେ ।

ବର୍ଜରଏଟାଲ (Bergeretal, ୧୯୮୯)ଙ୍କ ମତରେ ପ୍ରସଙ୍ଗ ବିଶ୍ଳେଷଣ ପଦ୍ଧତିକୁ ଉପଯୋଗ କରିବା ପଛରେ ବିଭିନ୍ନ କାରଣ ରହିଛି । ଯଥା-

- ଗବେଷଣା କରାଯାଉଥିବା ପ୍ରସଙ୍ଗର ଗଠନ ପ୍ରଣାଳୀ, ପ୍ରକ୍ରିୟା ଓ ଜଟିଳତା ସଂପର୍କରେ ସଂପୂର୍ଣ୍ଣ ବିବରଣୀ ହାସଲ କରିବା ନିମନ୍ତେ ଏହାକୁ ଉପଯୋଗ କରାଯାଇଥାଏ ।
- ସିଦ୍ଧାନ୍ତ ନିରୂପଣ କରିବା ।
- ପରିବର୍ତ୍ତନଶୀଳ ବସ୍ତୁଗୁଡିକୁ ପରିକଳ୍ପନା ଓ କାର୍ଯ୍ୟକ୍ଷମ କରିବା ।
- ପରିମାଣାତ୍ମକ ସିଦ୍ଧାନ୍ତକୁ ସଂପ୍ରସାରିତ କରିବା ।
- ପରିମାଣାତ୍ମକ ଅଧ୍ୟୟନର ସତ୍ୟତା ବା ବାସ୍ତବତାକୁ ପରିକ୍ଷା କରିବା ।

## ୩.୭.୩ ପ୍ରସଙ୍ଗ ବିଶ୍ଳେଷଣର ପ୍ରକାର ଭେଦ

ବର୍ଣ୍ଣସ (Burns, 2000) ଛଅ ପ୍ରକାରର ପ୍ରସଙ୍ଗ ବିଶ୍ଳେଷଣ ସଂପର୍କରେ ମତ ଦିଅନ୍ତି ।

୧. **ଐତିହାସିକ ଘଟଣା ବିଶ୍ଳେଷଣ (Historical case- study):** ଏହି ପ୍ରକାର ଅଧ୍ୟୟନ ବା ଅନୁଶୀଳନ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କୌଣସି ଏକ ସଂଗଠନ ବା ବ୍ୟବସ୍ଥାର କ୍ରମ ବିକାଶକୁ ଚିହ୍ନଟ କରେ । ବାଲ୍ୟାବସ୍ଥାରୁ କୈଶୋର ଅବସ୍ଥାଦେଇ ଯୁବକ ଅବସ୍ଥା ପର୍ଯ୍ୟନ୍ତ ଜଣେ ବୟସ୍କ ଅପରାଧିକୁ ଅଧ୍ୟୟନ କରିବା ଏହି ଧରଣର ଅଧ୍ୟୟନର ଏକ ଜ୍ୱଳନ୍ତ ଉଦାହରଣ । ଏହି ପ୍ରକାର ଅଧ୍ୟୟନ ସଂପର୍କରେ ସାକ୍ଷାତ୍କାର, ରେକର୍ଡିଂ ଓ ଲିଖିତ ଦଲିଲ ଉପରେ ଅଧିକ ଭାବରେ ନିର୍ଭର କରେ ।

୨. **ପର୍ଯ୍ୟବେକ୍ଷଣୀୟ ପ୍ରସଙ୍ଗ ବିଶ୍ଳେଷଣ (observational case- study):** ଏହି ପ୍ରକାର ଅଧ୍ୟୟନ ଜଣେ ମଦ୍ୟପ, ଶିକ୍ଷକ, ସଂଗଠନର ନେତା, କିଛି କାର୍ଯ୍ୟକଳାପ, ଘଟଣା ଅଥବା କୌଣସି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ବ୍ୟକ୍ତିଙ୍କୁ ପର୍ଯ୍ୟବେକ୍ଷଣ କରିବା ଉପରେ ଗୁରୁତ୍ୱ ଆରୋପ କରିଥାଏ । ଅତଏବ, ଏହି ପ୍ରକାର ଅଧ୍ୟୟନରେ ଗବେଷକମାନେ ସଂପୂର୍ଣ୍ଣ ଅଂଶ ଗ୍ରହଣକାରୀ ବା ସଂପୂର୍ଣ୍ଣ ପର୍ଯ୍ୟବେକ୍ଷକ ହୋଇନଥାଆନ୍ତି ।

୩. **ମୌଖିକ ଇତିହାସର ପ୍ରସଙ୍ଗ ବିଶ୍ଳେଷଣ (Oral History Case- Study):** ଏହି ପ୍ରକାର ଅନୁଶୀଳନ ସାଧାରଣତଃ ଏକ ବ୍ୟକ୍ତିର ବ୍ୟାଖ୍ୟା ସହସମାନ। ଏଗୁଡିକୁ ଗବେଷକ ଜଣେ ମାତ୍ର ବ୍ୟକ୍ତି ପାଖରୁ ବିସ୍ତୃତ ସାକ୍ଷାତ୍କାର ମାଧ୍ୟମରେ ସଂଗ୍ରହ କରି ଥାଆନ୍ତି, ଉଦାହରଣ ସ୍ୱରୂପ- ନିଶାଦ୍ରବ୍ୟ ବା ମଦ୍ୟ ସେବନକାରୀ ବା ବେଶ୍ୟା କିମ୍ୱା ପରିବାର ମଧ୍ୟରେ, ନିଜପୁଅ ସହିତ ଖାପଖୁଆଇ ଚଳିପାରୁନଥିବା ଜଣେ ଅବସରପ୍ରାପ୍ତ କର୍ମଚାରୀ । ଏହି ତତ୍ତ୍ୱର ବ୍ୟବହାର ମୁଖ୍ୟତଃ ତଥ୍ୟ ପ୍ରଦାନକାରୀ ବା ଉତ୍ତରଦାତାଙ୍କ ପ୍ରକୃତି ଓ ସହଯୋଗ ଉପରେ ନିର୍ଭର କରେ।

୪. **ଘଟଣା ଭିତ୍ତିକ ପ୍ରସଙ୍ଗ ବିଶ୍ଳେଷଣ (Situational Case- Study):** ଏହି ପ୍ରକାର ଅଧ୍ୟୟନରେ ଏକ ନିର୍ଦ୍ଦିଷ୍ଟ ଘଟଣାକୁ ଅନୁଶୀଳନ କରାଯାଇଥାଏ । ଘଟଣା ସହିତ ସଂପୃକ୍ତ ସମସ୍ତ ବ୍ୟକ୍ତି ବିଶେଷଙ୍କର ମତାମତ ସଂଗ୍ରହ କରାଯାଇଥାଏ । ସାଂପ୍ରଦାୟିକ ଦଙ୍ଗାକୁ ଉଦାହରଣ ଭାବରେ ଗ୍ରହଣ କରାଯାଇପାରେ । ଦୁଇଟି ଭିନ୍ନ ଭିନ୍ନ ସାଂପ୍ରଦାୟିକ ଗୋଷ୍ଠୀର ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ କିପରି ଗଣ୍ଡଗୋଳର ସୂତ୍ରପାତ ହେଲା, ଦୁଇଜଣ ଯାକ ବ୍ୟକ୍ତି ଘଟଣା ସ୍ଥଳରେ ଉପସ୍ଥିତ ଥିବା ନିଜ ଧାର୍ମିକ ସଂପ୍ରଦାୟର ବ୍ୟକ୍ତି ମାନଙ୍କର କିପରି ସାହାଯ୍ୟ ନେଲେ, ପୁଲିସ୍‌କୁ କିପରି ଖବର ଦିଆଗଲା, ପୁଲିସ୍ କିପରି ଗୋଟିଏ ନିର୍ଦ୍ଦିଷ୍ଟ ଧାର୍ମିକ ଗୋଷ୍ଠୀର ବ୍ୟକ୍ତିଙ୍କୁ ଗିରଫ କଲା, କ୍ଷମତାସୀନ ବ୍ୟକ୍ତିମାନେ ଏହି ଘଟଣାରେ ହସ୍ତକ୍ଷେପ କରି କିପରି ପୁଲିସ ଉପରେ ଚାପ ପ୍ରୟୋଗ କଲେ, ସାଧାରଣ ଜନତା ଓ ଗଣ ମାଧ୍ୟମ ଏହି ଘଟଣାରେ କିପରି ପ୍ରତିକ୍ରିୟା ପ୍ରକାଶ କଲେ ଓ ଏହିଭଳି ଆହୁରି ଅନେକ ପ୍ରଶ୍ନ । ସମସ୍ତ ମତାମତ ବା ଉତ୍ତରକୁ ଏକତ୍ର କରି ସାରିବା ପରେ ପୂରା ଘଟଣାକୁ ଅତ୍ୟନ୍ତ ଗଭୀରଭାବରେ ବୁଝି ହୋଇଯାଏ ।

୫. **ବ୍ୟକ୍ତିଗତ ଅବସ୍ଥାର ବିଶ୍ଳେଷଣ (Clinical Case- Studies) :** ଏହି ପ୍ରକାର ଅଧ୍ୟୟନ କୌଣସି ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷଙ୍କ ସଂପର୍କରେ ଅନୁଶୀଳନ କରିବା ନିମନ୍ତେ ଲକ୍ଷ୍ୟ ରଖିଥାଏ । ଉଦାହରଣ ସ୍ୱରୂପ, ଡାକ୍ତରଖାନାର ଜଣେ ରୋଗୀ, କାରାଗାରର ଜଣେ କଏଦୀ, ଆଶ୍ରୟ ଗୃହରେ ଥିବା ଜଣେ ମହିଳା, ବିଦ୍ୟାଳୟରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ଜଣେ ଶିଶୁ ଇତ୍ୟାଦି। ସଂପୂର୍ଣ୍ଣ ସାକ୍ଷାତ୍କାର, ପର୍ଯ୍ୟବେକ୍ଷଣ, ଦଲିଲ ବା ଦସ୍ତାବିଦ୍ ଓ ବିବରଣୀର ସହାୟତା ନେଇ ଏହି ପ୍ରକାରର ଅନୁଶୀଳନ କରାଯାଇଥାଏ ।

୬. **ବହୁମୁଖୀ ପ୍ରସଙ୍ଗ ବିଶ୍ଳେଷଣ (Multi- Case Studies):** ଏହି ଅଧ୍ୟୟନ ହେଉଛି ଏକାଧିକ ଅଧ୍ୟୟନର ସମାହାର । ଏହାକୁ ଏକ ପ୍ରକାର ପୁନାରାବୃତ୍ତି କୁହାଯାଇପାରିବ। ଅର୍ଥାତ୍ ଏଥିରେ ସମାନ ଧରଣର ପରୀକ୍ଷା ନିରୀକ୍ଷା ବାରମ୍ୱାର କରାଯାଇଥାଏ । ଉଦାହରଣ ସ୍ୱରୂପ ଆମେ ତିନୋଟି ପ୍ରସଙ୍ଗର ବିଶ୍ଳେଷଣାତ୍ମକ ଅଧ୍ୟୟନକୁ ନେଇ ସେଗୁଡିକୁ ବାରମ୍ୱାର ସମାନ

ଢଙ୍ଗରେ ପରୀକ୍ଷା ନିରୀକ୍ଷା କରିବା । ପ୍ରତ୍ୟେକ ପ୍ରସଙ୍ଗ ବିପରୀତ ଫଳାଫଳ ପ୍ରଦାନ କରିବ ଅଥବା ସମାନ ଫଳାଫଳ ପ୍ରଦାନ କରିବ । ଫଳାଫଳ ପ୍ରାରମ୍ଭିକ ସିଦ୍ଧାନ୍ତକୁ ସମର୍ଥନ କରିବ ଅଥବା ଏଥିରେ ପରିବର୍ତ୍ତନ କରିବା ପାଇଁ ପୁନଃ ପରୀକ୍ଷାକୁ ଆହ୍ୱାନ କରିବ । ବହୁମୁଖୀ ଅନୁଶୀଳନ ଲବ୍‌ଧ ପ୍ରମାଣ ଅଧିକ ଭାବରେ ବାଧ୍ୟତାମୂଳକ ହୋଇଥାଏ । ଯାହା ହେଉନା କାହିଁକି, ଏହି ତତ୍ତ୍ୱ ଅଧିକ ସମୟ ଓ ଉଦ୍ୟମ ଆବଶ୍ୟକ କରିଥାଏ ।

ଉପଯୋଗକୁ ଭିତ୍ତିକରି ଏକଷ୍ଟେନ୍ (Eckstein,1975) ପ୍ରସଙ୍ଗ ବିଶ୍ଳେଷଣକୁ ପାଞ୍ଚୋଟି ଭାଗରେ ବିଭକ୍ତ କରନ୍ତି ।

୧. **ବହିରାକୃତି ବା ସାଂକେତିକ ପ୍ରସଙ୍ଗ ବିଶ୍ଳେଷଣ (Configurative / Ideograptic Case- Study):** ଏହି ପ୍ରକାର ପ୍ରସଙ୍ଗ ବିଶ୍ଳେଷଣ ସ୍ୱଷ୍ଟ ଧାରଣା ବା ଜ୍ଞାନ ଦେବା ନିମନ୍ତେ ବ୍ୟାଖ୍ୟାକୁ ବ୍ୟବହାର କରିଥାଏ । ବହିରାକୃତି ଉପାଦାନ ଗୁଡିକ ଅନୁସନ୍ଧାନ କରାଯାଉଥିବା ଏକକ ଗୁଡିକର ରୂପରେଖ ପ୍ରଦାନ କରିଥାଏ । ସାଂକେତିକ ଉପାଦାନ ଗୁଡିକ ସତ୍ୟକୁ ପ୍ରତିପାଦନ କରିବା ନିମନ୍ତେ କିମ୍ବା ଅନ୍ତଃ ଲବ୍‌ଧ ଜ୍ଞାନ ନିମନ୍ତେ ସୁଯୋଗ ପ୍ରଦାନ କରିଥାଏ । ଏହି ପ୍ରକାର ଅନୁଶୀଳନର ଗଭୀରତା ଦୃଷ୍ଟିକୋଣରୁ ଯଥାର୍ଥ ବୋଧ ହୁଏ । ଏହି ପ୍ରକାର ପ୍ରସଙ୍ଗ ବିଶ୍ଳେଷଣରେ କେତେକ ଦୋଷ ଦୁର୍ବଳତା ଥାଏ । ଏହି ପ୍ରକାର ଅନୁଶୀଳନରୁ ଲବ୍‌ଧ ଜ୍ଞାନକୁ ତତ୍ତ୍ୱ ସୃଷ୍ଟି କରିବା ପାଇଁ ବ୍ୟବହାର କରାଯାଇ ପାରିବ ନାହିଁ, ବାସ୍ତବରେ ଏହି ଧରଣର ଅନୁଶୀଳନ ଏହି ଉଦ୍ଦେଶ୍ୟ ନିମନ୍ତେ ଉଦ୍ଦିଷ୍ଟ ହୋଇ ନଥାଏ ।

୨. **ଶୃଙ୍ଖଳିତ ତୁଳନାତ୍ମକ ପ୍ରସଙ୍ଗ ବିଶ୍ଳେଷଣ (Disciplined – Comparative Case- Study)** : ଏହି ପ୍ରକାର ଅନୁଶୀଳନରେ ପ୍ରତ୍ୟେକ ପ୍ରସଙ୍ଗକୁ ଏକ ପ୍ରତିଷ୍ଠିତ ବା ଅସ୍ଥାୟୀ ତତ୍ତ୍ୱ ପରିପ୍ରେକ୍ଷୀରେ ପ୍ରଦର୍ଶିତ କରାଯାଇଥାଏ । ଆଦର୍ଶଗତ ଭାବରେ ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗର ବିଶ୍ଳେଷଣରୁ ମିଳୁଥିବା ସିଦ୍ଧାନ୍ତ ଏହିଭଳି ଏକ ତତ୍ତ୍ୱ ଅବରୋହଣ କରିବା ନିମନ୍ତେ ଯୋଗ୍ୟତା ହାସଲ କରୁଥିବା ଆବଶ୍ୟକ କିମ୍ବା ତାକୁ ବିରୋଧ କରିବା ନିମନ୍ତେ ଏହାକୁ ବ୍ୟବହାର କରାଯାଇପାରିବ । ଉଦାହରଣ ସ୍ୱରୂପ, ଜଣେ ଅପରାଧିର ପ୍ରସଙ୍ଗ ବିଶ୍ଳେଷଣକୁ ତର୍ଜମା କରାଯାଉ ଓ ଏହାକୁ ଅପରାଧର କାରଣ ସଂପର୍କିତ ସୁନ୍ଦର ଲ୍ୟାଣ୍ଡଙ୍କ ତତ୍ତ୍ୱ (Sunder Land Theory) ଆଧାରରେ ବିଶ୍ଳେଷଣ କରାଯାଉ । ସେହି ନିର୍ଦ୍ଦିଷ୍ଟ ଅପରାଧି ଅନ୍ୟାନ୍ୟ ଅପରାଧୀମାନଙ୍କ ସଂସ୍ପର୍ଶରେ ଆସି ଅପରାଧୀରେ ପରିଣତ ହୋଇଗଲା ଓ ଅପରାଧ ଘଟାଇବାର କୌଶଳ ସେ ସେମାନଙ୍କ ପାଖରୁ ଶିଖିଗଲା ।

**୩. ଉଦ୍‌ଭାବନାମୁଖୀ ପ୍ରସଙ୍ଗ ବିଶ୍ଳେଷଣ (Heristic case study):** ଏହି ପ୍ରକାର ପ୍ରସଙ୍ଗ ବିଶ୍ଳେଷଣ ତାତ୍ତ୍ୱିକ ଭାବନାକୁ ଉତ୍ସାହିତ କରେ । ବହିରାକୃତି ଓ ସାଂକେତିକ ପ୍ରସଙ୍ଗ ବିଶ୍ଳେଷଣ ଭଳି ଏହି ଅଧ୍ୟୟନ ତତ୍ତ୍ୱ ସୃଷ୍ଟି ନିମନ୍ତେ ବ୍ୟବହୃତ ହୋଇଥାଏ । ଏଣୁ ବ୍ୟକ୍ତି ବିଶେଷ ଓ ଘଟଣା ଇତ୍ୟାଦିର ସାମଗ୍ରିକ ବ୍ୟାଖ୍ୟା ସହିତ ଏହା ଖୁବ୍ କମ୍ ପରିମାଣରେ ଜଡିତ ଥାଏ । ଅନ୍ୟ ପକ୍ଷରେ ଏହା ସାଧାରଣ ସଂପର୍କ ସହିତ ସଂପୃକ୍ତ ହୋଇଥାଏ । କିନ୍ତୁ ଉଦ୍‌ଭାବନାମୁଖୀ ବିଶ୍ଳେଷଣ ତାତ୍ତ୍ୱିକ ସିଦ୍ଧାନ୍ତ ନିମନ୍ତେ କୌଣସି ପ୍ରତିଶ୍ରୁତି ରଖେ ନାହିଁ ।

**୪. ଲୋକପ୍ରିୟତା ପରୀକ୍ଷା ବିଶ୍ଳେଷଣ (Plausibility Probes Case Study) :** ଏହି ପ୍ରକାର ବିଶ୍ଳେଷଣ କୌଣସି ଏକ ତତ୍ତ୍ୱର ବିକାଶ ଓ ଏହାର ପରୀକ୍ଷାର ମଧ୍ୟବର୍ତ୍ତୀ ସ୍ତରରେ ବ୍ୟବହୃତ ହୋଇଥାଏ । କୌଣସି ଏକ ତତ୍ତ୍ୱ ବିକାଶ ଲାଭ କରି ସାରିବା ପରେ ଏହା ଗ୍ରହଣୀୟ କି ନୁହେଁ, ତାକୁ ପରୀକ୍ଷା କରିବା ପାଇଁ ଏହା ଉଦ୍ୟମ କରିଥାଏ ।

**୫. ନିର୍ଣ୍ଣାୟକ ପ୍ରସଙ୍ଗ ବିଶ୍ଳେଷଣ (Crucial Case Study):** ପ୍ରଚଳିତ ତଥ୍ୟକୁ ପ୍ରତିହତ କରିବା ନିମନ୍ତେ ଏହି ପ୍ରକାର ପ୍ରସଙ୍ଗ ବିଶ୍ଳେଷଣର ପରିକଳ୍ପନା କରାଯାଇଥାଏ ।

## ୩.୭.୪ ପ୍ରସଙ୍ଗ ବିଶ୍ଳେଷଣ ନିମନ୍ତେ ତଥ୍ୟ ସଂଗ୍ରହର ଉତ୍ସ

ପ୍ରାଥମିକ ତଥ୍ୟ ସଂଗ୍ରହର ଦୁଇଟି ଉତ୍ସ ହେଉଛି ସାକ୍ଷାତ୍‌କାର ଓ ପର୍ଯ୍ୟବେକ୍ଷଣ । ଅନ୍ୟପକ୍ଷରେ ଦ୍ୱିତୀୟ ସ୍ତରର ତଥ୍ୟ ଗୁଡିକ ବିଭିନ୍ନ ସୂତ୍ରରୁ ସଂଗୃହୀତ ହୋଇଥାଏ । ସେଗୁଡ଼ିକ ହେଲା – ବିବରଣୀ, ଦଲିଲ୍, ଦସ୍ତାବିଦ୍, ଖବର କାଗଜ, ପତ୍ର ପତ୍ରିକା, ପୁସ୍ତକ, ଫାଇଲ, ଦୈନନ୍ଦିନ ପୁସ୍ତିକା ଇତ୍ୟାଦି । ଦ୍ୱିତୀୟକ ତଥ୍ୟଗୁଡ଼ିକ ସଠିକ ହୋଇ ନ ପାରେ । ଏଗୁଡ଼ିକ ପକ୍ଷପାତିତାପୂର୍ଣ୍ଣ ବା ବିଭ୍ରାନ୍ତିକର ହୋଇପାରେ । ସାଧାରଣତଃ ଅନୁସନ୍ଧାନକାରୀମାନେ ଅଣ-ବ୍ୟବସ୍ଥିତ ସାକ୍ଷାତ୍‌କାର ପଦ୍ଧତିକୁ ଅନୁସରଣ କରିଥାଆନ୍ତି । ଏଥିରେ ଆଳାପ ଆଲୋଚନା ମଧ୍ୟରେ ଖୋଲାଖୋଲି ଭାବରେ ପ୍ରଶ୍ନ ପଚରାଯାଇଥାଏ । ବେଳେବେଳେ ପ୍ରସଙ୍ଗ ବିଶ୍ଳେଷଣର ଏକ ଅଂଶ ବିଶେଷ ଭାବରେ ବ୍ୟବସ୍ଥିତ ସାକ୍ଷାତ୍‌କାରକୁ ବ୍ୟବହାର କରାଯାଇଥାଏ ।

ତଥ୍ୟ ସଂଗ୍ରହ ନିମନ୍ତେ ବ୍ୟବହୃତ ହେଉଥିବା ପର୍ଯ୍ୟବେକ୍ଷଣ ପଦ୍ଧତି ସହଭାଗୀ ହୋଇ ପାରିବ (ଏ ବିଷୟରେ ଆଗରୁ ୧୦ମ ଅଧ୍ୟାୟରେ ଆଲୋଚିତ ହୋଇଛି) । ଦ୍ୱିତୀୟଟି ଅର୍ଥାତ୍ ଅଣ-ସହଭାଗୀ ପର୍ଯ୍ୟବେକ୍ଷଣ ପଦ୍ଧତି ଭାରତୀୟ ସମାଜବିଜ୍ଞାନୀ ଯଥା - ଏମ୍.ଏନ୍.ଶ୍ରୀନିବାସ ସଚ୍ଚିଦାନନ୍ଦ, ଏଲ୍.ପି. ବିଦ୍ୟାର୍ଥୀ ଇତ୍ୟାଦିଙ୍କ ଦ୍ୱାରା ବହୁଳ ଭାବରେ ବ୍ୟବହୃତ ହୋଇଛି । କେତେକ ପ୍ରସଙ୍ଗ ନିମନ୍ତେ ଅଣ-ସହଭାଗୀ ପର୍ଯ୍ୟବେକ୍ଷଣ ଅଧିକ ଉପଯୁକ୍ତ । ଜଣେ ବାହ୍ୟ ବ୍ୟକ୍ତି ହିସାବରେ ଉଭୟ ପଦ୍ଧତି ଅନୁସନ୍ଧାନକାରୀଙ୍କୁ ସତ୍ୟ ଉପଲବ୍ଧି କରିବା ନିମନ୍ତେ ସୁଯୋଗ ପ୍ରଦାନ କରି ଥାଆନ୍ତି । ଉଦାହରଣ ସ୍ୱରୂପ, ପରିବାର

ମଧ୍ୟରେ ସ୍ୱାମୀ- ସ୍ତ୍ରୀ ମଧ୍ୟରେ ଝଗଡା, ଶ୍ରେଣୀ କକ୍ଷରେ ଛାତ୍ର ଛାତ୍ରୀମାନଙ୍କର ବ୍ୟବହାର, ଶ୍ରମିକ ସଂଗଠନ ସମାବେଶରେ ଶ୍ରମିକମାନଙ୍କର ବ୍ୟବହାର, କୌଣସି କାର୍ଯ୍ୟାଳୟ ମଧ୍ୟରେ କିରାଣୀଙ୍କ ବ୍ୟବହାର ଇତ୍ୟାଦିକୁ ପର୍ଯ୍ୟବେକ୍ଷଣ କରିବା । ଏହି ସବୁ ପର୍ଯ୍ୟବେକ୍ଷଣ ଆକସ୍ମିକ ବା ଧାରାବାହିକ ହୋଇପାରେ ।

ବିଭିନ୍ନ ସୂତ୍ରରୁ ତଥ୍ୟ ସଂଗ୍ରହ ନିମନ୍ତେ ଅନୁସନ୍ଧାନକାରୀଙ୍କ ପାଖରେ ନିମ୍ନ ଲିଖିତ କୌଶଳ ଗୁଡିକ ରହିଥିବା ଆବଶ୍ୟକ ।

- ଉତ୍ତର ଦାତାଙ୍କ ଠାରୁ ସଂପୂର୍ଣ୍ଣ ତଥ୍ୟ ହାସଲ ନିମନ୍ତେ ସଠିକ୍ ଓ ଯୁକ୍ତିଯୁକ୍ତ ପ୍ରଶ୍ନ ପ୍ରସ୍ତୁତ କରିବାକୁ ସେ ସକ୍ଷମ ହୋଇଥିବା ଆବଶ୍ୟକ । ବେଳେବେଳେ ଆଶାତୀତ ଉତ୍ତର ଅନୁସନ୍ଧାନକାରୀଙ୍କୁ ଚିନ୍ତାଗ୍ରସ୍ତ କରିଥାଏ ।
- ସେ ଜଣେ ସୁଶ୍ରୋତା ହେବା ଆବଶ୍ୟକ। ସେ ଉତ୍ତରଦାତାଙ୍କ ରହସ୍ୟ ଉଦ୍‌ଘାଟନର ସମସ୍ତ ଖିଅ, ଦୃଷ୍ଟିଭଙ୍ଗୀ ଓ ବ୍ୟବହୃତ ଶବ୍ଦପ୍ରତି ଧ୍ୟାନ ଦେବା ଆବଶ୍ୟକ।
- ସେ ନରମ ସ୍ୱଭାବ ସମ୍ପନ୍ନ ହେବା ସହ ଆବଶ୍ୟକତା ଅନୁଯାୟୀ ପରିବର୍ତ୍ତନ ସାପେକ୍ଷ ହେବା ଆବଶ୍ୟକ। କାରଣ ସବୁବେଳେ ପୂର୍ବ ଯୋଜନାନୁଯାୟୀ ତଥ୍ୟ ସଂଗ୍ରହ ସଠିକ୍ ଢଙ୍ଗରେ ଗତିଶୀଳ ହୋଇ ନଥାଏ । ବେଳେବେଳେ ତଦନ୍ତ ବା ଅନୁସନ୍ଧାନର କେନ୍ଦ୍ର ବିନ୍ଦୁରେ ସାମାନ୍ୟ ପରିବର୍ତ୍ତନ ଘଟିଥାଏ ।
- ଉତ୍ତରଦାତାଙ୍କର ଦୃଷ୍ଟିଭଙ୍ଗୀକୁ ଆଖି ଆଗାରେ ରଖି ସେ ତଥ୍ୟ ହାସଲ କରିବାକୁ ଚେଷ୍ଟା କରିବା ଆବଶ୍ୟକ । ବେଳେବେଳେ ଗୋଟିଏ ଉତ୍ତର ସହିତ ଅନ୍ୟ ଗୋଟିଏ ଉତ୍ତରର ତାଳମେଳ ରହେନାହିଁ, ଏହି କ୍ଷେତ୍ରରେ ଅଧିକରୁ ଅଧିକ ପ୍ରମାଣର ଆବଶ୍ୟକତା ପଡିଥାଏ ।
- ତଥ୍ୟ ଗୁଡ଼ିକୁ ବିବରଣୀ କରିବାରେ ବା ବିଶ୍ଲେଷଣ କରିବାରେ ସେ ପକ୍ଷପାତିତା ଅବଲମ୍ବନ କରିବା ଉଚିତ୍ ନୁହେଁ ।

## ୩.୭.୫ ପ୍ରସଙ୍ଗ ବିଶ୍ଲେଷଣ ଓ ପର୍ଯ୍ୟବେକ୍ଷଣ ମଧ୍ୟରେ ପାର୍ଥକ୍ୟ

ବ୍ଲାକ୍ ଓ ଚମ୍ପିଅନ୍ (Black and champion), ୧୯୭୬ ଙ୍କୁ ଅନୁସରଣ କରି ଆମେ ଦୃଷ୍ଟାନ୍ତ ମାଧ୍ୟମରେ ପ୍ରସଙ୍ଗ ବିଶ୍ଲେଷଣ ଓ ସର୍ବେକ୍ଷଣ ମଧ୍ୟରେ ଥିବା ପାର୍ଥକ୍ୟ ନିର୍ଦ୍ଧାରଣ କରିପାରିବା।

**ପ୍ରସଙ୍ଗ ବିଶ୍ଲେଷଣ ନିମନ୍ତେ ଯୋଜନା:** ଗୋଟିଏ ପ୍ରସଙ୍ଗ ବିଶ୍ଲେଷଣ ନିମନ୍ତେ ପ୍ରସ୍ତୁତ ଗବେଷଣାର ରୂପରେଖର ଚରୋଟି ଉପାଦାନ ଥାଏ ।

୧. **ପ୍ରାଥମିକ ପ୍ରଶ୍ନାବଳୀର ରୂପରେଖ ପ୍ରସ୍ତୁତି:** ଏଗୁଡିକ ମଧ୍ୟରେ ରହିଛି କିଏ, କ'ଣ, କେଉଁଠାରେ, କେତେବେଳେ ଓ କିପରି ଇତ୍ୟାଦି । ଉଦାହରଣ ସ୍ୱରୂପ, ଜଣେ ନିଶାସେବନକାରୀଙ୍କ ଉପରେ କରାଯାଉଥିବା ପ୍ରସଙ୍ଗ ବିଶ୍ଳେଷଣରେ କେତେକ ନିର୍ଦ୍ଦିଷ୍ଟ ପ୍ରଶ୍ନ ପଚରାଯାଇଥାଏ । ଯଥା- କେଉଁ କେଉଁ ନିଶା ସେବନ କରନ୍ତି, ଏଗୁଡିକୁ କେତେଥର ବ୍ୟବହାର କରନ୍ତି, କେବେ ନିଶା ସେବନ ଆରମ୍ଭ ହେଲା । ନିଶାଦ୍ରବ୍ୟ ଗୁଡିକ କେଉଁଠାରେ ମିଳେ, ଦୈନିକ । ସାପ୍ତାହିକ ମାସିକ ନିଶାଦ୍ରବ୍ୟ ବାବଦରେ କେତେ ପଇସା ଖର୍ଚ୍ଚ ହୁଏ ଇତ୍ୟାଦି..... ।

୨. **ଅନୁଶୀଳନ ପ୍ରସ୍ତାବ:** ପ୍ରାଥମିକ ପ୍ରଶ୍ନଗୁଡିକ ସାଧାରଣ ବର୍ଗର ହୋଇଥିବା ବେଳେ, ନିର୍ଦ୍ଦିଷ୍ଟ ପ୍ରମାଣ ହାସଲ ନିମନ୍ତେ କେତେକ ନିର୍ଦ୍ଦିଷ୍ଟ ଧରଣର ପ୍ରଶ୍ନ ପଚାରିବାକୁ ପଡିଥାଏ । ଉପରୋକ୍ତ ଉଦାହରଣରେ କେତେକ ନିର୍ଦ୍ଦିଷ୍ଟ ପ୍ରଶ୍ନ ପ୍ରସ୍ତୁତ ହୋଇପାରିବ । ଯଥା- ଗତ ସପ୍ତାହରେ ନିଶା ସେବନକାରୀ କେଉଁ ନିଶା ସେବନ କରୁଥିଲେ ? ସେ କାହାଠାରୁ ନିଶାଦ୍ରବ୍ୟ ପାଉଥିଲେ ? ନିଶାଦ୍ରବ୍ୟ କିଣିବା ପାଇଁ ସେ କାହାଠାରୁ ପଇସା ପାଉଥିଲେ ? ଇତ୍ୟାଦି.... ।

୩. **ଏକକ ବିଶ୍ଳେଷଣ :** ଏହା ବାସ୍ତବ ପ୍ରସଙ୍ଗ ନିର୍ଦ୍ଧାରଣ ସହ ଜଡିତ । ଯଥା- ଅନୁଶୀଳନ କରିବାକୁ ଥିବା ବ୍ୟକ୍ତି, ଘଟଣା ଓ ବ୍ୟବସ୍ଥା । ଉଦାହରଣ ସ୍ୱରୂପ, ଉପରୋକ୍ତ ପ୍ରସଙ୍ଗରେ ଆମେ କୌଣସି ଏକ ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟର ନିଶାସେବନକାରୀ ଛାତ୍ରମାନଙ୍କୁ ଚିହ୍ନଟ କରିପାରିବା ଓ ଆମର ଅନୁଶୀଳନକୁ କେବଳ ସେହି ଛାତ୍ରମାନଙ୍କ ମଧ୍ୟରେ ସୀମିତ ରଖିବା ଆମେ ଅନ୍ୟ ଏକ ଉଦାହରଣ ନେବା । କୌଣସି ଏକ ନିର୍ଦ୍ଦିଷ୍ଟ ସଂସ୍ଥାରେ କାର୍ଯ୍ୟରତ ମହିଳା କର୍ମଚାରୀମାନଙ୍କର ଦ୍ୱୈତ ଭୂମିକା ଓ ସେହି ଦ୍ୱୈତ ଭୂମିକା ମଧ୍ୟରେ ସମନ୍ୱୟ ରକ୍ଷା ସଂପର୍କରେ ଆମେ ଅଧ୍ୟୟନ କରିପାରିବା । ଏହି କ୍ଷେତ୍ରରେ ଗବେଷକ ସୀମାବଦ୍ଧ ହୋଇ ରହି ଯାଆନ୍ତି । ମନଇଚ୍ଛା ଲୋକବାଛି ସେମାନଙ୍କ ପାଖରୁ ତଥ୍ୟ ସଂଗ୍ରହ ନିମନ୍ତେ ପ୍ରଲୋଭିତ ହେବେ ନାହିଁ । ଅନେକ ଗବେଷକ ଗୋଟିଏ ସଂଗଠନର ଗବେଷଣାତ୍ମକ ଅଧ୍ୟୟନକୁ ଗୋଟିଏ କ୍ଷୁଦ୍ର ଗୋଷ୍ଠୀ ଗବେଷଣାତ୍ମକ ଅଧ୍ୟୟନ ସହିତ ମିଶାଇ ଦିଅନ୍ତି । ଉପରୋକ୍ତ ଉଦାହରଣରେ ଏକ କ୍ଷୁଦ୍ର ଗୋଷ୍ଠୀର ଅନୁଶୀଳନ ବା ଅଧ୍ୟୟନ (କର୍ମଜୀବୀ ମହିଳା) କେବେହେଲେ ଗୋଟିଏ ସଂସ୍ଥା ବା ପ୍ରତିଷ୍ଠାନ (ଯଥା- ସଚିବାଳୟ ବା କାରଖାନା) ହୋଇ ପାରିବ ନାହିଁ । ଥରେ ପ୍ରସଙ୍ଗଟି ଉତ୍ଥାପନ ହୋଇଗଲେ, ବିଶ୍ଳେଷଣର ଅନ୍ୟ ଏକକ ଗୁଡିକ ସ୍ପଷ୍ଟ ବା ବୋଧଗମ୍ୟ ହୋଇଯାଏ ଯଦି ଏକକଟି ଗୋଟିଏ ଗୋଷ୍ଠୀ ହୁଏ ; ଏହି ଗୋଷ୍ଠୀରେ ଥିବା ବ୍ୟକ୍ତିମାନେ ଅନୁଶୀଳନ ପରିସରଭୁକ୍ତ ହେବେ ।

୪. ଫଳାଫଳକୁ ତର୍ଜମା କରିବା ନିମନ୍ତେ ତଥ୍ୟ ଗୁଡିକୁ ପ୍ରସଙ୍ଗ ଓ ମାନଦଣ୍ଡ ସହ ଯୋଡିବା । ଏହି କାର୍ଯ୍ୟଟି ତଥ୍ୟ ବିଶ୍ଳେଷଣ ସ୍ତର ସହିତ ସଂଯୋଗ ସ୍ଥାପନ କରେ ।

## ୩.୭.୬ ପ୍ରସଙ୍ଗ ବିଶ୍ଳେଷଣର ଉପକାରିତା

ବ୍ଲାକ୍ ଓ ଋମ୍ପିଅନ୍ ୧୯୭୬ (Black and champion,1976) ଙ୍କ ମତ ଅନୁସାରେ ପ୍ରସଙ୍ଗ ବିଶ୍ଳେଷଣର ନିମ୍ନ ଲିଖିତ ଉପକାରିତା ଦେଖିବାକୁ ମିଳେ ।

- ଏହା ଗଭୀର ଅନୁଶୀଳନକୁ ସମ୍ଭବ କରିଥାଏ ।
- ବିଭିନ୍ନ ପ୍ରକାରର ତଥ୍ୟ ସଂଗ୍ରହ ପଦ୍ଧତି ଯଥା- ପ୍ରଶ୍ନ ପତ୍ର, ସାକ୍ଷାତ୍କାର ଓ ପର୍ଯ୍ୟବେକ୍ଷଣ ଇତ୍ୟାଦିର ବ୍ୟବହାର ଦୃଷ୍ଟିକୋଣରୁ ଏହା ଖୁବ୍ ନମନୀୟ ଓ ପରିବର୍ତ୍ତନ ସାପେକ୍ଷ ଅଟେ ।
- ପ୍ରସଙ୍ଗର ଯେକୌଣସି ଦିଗକୁ ଅନୁଶୀଳନ କରିବା ନିମନ୍ତେ ଏହାକୁ ବ୍ୟବହାର କରାଯାଇ ପାରିବ । ସରଳଭାବରେ କହିବାକୁ ଗଲେ, ଏହା ଗୋଟିଏ ଦିଗକୁ ଅନୁଶୀଳନ କରି ଅନ୍ୟ ଦିଗକୁ ବାଦ ଦେଇ ପାରିବ ।
- ବାସ୍ତବ ଦୃଷ୍ଟିରୁ ଯେକୌଣସି ପ୍ରକାର ସାମାଜିକ ପ୍ରସଙ୍ଗକୁ ଏହି ପଦ୍ଧତି ମାଧ୍ୟମରେ ଅନୁଶୀଳନ କରାଯାଇ ପାରିବ ।
- ପ୍ରସଙ୍ଗ ବିଶ୍ଳେଷଣ ପଦ୍ଧତି ବ୍ୟୟ ବହୁଳ ନୁହେଁ । ୟିନ୍ (yin) ଏକକ ବିଶ୍ଳେଷଣର ନିମ୍ନଲିଖିତ ତିନୋଟି ଉପକାରିତା ସଂପର୍କରେ ମତପ୍ରକାଶ କରନ୍ତି ।
- କୌଣସି ତତ୍ତ୍ୱକୁ ସମର୍ଥନ କରିବା, ବିରୋଧ କରିବା ବା ବିସ୍ତୃତ କରିବା ନିମନ୍ତେ ଏହା ତତ୍ତ୍ୱକୁ ଗଭୀର ଭାବରେ ପରୀକ୍ଷା ନିରୀକ୍ଷା କରିଥାଏ ।
- ଉଭୟ ଭେଷଜ ମନୋବିଜ୍ଞାନ ଓ ସାମାଜିକ ବିଜ୍ଞାନରେ ଥିବା ଅସାଧାରଣ ବା ଅନ୍ୟାନ୍ୟ ପ୍ରସଙ୍ଗ ଗୁଡ଼ିକ ଅନୁଶୀଳନ କରିବାରେ ଏହା ସହାୟକ ହୁଏ । କାରଣ ଉଭୟ ବିଷୟରେ ବିଭିନ୍ନ ଗୋଷ୍ଠୀ ବା ବ୍ୟକ୍ତି ବିଶେଷଙ୍କ ସମସ୍ୟା ଇତ୍ୟାଦି ଅନୁଶୀଳନ କରିବାର ଆବଶ୍ୟକତା ପଡ଼େ । ଆଗରୁ କୌଣସି ଏକ ନିର୍ଦ୍ଦିଷ୍ଟ ଘଟଣା ଘଟି ନଥିବ, କିନ୍ତୁ କୌଣସି ଏକ ପରିସ୍ଥିତିରେ ଘଟଣାଟି ଘଟିଗଲା, ସେହିଭଳି କ୍ଷେତ୍ରରେ ଏହା ଘଟଣାଟିକୁ

ଅନୁଶୀଳନ କରିବାରେ ସାହାଯ୍ୟ କରେ । ଉଦାହରଣ ସ୍ୱରୂପ, ଉପକୂଳବର୍ତ୍ତୀ ଅଞ୍ଚଳରେ ବାତ୍ୟା କ୍ଷତିଗ୍ରସ୍ତଙ୍କ ସମସ୍ୟା ଓ ଥଇଥାନ, କୃଷକମାନଙ୍କ ନିମନ୍ତେ ଜଳ ସେଚନ କେନାଲ ପରିଚାଳନା, ପରିବେଶ ଅବକ୍ଷୟ ଇତ୍ୟାଦି ସଂପର୍କରେ ଅନୁଶୀଳନରେ ଏହା ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଥାଏ ।

- ଏକ ପ୍ରସଙ୍ଗ ବିଶ୍ଲେଷଣ ଭଳି ବହୁବିଧ ପ୍ରସଙ୍ଗ ବିଶ୍ଲେଷଣ ମଧ୍ୟ କରାଯାଇଥାଏ । ଏହି ବହୁବିଧ ବିଶ୍ଲେଷଣରେ ଏକ ସୁବିକଶିତ ତତ୍ତ୍ୱକୁ ପରୀକ୍ଷା କରିବା ନିମନ୍ତେ କ୍ରମାନ୍ୱୟରେ ଏକାଧିକ ପ୍ରସଙ୍ଗକୁ ଅନୁଶୀଳନ କରାଯାଇଥାଏ । ବହୁମୁଖୀ ପ୍ରସଙ୍ଗ ଅନୁଶୀଳନରେ କେତୋଟି ପ୍ରସଙ୍ଗକୁ ଅନୁଶୀଳନ କରାଯିବ, ତାହା ଅନୁଶୀଳନ ପରିସରଭୁକ୍ତ ସମସ୍ୟାର ପ୍ରକୃତି ଓ କେଉଁ ପରିସ୍ଥିତିରେ ଏହି ସମସ୍ୟା ସୃଷ୍ଟି ହେଲା, ତାହା ଉପରେ ନିର୍ଭର କରେ ।

## ୩.୭.୭ ପ୍ରସଙ୍ଗ ବିଶ୍ଲେଷଣର ଅପକାରିତା

ନିମ୍ନଲିଖିତ କାରଣରୁ ପ୍ରସଙ୍ଗ ବିଶ୍ଲେଷଣକୁ ସମାଲୋଚନା କରାଯାଇପାରେ ।

୧. **ମାନସିକ ପକ୍ଷପାତିତା :** ପ୍ରସଙ୍ଗ ବିଶ୍ଲେଷଣକୁ କୌଣସି ସମୟରେ ଅସିଦ୍ଧ ବା ଅବଜ୍ଞା ସୂଚକ ବୋଲି ବିବେଚନା କରାଯାଇଥାଏ । କାରଣ ତଥ୍ୟ ସଂଗ୍ରହ କରିବା ସମୟରେ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ପଷ୍ଟୀକରଣକୁ ସମର୍ଥନ କରିବା ବା ଖଣ୍ଡନ କରିବା କ୍ଷେତ୍ରରେ ଫଳାଫଳ ଓ ତାଙ୍କ ସିଦ୍ଧାନ୍ତର ଦିଗକୁ ପ୍ରଭାବିତ କରିବାର ମାନସିକତା ଗବେଷକଙ୍କ ପାଖରେ ନିହିତ ରହିଥାଏ । ଅନେକ ସମୟରେ ଗବେଷକ ଫଳାଫଳ ଓ ତାଙ୍କ ସିଦ୍ଧାନ୍ତର ଦିଗକୁ ପ୍ରଭାବିତ କରିବା ପାଇଁ ନିଜର ବ୍ୟକ୍ତିଗତ ମତାମତକୁ ଗୁରୁତ୍ୱ ପ୍ରଦାନ କରନ୍ତି । ଅନୁସନ୍ଧାନକାରୀ ବା ଗବେଷକଙ୍କ ଉପରେ ବାହ୍ୟ ନିୟନ୍ତ୍ରଣ ଏତେ ଦୁର୍ବଳ ଯେ ସେ ବ୍ୟକ୍ତିଗତ ମତାମତକୁ ଗୁରୁତ୍ୱ ପ୍ରଦାନ କରିବାର ସୁଯୋଗକୁ ଆଦୌ ହାତଛଡା କରନ୍ତି ନାହିଁ ।

୨. **ସାମାନ୍ୟକରଣ ନିମନ୍ତେ ବୈଜ୍ଞାନିକ ପ୍ରମାଣର ଅଭାବ :** କୁହାଯାଏ ଯେ ପ୍ରସଙ୍ଗ ବିଶ୍ଲେଷଣରେ ହସ୍ତକ୍ଷେପକରିବା ନିମନ୍ତେ ଓ ତତ୍ତ୍ୱକୁ ସାଧାରଣ ଆଇନ୍ ଅନ୍ତର୍ଭୁକ୍ତ କରିବା ନିମନ୍ତେ କୌଣସି ସୁଯୋଗ ନଥାଏ । ଏହି ପଦ୍ଧତି ବିରୁଦ୍ଧରେ କେତେକ ସାଧାରଣ ଅଭିଯୋଗ ମଧ୍ୟ ଆସିଥାଏ, ଯଥା- କୌଣସି ଗୋଟିଏ ଘଟଣା ବା ପରିସ୍ଥିତି କୁ ଆଧାର କରି ଗୋଟିଏ ସାଧାରଣ ଆଇନ୍ କିପରି ତିଆରି କରାଯାଇପାରିବ ? ରବର୍ଟ ବର୍ଣ୍ଣ ଏହି ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହନ୍ତି ଯେ, ତାତ୍ତ୍ୱିକ ନିୟମ ବା ବିଧି ନିମନ୍ତେ ପ୍ରସଙ୍ଗ ବିଶ୍ଲେଷଣ ପ୍ରଯୁଜ୍ୟ ହୋଇ ପାରିବ ନାହିଁ । ତତ୍ତ୍ୱକୁ ପ୍ରସାରିତ

କରିବା ହେଉଛି ପ୍ରସଙ୍ଗ ବିଶ୍ଳେଷଣର ଲକ୍ଷ୍ୟ । ପରିସଂଖ୍ୟାନଗତ ଦୃଷ୍ଟି କୋଣରୁ ସାଧାରଣ କରଣ କରିବା ଏହାର ଲକ୍ଷ୍ୟ ନୁହେଁ । ଏହା ମଧ୍ୟ କୁହାଯାଇପାରିବ ଯେ, ଯଦି ସମାନ ଧରଣର ଲକ୍ଷଣ ଦୃଷ୍ଟି ଗୋଚର ହେଲା ତେବେ କରାଯାଉଥିବା ଅଭିଯୋଗ (ଗୋଟିଏ ଘଟଣା ବା ସ୍ଥିତିକୁ ଆଧାର କରି ସାଧାରଣ କରଣ କରିବା) ଦୂର ହୋଇଯାଏ । କାରଣ ସମାନ ଧରଣର ସମସ୍ତ ଘଟଣାରେ ବା ସ୍ଥିତିରେ ଯାହା ସତ୍ୟ, ତାହା ଗୋଟିଏ ଘଟଣା ବା ସ୍ଥିତିରେ ଦୃଶ୍ୟମାନ ହୋଇଥାଏ । ପ୍ରାକୃତିକ ବିଜ୍ଞାନ ମଧ୍ୟ ଏହି ତତ୍ତ୍ୱ ବା ଧାରଣାକୁ ଗ୍ରହଣ କରିଥାଏ । ଆମେ ସାମାଜିକ ବିଜ୍ଞାନ ଅନ୍ତର୍ଭୁକ୍ତ ଅପରାଧ ବିଜ୍ଞାନକୁ ଦୃଷ୍ଟାନ୍ତ ହିସାବରେ ଗ୍ରହଣ କରିପାରିବା । ପ୍ରଥମେ ଦାରିଦ୍ର୍ୟ, କ୍ଷୁଧା, ବେକାରୀ, ଦୂରାରୋଗ୍ୟ ବ୍ୟାଧି ଭଳି କାରଣରୁ ଛୋଟ ଛୋଟ ଚୋରୀ କରୁଥିବା ଚୋରମାନଙ୍କର ଉଦାହରଣ ନିଆଯାଉ । ସଂକ୍ଷିପ୍ତରେ କହିବାକୁ ଗଲେ କାରଣଟି ହେଉଛି "ଆର୍ଥିକ ବାଧ ବାଧକତା" । ଯଦି ଜଣେ ଅପରାଧ ବିଜ୍ଞାନୀ ଅପରାଧ ଓ ଆର୍ଥିକ ଦୁରବସ୍ଥା ମଧ୍ୟରେ ଥିବା ସଂପର୍କକୁ ଅନୁଶୀଳନ କରି ଏକ ତତ୍ତ୍ୱ ବା ସିଦ୍ଧାନ୍ତ ନିରୂପଣ କହିବାକୁ ଚାହାଁନ୍ତି, ତେବେ ଏଥିରେ ହସ୍ତକ୍ଷେପ ଅନିଶ୍ଚିତ ବୋଲି ଆମେ କହି ପାରିବା କି ? ଧରି ନିଆଯାଉ, ପରବର୍ତ୍ତୀ ସମୟରେ ବିଭିନ୍ନ ଗବେଷକ ବିଭିନ୍ନ ପ୍ରକାର ଚୋରୀ ପ୍ରସଙ୍ଗ, ଯଥା - ଛୋଟ ଧରଣର ଚୋରୀ, ଆର୍ଥିକ ଦୂରାବସ୍ଥା, ଚୋରୀ ଯୋଜନା ଇତ୍ୟାଦିକୁ ନେଇ ଅନୁଶୀଳନ କରିଲେ । ତାପରେ ପୃଥକ୍ ପୃଥକ୍ ଅନୁଶୀଳନକୁ ତୁଳନା କରି ଦାରିଦ୍ର୍ୟ ଆଧାରରେ ସାଧାରଣ ସିଦ୍ଧାନ୍ତ ନିର୍ଦ୍ଧାରଣ କରାଗଲା । ଏହି ଧରଣର ପ୍ରସଙ୍ଗ ବିଶ୍ଳେଷଣ ବିଭିନ୍ନ ପ୍ରକାରର ଫଳାଫଳକୁ ପ୍ରତିନିଧିତ୍ୱ ଓ ବ୍ୟାଖ୍ୟା କରିଥାଏ ।

୩. **ସମୟ ସାପେକ୍ଷ :** ପ୍ରସଙ୍ଗ ବିଶ୍ଳେଷଣ ପଦ୍ଧତି ହେଉଛି ସମୟ ସାପେକ୍ଷ କାରଣ ଏହା ବିଭିନ୍ନ ପ୍ରକାରର ତଥ୍ୟ ସଂଗ୍ରହ କରିଥାଏ ଓ ଏଗୁଡିକୁ ଯଥେଷ୍ଟ ଭାବରେ ବିଶ୍ଳେଷଣ କରିବା ଏକ ଜଟିଳ ବ୍ୟାପାର, ଚୟନ ପ୍ରକ୍ରିୟାରେ ପକ୍ଷପାତିତା ହେବା ଏକ ସ୍ୱାଭାବିକ କଥା । କିନ୍ତୁ ପ୍ରସଙ୍ଗ ବିଶ୍ଳେଷଣରେ ଅନୁଶୀଳନ କରାଯାଉଥିବା ବ୍ୟକ୍ତି ବା ଘଟଣାର ଉପଯୁକ୍ତ ପ୍ରସଙ୍ଗ ଗୁଡିକ ଉପରେ ଯଦି ଗୁରୁତ୍ୱ ପ୍ରଦାନ କରାଯାଏ, ତେବେ ଏହା ଦୀର୍ଘ ଆକାର ବିଶିଷ୍ଟ ହେବା ଉଚିତ ନୁହେଁ ।

୪. **ନିର୍ଭର ଯୋଗ୍ୟତା ଉପରେ ସଂନ୍ଦେହ :** ପ୍ରସଙ୍ଗ ବିଶ୍ଳେଷଣରୁ ମିଳୁଥିବା ଫଳାଫଳ ନିର୍ଭର ଯୋଗ୍ୟ ବୋଲି କୁହାଯାଇପାରିବ ନାହିଁ । ତଥ୍ୟ ସଂଗ୍ରହ କ୍ଷେତ୍ରରେ କିମ୍ବା ସେଗୁଡିକ ବିଶ୍ଳେଷଣ କରିବା କ୍ଷେତ୍ରରେ ନିଜର କୌଣସି ପକ୍ଷପାତିତା ନାହିଁ ବୋଲି ଅନୁସନ୍ଧାନକାରୀ ନିଜର ସତ୍ୟତାକୁ ପ୍ରମାଣ କରିପାରିବେ ନାହିଁ । ସେହି ସମାନ ଅନୁଶୀଳନକୁ ଯେପରି ଅନ୍ୟମାନେ ନକଲ କରିବାରେ ସକ୍ଷମ ହୋଇପାରିବେ ନାହିଁ, ସେଥି ନିମନ୍ତେ ବିଭିନ୍ନ ସ୍ତର ଓ ଉପାୟ ସ୍ୱଷ୍ଟ ଭାବରେ ସ୍ଥିର କହିବା ସହଜ ନୁହେଁ ।

୫. **ଅଦୃଷ୍ଟ ବୈଧତା :** ପ୍ରସଙ୍ଗ ବିଶ୍ଳେଷଣରେ ଅନୁସନ୍ଧାନକାରୀ ବିଭିନ୍ନ ପ୍ରକାରର ମାପଦଣ୍ଡକୁ ଯଥେଷ୍ଟ ଭାବରେ ବ୍ୟବହାରର କରିବାରେ ସଫଳ ହୋଇ ପାରନ୍ତି ନାହିଁ । ଏହାଦ୍ୱାରା ସନ୍ତୁଳନତା ରକ୍ଷାକରୁଥିବା ନିର୍ଭରଯୋଗ୍ୟ ଉପାଦାନ ଗୁଡିକ ଅଦୃଶ୍ୟ ହୋଇଗଲା ଭଳି ଜଣାପଡେ । ଅନୁସନ୍ଧାନକାରୀଙ୍କୁ ଯାହା ବାସ୍ତବ ବୋଲି ଲାଗେ, ତାହାହିଁ ପ୍ରକୃତ ବାସ୍ତବତା ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ । ପ୍ରସଙ୍ଗ ବିଶ୍ଳେଷଣ ଘଟଣାକୁ ଅଧିକ ସରଳୀକରଣ କିମ୍ବା ଅତିରଞ୍ଜିତ କରିପାରେ । ଏହାଦ୍ୱାରା ତ୍ରୁଟିପୂର୍ଣ୍ଣ ଫଳାଫଳ ମିଳିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ । ଏଥିରେ ବୈଧତାର ପ୍ରଶ୍ନ ମଧ୍ୟ ଉଠିପାରେ । କାରଣ ଅନୁସନ୍ଧାନକାରୀ ନିଜର ଉପସ୍ଥିତି ଓ କାର୍ଯ୍ୟକଳାପ ମାଧ୍ୟମରେ ପର୍ଯ୍ୟବେକ୍ଷଣ କରାଯାଉଥିବା ବ୍ୟକ୍ତିର ବ୍ୟବହାରକୁ ପ୍ରଭାବିତ କରିପାରନ୍ତି । କିନ୍ତୁ ତଥ୍ୟ ଗୁଡିକୁ ବ୍ୟାଖ୍ୟା କରିବାବେଳେ ଏପ୍ରକାର ପ୍ରତିକ୍ରିୟା ଉପରେ ଗୁରୁତ୍ୱ ପ୍ରଦାନ କରନ୍ତି ନାହିଁ ।

୬. ପ୍ରସଙ୍ଗ ବିଶ୍ଳେଷଣ ବିରୁଦ୍ଧରେ ଅନ୍ୟ ଏକ ଅଭିଯୋଗ ମଧ୍ୟ ଆସେ । ଏଥିରେ କୌଣସି ପ୍ରକାର ପ୍ରତିନିଧିମୂଳକ ଲକ୍ଷଣ ଦେଖିବାକୁ ମିଳେନାହିଁ । ସରଳଭାବରେ କହିବାକୁ ଗଲେ ଅନୁଶୀଳନ କରାଯାଉଥିବା ପ୍ରତ୍ୟେକଟି ପ୍ରସଙ୍ଗ ଅନ୍ୟ ସମାନ ଧରଣର ପ୍ରସଙ୍ଗ ଗୁଡିକୁ ପ୍ରତିନିଧିତ୍ୱ କରେ ନାହିଁ ।

## ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ - 'ଗ'

ଟିପ୍ପଣୀ- (କ) ଉତ୍ତର ପାଇଁ ଉଦ୍ଦିଷ୍ଟ ଖାଲି ସ୍ଥାନକୁ ବ୍ୟବହାର କରନ୍ତୁ ।

(ଖ) ଶେଷରେ ଦିଆଯାଇଥିବା ସମ୍ଭାବ୍ୟ ଉତ୍ତରମାଳାକୁ ଯାଆନ୍ତୁ ।

୧. ପର୍ଯ୍ୟବେକ୍ଷଣର ବିଭିନ୍ନ ଉପାୟ ଗୁଡ଼ିକ ବର୍ଣ୍ଣନା କର ।

ଉତ୍ତର:________________________________________

୨. ବିଭିନ୍ନ ପ୍ରକାର ପର୍ଯ୍ୟବେକ୍ଷଣ ଗୁଡ଼ିକ କ'ଣ ।

ଉତ୍ତର:________________________________________

୩. ବିଭିନ୍ନ ପ୍ରକାରର ଖସଡା ଗୁଡିକୁ ସବିଶେଷ ବର୍ଣ୍ଣନା କର ।

ଉତ୍ତର:

୪. ପ୍ରଶ୍ନପତ୍ର ପଦ୍ଧତିରୁ କି କି ଉପକାରିତା ମିଳେ ?

ଉତ୍ତର:

୫.ବିଭିନ୍ନ ପ୍ରକାରର ସାକ୍ଷାତ୍କାର ସଂପର୍କରେ ବର୍ଣ୍ଣନା କର ।

ଉତ୍ତର:

## ୩.୮ ଏକତ୍ରୀକରଣ

ଏହି ଏକକରେ ଆମେ ତଥ୍ୟ ସଂଗ୍ରହରେ ବ୍ୟବହୃତ ବିଭିନ୍ନ ସାଧନ ସଂପର୍କରେ ବର୍ଣ୍ଣନା କଲେ। ସରଳଭାବରେ କହିବାକୁ ଗଲେ ଗବେଷଣା କରାଯାଉଥିବା ପ୍ରସଙ୍ଗର ପ୍ରକୃତି, ଗବେଷଣାର ରୂପରେଖ, ବିଭିନ୍ନ ପ୍ରକାର ତଥ୍ୟ ପ୍ରଦାନକାରୀ ଓ ପ୍ରସଙ୍ଗର ପ୍ରକୃତି, ଗବେଷଣାର ରୂପରେଖ, ବିଭିନ୍ନ ପ୍ରକାର ତଥ୍ୟ ପ୍ରଦାନକାରୀ ଓ ସେମାନଙ୍କର ଭୌଗୋଳିକ ବଣ୍ଟନ, ତଥ୍ୟ ସଂଗ୍ରହ ନିମନ୍ତେ ତଥ୍ୟ ସଂଗ୍ରହ କାରୀଙ୍କର ବୃତ୍ତିଗତ ଦକ୍ଷତା, ଅନୁଶୀଳନର ସମୟସୀମା ଓ ଏଥି ନିମନ୍ତେ ହେଉଥିବା ବ୍ୟୟ ସଂପର୍କରେ ଆମେ ଆଲୋଚନା କଲେ । ଆହୁରି ମଧ, ତଥ୍ୟ ସଂଗ୍ରହ ନିମନ୍ତେ ବ୍ୟବହୃତ ବିଭିନ୍ନ ପ୍ରକାର ସାଧନ ଚୟନ ସଂପର୍କରେ ଆମେ ଆଲୋଚନା କଲେ ।

ତଥ୍ୟ ସଂଗ୍ରହରେ ସର୍ବାଧିକ ବ୍ୟବହୃତ ପାଞ୍ଚୋଟି ଯାକ ସାଧନ ମଧ୍ୟରୁ ପ୍ରତ୍ୟେକଟିର ମୌଳିକ ଲକ୍ଷଣ ସଂପର୍କରେ ଆମେ ବିଶେଷ ଭାବରେ ଆଲୋଚନା କଲେ । ଏହି ପାଞ୍ଚୋଟି ସାଧନ ହେଉଛି, ପର୍ଯ୍ୟବେକ୍ଷଣ, ସାକ୍ଷାତ୍‌କାର, ପ୍ରସଙ୍ଗ ବିଶ୍ଳେଷଣ, ଖସଡା ଓ ପ୍ରଶ୍ନପତ୍ର । ଆମେ ଏ ସମସ୍ତ ସାଧନ ଗୁଡ଼ିକର ସୁଗୁଣ ଓ ଦୁର୍ଗୁଣ ସଂପର୍କରେ ଆଲୋଚନା କଲେ । ଆମେ ଏ କଥା ଜାଣିଲେ ଯେ, ତଥ୍ୟ ସଂଗ୍ରହରେ ଖସଡା ହେଉଛି ସର୍ବାଧିକ ବ୍ୟବହୃତ ସାଧନ । ଅନ୍ୟାନ୍ୟ ସାଧନ ମାଧ୍ୟମରେ ତଥ୍ୟର ମାନକୁ ବୃଦ୍ଧି କରିଥାଏ । କେତେକ ପ୍ରସଙ୍ଗ ବିଶ୍ଳେଷଣରେ ପ୍ରାରମ୍ଭିକ ଅବସ୍ଥାରେ ତଥ୍ୟ ସଂଗ୍ରହର ଏକ ବା ଏକାଧିକ ପଦ୍ଧତି ଉପରେ ନିର୍ଭର କରିବାକୁ ପଡ଼ିଥାଏ । ତଥ୍ୟ ସଂଗ୍ରହର ସାଧନ ବ୍ୟବହାର ନିମନ୍ତେ ଅଧିକରୁ ଅଧିକ କୌଶଳର ଆବଶ୍ୟକତା ପଡ଼ିଥାଏ । ପୁସ୍ତକ ପଠନ ମାଧ୍ୟମରେ ଏହି କୌଶଳ ହାସଲ କରିବା ସମ୍ଭବପର ନୁହେଁ । ଏହି ସାଧନ ଗୁଡ଼ିକୁ ଅଧିକରୁ ଅଧିକ ଅଭ୍ୟାସ କରିବା ଦ୍ୱାରା ଏହି ସବୁ କୌଶଳ ହାସଲ କରାଯାଇଥାଏ ।

## ୩.୯ ପ୍ରମୁଖ ଶବ୍ଦାବଳୀ

- **ପ୍ରାକୃତିକ ପର୍ଯ୍ୟବେକ୍ଷଣ :** ସ୍ୱାଭାବିକ ପରିବେଶ ବା ବାତାବରଣରେ କରାଯାଉଥିବା ପର୍ଯ୍ୟବେକ୍ଷଣକୁ ପ୍ରାକୃତିକ ପର୍ଯ୍ୟବେକ୍ଷଣ କୁହାଯାଏ । ଉଦାହରଣ ସ୍ୱରୂପ, ଖେଳନା ଚୟନ କରୁଥିବା ସମୟରେ ପିଲାମାନଙ୍କୁ ଲକ୍ଷ୍ୟ କରିବା,ଏହି ପ୍ରକାର ପର୍ଯ୍ୟବେକ୍ଷଣରେ ପର୍ଯ୍ୟବେକ୍ଷଣର କ୍ଷେତ୍ର ବା ପର୍ଯ୍ୟବେକ୍ଷଣ କରାଯାଉଥିବା ବ୍ୟକ୍ତିର ବ୍ୟବହାରକୁ ପ୍ରଭାବିତ କରିବା ନିମନ୍ତେ କୌଣସି ପ୍ରକାର ଉଦ୍ୟମ କରାଯାଇନଥାଏ।

- **ନିୟନ୍ତ୍ରିତ ପର୍ଯ୍ୟବେକ୍ଷଣ :** ନିର୍ଦ୍ଦିଷ୍ଟ ଭାବରେ ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁସାରେ ପରୀକ୍ଷା ମୂଳକ ଭାବରେ ଯେତେବେଳେ ପର୍ଯ୍ୟବେକ୍ଷଣ କରାଯାଏ ଏହାକୁ ନିୟନ୍ତ୍ରିତ ପର୍ଯ୍ୟବେକ୍ଷଣ

କୁହାଯାଏ । ଏହି ପଦ୍ଧତି ଅଧିକ ସ୍ପଷ୍ଟ ଓ ବାସ୍ତବ ପ୍ରତିପାଦିତ ହୋଇଥାଏ । ନିର୍ଦ୍ଦିଷ୍ଟ ପରିବେଶ ଓ ପରିସ୍ଥିତିରେ ଏହାକୁ ବାରମ୍ବାର ପର୍ଯ୍ୟବେକ୍ଷଣ କରାଯାଇପାରିବ ।

- **ଅଣ- ବ୍ୟବସ୍ଥା ସାକ୍ଷାତ୍‌କାର :** ଏହାକୁ ମଧ୍ୟ ଅଣ-ନିୟନ୍ତିତ, ଅଣ- ନିର୍ଦ୍ଦେଶିତ ଓ ଅଣ-ନିର୍ଦ୍ଧାରିତ ସାକ୍ଷାତ୍‌କାର କୁହାଯାଏ । ଏହି ପ୍ରକାର ସାକ୍ଷାତ୍‌କାରରେ କୌଣସି ପ୍ରତ୍ୟକ୍ଷ ବା ପୂର୍ବ ନିର୍ଦ୍ଧାରିତ ପ୍ରଶ୍ନ ପଚରା ଯାଇ ନଥାଏ । ଯେଉଁ ପ୍ରସଙ୍ଗରୁ ତଥ୍ୟ ସଂଗ୍ରହ କରିବାକୁ ହେବ, ସେହି ପ୍ରସଙ୍ଗଟିକୁ କ୍ଷେତ୍ର କର୍ମଚାରୀଙ୍କୁ ବ୍ୟାପକ ଭାବରେ କୁହାଯାଇଥାଏ । ଏହି ପ୍ରକାର ସାକ୍ଷାତକାର ସାଧାରଣତଃ ଖୋଲା ଖୋଲି ଆଲୋଚନା ବା କାହାଣୀ ଭଳି ବର୍ଣ୍ଣନାତ୍ମକ ଆକାରରେ ହୋଇଥାଏ ।

- **ପ୍ରସଙ୍ଗ ବିଶ୍ଳେଷଣ :** ଏହା ହେଉଛି ଏକ ପ୍ରକାରର ପ୍ରଗାଢ଼ତା ସୂଚକ ବା ଗଭୀର ଅନୁଶୀଳନ । ଏହା କୌଣସି ଏକ ବ୍ୟକ୍ତି, ଏକ ଅନୁଷ୍ଠାନ, ଏକ ବ୍ୟବସ୍ଥା, ଏକ ସମ୍ପ୍ରଦାୟ, ଏକ ସଂଗଠନ, ଏକ ଘଟଣା ବା ଏପରିକି ସମଗ୍ର ସଂସ୍କୃତି ଉପରେ ନିର୍ଭର କରେ ।

- **ବ୍ୟକ୍ତିର ଅବସ୍ଥା ଭିତ୍ତିକ ବିଶ୍ଳେଷଣ :** ଏହି ତତ୍ତ୍ୱ ଗଭୀରତମ ଭାବରେ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ଯେପରିକି ଡାକ୍ତରଖାନାରେ ଜଣେ ରୋଗୀ, କାରାଗାରରେ ଥିବା ଜଣେ କଏଦୀ, ଆଶ୍ରୟ ଗୃହରେ ଥିବା ଜଣେ ମହିଳା, ବିଦ୍ୟାଳୟରେ ସମସ୍ତ ସମସ୍ୟାରେ ଜର୍ଜରିତ ଜଣେ ଶିଶୁ ଇତ୍ୟାଦିଙ୍କୁ ଅନ୍ତର୍ଭୁକ୍ତ କରିଥାଏ । ପୁଙ୍ଖାନୁପୁଙ୍ଖ ସାକ୍ଷାତ୍‌କାର, ପର୍ଯ୍ୟବେକ୍ଷଣ, ଦଲିଲ ଓ ବିବରଣୀ ଇତ୍ୟାଦିରୁ ତର୍ଜମା ଇତ୍ୟାଦି  ଏହି ପ୍ରକାର ଅନୁଶୀଳନର ଅନ୍ତର୍ଗତ ।

## ୩.୧୦ ସହାୟକ ଗ୍ରନ୍ଥସୂଚୀ


୧. ଗୁଡ, ଡବ୍ଲୁ, ଜେ, ହ୍ୟାଟ୍, ପି.କେ, (୧୯୫୨) - Methods in Social Research, Mc grow Hill, London.

୨. ଜାହୋଦା, ଏମ୍, ମେଟନ୍. ଡି ଓ ଷ୍ଟୁଆର୍ଟ. ଡବ୍ଲୁ. ସି (୧୯୫୧)- Research Methods in Social Relations, DryDen, New York.

୩. ୟଙ୍ଗ ପି.ଭି. ଓ ସିମିଡ୍, ସି.ଏଫ୍ (୧୯୭୭) – Scientific Social Surveys and Research, Prentice - Hall, New Delhi.

## ୩.୧୧ ଆତ୍ମ ପରୀକ୍ଷଣ ପ୍ରଶ୍ନର ସମ୍ଭାବ୍ୟ ଉତ୍ତରମାଳା

**ଆତ୍ମ ପରୀକ୍ଷଣ ଉତ୍ତରମାଳା 'କ'**

୧. ବିଭିନ୍ନ ପ୍ରକାର ତଥ୍ୟ:

୧) ପ୍ରାଥମିକ ତଥ୍ୟ

୨) ମାଧ୍ୟମିକ ତଥ୍ୟ

୨. ନମୁନାକରଣ ଲକ୍ଷ୍ୟ

୧) ବିଭିନ୍ନତା ବା ଜଟିଳତା ମଧ୍ୟରେ ସମତା ରକ୍ଷା କରିବା।

୨) ପ୍ରତିନିଧିମୂଳକ ଚୟନ କରିବାର ସମ୍ଭାବନା ସୃଷ୍ଟି

୩. ସମ୍ପୂର୍ଣ୍ଣ ସମାନତା ଅନାବଶ୍ୟକ।

**ଆତ୍ମ ପରୀକ୍ଷଣ ଉତ୍ତରମାଳା 'ଖ'**

୧. ଅଣ ସମ୍ଭାବ୍ୟ ନମୁନାକରଣ :

୧) ଉଦ୍ଦେଶ୍ୟମୂଳକ ନମୁନାକରଣ

୨) ଆନୁପାତିକ ନମୁନାକରଣ

୩) ସୁବିଧାଜନକ ନମୁନାକରଣ

୨. ବର୍ଗୀକୃତ ନମୁନାକରଣର ପ୍ରକାରଭେଦ

୧) ସମାନୁପାତିକ ବର୍ଗୀକୃତ ନମୁନା

୨) ଅଣ ସମାନୁପାତିକ ନମୁନା

୩) ବର୍ଗୀକୃତ ତୁଳନୀୟ ନମୁନା

୩. ଆନୁପାତିକ ନମୁନାକରଣ ହେଉଛି ଏକ ସ୍ୱତନ୍ତ୍ର ଧରଣର ନମୁନାକରଣ ଏହି ପଦ୍ଧତି ଅନୁସାରେ ସମୁଦାୟ ଜନସଂଖ୍ୟାକୁ ବିଭିନ୍ନ ପ୍ରକାରରେ ବିଭକ୍ତ କରାଯାଏ। ତାପରେ ପ୍ରତ୍ୟେକ ବର୍ଗରୁ କେତୋଟି ସଂଖ୍ୟାକୁ ଚୟନ କରାଯାଏ, ତାହା ସ୍ଥିର କରାଯାଏ। ଏହି ସଂଖ୍ୟାକୁ ଅନୁପାତ କୁହାଯାଏ।

୪. ଏହି ପଦ୍ଧତିରେ ସମୁଦାୟ ଜନସଂଖ୍ୟାକୁ କେତେକ ସ୍ୱୀକୃତିଯୋଗ୍ୟ ଉପବିଭାଗରେ ବିଭକ୍ତ କରିଦିଆଯାଏ। ଏହି ଉପବିଭାଗକୁ ପୁଞ୍ଜ କୁହାଯାଏ ଓ ଏହି ପୁଞ୍ଜ ଗୁଡ଼ିକରୁ ସାଧାରଣ ଭାବରେ ମନଇଚ୍ଛା ନମୁନା ଚୟନ କରାଯାଏ। ତାପରେ ନମୁନାକରଣ ଭାବେ ଚୟନ କରାଯାଇଥିବା ପ୍ରତ୍ୟେକଟି ପୁଞ୍ଜକୁ ଗୋଟିଏ ଗୋଟିଏ ଏକକ ରୂପରେ ଗ୍ରହଣ କରି ଏଗୁଡିକୁ ସର୍ବେକ୍ଷଣ କରାଯାଇଥାଏ।

**ଆତ୍ମ ପରୀକ୍ଷଣ ଉତ୍ତରମାଳା 'ଗ'**

୧. ପର୍ଯ୍ୟବେକ୍ଷଣର ଉପାୟ

୧) ପ୍ରସ୍ତୁତି ଓ ପ୍ରଶିକ୍ଷଣ

୨) ପର୍ଯ୍ୟବେକ୍ଷଣ ଓ ପରିବେଶ ମଧ୍ୟକୁ ପ୍ରବେଶ

୩) ପ୍ରାରମ୍ଭିକ ଭାବ ବିନିମୟ

୪) ପର୍ଯ୍ୟବେକ୍ଷଣ ବା ବିବରଣୀ ବା ଲିପିବଦ୍ଧକରଣ

୫) କ୍ଷେତ୍ରକାର୍ଯ୍ୟର ପରିସମାପ୍ତି

୨. ବିଭିନ୍ନ ପ୍ରକାର ପର୍ଯ୍ୟବେକ୍ଷଣ

୧) ସ୍ୱାଭାବିକ ବନାମ କୌଶଳପୂର୍ଣ୍ଣ ପର୍ଯ୍ୟବେକ୍ଷଣ

୨) ସହଭାଗୀ ପର୍ଯ୍ୟବେକ୍ଷଣ

୩) ଅଣ - ସହଭାଗୀ ପର୍ଯ୍ୟବେକ୍ଷଣ

୪) ନିୟନ୍ତ୍ରିତ ପର୍ଯ୍ୟବେକ୍ଷଣ

୫) ଅଣ ନିୟନ୍ତ୍ରିତ ପର୍ଯ୍ୟବେକ୍ଷଣ

୬) ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ

୭) ପରୋକ୍ଷ ପର୍ଯ୍ୟବେକ୍ଷଣ

୮) ପ୍ରକାଶ୍ୟ ଓ ଲୁକ୍କାୟିତ, ଗୁପ୍ତ ପର୍ଯ୍ୟବେକ୍ଷଣ

୯) ବ୍ୟବସ୍ଥିତ ଓ ଅଣ ବ୍ୟବସ୍ଥିତ ପର୍ଯ୍ୟବେକ୍ଷଣ

୩. ବିଭିନ୍ନ ପ୍ରକାର ଖସଡା :

୧) ପର୍ଯ୍ୟବେକ୍ଷଣର ଖସଡା

୨) ସାକ୍ଷାତ୍କାରର ଖସଡା

୩) ଦଲିଲ ଖସଡା

୪) ମୂଲ୍ୟାୟନ ଖସଡା

୪. ପ୍ରଶ୍ନପତ୍ର ପଦ୍ଧତିର ଉପକାରିତା :

୧) ସ୍ୱଳ୍ପ ବ୍ୟୟ

୨) ବୃହତ୍ ଆକାରର ତଥ୍ୟ ସଂଗ୍ରହ

୩) ପୁନଃପୁନଃ ତଥ୍ୟ ସଂଗ୍ରହ

୪) ଦ୍ରୁତଗତି ତଥ୍ୟ ସଂଗ୍ରହ

୫) ଅଧିକରୁ ଅଧିକ ବୈଧତା

୫.ବିଭିନ୍ନ ପ୍ରକାରର ସାକ୍ଷାତ୍କାର

୧) ବ୍ୟବସ୍ଥିତ ସାକ୍ଷାତ୍କାର

୨) ଅଣବ୍ୟବସ୍ଥିତ ସାକ୍ଷାତ୍କାର

୩) ଗୁରୁତ୍ୱଭିତ୍ତିକ ସାକ୍ଷାତ୍କାର

୪) ପୁନଃପୁନଃ ସାକ୍ଷାତ୍କାର

❑❑❑

ଟିପ୍ପଣୀ

ଟିପ୍ପଣୀ